# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୦/୨୦୨୩ (୧୬ ପୃଷ୍ଠା) | Bhubaneswar, Monday, January 30/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 67 | ମୂଲ୍ୟ ₹୭/-





**ସତ ହେଲା ନେହାଙ୍କ ବାଣୀ**

ଫିଲ୍ମ 'ପଠାନ୍' ସଫଳ ହେବାପରେ ୨୦୦୪ରେ ଅଭିନେତ୍ରୀ ନେହା ଧୂପିଆ ଇଣ୍ଡଷ୍ଟ୍ରିରେ କେବଳ ଏସ୍ଆର୍‌କେ ବିକ୍ରି ହେବା ମନ୍ତବ୍ୟକୁ ନେଇ ଚର୍ଚ୍ଚା ମୁଣ୍ଡ ଟେକିଛି। **୧୦**

**୧୬** **ଜୋକୋଭିଚ୍‌ଙ୍କୁ ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ**

ସର୍ବୀୟ ଟେନିସ୍ ଷ୍ଟାର ନୋଭାକ ଜୋକୋଭିଚ୍ ତାଙ୍କର ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।




# ପୋଲିସ ଗୁଳିରେ ନବ ଦାସ ମୃତ

## ଅତି ନିକଟରୁ ଗୁଳି ଚଳାଇଥିଲେ ଏଏସ୍‌ଆଇ ଗୋପାଳ

- **ମନ୍ତ୍ରୀଙ୍କ ପୂର୍ବତନ ପିଏସ୍‌ଓ ଥିଲେ ଅଭିଯୁକ୍ତ**
- **ଆକ୍ରମଣକୁ ନିନ୍ଦା ସହ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ/ବ୍ରଜରାଜନଗର, ୨୯।୧**

ପୋଲିସ ଗୁଳିରେ ଝାରସୁଗୁଡ଼ା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନବକିଶୋର ଦାସଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା। ବ୍ରଜରାଜନଗର ଗାନ୍ଧୀଛକଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେବାକୁ ଯାଉଥିଲେ। ସଭାସ୍ଥଳ ୧୦୦ ମିଟର ଥିବାବେଳେ ସମର୍ଥକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ କାର୍‌ରୁ ପାଛୋଟି ନେଉଥିଲେ। ଏହି ସମୟରେ ମନ୍ତ୍ରୀଙ୍କ ପୂର୍ବତନ ପିଏସ୍‌ଓ ତଥା ବ୍ରଜରାଜ ନଗର ଗାନ୍ଧୀଛକ ଫାଣ୍ଡିଅଧିକାରୀ ଗୋପାଳକୃଷ୍ଣ ଦାସ ଅତି ନିକଟରୁ ତାଙ୍କ ଉପରକୁ ଗୁଳି କରିଥିଲେ। ସେହିଠାରେ ହିଁ ମନ୍ତ୍ରୀ ଦାସ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଏୟାର ଲିଫ୍ଟ କରାଯାଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଏକ ୫ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ତୁରନ୍ତ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ରାତି ପ୍ରାୟ ୭ଟା ୪୦ମି. ବେଳକୁ ମନ୍ତ୍ରୀଙ୍କ ପରଲୋକ ଘଟିଥିବା ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଜଣେ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ ଗୁଳି କରିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଓଡ଼ିଶା ଇତିହାସରେ ଏଭଳି ଘଟଣା ପ୍ରଥମ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ଘଟଣାର ☞ପୃଷ୍ଠା-୪



ଗୋପାଳକୃଷ୍ଣ ଦାସ



ମନ୍ତ୍ରୀ ନବ ଦାସଙ୍କଠାରେ ଗୁଳି ବାଜିବା ସମୟର ଦୃଶ୍ୟ।

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅକସ୍ମାତ୍ ମୃତ୍ୟୁରେ ମୁଁ ମର୍ମାହତ। ଏହି ଦୁଃଖଦ ସମୟରେ ତାଙ୍କ ପରିବାରକୁ ସମବେଦନା ଜଣାଉଛି। ଓଁ ଶାନ୍ତି। ସେହିଭଳି ରାଜ୍ୟପାଳ ☞ପୃଷ୍ଠା-୪

# ହକି ଚାମ୍ପିୟନ ଜର୍ମାନୀ




ହକି ବିଶ୍ୱକପ୍ ଟ୍ରଫି ସହ ଚାମ୍ପିୟନ ଜର୍ମାନୀ ଦଳ ।

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ୨୦୦୨ ଓ ୨୦୦୬ ସଂସ୍କରଣ ବିଜେତା ଜର୍ମାନୀ ତୃତୀୟଥର ପାଇଁ ଚାମ୍ପିୟନ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଏହି ଦଳ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଗତଥରର ଚାମ୍ପିୟନ ବେଲଜିୟମକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲରେ ବରାବର ରହିବା ପରେ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ମଧ୍ୟ ସ୍କୋର ୩-୩ ରହିଥିଲା। ଫଳରେ ସଡନ୍‌ଡେଥ୍ ଆରମ୍ଭ ହୋଇଥିଲା। ଏଥିରେ ଜର୍ମାନୀ ୨ଟି ଗୋଲ ଦେଇଥିବାବେଳେ ବେଲ୍‌ଜିୟମ ମାତ୍ର ଗୋଟିଏ ଗୋଲ ଦେଇଥିଲା ଏବଂ ଅନ୍ୟଟି ମିସ୍ କରିଥିଲା। ବେଲ୍‌ଜିୟମର ଟନ୍‌ଗି କୋସିନ୍ସ ଗୋଲ ମିସ୍ କରିବା ପରେ ଜର୍ମାନୀ ଖେଳାଳିଙ୍କ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ☞ପୃଷ୍ଠା-୪

## ସଡନ୍ ଡେଥ୍‌ରେ ବେଲ୍‌ଜିୟମ ପରାସ୍ତ

**୧୯ ବର୍ଷରୁ କମ୍ ମହିଳା ଟି୨୦**

# ଭାରତ ବିଶ୍ୱ ଚାମ୍ପିୟନ୍



ଚାମ୍ପିୟନ ଟ୍ରଫି ସହ ଅଧିନାୟିକା ଶେଫାଳି ବର୍ମା।

**ପୋଚେଷ୍ଟଫଷ୍ଟ୍ରମ୍, ୨୯।୧(ପି.ଟି.)**

ଭାରତ ଆଇସିସି ୧୯ ବର୍ଷରୁ କମ୍ ଟି୨୦ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି। ମହିଳା କ୍ରିକେଟରେ ଭାରତର ଏହା ପ୍ରଥମ ଆଇସିସି ଟାଇଟଲ। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୭ ଉଇକେଟରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍‌ରେ ଟସ୍ ଜିତି ଦଳ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୧୭.୧ ଓଭରରେ ୬୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ପେସ୍ ସେନ୍‌ସେସନ ତିତାସ ସାଧୁ ଓ ଲେଗ୍ ସ୍ପିନର ପାର୍ଶଭି ଚୋପ୍ରା ଚମତ୍କାର ବୋଲିଂ କରି ଇଂଲଣ୍ଡର ବିପର୍ଯ୍ୟୟ ଘଟାଇଥିଲେ। ସାଧୁ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଚୋପ୍ରା ୧୩ ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଚ୍ଚନା ଦେବୀ ଦୁଇଟି ଏବଂ ମନତ କାଶ୍ୟପ, ଶେଫାଳି ବର୍ମା ଓ ସୋନମ୍ ଯାଦବ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ଟପ୍ ସ୍କୋରର ରିଆନା ମ୍ୟାକ୍‌ଡୋନାଲ୍ଡ ଗେ' ମାତ୍ର ୧୯ ରନ୍ କରିଥିଲେ। ଜବାବରେ ଭାରତ ୩ ଉଇକେଟ ହରାଇ ୬୯ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତିନେଇଥିଲା। ଦଳ ତରଫରୁ ଅଧିନାୟିକା ଶେଫାଳି ବର୍ମା ୧୫, ଶ୍ୱେତା-ଶେରାୱତ୍ ୫ ରନ୍ କରିଥିବା ବେଳେ ଗଙ୍ଗାଡି ତ୍ରିଶା ୨୪ ରନ୍ କରିଥିଲେ। ସୌମ୍ୟା ତିୱାରୀ ୨୪ ରନ୍ କରି ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ ପାଇଁ ତିତାସ୍ ସାଧୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

(ସଂକ୍ଷିପ୍ତ ସ୍କୋର: ପୃଷ୍ଠା-୪)


**ଆଜିର ସମ୍ପାଦକୀୟ**

**ସ୍ୱଳ୍ପ ଅବଧି**



DSPL-433



ଓଡ଼ିଶା ସରକାର

**ପେନ୍ସନ୍ ସମ୍ବନ୍ଧୀୟ ଅଭିଯୋଗ ଶୁଣାଣି ଏବଂ ପେନ୍ସନ୍ ଆବେଦନ ପାଇଁ ସୁବିଧା**

- ଏଣିକି ନିୟମିତ ଭାବରେ ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପେନ୍ସନ୍ ଅଦାଲତ ଆୟୋଜନ କରାଯାଇ ସମାଧାନ ହୋଇପାରିନଥିବା ପେନ୍ସନ୍ ମାମଲା ଗୁଡିକର ତୁରନ୍ତ ଶୁଣାଣି ସୁବିଧା କରାଯିବ ।
- ପେନ୍ସନ୍ ଅଦାଲତରେ ଅଭିଯୋଗର ଅନ୍‌ଲାଇନ୍ ପଞ୍ଜିକରଣ HRMS ମାଧ୍ୟମରେ **୨୦ ଜାନୁଆରୀ ୨୦୨୩ ରୁ ୨୦ ଫେବୃଆରୀ ୨୦୨୩** ମଧ୍ୟରେ **http://pension.hrmsodisha.gov.in/** ପୋର୍ଟାଲରେ କରାଯାଇ ପାରିବ ।
- ପେନ୍ସନ୍ ଅଦାଲତରେ ଅଭିଯୋଗ ପଞ୍ଜିକରଣ ସୁବିଧା ସହିତ ପେନ୍ସନ୍ ଆବେଦନ ସୁବିଧା ଏଣିକି ପେନ୍ସନ୍ ମଞ୍ଜୁର କରୁଥିବା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଥିପାଇଁ ଖୋଲାଯାଇଥିବା **ହେଲ୍ପଡେସ୍କ** କିମ୍ବା **'ମୋ ସେବାକେନ୍ଦ୍ର'** ସହାୟତାରେ ମଧ କରାଯାଇ ପାରିବ ।
- ସମାଧାନ ହୋଇପାରିନଥିବା ମାମଲା ଗୁଡିକର ପ୍ରଥମେ ପେନ୍ସନ୍ ମଞ୍ଜୁର କରୁଥିବା ଅଧିକାରୀଙ୍କ ସ୍ତରରେ ସମାଧାନ କରାଯିବା ପାଇଁ ଉଦ୍ୟମ କରାଯିବ ।
- ଆଇନ୍‌ଗତ ଅସୁବିଧା ନଥିବା ତଥା ପେନ୍ସନ୍ ମଞ୍ଜୁର କରୁଥିବା ଅଧିକାରୀଙ୍କ ସ୍ତରରେ ସମାଧାନ ହୋଇ ପାରୁନଥିବା ମାମଲା ଗୁଡିକର ପେନ୍ସନ୍ ଅଦାଲତରେ ଶୁଣାଣି କରାଯିବ ।
- ନିଜର ପେନ୍ସନ୍ ସମସ୍ୟା ସମାଧାନ ହୋଇ ପାରିନଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ କିମ୍ବା ଧାର୍ଯ୍ୟ ସମୟରେ ନିଜ ପେନ୍ସନ୍ ମଞ୍ଜୁର ପାଇଁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିପାରିନଥିବା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଏହି **ହେଲ୍ପଡେସ୍କ/ଅନ୍‌ଲାଇନ୍** ପୋର୍ଟାଲ **http://pension.hrmsodisha.gov.in/** କିମ୍ବା **'ମୋ ସେବାକେନ୍ଦ୍ର'**ର ସହାୟତା ନେବା ପାଇଁ ଅନୁରୋଧ ।

ପେନ୍ସନ୍ ଅଦାଲତରେ ଅଭିଯୋଗର ଅନ୍‌ଲାଇନ ପଞ୍ଜିକରଣ
୨୦ ଜାନୁଆରୀ ୨୦୨୩ ରୁ ୨୦ ଫେବୃଆରୀ ୨୦୨୩

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/13/0039/222



Muthoot Finance
GOLD LOAN

ଖୋଲନ୍ତୁ ଖୁସିର ଭଣ୍ଡାର!



ଲକ୍ଷ ଲକ୍ଷ ଲୋକ ମୁଥୁଟ ଫାଇନାନ୍ସ ରୁ ଗୋଲ୍ଡ ଲୋନ୍ ନେଇ ନିଜର ଖୁସି ପୁରା କରିଛନ୍ତି

ଆମଠୁ ଗୋଲ୍ଡ ଲୋନ୍ ନିଅନ୍ତୁ, ପ୍ରତ୍ୟେକ ଖୁସି ହାସଲ କରନ୍ତୁ

INDIA'S #1 MOST TRUSTED FINANCIAL SERVICES BRAND 2022# | 5750+ ଶାଖା* | 2.5 ଲକ୍ଷ+ ଗ୍ରାହକଙ୍କୁ ପ୍ରତିଦିନ ସେବା | Loan@Home ଗୋଲ୍ଡ ଲୋନ୍ ପାଆନ୍ତୁ ଘରେ ବସି ବସି

#Power of Trust TRA's Brand Trust Report *ମୁଥୁଟ ଫାଇନାନ୍ସ ଏବଂ ତାର ସବସିଡିଆରି କାନ 1 ଗୁଡ଼ିକ। **ସର୍ତ୍ତାବଳୀ ପ୍ରଯୁଜ୍ୟ।

GOLD milligram rewards** | କୌଣସି ବି ଟ୍ରାଞ୍ଜାକସନ୍ ଅଥବା ରେଫର କରିବା ଦ୍ୱାରା ପାଆନ୍ତୁ 24 ct ସୁନା

1800 313 1212
muthootfinance.com

Muthoot Family - 800 years of Business Legacy

# ଶ୍ରୀନଗର ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇଲେ ରାହୁଲ

- ଆଜି ଶେଷ ହେବ ଭାରତ ଯୋଡ଼ୋ ଯାତ୍ରା
- ଯୋଗଦେବେ ୧୨ ବିରୋଧୀ ଦଳର ନେତା

ନୂଆଦିଲ୍ଲୀ/ଶ୍ରୀନଗର,୨୯।୧

ଭାରତ ଯୋଡ଼ୋ ଯାତ୍ରା ଅବସରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶ୍ରୀନଗରର ଐତିହାସିକ ଲାଲ୍‌ଚୌକଠାରେ ରବିବାର ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏଥିପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କନ୍ୟାକୁମାରୀରୁ କଶ୍ମୀର ପଦଯାତ୍ରାର ଶେଷ ଭାଗରେ ରାହୁଲ ୩୦ ମିନିଟ ସମୟ ବାହାର କରି ମୌଲାନା ଆଜାଦ ରୋଡ୍‌ସ୍ଥିତ ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ମୁଖ୍ୟାଳୟକୁ ଯାଇଥିଲେ। ଏହା ପରେ ସେ ଲାଲ୍ ଚୌକ୍‌ର ଘଣ୍ଟାଘର ଯାଇ ସେଠାରେ ତ୍ରିରଙ୍ଗା ଉଡ଼ାଇଥିଲେ। ଏହି ସମୟରେ ରାହୁଲଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ସ୍ଥାନୀୟ କଂଗ୍ରେସ ନେତାମାନେ ଉପସ୍ଥିତ ଥିଲେ। ସୋମବାର ଭାରତ ଯୋଡ଼ୋ ଯାତ୍ରାର ଶେଷ ଦିନରେ ତ୍ରିରଙ୍ଗା ଉଡ଼ାଇବାର ଯୋଜନା ଥିଲେ ମଧ୍ୟ ଗୋଟିଏ ଦିନ ପୂର୍ବରୁ କରିବାକୁ ପଡ଼ିଲା ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ୍ କରିଛନ୍ତି। ଲାଲ୍ ଚୌକରେ ରବିବାର ଜାତୀୟ ପତାକା ଉତ୍ତୋଳନ ଲାଗି ରାଜ୍ୟ ପ୍ରଶାସନ ଶନିବାର ସନ୍ଧ୍ୟାରେ ଅନୁମତି ଦେଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବହୁସଂଖ୍ୟାରେ ସୁରକ୍ଷା କର୍ମୀ ଲାଲ୍‌ଚୌକର ୧ କିଲୋମିଟର ଅଞ୍ଚଳ ମଧ୍ୟରେ ନିୟୋଜିତ ହୋଇଥିଲେ। ଦୋକାନ ବଜାର ସବୁକୁ ବନ୍ଦ କରିଦିଆଯାଇଥିଲା।

ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇବା ଦ୍ୱାରା ଭାରତକୁ ଦିଆଯାଇଥିବା ପ୍ରତିଶ୍ରୁତି ଆଜି ପୂରଣ ହୋଇଛି। ଘୃଣାର ପରାଜୟ ଏବଂ ପ୍ରେମର ସବୁବେଳେ ଜୟ ହୋଇଥାଏ। ଭାରତରେ ଆଶାର ନୂଆ ସକାଳ ଆସିବାକୁ ଯାଉଛି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୭ରେ କନ୍ୟାକୁମାରୀରୁ ଆରମ୍ଭ ହୋଇଥିବା ଭାରତ ଯୋଡ଼ୋ ଯାତ୍ରା ୧୨ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଅତିକ୍ରମ କରିବା ପରେ ସୋମବାର ଉଦ୍‌ଯାପିତ ହେବାକୁ ଯାଉଛି। ଶେଷ ଦିନରେ ୧୨ଟି ବିରୋଧୀ ଦଳର ନେତା ଯୋଗଦେବେ। ମୋଟ ୨୧ଟି ଦଳକୁ ଆମନ୍ତ୍ରଣ କରାଯାଇଥିବାବେଳେ ସୁରକ୍ଷାଗତ କାରଣରୁ କେତେକ ଯୋଗଦେବାକୁ ରାଜି ହୋଇ ନାହାନ୍ତି। ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଟିଡିପି ଉଦ୍‌ଯାପନୀ ଉତ୍ସବରୁ ନିଜକୁ ଦୂରେଇ ରଖିଛନ୍ତି। ସୋମବାର କାର୍ଯ୍ୟକ୍ରମରେ ଡିଏମ୍‌କେ, ଶରଦ ପାୱାରଙ୍କ ଏନ୍‌ସିପି, ଆର୍‌ଜେଡି, ନୀତୀଶ କୁମାରଙ୍କ ଜେଡିୟୁ, ଉଦ୍ଧବ ଠାକ୍‌ରେଙ୍କ ଶିବସେନା, ସିପିଆଇ, ସିପିଆଇ(ଏମ୍), ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାଶନାଲ କନ୍‌ଫରେନ୍ସ, ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି, ଶିବୁ ସୋରେନ୍‌ଙ୍କ ଜେଏମ୍‌ଏମ୍ ପ୍ରମୁଖ ଦଳ ଭାଗନେବେ।


ଶ୍ରୀନଗରର ଐତିହାସିକ ଲାଲ୍‌ଚୌକଠାରେ ରବିବାର ଜାତୀୟ ପତାକା ଉତ୍ତୋଳନ କରିବା ପରେ କର୍ମୀଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

## ଆର୍‌ଏସ୍‌ଏସ୍-ଭାଜପା ବିଚାରଧାରା ବିରୋଧରେ ଏକାଠି ହୋଇଛନ୍ତି ବିରୋଧୀ: ରାହୁଲ

ଶ୍ରୀନଗର,୨୯।୧(ପି.ଟି.)

ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମତାନ୍ତର ରହିଥାଇପାରେ, କିନ୍ତୁ ଆର୍‌ଏସ୍‌ଏସ୍-ଭାଜପା ବିଚାରଧାରା ବିରୋଧରେ ସେମାନେ ଏକାଠି ହୋଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ୧୩୪ତମ ଦିନର ପଦଯାତ୍ରା ବେଳେ ରାହୁଲ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଆଲୋଚନା, ବିଚାରବିମର୍ଶ ପରେ ବିରୋଧୀ ଏକତା ପ୍ରକାଶ ପାଇଛି। ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ଭଳି ନେତା ପଦଯାତ୍ରାରେ ସାମିଲ ନ ହେବା ନେଇ ଖବରଦାତାମାନେ ପ୍ରଶ୍ନ କରିବାରୁ ରାହୁଲ କହିଥିଲେ, ବିରୋଧୀଙ୍କ ମଧ୍ୟରେ ଏକତା ନାହିଁ କହିବା ଠିକ୍ ନୁହେଁ। ବିଚାରଧାରାର ଲଢ଼େଇରେ ବିରୋଧୀ ଦଳଗୁଡ଼ିକ ଏକାଠି ଭାଜପା ଏବଂ ଆର୍‌ଏସ୍‌ଏସ୍ ବିରୋଧରେ ଲଢ଼ିବେ ବୋଲି କଂଗ୍ରେସ ନେତା କହିଛନ୍ତି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଫେରାଇ ଆଣିବା ପ୍ରଥମ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାହୁଲ କହିଥିବାବେଳେ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ବିରୋଧୀ ମେଣ୍ଟରେ କଂଗ୍ରେସ ରହିବ କି ନାହିଁ ପ୍ରଶ୍ନକୁ ସେ ଏଡ଼ାଇ ଯାଇଥିଲେ।

## ନେତାଙ୍କୁ ଗୁଳି: ପୂର୍ବରୁ ଘଟିଥିବା କିଛି ଘଟଣା

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ଓଡ଼ିଶାର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ମନ୍ତ୍ରୀ ନବ କିଶୋର ଦାସଙ୍କୁ ରାସ୍ତା ଉପରେ ଜଣେ ପୋଲିସ କର୍ମଚାରୀ ଗୁଳିକରି ହତ୍ୟା କରିବା ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଛି। ତେବେ ନେତାଙ୍କ ଉପରକୁ ଗୁଳିମାଡ଼ ନୂଆ ନୁହେଁ। ଏପରି ଘଟଣା ଆଗରୁ ମଧ୍ୟ ଓଡ଼ିଶାରେ ଘଟିଛି। ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକ ମଧ୍ୟରୁ କେତେଜଣ ବର୍ତ୍ତିଯାଇଥିବା ବେଳେ ଆଉ କେତେଜଣଙ୍କ ଜୀବନ ଯାଇଥିବା ଦେଖାଯାଇଛି।

ପୁରୀ ଜିଲାର ଟାଣୁଆନେତା ଭାବେ ମହେଶ୍ୱର ମହାନ୍ତି ବେଶ୍ ପରିଚିତ। ପୂର୍ବରୁ ସେ ଅନେକଥର ମନ୍ତ୍ରୀ, ବିଧାୟକ ମଧ୍ୟ ରହିଛନ୍ତି। ୨୦୧୪ ଫେବୃୟାରୀ ୨୨ ତାରିଖରେ ତାଙ୍କ ଉପରକୁ ପୁରୀରେ ହିଁ ଗୁଳିମାଡ଼ ହୋଇଥିଲା। ଦୁଇ ଜଣ ଦୁର୍ବୃତ୍ତ ତାଙ୍କ ଘରଠାରୁ କିଛି ବାଟ ଦୂରରେ ତାଙ୍କ ଉପରକୁ ଗୁଳି କରିଥିଲେ। ଏକ କାର୍ଯ୍ୟକ୍ରମ ଶେଷକରି ଘରକୁ ଫେରୁଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ହାତରେ ଗୁଳି ବାଜିବା କାରଣରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ। ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ମଧ୍ୟ ପୂର୍ବରୁ ଗୁଳିମାଡ଼ କରାଯାଇଥିଲା। ୨୦୦୯ ଅକ୍ଟୋବର ୧୩ ତାରିଖରେ ମାରାଣ୍ଡିଙ୍କ ଉପରକୁ ଗୁଳି କରିଥିଲେ ଦୁର୍ବୃତ୍ତ। ସେତେବେଳେ ସେ ଜେଏମ୍‌ଏମ୍‌ରେ ଥିଲେ। ବାରିପଦା ଏବଂ ପଶ୍ଚିମବଙ୍ଗ ସୀମାରେ ଥିବା ଏକ ଗାଁକୁ ସେ ଫୁଟ୍‌ବଲ୍ ମ୍ୟାଚ୍ ଦେଖିବାକୁ ଯାଇଥିଲେ। ମ୍ୟାଚ୍ ଦେଖିବା ସମୟରେ ହିଁ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ମାଓବାଦୀଙ୍କ ହାତଥିବା କୁହାଯାଇଥିଲା। ମାରାଣ୍ଡି ବର୍ତ୍ତିଯାଇଥିଲେ ମଧ୍ୟ ୩ ଯବାନ୍ ଶହୀଦ ହୋଇଥିଲେ।

ନବରଙ୍ଗପୁର ଜିଲା ଉମରକୋଟ ବିଜେଡି ବିଧାୟକ ଜଗବନ୍ଧୁ ମାଝି କିନ୍ତୁ ମାଓବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ୨୦୧୧ ସେପ୍ଟେମ୍ବର ୨୪ ତାରିଖରେ ରାଇଘର ବ୍ଲକର ଉନା ଗ୍ରାମରେ ଜମିପଟ୍ଟା ବାଣ୍ଟୁଥିବା ବେଳେ ତାଙ୍କ ଉପରକୁ ଆକ୍ରମଣ କରାଯାଇଥିଲା। ଏହି ଗୁଳିକାଣ୍ଡରେ ଜଗବନ୍ଧୁ ଏବଂ ତାଙ୍କ ପିଏସ୍‌ଓଙ୍କ ମୃତ୍ୟୁ ହୋଇଥିଲା। ୨୦୦୪ରେ ତାଙ୍କ ଉପରକୁ ଆକ୍ରମଣ ହୋଇଥିବା ବେଳେ ସେତେବେଳେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ। ଏବେ ପରିବହନ ମନ୍ତ୍ରୀ ଥିବା ଟୁକୁନି ସାହୁଙ୍କ ସ୍ୱାମୀ ଅଭିମନ୍ୟୁ ସାହୁଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା। ୨୦୧୩ ଡିସେମ୍ବର ୧୫ରେ ସେ ମର୍ନିଂୱାକ୍ କରୁଥିବା ବେଳେ ଧାରୁଆ ଅସ୍ତ୍ରରେ ହାଣି ତାଙ୍କୁ ହତ୍ୟା କରାଯାଇଥିଲା। ବ୍ୟବସାୟିକ ଶତ୍ରୁତା କାରଣରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଇଥିଲା। ପୂର୍ବତନ କଂଗ୍ରେସ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ଉପରେ ମଧ୍ୟ ହୋଇଥିଲା ଆକ୍ରମଣ। ୨୦୦୭ ଫେବୃୟାରୀ ୨୬ରେ ବଡ଼ବିଲ ନିକଟରେ ତାଙ୍କୁ ଗୁଳି କରାଯାଇଥିଲା। ସେତେବେଳେ ଧନୁର୍ଜୟ ଚମ୍ପୁଆର ବିଧାୟକ ଥିଲେ। ସେ ତାଙ୍କ ଗାଡ଼ିରେ ଯିବାବେଳେ ମୋଟରସାଇକେଲରେ କିଛି ଦୁର୍ବୃତ୍ତ ଆସି ଗୁଳିଚାଳନା କରିଥିଲେ। ସେତେବେଳେ କିନ୍ତୁ ଧନୁର୍ଜୟ ବର୍ତ୍ତିଯାଇଥିଲେ।

## ଶିବପାଲ, ସ୍ୱାମୀ ପ୍ରସାଦ ହେଲେ ଏସ୍‌ପି ସାଧାରଣ ସମ୍ପାଦକ

ଲକ୍ଷ୍ନୌ,୨୯।୧(ପି.ଟି.)


ଶିବପାଲ ଯାଦବ


ସ୍ୱାମୀ ପ୍ରସାଦ ମୌର୍ଯ୍ୟ

ସମାଜବାଦୀ ପାର୍ଟି (ଏସ୍‌ପି) ରବିବାର ଏହାର ୬୨ ଜଣିଆ ଜାତୀୟ କାର୍ଯ୍ୟକାରିଣୀ ଘୋଷଣା କରିଛି। ଅଖିଳେଶ ଯାଦବ ଦଳର ଜାତୀୟ ଅଧ୍ୟକ୍ଷ ରହିଥିବାବେଳେ ତାଙ୍କ ଦାଦା ଶିବପାଲ ଯାଦବଙ୍କୁ ସାଧାରଣ ସମ୍ପାଦକ କରାଯାଇଛି। ରାମଚରିତ ମାନସ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ବରିଷ୍ଠ ନେତା ସ୍ୱାମୀ ପ୍ରସାଦ ମୌର୍ଯ୍ୟ ଏବଂ ଆଜମ ଖାନ୍‌ଙ୍କ ସମେତ ୧୪ ଜଣଙ୍କୁ ସାଧାରଣ ସମ୍ପାଦକ କରାଯାଇଛି। ଦାଦା-ପୁତୁରା ଶିବପାଲ ଏବଂ ଅଖିଳେଶ ୨୦୧୬ରେ ପରସ୍ପରଠାରୁ ଅଲଗା ହୋଇଯାଇଥିଲେ। ୨୦୧୮ରେ ଶିବପାଲ ପ୍ରଗତିଶୀଳ ସମାଜବାଦୀ ପାର୍ଟି (ଲୋହିଆ) ଗଠନ କରିଥିଲେ। ଏସ୍‌ପି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବଙ୍କ ପରଲୋକ ପରେ ଗତବର୍ଷ ଡିସେମ୍ବରରେ ମୈନପୁରୀ ଲୋକ ସଭା ଉପନିର୍ବାଚନ ବେଳେ ଦାଦା-ପୁତୁରା ପୁଣିଥରେ ଏକାଠି ହୋଇଥିଲେ। ଅନ୍ୟ ନବନିଯୁକ୍ତ ସାଧାରଣ ସମ୍ପାଦକ ହେଲେ ରବି ପ୍ରକାଶ ବର୍ମା, ବଳରାମ ଯାଦବ, ବିଶ୍ୱମ୍ଭର ପ୍ରସାଦ ନିଶାଦ, ଅୱଧେଶ ପ୍ରସାଦ, ଇନ୍ଦ୍ରଜିତ ସରୋଜ, ରାମଜିଲାଲ୍ ସୁମନ, ଲାଲ୍‌ଜୀ ବର୍ମା, ରାମ ଅଚଳ ରାଜଭର, ଜେ. ଆଣ୍ଟୋନି, ହରେନ୍ଦ୍ର ମଲିକ ଏବଂ ନୀରଜ ଚୌଧୁରୀ। କିରନମୟ ନନ୍ଦଙ୍କୁ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ କରାଯାଇଥିବାବେଳେ ରାମଗୋପାଳ ଯାଦବ ରାଷ୍ଟ୍ରୀୟ ପ୍ରମୁଖ ସାଧାରଣ ସମ୍ପାଦକ ପଦରେ ରହିବେ। ସୁଦୀପ ରଞ୍ଜନ ସେନ୍ ଦଳର କୋଷାଧ୍ୟକ୍ଷ ହୋଇଥିବାବେଳେ ୧୯ ଜଣଙ୍କୁ ସମ୍ପାଦକ ନିଯୁକ୍ତ କରାଯାଇଛି।

## ଆହୁରି ପୁରୁଖା ନେତା ବିଆର୍‌ଏସ୍‌ରେ ଯୋଗଦେବେ: ଶିଶିର

ରାୟଗଡ଼ା,୨୯।୧(ସ୍ୱ.ପ୍ର.)

ସାଧାରଣ ନିର୍ବାଚନକୁ ନେଇ ସବୁ ରାଜନୈତିକ ଦଳ ପ୍ରସ୍ତୁତି ଚଳାଇଛନ୍ତି। ହେଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ତାଙ୍କ ପୁଅ ଶିଶିର ଗମାଙ୍ଗ, ପୂର୍ବତନ କୋରାପୁଟ ଏମ୍‌ପି ଜୟରାମ ପାଙ୍ଗିଙ୍କ ସମେତ ରାଜ୍ୟର ଅନ୍ୟ କେତେଜଣ ନେତା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି(ବିଆର୍‌ଏସ୍)ଦଳରେ ଯୋଗଦେବା ପରେ ରାଜ୍ୟ ରାଜନୀତି ଅଧିକ ସରଗରମ ହୋଇଛି। ବିଶେଷକରି ଗିରିଧର, ଶିଶିର ଏବଂ ଜୟରାମ ବିଆର୍‌ଏସରେ ଯୋଗଦେବା ପରେ ଅବିଭକ୍ତ କୋରାପୁଟ ଜିଲାରେ ରାଜନୈତିକ ପାଣିପାଗ ବଦଳିଥିବା ପରିଲକ୍ଷିତ ହୋଇଛି।

ସାଧାରଣ ନିର୍ବାଚନ ବେଳେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଚର୍ଚ୍ଚାରେ ରହିଥାଏ। ଏଥିରେ କୋରାପୁଟ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ୟତମ। ଏଠାରେ ଗୋଟିଏ ଲୋକ ସଭା ଆସନ, କୋରାପୁଟ ଜିଲାର ୪ ବିଧାନସଭା ଆସନ ଓ ରାୟଗଡ଼ା ଜିଲାର ୩ ବିଧାନସଭା ଆସନ ଅନ୍ତର୍ଭୁକ୍ତ। ସାଧାରଣ ନିର୍ବାଚନ ଆଗୁଆ ହେବା ସମ୍ଭାବନା ଥିବାରୁ ସମସ୍ତ ରାଜନୈତିକ ଦଳ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ଅନ୍ୟ ରାଜ୍ୟର ଦଳ ଓଡ଼ିଶା ରାଜନୀତିରେ ପ୍ରବେଶ କରିବା ପାଇଁ ବିଭିନ୍ନ ଦଳର ଅସନ୍ତୁଷ୍ଟ ନେତାଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି(ଆପ୍) ଆଗାମୀ ନିର୍ବାଚନରେ ଓଡ଼ିଶାରେ ପ୍ରାର୍ଥୀ ଦେବା ପାଇଁ ଏକ ପ୍ରକାର ନିଶ୍ଚିତ କରିଥିବାବେଳେ ଏବେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ନବଗଠିତ ବିଆର୍‌ଏସ ମଧ୍ୟ ଓଡ଼ିଶାରେ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଦେବା ନେଇ ସ୍ଥିର କରିଛି। ଓଡ଼ିଶାରେ ନିଜ କାୟା ବିସ୍ତାର କରିବା ପାଇଁ ଦଳ ଉଦ୍ୟମ ଚଳାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଏ ନେଇ ଗିରିଧରଙ୍କ ପୁଅ ଶିଶିରଙ୍କୁ ପଚାରିବାରୁ, ଆଗକୁ ଆହୁରି ପୁରୁଖା ନେତା ବିଆର୍‌ଏସରେ ଯୋଗଦେବେ ବୋଲି କହିଛନ୍ତି। ଏଥିସହ ଅଗାମୀ ଦିନରେ ବିଆର୍‌ଏସ ଓଡ଼ିଶାରେ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଶିର କହିଛନ୍ତି।

### ଓଡ଼ିଶାରେ କୌଣସି ପ୍ରଭାବ ପଡ଼ିବନି: ବିରୋଧୀ


ଶିଶିର ଗମାଙ୍ଗ

ଅପରପକ୍ଷେ ଓଡ଼ିଶାରେ ବିଆର୍‌ଏସର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ରାୟଗଡ଼ା ଜିଲା କଂଗ୍ରେସ ଓ ଭାଜପା ପକ୍ଷରୁ କୁହାଯାଇଛି। କାର୍ଯ୍ୟ ହାସଲ ପରେ ଦଳ ବଦଳାଇବା ଗିରିଧର ଗମାଙ୍ଗ ଓ ତାଙ୍କ ପରିବାରର ପୁରୁଣା ଅଭ୍ୟାସ। ଗିରିଧର କଂଗ୍ରେସ ପ୍ରାର୍ଥୀ ଭାବେ ବିଧାୟକ ଓ ଏମ୍‌ପି ହୋଇଥିଲେ। ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ହୋଇଥିଲେ। ସ୍ତ୍ରୀ ହେମା ମଧ୍ୟ ଏମ୍‌ପି ଓ ବିଧାୟିକା ଥିଲେ। ହେଲେ ଦଳର ଅବସ୍ଥା ଖରାପ ସମୟରେ ଧୋକା ଦେଇଥିଲେ। ତେଣୁ ସେ ବିଆର୍‌ଏସରୁ ପ୍ରତିନିଧିତ୍ୱ କଲେ ମଧ୍ୟ ତାଙ୍କ ପ୍ରତି ଅଞ୍ଚଳବାସୀଙ୍କ ସମର୍ଥନ ରହିବ ନାହିଁ ବୋଲି ରାୟଗଡ଼ା ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଦଳ ପରିବର୍ତ୍ତନ ଗିରିଧରଙ୍କ ପରିବାର ପାଇଁ ଖେଳ। ସେମାନଙ୍କ ଅସ୍ତିତ୍ୱ ଏବଂ ବିଶ୍ୱାସଘାତକତା ବିଷୟରେ ଅଞ୍ଚଳର ଜନସାଧାରଣ ସମ୍ପୂର୍ଣ୍ଣ ସଚେତନ। ତାଙ୍କୁ ଲୋକେ ଆଉ ବିଶ୍ୱାସ କରିବେ ନାହିଁ ବୋଲି ବୋଲି ଜିଲା ଭାଜପା ସଭାପତି ଶିବ ପଟ୍ଟନାୟକ କହିଛନ୍ତି। କେବଳ ଟଙ୍କା ହରିଲୁଟ ପାଇଁ ଦଳଡିଆଁ ବୋଲି ଶିବ କହିଛନ୍ତି। ଅବିଭକ୍ତ କୋରାପୁଟରେ ବିଆର୍‌ଏସ୍‌ର ପ୍ରଭାବ ରହିବ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଏ ନେଇ ରୟଗଡ଼ା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସଙ୍କୁ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି, କଂଗ୍ରେସରୁ ସବୁ ସୁବିଧା ପାଇ ଯେଉଁ ଗମାଙ୍ଗ ପରିବାରକୁ ସନ୍ତୋଷ ମିଳିଲାନି, ସେମାନେ ବିଆର୍‌ଏସ ଛାଡ଼ି ମଧ୍ୟ ଅନ୍ୟ ଦଳକୁ ଯାଇପାରନ୍ତି। ଓଡ଼ିଶାର ଲୋକେ ଏବଂ ବିଶେଷକରି ଅବିଭକ୍ତ କୋରାପୁଟ ଜିଲାର ଲୋକେ ଏହା ଜାଣନ୍ତି। ତେଣୁ ବିଆର୍‌ଏସର ଅବିଭକ୍ତ କୋରାପୁଟ କିମ୍ବା ଓଡ଼ିଶାରେ କୌଣସି ଭୂମିକା ରହିବ ନାହିଁ ବୋଲି ତାରା କହିଛନ୍ତି।



# ଭିତରକନିକାରେ ବିଦେଶୀ ପକ୍ଷୀ ଶିକାର

## ୨ ପ୍ରଜାତିର ୧୪ ମୃତ ପକ୍ଷୀ ଜବତ, ୨ ଗିରଫ

ରାଜନଗର, ୨୯।୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶୀ ପକ୍ଷୀଙ୍କ ଭିଡ଼ ଲାଗିଛି। ବିଦେଶୀ ପକ୍ଷୀଙ୍କୁ ଶିକାର କରିବାକୁ ଶିକାରୀମାନେ ସେମାନଙ୍କ ଜାଲ ବିଛାଇଛନ୍ତି। ରବିବାର ସକାଳେ ନିଶା ଦେଇ ପକ୍ଷୀ ଶିକାର କରାଯାଉଥିବା ଖବର ପାଇ ବନ ବିଭାଗର କର୍ମଚାରୀମାନେ ଚଢାଉ କରି ୨ ପ୍ରଜାତିର ୧୪ଟି ମୃତ ବିଦେଶୀ ପକ୍ଷୀ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଶିକାରୀ ଫେରାର ହୋଇଯାଇଥିବା ଜଣାପଡିଛି।

ଜାତୀୟ ଉଦ୍ୟାନର ଭିତରକନିକା ଫରେଷ୍ଟ ବ୍ଲକ ନିକଟ ଈଶ୍ୱରପୁର ପଞ୍ଚାୟତ ମାହାଲା ଗାଁ ନିକଟରେ ନିଶା ଦେଇ ବିଦେଶୀ ପକ୍ଷୀ ଶିକାର ହେଉଥିବା କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କୁ ସୂଚନା ମିଳିଥିଲା। ରେଞ୍ଜ ଅଫିସର ଦାସଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟ ଗାର୍ଡ ଶ୍ରୀରାମ ମୁର୍ମୁ ରବିବାର ଏହି ଗାଁ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ରାଜବିଜୟନଗର ଗାଁର ରାଧିକା ମାଇତି (୩୮) ୫ଟି ମୃତ ବିଦେଶୀ ପକ୍ଷୀ ନିଜ ଟୋକେଇରେ ପୂରାଇ ଥିଲେ। ବନ ବିଭାଗ କର୍ମଚାରୀ ରାଧିକାଙ୍କୁ ଧରିବା ସହ ତାଙ୍କଠାରୁ ମୃତ ପକ୍ଷୀ ଜବତ କରିଥିଲେ।



ବନ ବିଭାଗ କର୍ମଚାରୀଙ୍କୁ ଦେଖି ଅନ୍ୟ ୨ରୁ ୩ଜଣ ପକ୍ଷୀ ଫୋପାଡି ଦୌଡି ପଳାଇ ଥିଲେ। କର୍ମଚାରୀମାନେ ଅଜଗରପାଟିଆ ଗାଁର ମୁକ୍ତିପଦ ଦାସଙ୍କ ଘରୁ ୨ଟି ମୃତ ପକ୍ଷୀ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେହି ଅଞ୍ଚଳରୁ ବନ ବିଭାଗ କର୍ମଚାରୀମାନେ ଲେସର ହୁଇସିଲିଂ ଡକ୍ ପ୍ରଜାତିର ୧୦ଟି ପକ୍ଷୀ ଓ ରୁଡି ସେଲ୍‌ଡକ ପ୍ରଜାତିର ୪ଟି ପକ୍ଷୀ ଜବତ କରିଥିଲେ। ଜବତ ପକ୍ଷୀଗୁଡିକ ଦେହରେ ବାଡେଇ ମାରିବା ଚିହ୍ନ ରହିଛି। ଅଧିକାଂଶ ପକ୍ଷୀଙ୍କ ଦେହର ବିଭିନ୍ନ ସ୍ଥାନରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଛି। ଜବତ ମୃତ ପକ୍ଷୀଙ୍କ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ପରେ ତାଙ୍କୁ କେଉଁ ପ୍ରଜାତିର ନିଶା ଦିଆଯାଉଛି ତାହା ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବନ ବିଭାଗଠାରୁ ମିଳିଥିବା ସୂଚନା ମୁତାବକ, ବଳଭଦ୍ରପୁର ଗାଁର ଚଗୁଲୁ ଦଳାଇ ବିଷ ଦେଇ ବିଦେଶୀ ପକ୍ଷୀ ଶିକାର କରି ବିକ୍ରି କରୁଥିବା ଅଭିଯୋଗ ମିଳିଥିଲା। ବନ ବିଭାଗ ଟିମ୍ ସୂଚନା ଆଧାରରେ ସେଠାରେ ପହଞ୍ଚିବା ବେଳକୁ ଚଗୁଲୁ ଫେରାର ହୋଇଯାଇଥିଲେ। ହେଲେ ମୁକ୍ତିପଦ ଓ ରାଧିକା ଧରାପଡିଛନ୍ତି। ଜଙ୍ଗଲ ନିକଟରେ ଥିବା ଗାଁର ଧାନକ୍ଷେତକୁ ଧାନ ଖାଇବାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କୁ ଧାନରେ ନିଶା ମିଶାଇ ଶିକାର କରାଯାଉଛି। ପକ୍ଷୀଗୁଡିକ ଏହି ନିଶା ମିଶା ଧାନ ଖାଇବା ପରେ ଘୁମାଇ ଥା'ନ୍ତି। ଏହାର ସୁଯୋଗ ନେଇ ଛକି ରହିଥିବା ଶିକାରୀମାନେ ଠେଙ୍ଗା ଓ ଲୁହାରଡ ସାହାଯ୍ୟରେ ସେହି ପକ୍ଷୀଙ୍କୁ ବାଡେଇ ମାରିଥାନ୍ତି। ଏହାକୁ ନିଜେ ଖାଇବା ସହ ବିକ୍ରି କରିଥା'ନ୍ତି। ଭିତରକନିକାରେ ପକ୍ଷୀ ଶିକାର ପ୍ରାୟତଃ ବନ୍ଦ ହୋଇଯାଇଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି କନିକା ରେଞ୍ଜ ଅଫିସର ଦାସ କହିଛନ୍ତି।

# ଭିତରକନିକା ବୁଲିଲେ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି

ରାଜନଗର, ୨୯।୧(ଡି.ଏନ.ଏ.)



ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେ ରବିବାର ଦିନିକିଆ ଭିତରକନିକା ବୁଲି ଫେରି ଯାଇଛନ୍ତି। କଡ଼ା ସୁରକ୍ଷା ବଳୟ ଭିତରେ ଭୁବନେଶ୍ୱରରେ ପହଞ୍ଚିବା ପରେ କେନ୍ଦ୍ରାପଡ଼ାଠାରୁ ଏସ୍‌ପି ମଡକର ସମ୍ପିତ୍ ସମ୍ପଦ, ଉପଜିଲାପାଳ ନିରଞ୍ଜନ ବେହେରା ସ୍ୱାଗତ କରିଥିଲେ। ସେଠାରୁ କଡ଼ା ସୁରକ୍ଷା ବଳୟ ଭିତରେ ଗୁପ୍ତି ଘାଟ ନିକଟରେ ସେ ପହଞ୍ଚି ଥିଲେ। ଗୁପ୍ତି ଘାଟ ନିକଟରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଜଷ୍ଟିସ୍ ବୋବ୍‌ଡେଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ବନ ବିଭାଗ ବୋଟରେ ଭିତରକନିକା ଜାତୀୟ ଉଦ୍ୟାନକୁ ଯାଇଥିଲେ। ଏହି ନୌବିହାର ସମୟରେ ଜଷ୍ଟିସ୍ ବୋବ୍‌ଡେ ଭିତରକନିକା ନଦୀର ଉଭୟପାର୍ଶ୍ୱରେ ବଡ ବଡ ବଉଳା କୁମ୍ଭୀର, ହରିଣ ଓ ଅନ୍ୟ ଜୀବଜନ୍ତୁଙ୍କୁ ଦେଖି ବିମୋହିତ ହୋଇପଡିଥିଲେ। ଭିତରକନିକା ଜାତୀୟ ଉଦ୍ୟାନରେ ପାଦ ଥାପିବା ପରେ ଆବଦ୍ଧ ପୁଷ୍କରିଣୀରେ ରଖା ଯାଇଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲି, ଶ୍ୱେତା ସମେତ ବନ ବିଭାଗ ପକ୍ଷରୁ ଲାଳନ ପାଳନ କରାଯାଉଥିବା ଛୋଟ ଛୋଟ କୁମ୍ଭୀର ଶାବକଙ୍କୁ ମଧ୍ୟ ବୁଲି ଦେଖିଥିଲେ। ଗୋରୀ ସମ୍ବନ୍ଧରେ ଅନେକ ତଥ୍ୟ ସଂଗ୍ରହ କରିଥିଲେ। ପରେ ଭିତରକନିକାରେ ଜୀବଜନ୍ତୁଙ୍କ ପାଇଁ ପ୍ରାଣବଳି ଦେଇଥିବା ବନ କର୍ମଚାରୀଙ୍କ ଶହୀଦ ସ୍ତମ୍ଭ ନିକଟରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ମ୍ୟୁଜିୟମରେ ଥିବା ବଉଳା କୁମ୍ଭୀରଙ୍କ କଙ୍କାଳ ସହ ସତୁରି ଦଶକରୁ ସଂଗ୍ରହ ହୋଇରହିଥିବା ବିଭିନ୍ନ ଜୀବଜନ୍ତୁଙ୍କର ଶରୀର ଏବଂ ରାସାୟନିକ ପ୍ରଲେପ ଦିଆଯାଇ ରଖାଯାଇଥିବା ଅଲିଭ୍ ରିଡ୍‌ଲେ କଇଁଛକୁ ମଧ୍ୟ ଦେଖିଥିଲେ। ତାଙ୍କର ଏହି ଦିନିକିଆ କାର୍ଯ୍ୟକ୍ରମରେ ଭିତରକନିକାର ବିଭବ, ଜୈବ ବିବିଧତା ଓ ଆର୍ଦ୍ରଭୂମିକୁ ମନ ଭରି ଉପଭୋଗ କରିଥିଲେ। ଜଷ୍ଟିସ୍ ବୋବ୍‌ଡେଙ୍କ ସହ ଲୋକାୟୁକ୍ତ ଜଷ୍ଟିସ୍ ଅଜିତ୍ ସିଂ, ଡିଏଫ୍‌ଓ ଯାଦବ, ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ପରଲୋକ

ପୁରୀ ଅଫିସ ୨୯।୧

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ମଞ୍ଚ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କର ରବିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୬ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୧୦ଟାରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ସେ ମାତ୍ର ୯ବର୍ଷ ବୟସରୁ ଏକ କୁଳୀନ ବ୍ରାହ୍ମଣ ପରିବାରରୁ ଆସି ଅନ୍ନପୂର୍ଣ୍ଣା ଥିଏଟରରେ ଯୋଗଦେଇ ନାଟକରେ ଅଭିନୟ କରିଥିଲେ। ଅଭିନୟ କ୍ଷେତ୍ରରେ ଲକ୍ଷ୍ମୀପ୍ରିୟା ସେ ସମୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେ ଅନ୍ନପୂର୍ଣ୍ଣା ଥିଏଟରର ଜଣେ ଆଗଧାଡ଼ିର ଅଭିନେତ୍ରୀ ଥିଲେ। ସେ ତାଙ୍କ ଜୀବନ କାଳ ମଧ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଗ୍ରୁପ-ଏରେ ପ୍ରାୟ ୩୫ଟି ନାଟକରେ ଅଭିନୟ କରିଥିଲେ। ସେଗୁଡ଼ିକ ମଧ୍ୟରେ ଚଣ୍ଡାଳୁଣୀ, ହରିଶ୍ଚନ୍ଦ୍ର, ଦେବଯାନୀ, ବକ୍ସି ଜଗବନ୍ଧୁ, କୃଷ୍ଣଲୀଳା, ସୀତା ପରୀକ୍ଷା, ଝିମିଟି ଖେଳ, ସ୍ୱର୍ଣ୍ଣଚମ୍ପା ପ୍ରଭୃତି ରହିଛି। କଳା କ୍ଷେତ୍ରରେ ଅବଦାନ ପାଇଁ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ବାଳକୃଷ୍ଣ ଦାସ, ହରିହର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ଶ୍ୟାମ ସୁନ୍ଦର ଦାଶ ତାଙ୍କର ସଙ୍ଗୀତ ଗୁରୁ ରହିଥିଲେ। ସେ ଗୁରୁ କେଳୁଚରଣ ମହାପାତ୍ର ଏବଂ ଗୁରୁ ଗୋପୀକୃଷ୍ଣ ବେହେରାଙ୍କଠାରୁ ନୃତ୍ୟ ଶିକ୍ଷା କରିଥିଲେ। ତାଙ୍କ ଝିଅ ନୀଳିମା ମିଶ୍ର ମୁଖାଗ୍ନି ଦେଇଥିଲେ।

# ୨ ହାତୀଦାନ୍ତ ଜବତ, ୪ ଗିରଫ



ବାରିପଦା ଅଫିସ/ ବିଶୋଇ(ଡି.ଏନ.ଏ.),୨୯।୧

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ତାଳବନ୍ଧ ରେଞ୍ଜ୍ ବାଙ୍କଡିହୀ ଅଞ୍ଚଳରୁ ଦନ୍ତାହାତୀ ମୃତଦେହ ମିଳିବା ଘଟଣାରେ ଶନିବାର ରାତିରେ ବନ ବିଭାଗ ଓ ବିଶୋଇ ଥାନା ପୋଲିସ ଦୁଇଟି ହାତୀଦାନ୍ତ ଜବତ କରିଛି। ହାତୀଦାନ୍ତ ଲୁଚାଇ ରଖିଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବିଶୋଇ ଥାନା ଅଧୀନ ତଲକବାଦୀ ଗ୍ରାମର କୁନା ନାଏକ, କୁନା ସିଂ ନାଏକ, ରୁରୁଳିଡ଼ିହି ଗ୍ରାମର ରାମରାୟ ଗୁଡୁ ଓ ଗୋବିନ୍ଦ ହେମ୍ବ୍ରମ। ଜବତ ହାତୀଦାନ୍ତର ଓଜନ ୪୦ କିଲୋ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ତେବେ ମାସକ ପୂର୍ବରୁ ଜେନାବିଲ ରେଞ୍ଜ୍ ଗୋରାଣ୍ଡି ବିଟ୍‌ହାଉସ ଅଞ୍ଚଳରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ଅଧିକାରୀମାନେ ପ୍ରମାଣ ଲୁଚାଇବା ପାଇଁ ମୃତଦେହ ପୋଡ଼ି ଦେଇ ଦେହାବଶେଷକୁ ନିକଟସ୍ଥ ନଦୀରେ ଭସାଇ ଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ଅଦ୍ୟାବଧି ଦାନ୍ତଦ୍ୱୟକୁ ବନ ବିଭାଗ ଜବତ କରିବାରେ ବିଫଳ ହୋଇଛି। ଅଭିଯୁକ୍ତ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରାଯାଉଥିବା ନେଇ ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ବାଙ୍କଡିହୀ ଅଞ୍ଚଳରେ ଗତ ୨୧ ତାରିଖରେ ଏକ ଦନ୍ତାହାତୀର ଗଳିତ ମୃତଦେହ ଠାବ ହୋଇଥିଲା। ହାତୀର ଦାନ୍ତ କାଟି ନିଆଯାଇଥିବା ଦେଖିବାକୁ ମିଳିଥିଲା। ହାତୀର ଦୁଇଦାନ୍ତକୁ ଲୁଚାଇ ରଖାଯାଇଥିବା ନେଇ ବିଶୋଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ନିର୍ଦ୍ଦେଶକ୍ରମେ ବିଶୋଇ ଥାନାଧିକାରିଣୀ ମିନି ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ୪୦ଜଣିଆ ଫରେଷ୍ଟ କର୍ମଚାରୀ ଓ ପୋଲିସ କର୍ମଚାରୀ ମିଳିତ ଭାବେ ଶନିବାର ରାତିରେ ରୁରୁଳିଡ଼ିହି ଓ ତଲକବାଦୀ ଗ୍ରାମରେ ଚଢ଼ାଉ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦଙ୍କ ନଡ଼ାଗଦାରୁ ଗୋଟିଏ ଦାନ୍ତ ଏବଂ କୁନାସିଂ ନାଏକଙ୍କ ଘର ପଛ ବିଲ ଖୋଳି ମାଟି ତଳୁ ଆଉ ଗୋଟିଏ ଦାନ୍ତ ମିଳିଥିଲା। ଘଟଣାର ତଦନ୍ତ ଚାଲିଥିବା ବେଳେ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ତାହାକୁ ନେଇ ତନାଘନା ଜାରି ରହିଛି ବୋଲି ଉପନିର୍ଦ୍ଦେଶକ କହିଛନ୍ତି। ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନରେ ହାତୀ ଶିକାରୀମାନେ ସକ୍ରିୟ ହୋଇଛନ୍ତି। ଦୁଇ ଡିଭିଜନ ଅଧୀନରେ ଥିବା ୧୬ ରେଞ୍ଜରେ ମାସକ ମଧ୍ୟରେ ୩ ହାତୀର ମୃତ୍ୟୁ ହୋଇଛି।

# ରେଳ ଷ୍ଟେଶନରୁ ଉଦ୍ଧାର ଅପରିଚିତଙ୍କ ମୃତ୍ୟୁ

ରାଉରକେଲା ଅଫିସ,୨୯।୧

ରାଉରକେଲା ରେଳ ଷ୍ଟେଶନରୁ ଉଦ୍ଧାର ହୋଇ ଆରଜିଏଚ୍‌ରେ ଚିକିତ୍ସିତ ହେଉଥିବା ଜଣେ ଅଜଣା ଯୁବକଙ୍କ ରବିବାର ମୃତ୍ୟୁ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ସନ୍ଧ୍ୟା ସାଢେ ୭ଟା) ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ପାଖାପାଖି (୫୦) ବର୍ଷ ହେବ ବୋଲି ଅନୁମାନ କରାଯାଉଛି।

ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ରାଉରକେଲା ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ. ୩ରେ ଉକ୍ତ ବ୍ୟକ୍ତି ଜଣଙ୍କ ପଡିରହିଥିଲେ। ଖବର ପାଇ ଜିଆର୍‌ପି ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସାଢେ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜିଆର୍‌ପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮।୨୩) ରୁଜୁ କରି ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି।

# ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର, ୨୯।୧(ବ୍ୟୁରୋ)

ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ରବିବାର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରି କହିଲେ, ଆପଣଙ୍କୁ ଗୋଟିଏ କଥା ପଚାରିବି? ଆପଣମାନେ ଏଣ୍ଟରପ୍ରେନ୍ୟୁଅର ଶବ୍ଦଟି ଶୁଣିଥିବେ। କିନ୍ତୁ ଆପଣ କେବେ ମିଲେଟ୍-ପ୍ରିନିୟର୍ସ ଶବ୍ଦଟି ଶୁଣିଛନ୍ତି କି? ଓଡ଼ିଶାର ମିଲେଟ୍-ପ୍ରେନ୍ୟୁଅର୍ସ ଆଜିକାଲି ବହୁତ ଚର୍ଚ୍ଚାରେ ରହିଛନ୍ତି। ଆଦିବାସୀ ଜିଲା ସୁନ୍ଦରଗଡ଼ର ପ୍ରାୟ ଦେଢ଼ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓଡ଼ିଶା ମିଲେଟ୍‌ସ ମିଶନ୍ ସହିତ ଜଡ଼ିତ। ଏଠାରେ ମହିଳାମାନେ ମିଲେଟ୍‌ସରେ କୁକିଜ୍, ରସଗୋଲା, ଗୋଲାପ ଜାମୁ ଏବଂ କେକ୍ ମଧ୍ୟ ତିଆରି କରୁଛନ୍ତି। ବଜାରରେ ଏହାର ଚାହିଦା ବହୁତ ବଢୁଥିବାରୁ ମହିଳାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଚାଲିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।




ପ୍ରଧାନମନ୍ତ୍ରୀ ଯୋଗ ଏବଂ ମିଲେଟ୍‌ସ ମଧ୍ୟରେ ବହୁତ କିଛି ସାଧାରଣ ରହିଛି ବୋଲି କହିଥିଲେ। ସ୍ୱାସ୍ଥ୍ୟ ପାଇଁ ଉଭୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକେ ଏବେ ମିଲେଟ୍‌ସକୁ ନିଜ ଖାଦ୍ୟରେ ସାମିଲ କଲେଣି। ଏହି ପରିବର୍ତ୍ତନର ବହୁତ ବଡ଼ ପ୍ରଭାବ ମଧ୍ୟ ଦେଖାଗଲାଣି। ଫଳରେ ମିଲେଟ୍‌ସ ଚାଷ କରୁଥିବା କ୍ଷୁଦ୍ର ଚାଷୀମାନେ ବହୁତ ଉତ୍ସାହିତ ହୋଇଛନ୍ତି। ବିଶ୍ୱ ଏବେ ସେମାନଙ୍କ ଶସ୍ୟର ମୂଲ୍ୟ ବୁଝିପାରିଛି। ଏହି ଅବସରରେ ମୋଦି ଓଡ଼ିଶା ସମେତ ଛତିଶଗଡ଼, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ମିଲେଟ୍‌ର ଚାହିଦା କିପରି ବୃଦ୍ଧି ପାଉଛି ସେ ସମ୍ପର୍କରେ ଉଦାହରଣ ଦେଇ କହିଥିଲେ।

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଲେ, ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଅନେକ ଦିଗକୁ ପ୍ରଶଂସା କରାଯାଉଛି। ଜାନୁୟାରୀ ୨୬ ପରେଡରେ କର୍ତ୍ତବ୍ୟ ପଥ ନିର୍ମାଣ କରୁଥିବା ଶ୍ରମିକଙ୍କୁ ଦେଖି ବହୁତ ଭଲ ଲାଗିଲା। ପ୍ରଥମଥର ପାଇଁ ଏହି ପରେଡରେ ଅଂଶଗ୍ରହଣ କରିଥିବା ମହିଳା ଓଟ ଆରୋହୀ ଏବଂ ସିଆର୍‌ପିଏଫ୍‌ର ମହିଳା କଣ୍ଟିଜେଣ୍ଟ ମଧ୍ୟ ଉଚ୍ଚ ପ୍ରଶଂସିତ ହେଉଛନ୍ତି। ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର ଏବଂ ଆମେମାନେ ମଧ୍ୟ ଗର୍ବିତ ଯେ ଆମ ଦେଶ ମଧ୍ୟ ଗଣତନ୍ତ୍ରର ଜନନୀ।

ଗଣତନ୍ତ୍ର ଆମ ଶିରାରେ, ଆମ ସଂସ୍କୃତିରେ ଅଛି। ବର୍ଷ ବର୍ଷ ଧରି ଏହା ଆମର କାର୍ଯ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପଦ୍ମ ପୁରସ୍କାର ମଧ୍ୟ ଏବେ ଆଦିବାସୀ ସମ୍ପ୍ରଦାୟ ଏବଂ ଆଦିବାସୀ ସମାଜ ସହ ଜଡିତ ଲୋକମାନଙ୍କୁ ଦିଆଯାଇଛି। ଆଦିବାସୀ ଜୀବନ ସହର ଜୀବନଠାରୁ ଭିନ୍ନ, ଏହାର ନିଜସ୍ୱ ଚାଲେଞ୍ଜ ମଧ୍ୟ ଅଛି। ଏସବୁ ସତ୍ତ୍ୱେ ଆଦିବାସୀ ସମାଜ ଏହାର ପରମ୍ପରାକୁ ବଞ୍ଚାଇବାକୁ ସର୍ବଦା ଆଗ୍ରହୀ। ଆଦିବାସୀ ସମ୍ପ୍ରଦାୟ ସହିତ ଜଡିତ ଜିନିଷଗୁଡ଼ିକର ସଂରକ୍ଷଣ ଏବଂ ଗବେଷଣା ପାଇଁ ମଧ୍ୟ ଉଦ୍ୟମ ହେଉଛି। ସେହିଭଳି ଟୋଟୋ, ହୋ, କୁଇ, କୁଭି ଏବଂ ମାଣ୍ଡା ପରି ଆଦିବାସୀ ଭାଷାରେ କାମ କରୁଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପଦ୍ମ ପୁରସ୍କାର ପାଇଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ବାଳକ ପେଟରେ ପଶିଗଲା ବର୍ଚ୍ଛା

## ଦେଢ଼ଘଣ୍ଟାର ଅପରେଶନ ପରେ ବାହାରିଲା

ବଲାଙ୍ଗୀର ଅଫିସ, ୨୯।୧

ବଲାଙ୍ଗୀର ବେଲପଡ଼ା ଥାନା ଅଁଏଲାଭଟା ଗାଁରେ ରବିବାର ସକାଳେ ଏକ ଅଘଟଣ ଘଟିଥିଲା। ଗାଁର ରାଜୁ ଥନାପତି ନାମକ ଜଣେ ୧୬ ବର୍ଷ ବାଳକଙ୍କ ପେଟରେ ଏକ ବର୍ଚ୍ଛା ପଶିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ମାଛମରା ପାଇଁ ବ୍ୟବହୃତ ବର୍ଚ୍ଛା ଧରି ରାଜୁ ତାଙ୍କ କ୍ଷେତରେ ଖେଳୁଥିବାବେଳେ ହଠାତ୍ ସେ ଭାରସାମ୍ୟ ହରାଇ ଖସିପଡ଼ିବାରୁ ବର୍ଚ୍ଛା ତାଙ୍କ ପେଟ ଭିତରକୁ ପଶିଯାଇଥିଲା।



ପେଟରେ ବର୍ଚ୍ଛା ପଶିଥିବା ଅବସ୍ଥାରେ ରାଜୁ ଥନାପତିଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ଅଣାଯାଇଛି।

ସରମୁହାଣ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ରାଜୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବେଲପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଅଣାଯାଇଥିଲା। ଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ୮ ଜଣିଆ ଡାକ୍ତରୀ ଟିମ୍ ରାଜୁଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାର ଅସ୍ତ୍ରୋପଚାର ପରେ ରାଜୁଙ୍କ ପେଟରୁ ବର୍ଚ୍ଛା ବାହାର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଡାକ୍ତରମାନେ କହିଛନ୍ତି। ୨/୩ ଦିନର ଚିକିତ୍ସା ପରେ ତାଙ୍କୁ ହସ୍ପିଟାଲରୁ ରିଲିଭ୍ କରାଯିବ। ସେହିପରି ଗତ ଡିସେମ୍ବର ୧୭ରେ ବଲାଙ୍ଗୀର ଜିଲା ଆଗଲପୁର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଚାଲିଥିବା ବେଳେ ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେରଙ୍କ ବେକରେ ଜାଭେଲିନ ଗଳିଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ସଦାନନ୍ଦଙ୍କ ଅସ୍ତ୍ରୋପଚାର ପରେ ତାଙ୍କ ବେକରୁ ଜାଭେଲିନ୍ କାଢ଼ିବାରେ ଡାକ୍ତରୀ ଟିମ୍ ସଫଳ ହୋଇଥିଲା।






**ଆଜିର ମନ୍ତବ୍ୟ**

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଆଜିର ବାସ୍ତବତାକୁ ପ୍ରତିଫଳିତ କରୁନାହିଁ। ୟୁଏନ୍‌ଏସ୍‌ସିର ଏକ ସ୍ଥାୟୀ ସଦସ୍ୟ ନିଜ ପଡ଼ୋଶୀକୁ ଆକ୍ରମଣ କରିଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବାରେ ଏହା ବିଫଳ ହୋଇଛି। **-ସାବା କୋରୋସି, ଜାତିସଂଘ ସାଧାରଣ ସଭା ଅଧକ୍ଷ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଧ ଖାଇଗଲା ପାଚିଲା କଦଳୀ**
**ଘୁଷୁରି ଖାଇଲା ପାନ**
**ଭୁଆଁ ବିରାଡ଼ି ବଇଷମ ସାଜି**
**ସଭାରେ କହୁଛି ଜ୍ଞାନ।**

ଅବିଶ୍ୱାସନୀୟ ଘଟଣା ବେଳେ ବେଳେ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ନିହାତି ଅବାନ୍ତର କଥା ଶୁଣିଲେ ତାକୁ ସତ ବୋଲି ବିଶ୍ୱାସ କରିବା କଷ୍ଟକର ହୋଇଯାଇଥାଏ। ଆଜିର ଯୁଗରେ ଅନେକ ଠକ ଧାର୍ମିକ ଦେଖିବାକୁ ମିଳିଥାନ୍ତି। ବାହାରକୁ ବୈଷ୍ଣବ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ ସବୁ କରିଥାନ୍ତି। ଏମାନଙ୍କ ମୁହଁରୁ ନୀତିବାଣୀ ଶୁଣି ମନରେ ଭୃକୁଞ୍ଚନ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଓସ୍ତ ପତର ପାନିଆଁ**
**ଚଉଧୁରୀ ଝିଅ କନିଆଁ**
**ସାଆନ୍ତରା ପୁଅ ବର**
**ବାଇଦ ବାଜେ ଢଙ୍ଗର ଢଙ୍ଗରା।**

ବଡ଼ଲୋକିଆଙ୍କ ବାହ୍ୟ ଆଡ଼ମ୍ବର ବେଶି। ସଂସାରରେ ପ୍ରତି ଘରର ଝିଅ ଓ ପୁଅ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି। ଏପରିସ୍ଥଳେ ଝିଅ ପୁଅ ଛନ୍ଦିହେବା ଉପଲକ୍ଷେ ଯେଉଁ ସମାରୋହ ସୃଷ୍ଟି ହୁଏ ତା'ର ରୂପରେଖ ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# 'ସମୟର ଆହ୍ୱାନକୁ ସାହିତ୍ୟ ଅଙ୍ଗୀକୃତ କରୁ'



ଭୁବନେଶ୍ୱର ସାହିତ୍ୟ ପର୍ବର ରବିବାର ଉଦ୍‌ଯାପନୀ ଅଧିବେଶନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

- ଅଜୟ ପ୍ରଧାନଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ'
- ଅଞ୍ଜନ କୁମାର ସାହୁଙ୍କୁ 'ଦୀନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ'

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ମଣିଷକୁ ମଣିଷ କରିଛି ସାହିତ୍ୟ। ସଭ୍ୟତାକୁ ସ୍ୱରୂପ ଦେଇଛି। ମଣିଷର ଉତ୍ତରଣରେ ସାହିତ୍ୟର ସର୍ବଗରିଷ୍ଠ ଭୂମିକା ରହିଛି । ସୁତରାଂ ସାହିତ୍ୟ ସମୟର ଆହ୍ୱାନ ଓ ଆବଶ୍ୟକତାକୁ ଅଙ୍ଗୀକୃତ କରିବା ଆବଶ୍ୟକ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସୂଚନା ଭବନଠାରେ ଚାଲିଥିବା ଭୁବନେଶ୍ୱର ସାହିତ୍ୟ ପର୍ବର ରବିବାର ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହା କହିଛନ୍ତି। ସାହିତ୍ୟର ଆଭିମୁଖ୍ୟ ସର୍ବଦା ଜୀବନ ଓ ଜଗତ ପ୍ରତି ସମ୍ବେଦନଶୀଳ। ଏହା ଆମ ସମାଜରେ ଆସନ୍ତା ପିଢ଼ି ପାଇଁ ମାର୍ଗଦର୍ଶକାର ଭୂମିକା ନିର୍ବାହ କରିଛି । ତେବେ ଓଡ଼ିଶାରେ ସର୍ଜନାର ଧାରା ଉତ୍ସାହପ୍ରଦ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି। ବିଶିଷ୍ଟ ଅତିଥି ଭାବେ ଜ୍ଞାନପୀଠ ବିଜେତା ପଦ୍ମ ବିଭୂଷଣ ଡ. ସୀତାକାନ୍ତ ମହାପାତ୍ର ଯୋଗଦେଇ ଭୁବନେଶ୍ୱର ସାହିତ୍ୟ ପର୍ବକୁ କଳା-ସାହତ୍ୟ-ସଂସ୍କୃତିର ମିଳନ ଉତ୍ସବ ଭାବେ ବର୍ଣ୍ଣନା କରି ଯୁବଲେଖକମାନେ ପରମ୍ପରା ଓ ଆଧୁନିକତା ମଧ୍ୟରେ ସମନ୍ୱୟ ରକ୍ଷା କରି ଲେଖନୀ ଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପ୍ରତିଷ୍ଠିତ ଅନୁବାଦକ ସୂର୍ଯ୍ୟମଣି ଖୁଣ୍ଟିଆ ମଞ୍ଚାସୀନ ଥିଲେ। ଟ୍ରଷ୍ଟ ସଭାପତି କବି ସୂର୍ଯ୍ୟ ମିଶ୍ର ସ୍ୱାଗତ ଭାଷଣରେ ଆଧୁନିକତା ଓ ଆଧୁନିକତା ସାହିତ୍ୟର ଅସଲ ଆବେଦନ ବୋଲି କହିଥିଲେ। ସମ୍ପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଚିତ୍ରଶିଳ୍ପୀ ଅଧ୍ୟାପକ ଅଞ୍ଜନ କୁମାର ସାହୁଙ୍କୁ 'ଦୀନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସାହିତ୍ୟ ପର୍ବର ସ୍ମରଣିକା 'ଆସର' ଓ ସାହିତ୍ୟ ସମାଜର ବାର୍ଷିକ କବିତା ପୁସ୍ତକ ସମେତ ଅକ୍ଷୟ ପାଳଙ୍କ 'ଅନ୍ଧାରର ରଙ୍ଗ' ଏବଂ ଡ. ଦେବାଶିଷ ମହାପାତ୍ରଙ୍କ 'ଆମ ବର୍ଣ୍ଣମାଳା' ପୁସ୍ତକ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

ପରେ ସତ୍ୟଜିତ ରାୟ ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ଡ. ହିମାଂଶୁ ଖଟୁଆଙ୍କ ସହିତ ସିନେ-ଗବେଷକ ସୂର୍ଯ୍ୟ ଦେଓଙ୍କ ଆଳାପ, ଗୀତି କବିତା ସଂପର୍କିତ ଆଲୋଚନା 'ଗୀତି ସୁରେ: ମନ ଝୁରେ' ଅନୁଷ୍ଠିତ ହୋଇଥିଲା। ନନ୍ଦ କିଶୋର ସିଂହ, ଦେବୀଦତ୍ତ ମହାନ୍ତି ଓ ଧନଞ୍ଜୟ ସ୍ୱାଇଁ ଅଂଶଗ୍ରହଣ କରିଥିବାବେଳେ ବିଜୟ ମଲ୍ଲ ସଂଯୋଜନା କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ସହିତ ଇଂ. ଶ୍ରୀନିବାସ ଘଟୁଆରୀଙ୍କ ଆଳାପ ହୋଇଥିଲା। ଅପରାହ୍ଣରେ 'ସାହିତ୍ୟ ଓ ରାଜନୀତି: ପ୍ରବୃତ୍ତିର ପରୀକ୍ଷା' ଆଲୋଚନାଚକ୍ରରେ ଗଣେଶ୍ୱର ବେହେରା, ଗୌତମବୁଦ୍ଧ ଦାସ ଓ ଶଙ୍କର ପରିଡ଼ା ଭାଗନେଇଥିବାବେଳେ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୭୦ରୁ ଅଧିକ କବି ଯୋଗଦେଇ ସ୍ୱରଚିତ ଲେଖା ପାଠ କରିଥିଲେ। କବି ପ୍ରବାସିନୀ ମହାକୁଡ଼ ଅତିଥି ଭାବେ ଯୋଗଦେଇଥିବାବେଳେ ମାନି ଦାଶ, ବିଜନବାଳା ପାଟଯୋଶୀ ଓ ମୌସୁମୀ ଦାସ ସଂଯୋଜନା କରିଥିଲେ। ସନ୍ଧ୍ୟାରେ ଡ. ବିବେକାନନ୍ଦ ପାଣିଗ୍ରାହୀଙ୍କ ପ୍ରଯୋଜିତ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଫିଚର ଫିଲ୍ମ 'ବିଶ୍ୱାସ' ପ୍ରଦର୍ଶିତ ହେବା ପରେ ପର୍ବ ଉଦ୍‌ଯାପିତ ହୋଇଥିଲା। ଅନୁଷ୍ଠାନର ଉପସଭାପତି ରକ୍ଷକ ନାୟକ, ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ, ଡ. ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ ବାରିକ, ଆଭାସ ବରାଳ, ବିଧୁଭୂଷଣ ତ୍ରିପାଠୀ, ସଂଜୟ ମହାନ୍ତି, ଶାକ୍ୟସିଂହ ମହାପାତ୍ର, ସୁଧୀର ମଉଡ଼ମଣି ଓ ରାଜାରାମ ପାଢ଼ୀ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କିଟ୍‌ର ୨୫ ବର୍ଷ ପୂର୍ତ୍ତି ଅବସରରେ କିଟ୍ ଓ କିସ୍ ପକ୍ଷରୁ ରବିବାର ଭୁବନେଶ୍ୱର ସ୍ୟାଣ୍ଡି ଟାୱାର ହୋଟେଲ ନିକଟରୁ କିଟ୍ କ୍ରିକେଟ୍ ଷ୍ଟାଡିୟମ ଅଭିମୁଖେ ବାହାରିଥିବା ମିନି ମାରାଥନ।

**ପ୍ରଥମ ପୃଷ୍ଠାରୁ...**

## ପୋଲିସ ଗୁଳିରେ ...

କ୍ରାଇମ୍ ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ବହୁ ମନ୍ତ୍ରୀ, ବିଧାୟକ ପ୍ରମୁଖ ଆପୋଲୋ ହସ୍ପିଟାଲ ଗସ୍ତ କରି ମନ୍ତ୍ରୀ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଗାନ୍ଧୀଛକଠାରେ ରବିବାର ସ୍ଥାନୀୟ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଥିଲା। ଏହାକୁ ଉଦ୍‌ଘାଟନ କରିବା ପାଇଁ ମନ୍ତ୍ରୀ ଦାସ ଯାଉଥିବାବେଳେ ନୂତନ କାର୍ଯ୍ୟାଳୟଠାରୁ ମାତ୍ର ୧ଶହ ମିଟର ଦୂରରେ ରାସ୍ତା ଉପରେ ଗାଡ଼ି ଅଟକାଇ ତାଙ୍କ ସମର୍ଥକମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ମନ୍ତ୍ରୀ ତାଙ୍କ ଗାଡିରୁ ତଳକୁ ଓହ୍ଲାଉଥିବାବେଳେ ସେଠାରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ଏଏସ୍‌ଆଇ ଗୋପାଳକୃଷ୍ଣ ତାଙ୍କ ରିଭଲଭର୍‌ରୁ ମନ୍ତ୍ରୀଙ୍କ ଉପରକୁ ଅତର୍କିତ ଭାବେ ୩ ରୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଗାଡିର ଆଗ ସିଟ୍‌ରୁ ମଝି ସିଟ୍‌କୁ ଅଣାଯାଇ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ ମନ୍ତ୍ରୀ ଦାସଙ୍କୁ ଗୁଳି କରି ହତ୍ୟା କରିବା ଘଟଣାକୁ ପ୍ରଥମେ କେହି ବିଶ୍ୱାସ କରିପାରି ନ ଥିଲେ। ଏଏସ୍‌ଆଇ ଗୋପାଳକୃଷ୍ଣ ହିଁ ମନ୍ତ୍ରୀ ଦାସଙ୍କୁ ଗୁଳି କରିଥିବାନେଇ ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ସୂଚନା ଦେଇଥିଲେ। ଗୁଳି କରିବା ପରେ ଏଏସ୍‌ଆଇ ଗୋପାଳକୃଷ୍ଣ ସେଠାରେ ଉପସ୍ଥିତ ରହିବାରୁ, ଦଳୀୟ କର୍ମୀମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ବ୍ରଜରାଜ ନଗର ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ଅଭିଯୁକ୍ତ ଗୋପାଳକୃଷ୍ଣଙ୍କୁ ନିଜ ହେପାଜତକୁ ନେବା ସହ ତାଙ୍କଠାରୁ ରିଭଲଭରକୁ ନେଇଥିଲେ। ଏହି ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମନ୍ତ୍ରୀଙ୍କ ସମର୍ଥକମାନେ ପୋଲିସ ବିରୋଧରେ ନାରାବାଜି ଦେଇଥିଲେ। ଏପରି କି ଆଇଆଇସି ସ୍ୱାଇଁଙ୍କଠାରୁ ଉତ୍ତ୍ୟକ୍ତ ଲୋକମାନେ ବନ୍ଧୁକ ଛଡ଼ାଇ ନେଇଯାଇଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ କ୍ରାଇମ୍ ବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ଏବଂ ତାଙ୍କ ଟିମ୍ ବ୍ରଜରାଜନଗର ଗସ୍ତ କରି ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି।

## ୩ ହସ୍ପିଟାଲର ବିଶେଷଜ୍ଞ ଡାକ୍ତର କରିଥିଲେ ଚିକିତ୍ସା

ଭୁବନେଶ୍ୱର, ୨୯।୧(ବ୍ୟୁରୋ)– ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ଆପୋଲା ହସ୍ପିଟାଲରେ ହୋଇଥିଲା ସ୍ୱତନ୍ତ୍ର ବ୍ୟବସ୍ଥା। ତିନୋଟି ହସ୍ପିଟାଲର ବିଶେଷଜ୍ଞଙ୍କ ଡାକ୍ତରମାନଙ୍କୁ ନେଇ ଗଠିତ ଟିମ୍ ତାଙ୍କର ଚିକିତ୍ସା କରିଥିଲେ। ଆପୋଲୋ ହସ୍ପିଟାଲ ସମେତ କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଡାକ୍ତରମାନେ ଏହି ଚିକିତ୍ସା ଦଳରେ ରହିଥିଲେ। ଏହି ଦଳରେ କାର୍ଡିଆକ, ସର୍ଜରୀ, ଆନେସ୍ଥେସିଆ, ନ୍ୟୁରୋ, ମେଡିସିନ ଇତ୍ୟାଦି ବିଭାଗର ବରିଷ୍ଠ ଡାକ୍ତର ରହିଥିଲେ। ଅପରାହ୍ଣ ପ୍ରାୟ ୩ଟା ୧୩ମିନିଟ୍ ସମୟରେ ନବ ଦାସ ଆପୋଲୋ ହସ୍ପିଟାଲରେ ପହଞ୍ଚିବା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। କାର୍ଡିଓ ଥୋରାସିସ ସର୍ଜନ ଡା. ଦେବାଶିଷ ନାୟକଙ୍କ ନେତୃତ୍ୱରେ ଚିକିତ୍ସା କରାଯାଇଥିଲା। ଅସ୍ତ୍ରୋପଚାର ପରେ ବି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିଲା। ତେବେ ବିଶେଷଜ୍ଞଙ୍କ ଡାକ୍ତରଙ୍କ ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ତାଙ୍କର ସନ୍ଧ୍ୟା ୭ଟା ୪୦ରେ ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ୨ଜଣ ଡାକ୍ତରଙ୍କ ନେତୃତ୍ୱରେ ପୋଷ୍ଟମର୍ଟମ କରାଯାଇଥିବାବେଳେ ଏହାର ଭିଡିଓଗ୍ରାଫି କରାଯାଇଛି।

## ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ...

କହିଛନ୍ତି, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ। ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଏପରି ଆକସ୍ମିକ ମୃତ୍ୟୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଚିନ୍ତିତ ଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆପୋଲୋ ହସ୍ପିଟାଲ ଯାଇ ମନ୍ତ୍ରୀ ଦାସଙ୍କୁ ଶେଷ ଦର୍ଶନ କରିବା ସହିତ କହିଛନ୍ତି, ଡାକ୍ତରମାନେ ତାଙ୍କ ଜୀବନ ରକ୍ଷା କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ନବ ଦାସ ଉଭୟ ସରକାର ଏବଂ ବିଜେଡି ପାଇଁ ବଡ଼ ସମ୍ପତ୍ତି ଥିଲେ। ସେ ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ସ୍ୱାସ୍ଥ୍ୟ ବିଭାଗରେ ବହୁ ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ଜଣେ ନେତା ଭାବେ ସେ ବିଜେଡିକୁ ମଜଭୁତ କରିବା ଲାଗି ବଡ଼ ଅସ୍ତ୍ର ଥିଲେ। ସେ ଜଣେ ତୃଣମୂଳସ୍ତରର ବ୍ୟକ୍ତି ଥିଲେ। ଦଳମତ ଏବଂ ବ୍ୟକ୍ତିବିଶେଷ ନିର୍ବିଶେଷରେ ସେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ। ତାଙ୍କ ମୃତ୍ୟୁ ଓଡ଼ିଶା ପାଇଁ ବଡ଼ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ପରିବାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ୧୯ ବର୍ଷରୁ କମ୍ ମହିଳା ଟି୨୦ | ଭାରତ ବିଶ୍ୱ ଚାମ୍ପିୟନ୍

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ମହିଳା ଦଳ:** ୧୭.୧ ଓଭରରେ ୬୮/ଅଲ୍‌ଆଉଟ (ରିଆନା ମ୍ୟାକ୍‌ଡୋନାଲ୍ଡ ଗେ'-୧୯; ତିତାସ୍ ସାଧୁ-୨/୬, ପାର୍ଶଭି ଚୋପ୍ରା-୨/୧୩, ଅର୍ଚ୍ଚନା ଦେବୀ-୨/୧୭)।

**ଭାରତ ମହିଳା ଦଳ:** ୧୪ ଓଭରରେ ୬୯/୩ (ସୌମ୍ୟା ତିୱାରୀ-୨୪*, ଗଙ୍ଗାଡି ତ୍ରିଶା-୨୪, ଶେଫାଳି ବର୍ମା-୧୫, ଆଲେକ୍ସା ଷ୍ଟୋନ୍‌ହାଉସ୍-୧/୮)।

**ପ୍ରଥମ ପୃଷ୍ଠାରୁ...**

## ହକି ଚାମ୍ପିୟନ ...

ଜର୍ମାନୀର ନିକ୍ଲାସ ୱେଲେନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବେଲ୍‌ଜିୟମ ରୌପ୍ୟ ପଦକ ପାଇଥିବାବେଳେ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆକୁ ହରାଇଥିବା ନେଦରଲାଣ୍ଡସ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟପାଳ ଗଣେଶୀ ଲାଲ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହିମନ୍ତ ସୋରେନ, ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ତାୟାବ ଇକ୍ରାମ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଅର୍ଥ ସଚିବ ବିଶାଳ ଦେବ, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ମହାସଚିବ ଭୋଳାନାଥ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏଫ୍‌ଆଇଏଚ୍ ଓ ହକି ଇଣ୍ଡିଆର ଅନ୍ୟ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ। ଜର୍ମାନୀ ୨୦୦୨ ଓ ୨୦୦୬ରେ ଚାମ୍ପିୟନ ଏବଂ ୧୯୮୨ ଓ ୨୦୧୦ରେ ରନରଅପ୍ ହୋଇଥିଲା। ଅର୍ଥାତ୍ ୧୭ ବର୍ଷ ବ୍ୟବଧାନରେ ଜର୍ମାନୀ ପୁଣି ଟାଇଟଲ ବିଜୟୀ ହୋଇଛି। ଏଥିସହ ୩ଥର ଟାଇଟଲ ଜିତି ଏହି ଦଳ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆର ସମକକ୍ଷ ହୋଇଛି। ପାକିସ୍ତାନ ସର୍ବାଧିକ ୪ଥର ଚାମ୍ପିୟନ ହୋଇ ଏହି ତାଲିକାର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ୨୦୧୮ରେ ଚାମ୍ପିୟନ ହୋଇଥିବା ବେଲଜିୟମ ଏଥର ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ପୂର୍ବରୁ ପାକିସ୍ତାନ ୧୯୭୮ ଓ ୧୯୮୨, ଜର୍ମାନୀ ୨୦୦୨ ଓ ୨୦୦୬ ଏବଂ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ରେ କ୍ରମାଗତ ୨ଥର ଲେଖାଏ ବିଶ୍ୱକପ୍ ଜିତିଥିଲେ। ଏଥର ବେଲ୍‌ଜିୟମ ଏହି କ୍ଲବରେ ସାମିଲ ହେବାକୁ ଯେଉଁ ସ୍ୱପ୍ନ ଦେଖିଥିଲା ତାହା ଧୂଳିସାତ୍ ହୋଇଛି। ଏହି ମେଗା ଫାଇନାଲରେ ଜର୍ମାନୀ ଆକ୍ରମଣ ଆରମ୍ଭ କରିଥିଲେ ହେଁ ବେଲ୍‌ଜିୟମ ପ୍ରଥମ କ୍ୱାର୍ଟରରୁ ହିଁ ପ୍ରଭାବ ବିସ୍ତାର କରି ବିପକ୍ଷ ଦଳ ଉପରେ ଚାପ ପକାଇଥିଲା। ୬ଷ୍ଠ ମିନିଟ୍‌ରେ ଜର୍ମାନୀ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତା'ର ସଦ୍‌ବ୍ୟବହାର କରିପାରି ନ ଥିଲା। ବେଲ୍‌ଜିୟମ କିନ୍ତୁ ସୁଯୋଗର ଭରପୂର ସଦୁପଯୋଗ କରିଥିଲା। ୧୦ମ ମିନିଟ୍‌ରେ ଆଣ୍ଟୋନି କିନାଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରାଇଥିଲେ ଫ୍ଲୋରେଣ୍ଟ ଭାନ୍ ଔବେଲ। ଆକ୍ରମଣ ଜାରି ରଖି ଏହାର ୧ ମିନିଟ୍ ପରେ ଦଳ ଆଉ ଏକ ଗୋଲ ଦେଇ ଜର୍ମାନୀକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ୧୧ତମ ମିନିଟ୍‌ରେ ଆଣ୍ଟୋନି ପାସ୍ ଦେଇଥିବାବେଳେ ବଲ୍‌କୁ ନିୟନ୍ତ୍ରଣକୁ ଆଣି ଗୋଲ ସ୍କୋର କରିଥିଲେ ଟନ୍‌ଗି କୋସିନ୍ସ। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଜର୍ମାନୀ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ଡି' ଏରିଆ ମଧ୍ୟରେ ବେଲ୍‌ଜିୟମ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଦଣ୍ଡସ୍ୱରୂପ ଜର୍ମାନୀକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଟମ୍ ଗ୍ରାମ୍‌ବୁଶ୍ଟ ମାରିଥିବା ଶଟ୍ ଗୋଲପୋଷ୍ଟ ବାର୍‌ରେ ହିଟ୍ ହୋଇ ଫେରି ଆସିଥିଲା। ୨୮ତମ ମିନିଟ୍‌ରେ ଜର୍ମାନୀ ପାଇଥିବା ପେନାଲ୍ଟି କର୍ନର ମିସ୍ ହୋଇଥିଲା। ମାତ୍ର ଲଗାତର ଦ୍ୱିତୀୟ ପେନାଲ୍ଟି କର୍ନରରୁ ୨୯ତମ ମିନିଟ୍‌ରେ ଦଳକୁ ପ୍ରଥମ ସଫଳତା ମିଳିଥିଲା। ନିକ୍ଲାସ ୱେଲେନ ବଲ୍ ପୁଶ୍ କରିଥିଲେ। ଷ୍ଟପ୍ ହେବାପରେ ଲୁକାସ ୱିଣ୍ଡଫେଡର ବଲ୍‌କୁ ଡାଇରେକ୍ଟ ଶୁଟ୍ ନ କରି ଟମ୍ ଗ୍ରାମବୁଶ୍ଟଙ୍କ ନିକଟକୁ ପଠାଇଥିଲେ। ଗ୍ରାମବୁଶ୍ଟଙ୍କ ଶଟ୍ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ପ୍ରତିରୋଧ ହୋଇ ଫେରି ଆସୁଥିବାବେଳେ ବଲ୍‌କୁ ନିୟନ୍ତ୍ରଣକୁ ଆଣି ଗୋଲ ଦେଇଥିଲେ ୱେଲେନ। ଫଳରେ ପ୍ରଥମାର୍ଦ୍ଧ ଶେଷବେଳକୁ ବେଲଜିୟମର ଅଗ୍ରଣୀ ବ୍ୟବଧାନ ୨-୧ ରହିଥିଲା। ତୃତୀୟ କ୍ୱାର୍ଟରରେ ପ୍ରତ୍ୟାବର୍ତ୍ତନ କରିଥିଲା ଜର୍ମାନୀ। ୪୧ତମ ମିନିଟ୍‌ରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଏଥର ସିଧାସଳଖ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ ଡ୍ରାଗ୍ ଫ୍ଲିକ ସ୍ପେଶାଲିଷ୍ଟ ଗୋଞ୍ଜାଲୋ ପିଲାଟ। ଏହି ଗୋଲ ବଳରେ ମ୍ୟାଚ୍ ୨-୨ ସ୍ଥିତିକୁ ଚାଲିଆସିଥିଲା। ଫଳରେ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକ ଭାବେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୮ତମ ମିନିଟ୍‌ରେ ବେଲଜିୟମ ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ମ୍ୟାଟ୍ସ ଗ୍ରାମବୁଶ୍ଟ ସାଥୀ ଖେଳାଳି ଥିସ ପ୍ରିଞ୍ଜଙ୍କ ନିକଟକୁ ବଲ୍ ପାସ୍ ଦେଇଥିଲେ। ଆଗରେ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ସେ ପୁଣି ବଲ୍‌କୁ ମ୍ୟାଟ୍ସଙ୍କ ପାଖକୁ ପଠାଇ ଦେଇଥିଲେ। ଏହାର ଭରପୂର ସଦୁପଯୋଗ କରିଥିଲେ ମ୍ୟାଟ୍ସ। ସେ ବେଲ୍‌ଜିୟମ ଗୋଲ୍‌କିପର ଭିନ୍‌ସେଣ୍ଟ ଭାନାଶ୍ଟଙ୍କୁ ଚକ୍‌ମା ଦେଇ ଗୋଲ ସ୍କୋର କରିବା ସହ ମ୍ୟାଚ୍‌ରେ ପ୍ରଥମ ଥର ଜର୍ମାନୀକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷ ହେବା ପାଇଁ ଆଉ ୨ ମିନିଟ ଥିବାବେଳେ ଅର୍ଥାତ୍ ୫୮ତମ ମିନିଟ୍‌ରେ ବେଲଜିୟମକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଲୋଇକ୍ ଲୁଇପର୍ଟ ମାରିଥିବା ଶଟ୍ ସେଭ୍ ହୋଇ ଯାଇଥିଲା। ୫୯ତମ ମିନିଟରେ ଦଳ ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲା। ପ୍ରଥମଟି ମିସ୍ ହୋଇଥିବାବେଳେ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଟମ୍ ବୁନ୍ ମ୍ୟାଚ୍‌ରେ ରୋମାଞ୍ଚ ଖେଳାଇ ଦେଇଥିଲେ। ଫଳରେ ମ୍ୟାଚ୍ ୩-୩ ସ୍ଥିତିରେ ରହି ଶୁଟ୍‌ଆଉଟକୁ ଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରମଙ୍ଗଳ ଯୋଗଜନିତ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ସ୍ମରଣୀୟ ରହିବ। ଏହାସାଙ୍ଗକୁ ଅର୍ଥ, ସମ୍ମାନ, ଉପଢ଼ୌକନ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ଅବଶ୍ୟ ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁ ମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତ ମାନସିକ ସ୍ଥିତିକୁ ଋଦ୍ଧିମନ୍ତ କରିବ।

**ବୃଷ**
ଉଚ୍ଚସ୍ଥ ଚନ୍ଦ୍ର ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଗୌରବାନ୍ୱିତ ମନେକରିପାରନ୍ତି। ସାହାଯ୍ୟ ଆଶାରେ ସମ୍ପର୍କୀୟମାନେ ସହାୟତାର ହାତ ବଢ଼ାଇବେ। ସମସ୍ୟା ରହିଥିଲେ ମଧ୍ୟ କାମ ହାସଲ ପାଇଁ ପ୍ରତିବନ୍ଧକ ସାଜିବ ନାହିଁ। ଆଜି ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ଓ ଶତ୍ରୁଙ୍କୁ ପରାସ୍ତ କରିବାରେ ସହାୟକ ହେବେ।

**ମିଥୁନ**
ଭାଗ୍ୟ ସ୍ଥାନରେ ଶୁକ୍ର ଥିବାରୁ ଆଜି ପ୍ରତିଷ୍ଠା ଓ ପ୍ରଶଂସା ମଧ୍ୟରେ ନିଜକୁ ହଜାଇ ଦେଇପାରନ୍ତି। ସକାଳୁ କାହାର ଡାକରା ଆପଣଙ୍କୁ ଚଳଚଞ୍ଚଳ କରାଇପାରେ। ପାରିବାରିକ ସ୍ଥିତି ମନକୁ ବିଷାଦିତ କରିପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକତରଫା ହୋଇଯାଇପାରେ, ଯାହାକୁ ନେଇ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ**
ରାଶ୍ୟାଧିପ ଏକାଦଶସ୍ଥ ଯୋଗୁ ଅର୍ଥନୈତିକ ପ୍ରଗତି ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିବ। ଗୃହ କିମ୍ବା ଯାନବାହନ କ୍ରୟ କରିବା ଏବଂ ଶିଳ୍ପ, ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହେବ ନାହିଁ। ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କରେ ଚିନ୍ତାକରି ମନ ଉଦ୍‌ବିଗ୍ନ ରହିପାରେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ କାମ କରିପାରନ୍ତି।

**ସିଂହ**
ଶନିଙ୍କ ଦୃଷ୍ଟିରେ ଅର୍ଥହାନି, ପାରିବାରିକ ଝଗଡ଼ା, ପରିବହନରେ ସମସ୍ୟା ହୋଇପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସି ଓ ସଭାସମିତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କାର୍ଯ୍ୟ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଦୁଶ୍ଚିନ୍ତା ମଧ୍ୟ ରହିବ।

**କନ୍ୟା**
ସକାଳୁ ଆକସ୍ମିକ ଯାତ୍ରାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ନ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତ,ଏଣୁ ସତର୍କ ରହିବା ଭଲ। ଆତ୍ମୀୟଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ତୁଳା**
ବିଚାର ଅନୁସାରେ କାମ କରିବା ଭଲ, କିନ୍ତୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମିଜମା କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, କଳା, ସାହିତ୍ୟ, ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା**
କିଛି କାମରେ ସନ୍ତୋଷ ପାଇବା ସାଙ୍ଗକୁ କିଛି ବିରକ୍ତିକର ପରିସ୍ଥିତି ମଧ୍ୟ ସାମ୍‌ନାକୁ ଆସିବ। ଅଫିସ୍ କାମରେ, ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ବନ୍ଧୁଙ୍କ ପରାମର୍ଶରେ ପାରିବାରିକ ସମସ୍ୟା ସଜାଡ଼ିବାରେ ଯତ୍ନବାନ ହେବେ।

**ଧନୁ**
ପ୍ରତ୍ୟେକ କଥାକୁ ସକାରାତ୍ମକ ଦୃଷ୍ଟିରୁ ବିଚାରକଲେ ଉପକୃତ ହେବେ। ବିରକ୍ତିଭାବ ଦୂରେଇଯିବ, ଧୈର୍ଯ୍ୟ ବୃଦ୍ଧି ପାଇବ, ଯାହାକି ଆଜି ପାଇଁ ତାହାର ଆବଶ୍ୟକତା ରହିଛି। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁଙ୍କ ପରାମର୍ଶ ମାନିବା ଭଲ। କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହେବେ।

**ମକର**
ଆଜି ବିନୟର ସହ କହି ଯେକେହି ବ୍ୟକ୍ତି ଆପଣଠାରୁ କାମ ହାସଲକରି ନେଇପାରିବ। ବ୍ୟବସାୟିକ ଦିଗଟି ଭଲ ରହିଲେ ମଧ୍ୟ ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି କିନ୍ତୁ ବନ୍ଧୁ ସମ୍ପର୍କ ହାନି ଆଶଙ୍କାରେ ଚିନ୍ତିତ ରହିବେ।

**କୁମ୍ଭ**
ପ୍ରତିବନ୍ଧକ ଆଜି ଆପଣଙ୍କ କାମକୁ ଅଟକାଇ ରଖି ପାରିବ ନାହିଁ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ମଧ୍ୟ ପ୍ରଶଂସିତ ହୋଇପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ଆକସ୍ମିକ ଭାବରେ ଜଣେ ବନ୍ଧୁଙ୍କ ସହ ଦେଖା ହୋଇଯିବ, ଯେକି ଆଗାମୀ ସମୟରେ ଆପଣଙ୍କ କାମକୁ ଆସିବେ। ପଡ଼ୋଶୀଙ୍କ କଥାରେ ଚିହ୍ନା ପଡ଼ି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଭ୍ରମଣ, ରାଜନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ।

ଆଜି ମାଘ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର, ଜାନୁୟାରୀ ୩୦ ତାରିଖ, ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ, ସର୍ବୋଦୟ ଦିବସ, ରାଶିନକ୍ଷତ୍ର- କୃତ୍ତିକା/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ ପାଇଁ ଶୁଭ ଦିନ। ଦିବା ଘ.୦୬/୨୬ ଗତେ, ଘ.୦୭/୪୯ ମଧ୍ୟେ, ଘ.୧୦/୫୩ ଗତେ, ଘ.୦୧/୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୪୯ ଗତେ, ଘ.୦୯/୧୩ ମଧ୍ୟେ ରାହୁକାଳ।

# ଦୁଇ ଥର ଆପୋଲୋ ଯାଇଥିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ମିନତି ଦାସଙ୍କୁ ଆଶ୍ୱାସନା ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୨୯।୧ (ବ୍ୟୁରୋ)**

ବ୍ରଜରାଜନଗରରେ ଗୁଳିମାଡ଼ ପରେ ନବଙ୍କୁ ଏୟାରଲିଫ୍ଟ କରି ରାଜଧାନୀର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ତେବେ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ଣ ପ୍ରାୟ ୩ଟାରେ ସେଠାରେ ପହଞ୍ଚି ସାରିଥିଲେ। ସେ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କଠାରୁ ଆରମ୍ଭକରି ଅନ୍ୟ ଅଧିକାରୀମାନଙ୍କ ସହିତ ତାଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ ନବଙ୍କ ପୁଅଙ୍କୁ ଆଶ୍ୱାସନା ଦେବା ସହିତ ଧୈର୍ଯ୍ୟ ଧରିବାକୁ କହିଥିଲେ। ତେବେ ନବଙ୍କ ମୃତ୍ୟୁ ଖବର ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ପୁନଶ୍ଚ ସନ୍ଧ୍ୟାରେ ଆପୋଲୋ ହସ୍ପିଟାଲରେ ପହଞ୍ଚିଥିଲେ। ସେଠାରେ ନବଙ୍କ ସ୍ତ୍ରୀ ଓ ପରିବାର ବର୍ଗଙ୍କୁ ସେ ସମବେଦନା ଜଣାଇବା ବେଳେ କାନ୍ଦି ପକାଇଥିଲେ। ମୁଖ୍ୟମନ୍ତ୍ରୀ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ବିମାନବନ୍ଦରଠାରୁ ଆରମ୍ଭକରି ଘରୋଇ ଡାକ୍ତରଖାନା ସବୁଠି ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଭିଡ଼ ଜମିଥିଲା।

## ହିଂସା ଗ୍ରହଣୀୟ ନୁହେଁ



ଯେକୌଣସି ହିଂସା ଗ୍ରହଣୀୟ ନୁହେଁ। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ଉପରେ ହୋଇଥିବା ଗୁଳିମାଡ଼ ଘଟଣାକୁ ମୁଁ ନିନ୍ଦା କରୁଛି। ଏହାଦ୍ୱାରା ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ, ଏହା ପ୍ରମାଣିତ ହୋଇଛି। ଓଡ଼ିଶାରେ କୌଣସି ମନ୍ତ୍ରୀ ଉପରେ ଗୁଳିମାଡ଼ ଘଟଣା, ତାହା ପୁଣି ଜଣେ ପୋଲିସ ଗୁଳିମାଡ଼ କରିବା ନୂଆ କଥା। ଯେଉଁ ରାଜ୍ୟରେ ମନ୍ତ୍ରୀମାନେ ସୁରକ୍ଷିତ ନାହାନ୍ତି ସେ ରାଜ୍ୟରେ ସାଧାରଣ ଲୋକଙ୍କ କଥା କିଏ ପଚାରୁଛି। ରାଜ୍ୟରେ ଜଣେ ପୋଲିସ ଡିଜି ଅଛନ୍ତି ଏହା ଲୋକେ ଜାଣିନାହାନ୍ତି। ଯେହେତୁ ଗୃହ ବିଭାଗ ଦାୟିତ୍ୱରେ ଖୋଦ୍ ମୁଖ୍ୟମନ୍ତ୍ରୀ ଅଛନ୍ତି ତେଣୁ ସେ ଉତ୍ତରଦାୟୀ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିର୍ବାଚନ ଜିତିବାରେ ଇତିହାସ ସୃଷ୍ଟି କରିଥିଲେ ବି ଗୁଣ୍ଡାଶ୍ରେଣୀୟ ଲୋକଙ୍କୁ ନିଯୁକ୍ତ କରୁଛନ୍ତି ନିର୍ବାଚନ ଜିତିବା ପାଇଁ। ଏପରି କି ସେମାନଙ୍କୁ ମନ୍ତ୍ରୀ ପଦ ବି ଦେଉଛନ୍ତି। ଅତଏବ ମନ୍ତ୍ରୀଙ୍କ ଉପରକୁ ଗୁଳି କରିବାରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। ଯେହେତୁ ମୁଖ୍ୟମନ୍ତ୍ରୀ ଦାୟୀ, ତେଣୁ ସେ ତାଙ୍କ ବିବେକକୁ ପଚରାନ୍ତୁ ପରବର୍ତ୍ତୀ ସମୟରେ ସେ କ'ଣ ପଦକ୍ଷେପ ନେବେ। ଯଦି ସତ୍ୟ ଲୋକଲୋଚନକୁ ଆସିବ ନାହିଁ ତେବେ ଓଡ଼ିଶାର ଭବିଷ୍ୟତ ଅନ୍ଧକାରମୟ। ମନ୍ତ୍ରୀ ଦାସଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି।

**– ନରସିଂହ ମିଶ୍ର, ବିଧାୟକ, ବଲାଙ୍ଗୀର**

## ପୋଲିସ ହାତରେ ହତ୍ୟା କରାଇ ପାଗଳ କହୁଛନ୍ତି



ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଝାରସୁଗୁଡା ବିଧାୟକ ନବ କିଶୋର ଦାସଙ୍କୁ ଜଣେ ପୋଲିସ କର୍ମଚାରୀ ସର୍ଭିସ ବନ୍ଧୁକରେ ଗୁଳି କରି ସର୍ବସମ୍ମୁଖରେ ହତ୍ୟା କରିଛନ୍ତି। ଏହା ଦୁଃଖଦ ଘଟଣା। ଏହି ଘଟଣାରେ ବ୍ୟକ୍ତିଗତ ଭାବେ ଶୋକବ୍ୟକ୍ତ କରିବା ସହ ପରିବାରକୁ ସମବେଦନା ଜଣାଉଛି। ଅନ୍ୟପକ୍ଷେ ରାଜ୍ୟ ସରକାର ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଇ ପାରୁ ନ ଥିବାବେଳେ ଜନସାଧାରଣଙ୍କୁ କିଭଳି ସୁରକ୍ଷା ଦେବେ। ଜଣେ ପୋଲିସେ କର୍ମଚାରୀଙ୍କୁ ନିୟୋଜିତ କରି ଯୋଜନା ବଦ୍ଧ ଭାବେ ମନ୍ତ୍ରୀଙ୍କୁ ହତ୍ୟା କରାଯାଇଛି। ଏବେ ଗୁଳି କରିଥିବା ପୋଲିସକୁ ପାଗଳ କହିବା ଓ ପ୍ରମାଣ କରିବାରେ ସମସ୍ତେ ପୂରାଦମ୍‌ରେ ଲାଗିପଡ଼ିଛନ୍ତି। ଯଦି ପୋଲିସ ପୂର୍ବରୁ ପାଗଳ ଥାଇ ମେଡିସିନ ଖାଉଥିଲେ ତାହା ହେଲେ ତାଙ୍କୁ ସର୍ଭିସ ବନ୍ଧୁକ ଦେଲା କିଏ। କିଭଳି ଭାବେ କାମ କରିବାକୁ ତାଙ୍କୁ ଅନୁମତି ଦିଆଯାଇଥିଲା। ପୋଲିସକୁ ପାଗଳ କହି ଯୋଜନାବଦ୍ଧ ଷଡଯନ୍ତ୍ର କରି ହତ୍ୟାକୁ ସରକାର ଚପାଇ ଦେବାକୁ ଉଦ୍ୟମ କରୁଛନ୍ତି। ଏଥିରେ ବଡ ବଡ ମୁଣ୍ଡଙ୍କ ସମ୍ପୃକ୍ତି ରହିଛି। ମୁଖ୍ୟମନ୍ତ୍ରୀ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଯାହା ରାଜ୍ୟ ସରକାର ଅଧୀନରେ କାମ କରେ। ଯେଉଁ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି ସେ ବିଜେଡି କର୍ମୀମାନଙ୍କ ଭଳି କାମ କରନ୍ତି। ପୂର୍ବରୁ ଅନେକ ଉଦାହରଣ ରହିଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ। ନିଶ୍ଚିତ ଭାବେ ସବୁ ସତ୍ୟାସତ୍ୟ ସାମ୍ନାକୁ ଆସିଯିବ ଏବଂ ବଡ ମୁଣ୍ଡ ଗିରଫ ହେବେ।

**– ଜୟନାରାୟଣ ମିଶ୍ର, ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ**



## ମୁଖ୍ୟମନ୍ତ୍ରୀ ଉତ୍ତରଦାୟିତ୍ୱ ନିଅନ୍ତୁ

ପୋଲିସ ଅଧିକାରୀଙ୍କ ଗୁଳିରେ ଜଣେ ମନ୍ତ୍ରୀଙ୍କ ମୃତ୍ୟୁ ଘଟିବା ଓଡ଼ିଶାରେ ପ୍ରଥମ। ଏପରି ଉନ୍ମତ୍ତ କାଣ୍ଡ ଯେତିକି ଦୁଃଖଦାୟକ, ସେତିକି ଚିନ୍ତାଜନକ। ଏହି ଅଭାବନୀୟ ଘଟଣାର ତଦନ୍ତ କାର୍ଯ୍ୟ ସରକାର ଅବିଳମ୍ବେ ଶେଷ କରନ୍ତୁ ଏବଂ ତଦନ୍ତ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରନ୍ତୁ। ଏଥିସହ ଗୃହ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ଉତ୍ତରଦାୟିତ୍ୱ ନିଅନ୍ତୁ।

**- ଶରତ ପଟ୍ଟନାୟକ, ପିସିସି ସଭାପତି**

## ଲୋକପ୍ରିୟ, ଦକ୍ଷ ରାଜନେତା ଥିଲେ

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହେବା ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଜଣେ ଲୋକପ୍ରିୟ ଜନପ୍ରତିନିଧି ତଥା ଦକ୍ଷ ରାଜନେତା ଭାବେ ନବ ଦାସଙ୍କ କାର୍ଯ୍ୟ ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

**- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**



# ଛାତ୍ର ଜୀବନରୁ ରାଜନୀତି



ପଶ୍ଚିମ ଓଡ଼ିଶାର ଅନ୍ୟତମ ଟାଣୁଆ ନେତା ଭାବେ ପରିଚିତ ଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ (ନବ ଦାସ)। ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତଥା ବର୍ତ୍ତମାନର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ରାସନପୁର ମିର୍ଗାମୁଣ୍ଡାରେ ନବ ଦାସଙ୍କ ପୈତୃକ ଘର। କିନ୍ତୁ ସେମାନେ ସହରର ମୋଦିପଡ଼ାରେ ଏବେ ଘରକରି ରହୁଛନ୍ତି। ବାପା ନରସିଂହ ଦାସ ଓ ବିଷ୍ଣୁପ୍ରିୟାଙ୍କ ପୁଅ ନବକିଶୋର ୧୯୬୨ ଜାନୁୟାରୀ ୭ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ୫ ଭଉଣୀଭାଇ ଥିଲେ। ବାପା କାଠ ବ୍ୟବସାୟ ସହିତ ଅନ୍ୟ ବ୍ୟବସାୟ କରି ପରିବାର ପୋଷଣ କରୁଥିଲେ। ପିଲା ଦିନରୁ ନବଙ୍କଠାରେ ନେତୃତ୍ୱ ନେବାର ଦକ୍ଷତା ଦେଖିବାକୁ ମିଳିଥିଲା। ଛାତ୍ର ରାଜନୀତିରେ ତାଙ୍କର ସକ୍ରିୟ ଭୂମିକା ରହିଥିଲା। ପ୍ରଥମେ ୧୯୭୮ରେ ଅଲଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନର ସଦସ୍ୟ ଭାବେ ଯୋଗ ଦେଇଥିଲେ। ୧୯୮୦ରେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ଦଳକୁ ମଜଭୁତ କରିବାରେ ଯୁବନେତା ଭାବେ ପରିଚିତ ହୋଇଥିଲେ। ଛାତ୍ର ରାଜନୀତିରେ ଜଡିତ ହୋଇ ନିର୍ବାଚନରେ ପ୍ରତ୍ୟକ୍ଷ ସମ୍ପୃକ୍ତି ରହୁଥିଲା। ଗଙ୍ଗାଧର ମେହେର କଲେଜ (ବର୍ତ୍ତମାନର ବିଶ୍ୱବିଦ୍ୟାଳୟ) ସହିତ ଆଖପାଖ କଲେଜରେ ନିର୍ବାଚନରେ ନେତୃତ୍ୱ ନେଉଥିଲେ। ପାଠପଢ଼ା ପରେ ସେ ଝାରସୁଗୁଡ଼ାରେ ଅବସ୍ଥାପିତ ହୋଇଥିବାବେଳେ ବ୍ୟବସାୟ ଓ ଆଇନ ପେସା ସାଙ୍ଗକୁ ରାଜନୀତିରେ ନିଜକୁ ଜଡ଼ିତ ରଖିଥିଲେ। କଂଗ୍ରେସରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବା ନବ ଦାସ ପ୍ରଥମ କରି ୨୦୦୪ ବିଧାନସଭା ନିର୍ବାଚନରେ ଝାରସୁଗଡ଼ାରୁ ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ବିଜେଡି ନେତା କିଶୋର ମହାନ୍ତିଙ୍କୁ ହାରି ଯାଇଥିଲେ। ପରବର୍ତ୍ତୀ ବିଧାନସଭା ନିର୍ବାଚନ ଅର୍ଥାତ୍ ୨୦୦୯, ୨୦୧୪ ଏବଂ ୨୦୧୯ରେ ସେ ଝାରସୁଗୁଡ଼ାରୁ ଲଗାତର ବିଜୟୀ ହୋଇଥିଲେ।

## ୩ ଥର ବିଧାୟକ

ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ନବ ଦାସ କଂଗ୍ରେସ ଟିକେଟ୍‌ରେ ୨୦୦୯ ଏବଂ ୨୦୧୪ରେ ବିଜୟୀ ହୋଇଥିଲେ। ୨୦୧୯ରେ ସାଧାରଣ ନିର୍ବାଚନ ପୂର୍ବରୁ ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିଲେ। ସେହିବର୍ଷ ବିଜେଡି ଟିକେଟ୍‌ରେ ବିଜୟୀ ହେବା ପରେ ନବୀନ ପଟ୍ଟନାୟକଙ୍କ ସରକାରରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି।

## ପିସିସି କାର୍ଯ୍ୟକାରୀ ସଭାପତି

୨୦୧୯ ଜାନୁୟାରୀ ୧୬ରେ ନବ ଦାସ କଂଗ୍ରେସରୁ ଇସ୍ତଫା ଦେବା ପରେ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। କାରଣ ସେ ବିଧାୟକ ଭାବେ ଜିତିବା ପରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି)ର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ।

## ଧନୀ ମନ୍ତ୍ରୀ

ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଗତବର୍ଷ ସରକାରଙ୍କୁ ଦେଇଥିବା ବିବରଣୀ ଅନୁଯାୟୀ ତାଙ୍କ ସମ୍ପତ୍ତିର ମୂଲ୍ୟ ହେଉଛି ୩୪ କୋଟି। ତଦନୁଯାୟୀ ସେ ଓଡ଼ିଶାର ଧନୀ ମନ୍ତ୍ରୀ ଭାବେ ଗଣାଯାଉଛନ୍ତି। ଶିଳାଞ୍ଚଳ ସହର ଝାରସୁଗୁଡ଼ାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ଦାସ ଜଣେ ବିଶିଷ୍ଟ ବ୍ୟବସାୟୀ ଭାବେ ପରିଚିତ। ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଜିଲାରେ ଖଣିଜ ପରିବହନ ହେଉଛି ତାଙ୍କର ମୁଖ୍ୟ ବ୍ୟବସାୟ। ଝାରସୁଗୁଡ଼ା, ଭୁବନେଶ୍ୱର, ରେଢ଼ାଖୋଲ ସମେତ ନୂଆଦିଲ୍ଲୀ ଏବଂ କୋଲାକାତାରେ ତାଙ୍କର ଆବାସିକ ସମ୍ପତ୍ତି ରହିଛି। ପୁଅ ବିଶାଲ ଦାସ ପରିବାର ବ୍ୟବସାୟ ସମ୍ଭାଳୁ ଥିବାବେଳେ ଝିଅ ଦୀପାଳି ପ୍ରାୟତଃ ମନ୍ତ୍ରୀ ଦାସଙ୍କ ସହ ରାଜନୈତିକ କ୍ଷେତ୍ରରେ ଦେଖିବାକୁ ମିଳିଥାନ୍ତି। ଧର୍ମପତ୍ନୀ ମିନତି ଦାସ ମଧ୍ୟ ବ୍ୟବସାୟରେ ସହଯୋଗ କରୁଛନ୍ତି।

## ଏମ୍‌ଏ ଏଲ୍‌ଏଲ୍‌ବି, ୭୦ ଗାଡ଼ି, ୩ ବନ୍ଧୁକ

ମନ୍ତ୍ରୀ ଦାସଙ୍କ ଶିକ୍ଷାଗତ ଯୋଗ୍ୟତା ହେଉଛି ଏମ୍‌ଏ, ଏଲ୍‌ଏଲ୍‌ବି। ତାଙ୍କର ପ୍ରାୟ ୧୫ କୋଟି ଟଙ୍କାର ୭୦ଟି ଗାଡ଼ି ରହିଛି। ସେଥିମଧ୍ୟରେ ଗୋଟିଏ ମର୍ସିଡିଜ୍ ବେଞ୍ଜ ରହିଛି, ଯାହାର ବର୍ତ୍ତମାନର ମୂଲ୍ୟ ୧.୧୪ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ତାଙ୍କ ନିକଟରେ ୩ ବନ୍ଧୁକ ରହିଛି। ସେଥିମଧ୍ୟରେ ଗୋଟିଏ ଲେଖାଏ ଡବଲ ବାରେଲ୍ ଗନ୍, ରାଇଫଲ୍ ଏବଂ ରିଭଲଭର ରହିଛି।

## ଶନି ମନ୍ଦିରରେ ଦାନକୁ ନେଇ ଚର୍ଚ୍ଚାରେ ଥିଲେ

ମହାରାଷ୍ଟ୍ରର ଶନି ସିଗ୍ନାପୁର ମନ୍ଦିରରେ ୧.୭ କେଜିର ସୁନା କଳସ ଦାନ କରିବା ନେଇ ମନ୍ତ୍ରୀ ଦାସ ନିକଟରେ ଚର୍ଚ୍ଚାକୁ ଆସିଥିଲେ। ଉକ୍ତ କଳସର ମୂଲ୍ୟ ୧ କୋଟି ଟଙ୍କା ହେବ ବୋଲି ଚର୍ଚ୍ଚା ହୋଇଥିଲା। କିନ୍ତୁ ମନ୍ତ୍ରୀ ଉକ୍ତ କଳସର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତରରେ କହିଥିଲେ।

## ଗୁଳିମାଡ଼ରେ ବିଜେଡି କର୍ମୀ ଆହତ

ବ୍ରଜରାଜନଗର ଗାନ୍ଧୀଛକରେ ପୋଲିସ୍ ଅଧିକାରୀଙ୍କ ଗୁଳିମାଡ଼ରେ ଜଣେ ବିଜେଡି କର୍ମୀ ଆହତ ହୋଇଛନ୍ତି। ତାଙ୍କ ବେକରେ କ୍ଷତଚିହ୍ନ ହୋଇଛି। ଆହତ କର୍ମୀ ଜଣଙ୍କ ହେଲେ ବ୍ରଜରାଜନଗର କାଳୀନଗରର ଜୀବନ ନାୟକ। ତାଙ୍କୁ ଆହତ ଅବସ୍ଥାରେ ବୁର୍ଲା ବଡ଼ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିରଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

## ଏୟାରଲିଫ୍ଟ ପରେ ଗ୍ରୀନ୍ କରିଡରରେ ଆପୋଲୋ ନିଆଯାଇଥିଲା

ଝାରସୁଗୁଡ଼ାରେ ପ୍ରାଥମିକ ଚିକିତ୍ସା ପରେ ଗୁଳିମାଡ଼ରେ ଗୁରୁତର ଆହତ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଅଣାଯାଇଥିଲା। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ତୁରନ୍ତ ଗ୍ରୀନ୍ କରିଡରରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆପୋଲୋ ହସ୍ପିଟାଲକୁ କଡା ସୁରକ୍ଷା ଭିତରେ ନିଆଯାଇଥିଲା। ଏଥିପାଇଁ ୨ଟି ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ଗୋଟିଏ ଆମ୍ବୁଲାନ୍ସରେ ମନ୍ତ୍ରୀ ଦାସ ଥିବାବେଳେ ଅନ୍ୟଟିରେ ଡାକ୍ତରୀ ଟିମ୍ ଥିଲେ। କମିଶନରେଟ ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନେବାକୁ ଗ୍ରୀନ କରିଡର କରାଯିବା ସହ ସମସ୍ତ ବ୍ୟବସ୍ଥା କରାଯାଇଥିଲ। ଏୟାରପୋର୍ଟରୁ ଆପୋଲୋ ହସ୍ପିଟାଲ ପର୍ଯ୍ୟନ୍ତ ରାସ୍ତା ଖାଲି କରାଯିବା ସହ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ହସ୍ପିଟାଲରେ ସୁରକ୍ଷିତ ଭାବେ ପହଞ୍ଚିବା ପରେ ତୁରନ୍ତ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ତେବେ ଏହି ସମୟରେ ଲୋକଙ୍କ ଗହଳିକୁ ନଜର ରଖି ସେଠାରେ ୨ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପୋଲିସ କର୍ମଚାରୀ ଉପସ୍ଥିତ ରହି ସୁରକ୍ଷିତ ବାଟ କଢ଼ାଇ ନେଇଥିଲେ।



## ଏଏସ୍‌ଆଇ ଗୋପାଳଙ୍କ ଘର ବ୍ରହ୍ମପୁର



ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ

**ଝାରସୁଗୁଡ଼ା ଅଫିସ୍,୨୯।୧:** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ନିଜ ରିଭଲଭର୍‌ରୁ ଗୁଳିମାରିଥିବା ପୋଲିସ୍ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କ ଘର ବ୍ରହ୍ମପୁର ହୋଇଥିବାବେଳେ ସେ କନଷ୍ଟେବଳ ଭାବେ ପ୍ରଥମେ ନିଯୁକ୍ତି ପାଇଥିଲେ। ତା' ପରେ ପଦୋନ୍ନତି ପାଇ ସେ ଏଏସ୍‌ଆଇ ହୋଇଥିଲେ। ଏହି ପଦୋନ୍ନତି ପରେ ସେ ଝାରସୁଗୁଡ଼ା ଜିଲାରେ ଯୋଗଦାନ କରିଥିଲେ। ସେ ଏବେ ବ୍ରଜରାଜନଗର ଥାନା ଅଧିନ ଗାନ୍ଧୀଛକ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ଏହା ପୂର୍ବରୁ ସେ ବନହରପାଲି ଥାନା, ବେଲ୍‌ପାହାଡ ଥାନା ଆଦିରେ କାର୍ଯ୍ୟ କରିଥିବା ଜଣାପଡିଛି। ସେ ଜଣେ ପୋଲିସ୍ ଏଏସ୍‌ଆଇ ହୋଇ ଜଣେ ମନ୍ତ୍ରୀଙ୍କ ଉପରକୁ କାହିଁକି ଅତର୍କିତ ଗୁଳିଚଳାଇଲେ ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୁକ୍ତ ଦାସଙ୍କୁ ଅଟକରଖି ପୋଲିସ୍ ପଚରାଉଚରା ଚଳାଇଛି।

### ଅଭିଯୁକ୍ତ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଥିଲେ: ଫାଣ୍ଡି ଅଧିକାରୀ

ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ ଗାନ୍ଧୀଛକ ଫାଣ୍ଡିରେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟ ସମ୍ପର୍କରେ ଫାଣ୍ଡି ଅଧିକାରୀ ଶଶୀଭୂଷଣ ପୋଢ କହିଛନ୍ତି, ସେ ଗତ ୨୦୨୦ରୁ ଏଠାରେ କାର୍ଯ୍ୟରତ ଅଛନ୍ତି। ସେ ତାଙ୍କର ଡ୍ୟୁଟି ସ୍ୱାଭାବିକ ଭାବେ କରୁଥିଲେ। କୌଣସି ଅସ୍ୱାଭାବିକ ପରିସ୍ଥିତି କେବେ ଦେଖିବାକୁ ମିଳିନାହିଁ ବୋଲି ସେ କହିଛନ୍ତି।

### ୪ ମାସ ହେଲା ଚିକିତ୍ସା ପାଇଁ ଛୁଟି ମିଳୁ ନ ଥିଲା: ସ୍ତ୍ରୀ



ଜୟନ୍ତୀ ଦାସ

**ବ୍ରହ୍ମପୁର ଅଫିସ,୨୯।୧:** ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ ଦୀର୍ଘବର୍ଷ ହେଲା ମାନସିକ ରୋଗ ଔଷଧ ଖାଉଥିଲେ ବୋଲି ସ୍ତ୍ରୀ ଜୟନ୍ତୀ ଦାସ କହିଛନ୍ତି। ଔଷଧ ଖାଇଲେ ଭଲ ରହୁଥିଲେ। କିଛିଦିନ ପରେ ପୁଣି ଅସୁସ୍ଥ ହୋଇପଡୁଥିଲେ। କିଛିମାସ ତଳେ ଅସୁସ୍ଥ ଥିବା ଜାଣି ଆମେ ଛୁଟି ପାଇଁ ଆବେଦନ କରିଥିଲୁ, କିନ୍ତୁ ଉପରିସ୍ଥ ଅଧିକାରୀମାନେ ୪ମାସ ହେଲା ଛୁଟି ଦେଇ ନ ଥିଲେ। ଯେତେବେଳେ ମାନସିକ ରୋଗ ବାହାରୁଥିଲା ସେତେବେଳେ ତାଙ୍କ କଥାବାର୍ତ୍ତା ଅସ୍ୱାଭାବିକ ରହୁଥିଲା। ଗୋପାଳ ବ୍ରହ୍ମପୁର ତହସିଲ ଅଫିସ ସମ୍ମୁଖ ଦି'ମାଇଣ୍ଡ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ ବୋଲି ତାଙ୍କ ସ୍ତ୍ରୀ କହିଛନ୍ତି। କୋଭିଡ୍ ସଂକ୍ରମଣ ପରେ ଆଉ ଡାକ୍ତରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ଅନ୍ୟପକ୍ଷରେ ଗୁଳିକାଣ୍ଡର ଘଣ୍ଟାଏ ପୂର୍ବରୁ ସେ ଭିଡିଓ କଲ୍‌ରେ କଥା ହୋଇଛନ୍ତି ବୋଲି ସ୍ତ୍ରୀ ସୂଚନା ଦେଇଥିଲେ।

### ଗୋପାଳ ବାଇପୁଲାର ଡିଜ୍‌ଅର୍ଡର ରୋଗୀ ଥିଲେ: ଡାକ୍ତର



ଡା. ଚନ୍ଦ୍ର ଶେଖର ତ୍ରିପାଠୀ

ଚିକିତ୍ସା କରୁଥିବା ମାନସିକ ରୋଗ ବିଶେଷଜ୍ଞ ଡା. ଚନ୍ଦ୍ର ଶେଖର ତ୍ରିପାଠୀ କହିଛନ୍ତି, ଗୋପାଳ ବାଇପୁଲାର ଡିଜ୍‌ଅର୍ଡର (ମନର ଉନ୍ମାଦ) ରୋଗରେ ଆକ୍ରାନ୍ତ ଥିଲେ। ୫ବର୍ଷ ତଳେ ସେ ନିୟମିତ ଆସୁଥିଲେ। କିନ୍ତୁ ଦୀର୍ଘବର୍ଷ ହେଲା ସେ ଆସିନାହାନ୍ତି। ଏହି ରୋଗ ହେଲେ ସାଧାରଣତଃ ଉତ୍ପାତ ହେବେ, ରାଗିବେ, ଶୋଇବେ ନାହିଁ ଏବଂ ହିଂସାପ୍ରବଣ ହେବେ ବୋଲି ଡା. ତ୍ରିପାଠୀ କହିଛନ୍ତି। ଯଦିଓ କେତେବେଳେ ଆସିଛନ୍ତି, ତେବେ ଔଷଧ ସମ୍ପର୍କରେ ପଚାରିବାକୁ ଆସିଥାଇପାରନ୍ତି। ବର୍ଷେ ତଳେ ଆସିଥିଲେ, ସେତେବେଳେ ମାନସିକ ସ୍ଥିତି ଠିକ୍ ଥିଲା ବୋଲି ଡା. ତ୍ରିପାଠୀ କହିଛନ୍ତି।

# ତଦନ୍ତଭାର ନେଲା କ୍ରାଇମବ୍ରାଞ୍ଚ

## ସ୍ୱତନ୍ତ୍ର ଟିମ୍ ସହ ତଦନ୍ତ ଆରମ୍ଭ କଲେ କ୍ରାଇମ୍‌ବ୍ରାଞ୍ଚ ଏଡିଜି

**ଭୁବନେଶ୍ୱର,୨୯।୧(ବ୍ୟୁରୋ):** ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଛି। କ୍ରାଇମ୍‌ବ୍ରାଞ୍ଚ ଝାରସୁଗୁଡ଼ା ବ୍ରଜରାଜନଗର ଥାନାରେ ହୋଇଥିବା ମାମଲା (ନଂ.୩୪/୨୩)କୁ ନିଜ ଅଧୀନକୁ ନେବା ସହ ଆର୍ମ୍ସ ଆକ୍ଟ ଓ ବିଭିନ୍ନ ଦଫାରେ ମାମଲା (ନଂ.୨/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିପାଇଁ ଡିଏସ୍‌ପି ରମେଶ ଚନ୍ଦ୍ର ଡୋରାଙ୍କ ନେତୃତ୍ୱରେ ୭ଜଣ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ସାଇବର ଏକ୍ସପର୍ଟ, ବାଲିଷ୍ଟିକ୍(ଗୋଇନ୍ଦା) ଏକ୍ସପର୍ଟ ଓ କ୍ରାଇମବ୍ରାଞ୍ଚର ଦକ୍ଷ ଅଧିକାରୀମାନେ ରହିଛନ୍ତି। ଏହାର ସମ୍ପୂର୍ଣ୍ଣ ତଦାରଖ ଦାୟିତ୍ୱରେ ଅଛନ୍ତି କ୍ରାଇମ୍‌ବ୍ରାଞ୍ଚ ଏଡିଜି ଅରୁଣ କୁମାର ବୋଥ୍ରା। ତେବେ ଏଡିଜି ବୋଥ୍ରା ପ୍ରଥମେ ଅପରାହ୍ଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଚିକିତ୍ସିତ ହେଉଥିବା ଆପୋଲୋ ହସ୍ପିଟାଲରେ ପହଞ୍ଚି ତଦନ୍ତ କରିବା ପରେ ଟିମ୍ ସହ ସ୍ୱତନ୍ତ୍ର ବିମାନ ଯୋଗେ ଝାରସୁଗୁଡା ଯାଇଥିଲେ। ବ୍ରଜରାଜନଗରର ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବିଭିନ୍ନ ଦିଗକୁ ନେଇ ଟିମ୍ ତଦନ୍ତ ଚଳାଇଥିବା ସୂଚନା ମିଳିଛି।





ଆପୋଲୋ ହସ୍ପିଟାଲ ପରିସରରେ ନେତା, ପ୍ରଶାସକ ଓ ମନ୍ତ୍ରୀ ନବ ଦାସଙ୍କ ସମ୍ପର୍କୀୟମାନେ।





ଆପୋଲୋ ହସ୍ପିଟାଲ ଅଭିମୁଖେ ଯାଉଥିବା ନେତା ଓ ମନ୍ତ୍ରୀଙ୍କ ଗାଡ଼ି।



ହସ୍ପିଟାଲ ମେନ୍ ଗେଟ୍ ସମ୍ମୁଖରେ ଭିଡ଼।

ଫଟୋ: ମନୋରଞ୍ଜନ

ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା। ... ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି। -ଶ୍ରୀମା

# ସ୍ୱଳ୍ପ ଅବଧି

କୁହାଯାଉଥିଲା ଯେ କଂଗ୍ରେସର ଭୁଲ ପଦକ୍ଷେପ ଯୋଗୁ ନିଜ ଲୋକଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦିଆଯିବାରୁ ବ୍ୟାଙ୍କଗୁଡ଼ିକର ବିଫଳତା ଦେଖାଦେଇଥିଲା। ଏହି ବିଷୟ ମଧ୍ୟ ବାରମ୍ବାର ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ କହୁଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ଲୋକେ ଭାବିଲେ ପୂର୍ବ କଂଗ୍ରେସ ସରକାର ଅମଳରେ ଏଭଳି ଭାବେ ଜନସାଧାରଣଙ୍କ ଅର୍ଥକୁ ଚୋରି କରି ନିଆଯାଇଛି। ତେବେ ଗରିବ, ଖଟିଖିଆଙ୍କ ଆର୍ଥିକ ଭବିଷ୍ୟତ ସହିତ ଆଜିର ସରକାର କେବେହେଲେ ଖେଳିବାକୁ ଦେବେ ନାହିଁ ବୋଲି ମୋଦି ଲୋକଙ୍କୁ ଆଶ୍ୱାସନା ଦେଇଥିଲେ। ହେଲେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ମନ୍ତବ୍ୟ ଦେଇ ଆସୁଛନ୍ତି। ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀର ଅଭୂତପୂର୍ବ ମୂଲ୍ୟବୃଦ୍ଧି ସତ୍ତ୍ୱେ ଭାରତୀୟମାନେ ସହନଶୀଳତା ପ୍ରଦର୍ଶନ କରି ମୋଦିଙ୍କ ଭାଷଣ ଉପରେ ସର୍ବଦା ବିଶ୍ୱାସ କରି ରହିଲେ। ଅସଲ ଚିତ୍ର ପଦାକୁ ଆସିବା ପରେ ବର୍ତ୍ତମାନ ସରକାରଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତଥ୍ୟ ପ୍ରକାଶ ପାଇବାରେ ଲାଗିଲାଣି।

ନିକଟରେ ଆମେରିକାର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିବା ପରେ ଭାରତୀୟ ପୁଞ୍ଜିବଜାର ଦୋହଲିଯାଇଛି। ନିଜ ଷ୍ଟକ୍ ଓ ଆକାଉଣ୍ଟସରେ ଦୀର୍ଘବର୍ଷ ଧରି ଆଦାନୀ ଗ୍ରୁପ୍ ବ୍ୟାପକ ହେରଫେର କରିଥିବା ବିଷୟ ପ୍ରଘଟ ହେବା ପରେ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ଥିବା ଗୌତମ ଆଦାନୀ ଏବେ ୭ମ ସ୍ଥାନକୁ ଖସି ଯାଇଛନ୍ତି। ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀ ଜାଣିଶୁଣି ଷ୍ଟକ୍ ମୂଲ୍ୟରେ ବୃଦ୍ଧି ଘଟାଇ ଗତ ୩ ବର୍ଷ ମଧ୍ୟରେ ୧୨୦ ବିଲିୟନ ଡଲାର ଠୁଳ କରିଛନ୍ତି। ଏହା ଏକ ବିରାଟକାୟ ଆର୍ଥିକ ଠକାମି। ପୁଞ୍ଜିବଜାରରେ ତାଲିକାଭୁକ୍ତ ହୋଇଥିବା ଆଦାନୀ ଗ୍ରୁପର ୭ ମୁଖ୍ୟ କମ୍ପାନୀ ଏହି ଅବଧି ମଧ୍ୟରେ ହାରାହାରି ୮୧୯ ପ୍ରତିଶତ ଉପରକୁ ଉଠିଥିବା କଥା ହିଣ୍ଡେନ୍‌ବର୍ଗ ତା' ରିପୋର୍ଟରେ ଦର୍ଶାଇବାରୁ ଭାରତବାସୀ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ହିଣ୍ଡେନ୍‌ବର୍ଗ ରିପୋର୍ଟକୁ ଆଦାନୀ ଗ୍ରୁପ୍ ସିଏଫଓ ଯୁଗେଶିନ୍ଦର (ରୋବି) ସିଂ ଖଣ୍ଡନ କରିବା ଅବସରରେ ତାଙ୍କ ପଛରେ ଭାରତର ଜାତୀୟ ପତାକା ଟଙ୍ଗା ଯାଇଥିବା ଲୋକଙ୍କୁ ମିଳିଛି। ଏଥିରୁ ଧାରଣା ସୃଷ୍ଟି କରାଯିବାର ଉଦ୍ୟମ ହୋଇଥିବାର ମନେହେଉଛି ଯେ ଆଦାନୀ ବ୍ୟବସାୟକୁ ସମଗ୍ର ଭାରତବର୍ଷ ଏକ ଦେଶ ଭାବେ ସମର୍ଥନ କରୁଛି ଆଦାନୀ ବିରୋଧରେ କହିବାର ଅର୍ଥ ହେଉଛି ଭାରତକୁ ବିରୋଧ କରିବା। ଏହି ଭ୍ରାନ୍ତ ଧାରଣା ସୃଷ୍ଟି କରିବାର ଉଦ୍ୟମ ଦେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହିଭଳି ଭାବେ ଆସ୍ପର୍ଦ୍ଧା ପ୍ରଦର୍ଶନ କରିବାର ମାନେ ହେଉଛି କେନ୍ଦ୍ର ସରକାର ଏହି କେତୋଟି ଘରୋଇ ଶିଳ୍ପପତିଙ୍କୁ ଅଯଥା ସମର୍ଥନ କରୁଛନ୍ତି। ଏହାକୁ ଅଯଥା ଏଇଥିପାଇଁ କୁହାଯାଉଛି, କାରଣ ଆଦାନୀ ଗ୍ରୁପ୍ ଏକ ଘରୋଇ କମ୍ପାନୀ ଏବଂ ଦେଶର ଭବିଷ୍ୟତ ସେହି ସଂସ୍ଥା ସହିତ ବନ୍ଧା ନୁହେଁ। ଅନ୍ୟପଟେ ଏହା ଅଯଥା କୁହାଯାଉଥିବାର କାରଣ ହେଉଛି, କାରଣ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଓ ଜୀବନ ବୀମା ନିଗମ (ଏଲ୍‌ଆଇସି) ଭଳି ଅନେକ ସରକାରୀ ସଂସ୍ଥାଠାରୁ ପ୍ରଭୂତ ପରିମାଣର ଅର୍ଥ ଆଦାନୀ ଉଠାଇ ନେଇଛନ୍ତି, ଯାହାର କୁଫଳ ଦେଶ ଉପରେ ପଡ଼ିବା ସ୍ୱାଭାବିକ। ଗତ ଦୁଇ ଦିନ ମଧ୍ୟରେ ଏଲ୍‌ଆଇସି ଓ ଏସ୍‌ବିଆଇର ୭୮,୦୦୦ କୋଟି ଟଙ୍କା କ୍ଷତି ହୋଇସାରିଲାଣି। ସରକାରୀ ବ୍ୟବସ୍ଥା ସହିତ ଜଡ଼ିତ ବ୍ୟକ୍ତି ଫୋପାଡ଼ିଲା ଭଳି କହି ଦେଉଛନ୍ତି ଏହା ଦ୍ୱାରା ଦେଶର ଆର୍ଥିକ ସ୍ଥିତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ମନେରଖିବାକୁ ହେବ ଯେ, ଏହି ମନ୍ଦ ପ୍ରଭାବ ଅଚାନକ ପଡ଼ି ନ ପାରେ, କିନ୍ତୁ ଏହାର କ୍ଷତିକାରକ ଦିଗ ନିକଟ ଭବିଷ୍ୟତରେ ଦେଶବାସୀଙ୍କୁ ଭୋଗିବାକୁ ପଡ଼ିବ।

ବିଗତ କିଛି ଦଶନ୍ଧିର ଶାସକଙ୍କ ଆଚରଣ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ନୂଆ କରି କ୍ଷମତାକୁ ଆସୁଥିବା ବର୍ଗ ପ୍ରଥମ ୫ ବର୍ଷ ମଧ୍ୟରେ ପର୍ଯ୍ୟାପ୍ତ ଦୁର୍ନୀତି କରିବାକୁ ସୁଯୋଗ ପାଉନାହାନ୍ତି। ଯେତେବେଳେ ଦ୍ୱିତୀୟ ଥର କ୍ଷମତାକୁ ଫେରୁଛନ୍ତି ସେତେବେଳେ ସବୁ ଫନ୍ଦିଫିକର କରି ଯାହା ପାରୁଛନ୍ତି ରାମ୍ପି ନେଉଛନ୍ତି। ଭାରତବାସୀ ଉପା ସରକାରର ପ୍ରଥମ ପାଳି ଅପେକ୍ଷା ଦ୍ୱିତୀୟ ପାଳିରେ ହୋଇଥିବା ଦୁର୍ନୀତି ବିଷୟରେ ଅବଗତ ହୋଇଥିଲେ। ସମାନ ଭାବେ ଦେଖିଲେ ୨୦୧୪ରେ ମୋଦି ସରକାରଙ୍କ ପ୍ରଥମ ପାଳି ଅପେକ୍ଷା ୨୦୧୯ରେ ଗଠିତ ସରକାର ଅଧିକ ନକାରାତ୍ମକ କାର୍ଯ୍ୟ ପାଇଁ ନିନ୍ଦିତ ହେଉଥିବା ଦେଖାଯାଉଛି। ଜାନୁୟାରୀ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନରେ ୧,୧୧୧ତମ ଭଗବାନ ଶ୍ରୀଦେବନାରାୟଣଙ୍କ ଅବତାରଣ ଦିବସରେ ଯୋଗଦେବା ବେଳେ ଭାଷଣରେ କହିଛନ୍ତି, ଭାରତକୁ ଭାଙ୍ଗିବା ଲାଗି ଭୌଗୋଳିକ, ସାଂସ୍କୃତିକ, ସାମାଜିକ ଓ ଆଦର୍ଶାତ୍ମକ ଭାବେ ଅନେକ ଚେଷ୍ଟା କରାଯାଇଛି। କିନ୍ତୁ କୌଣସି ଶକ୍ତି ଭାରତକୁ ଧ୍ୱଂସ କରିପାରି ନାହିଁ। ଏବେ ଭାରତୀୟ ଜନତା ପାର୍ଟି (ଭାଜପା) ଯେଉଁଭଳି ଭାବେ ଦେଶକୁ ପ୍ରଗତି ପଥରେ ଆଗେଇ ନେଉଛି ତାହା ପୂର୍ବରୁ କଦାପି ଦେଖାଯାଇ ନ ଥିଲା। ଏଠାରେ ମୋଦି ନିଜ ଭାଷଣରେ ସରକାରଙ୍କ ଗୁଣଗାନ କରୁଥିଲେ ମଧ୍ୟ ଏହି ଶାସନ ସମୟରେ ଦେଖାଦେଇଥିବା ଅସଙ୍ଗତିକୁ ଜନସାଧାରଣ ଭଲ ଭାବେ ବୁଝିସାରିଲେଣି। ବିବିସି ଡକ୍ୟୁମେଣ୍ଟାରିକୁ ଭାରତରେ ପ୍ରଦର୍ଶନ କରିବାକୁ ସୁଯୋଗ ଦିଆଯାଇଥିଲେ ଖୋଦ୍ ମୋଦି ଓ ତାଙ୍କ ସରକାରଙ୍କ ସ୍ୱଚ୍ଛତା ବିଷୟରେ ଲୋକେ ଜାଣିପାରିଥାଆନ୍ତେ। କିନ୍ତୁ ତାହା ଉପରେ ପ୍ରତିବନ୍ଧକ ଲଗାଇ ଦିଆଯାଇଛି। ଅନୁରୂପ ଭାବେ ଏକ କଳଙ୍କିତ ସଂସ୍ଥା ଆଦାନୀ ଗ୍ରୁପ୍‌କୁ ପୂର୍ଣ୍ଣ ସମର୍ଥନ ଦେଉଥିବାରୁ ସରକାରଙ୍କ ତରଫରୁ ଅଦ୍ୟାବଧି ଅର୍ଥମନ୍ତ୍ରୀ କୌଣସି ସ୍ପଷ୍ଟୀକରଣ ଦେଉ ନ ଥିବା ଦେଖିବାକୁ ମିଳିଛି। ଆମେରିକାର ଏକ ଗବେଷଣା ସଂସ୍ଥା ଭାରତର ଏକ ବୃହତ୍ କମ୍ପାନୀ ବିରୋଧରେ ଅଭିଯୋଗ ଆଣିଥିବାରୁ ତତ୍‌କ୍ଷଣାତ୍ ସରକାରଙ୍କ ତରଫରୁ ଯାଞ୍ଚ ନିର୍ଦ୍ଦେଶ ଦିଆଯିବା କଥା। କିନ୍ତୁ ଏ ଦିଗରେ ସରକାରୀ ବ୍ୟବସ୍ଥା ମୁଣ୍ଡ କାନ ହଲାଉ ନାହାନ୍ତି। ତେଣୁ ଆଜିର ସ୍ଥିତିକୁ ଦେଖିଲେ ୫ ବର୍ଷରୁ ଊର୍ଦ୍ଧ୍ୱ ଶାସନ ଦାୟିତ୍ୱରେ ରହୁଥିବା ସରକାରଙ୍କ କାର୍ଯ୍ୟକଳାପ ସନ୍ଦେହର ଊର୍ଦ୍ଧ୍ୱକୁ ଉଠିପାରୁ ନାହିଁ। ଦେଶବାସୀ ଭାରତର ମଙ୍ଗଳ ଚାହୁଁଥିଲେ ସ୍ୱଳ୍ପ ଅବଧିର ଶାସନକୁ ପସନ୍ଦ କରିବାର ସମୟ ଆସିଲାଣି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | 7 | | |
| | | | | 7 | | 5 | 2 | |
| | 7 | | | 2 | 5 | | | |
| 9 | 5 | | | | | | 8 | |
| 1 | | | | 4 | 2 | | | |
| | | | 8 | | | | 3 | 6 |
| 7 | | | | | | 6 | | |
| 8 | | | | | | 4 | | |
| | 2 | | 1 | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 1 | 7 | 9 | 6 | 4 | 8 | 2 |
| 9 | 7 | 4 | 2 | 8 | 1 | 6 | 3 | 5 |
| 2 | 6 | 8 | 4 | 3 | 5 | 9 | 1 | 7 |
| 1 | 9 | 7 | 6 | 4 | 3 | 2 | 5 | 8 |
| 8 | 4 | 3 | 5 | 1 | 2 | 7 | 6 | 9 |
| 5 | 2 | 6 | 9 | 7 | 8 | 3 | 4 | 1 |
| 4 | 1 | 9 | 8 | 6 | 7 | 5 | 2 | 3 |
| 7 | 8 | 2 | 3 | 5 | 4 | 1 | 9 | 6 |
| 6 | 3 | 5 | 1 | 2 | 9 | 8 | 7 | 4 |

ଗତକାଲିର ଉତ୍ତର

# ବାବୁ-ବିଧାୟକ କଳି



ସହଦେବ ସାହୁ

ଆମେ ଯୁକ୍ତରାଷ୍ଟ୍ର ଆମେରିକାରେ ରାଜନୈତିକ ଘଟଣାବଳୀ ବିଷୟରେ ପଢ଼ିଲା ବେଳେ ଭାବୁ ସେଠାରେ ଯେମିତି ଗୋଟିଏମାତ୍ର ବିଧାନସଭା ଅଛି। ଆମ ଦେଶରେ ଯେପରି ପ୍ରତି ପ୍ରଦେଶ ଓ କେନ୍ଦ୍ରାଞ୍ଚଳରେ ବିଧାନସଭା ଅଛି, ଯୁକ୍ତରାଷ୍ଟ୍ର ଆମେରିକାରେ ବି ରାଜ୍ୟଗୁଡ଼ିକରେ ବିଧାନସଭା ଅଛି। ବାରମ୍ବାର ସ୍କୁଲ ଭିତରେ ଆଖିବୁଜା ଗୁଳିମାଡ଼ରେ ଛାତ୍ରୀଛାତ୍ର ଓ ଶିକ୍ଷକ ମୃତ୍ୟୁ ସମ୍ପର୍କରେ ଆଲୋଚନା ହେଲେ ସେଠାକାର ସଂସଦ (ଇଂଲିଶରେ କଂଗ୍ରେସ)ର ଦୁଇ ଗୃହ (ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ଏବଂ ସିନେଟ୍)ର କୌଣସି ସଦସ୍ୟ ସଂସଦ ବାହାରେ ପୋଲିସ ଅଧିକାରୀ ସହ ଝଗଡ଼ା କରନ୍ତି ନାହିଁ, ବରଂ ପୋଲିସ ବିଭାଗର ଭାର ସମ୍ଭାଳିଥିବା ମନ୍ତ୍ରୀ (ଯାହାକୁ ସେଠାରେ ସେକ୍ରେଟାରି ଅଫ୍ ଷ୍ଟେଟ୍ କହନ୍ତି)ଙ୍କୁ ଦାୟୀ କରି ସେ ବିଭାଗର ବଜେଟ କାଟଛାଣ୍ଟ କରିବାର ପ୍ରସ୍ତାବ ଆଣନ୍ତି। ତେଣୁ ଆମେରିକାରେ ଲେଜିସ୍‌ଲେଚର ଓ ବ୍ୟୁରୋକ୍ରାଟ୍ ଭିତରେ କିଏ ବଡ଼ ତା' ଉପରେ ଆଲୋଚନା ହୁଏ ନାହିଁ। ବିଲାତରେ ସାମ୍ବିଧାନିକ ରାଜତନ୍ତ୍ର (କନ୍‌ଷ୍ଟିଚ୍ୟୁଶନାଲ୍ ମୋନାର୍କି) ଭିତରେ ସଂସଦୀୟ ଗଣତନ୍ତ୍ର ଅଛି, ଯାହାକୁ ଆମେ ଅନୁକରଣ କରି ସମ୍ବିଧାନ ତିଆରି କରିଛୁ, ସେଠାରେ ବି ସାଂସଦମାନେ ବ୍ୟୁରୋକ୍ରାଟ୍‌ମାନଙ୍କୁ ଆଇନ ଲାଗୁ କରୁଥିବା ଅଧିକାରୀ (ଇଂଲିଶରେ ରେଗୁଲେଟର) ଭାବେ ଗ୍ରହଣ କରନ୍ତି। ସାଂସଦମାନେ ସିନା ଆଇନ ତିଆରି କରନ୍ତି, ସେ ଆଇନଗୁଡ଼ିକୁ ଲାଗୁ କରିବାରେ ଓ ଆଇନଭଙ୍ଗକାରୀଙ୍କୁ କୋର୍ଟ କଚେରିକୁ ଟାଣିନେବାରେ ତଥା ସାଂସଦମାନେ ତିଆରି କରିଥିବା ଆଇନ ଅନୁଯାୟୀ ସରକାରୀ କାମ କରିବାରେ ବ୍ୟୁରୋକ୍ରାଟ୍‌ମାନେ ହିଁ କାମ କରନ୍ତି, ତହିଁରେ ସାଂସଦମାନେ ହସ୍ତକ୍ଷେପ କରନ୍ତି ନାହିଁ କି ସେମାନଙ୍କ ବିରୋଧରେ ପଦକ୍ଷେପ ନିଅନ୍ତି ନାହିଁ। ଗତ ୮ ମାସ ଭିତରେ ଦୁଇ ଦୁଇ ଜଣ ପ୍ରଧାନମନ୍ତ୍ରୀଙ୍କୁ ବିଲାତର ପୋଲିସ ଜରିମାନା କରିଛି: ଗୋଟିଏ ହେଲା ବୋରିସ୍ ଜନ୍‌ସନ୍ କୋଭିଡ୍ କଟକଣା ନ ମାନି ତାଙ୍କ ସରକାରୀ ବାସଭବନରେ ୮୩ ଜଣଙ୍କୁ ଭୋଜନ ଓ ମଦ୍ୟପାନରେ ଆପ୍ୟାୟିତ କରିଥିବାର ଏକ ଇନ୍‌କ୍ୱାରି ରିପୋର୍ଟ ସୁଏ ଗ୍ରେ ନାମକ ଜଣେ ବ୍ୟୁରୋକ୍ରାଟ୍ ଦେଇଥିଲେ, ଯାହାକୁ ଭିତ୍ତିକରି ବିଲାତର ପୋଲିସ ବୋରିସ୍ ଜନ୍‌ସନ୍‌ଙ୍କ ଉପରେ ଗୋଟିଏ ଓ ତାଙ୍କ ସାଙ୍ଗରେ ଥିବା ମନ୍ତ୍ରୀ ଏବଂ ଭିଆଇପିମାନଙ୍କ ଉପରେ ୧୨୫ଟି ଜରିମାନା କଲେ। ଦେଶରେ ମାସ ମାସ ଧରି ସାମାଜିକ ମିଳନ ବନ୍ଦ ରହିଥିଲା ବେଳେ ପ୍ରଧାନମନ୍ତ୍ରୀ ନିୟମ ଭାଙ୍ଗି ଦଣ୍ଡ ଦେଲେ। ସେ ତ ପୋଲିସ ବା ଗ୍ରେ'ଙ୍କ ଉପରେ ପ୍ରତିଶୋଧ ନେଲେ ନାହିଁ, ବଦଳି ବି କଲେ ନାହିଁ। ପରେ ଜନ୍‌ସନ୍ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କ ଦଳ ଦ୍ୱାରା ବିତାଡ଼ିତ ହୋଇଛନ୍ତି। ତାଙ୍କ କଞ୍ଜରଭେଟିଭ୍ ଦଳରେ ଗଣତନ୍ତ୍ର ଅଛି, ମେମ୍ବରମାନଙ୍କ ଭୋଟରେ ଦଳର ନେତା ନିର୍ବାଚିତ ହୁଅନ୍ତି। ଆମ ଦେଶର ନେତାଙ୍କ ଭଳି ଦଳର କେହି ମେମ୍ବର ନେତାଙ୍କୁ ନ ମାନିଲେ ଦଳରୁ ତଡ଼ାଖାଏ ନାହିଁ। ଜନ୍‌ସନ୍ ଆମ ଦେଶର ରାଜନୈତିକ ଦଳମାନଙ୍କର ମୁଖିଆ ଭଳି ଆଚରଣ ଦେଖାଇଥିଲେ ୨୦୨୫ଯାଏ ପ୍ରଧାନମନ୍ତ୍ରୀ ରହିପାରି ଥାଆନ୍ତେ, କାରଣ ଆମ ଦେଶର ନେତାଏ ବିରୋଧ କରୁଥିବା ମେମ୍ବରଙ୍କୁ ଦଳରୁ ତଡ଼ିଦେଇଥା'ନ୍ତେ ଓ ସେ ନିଷ୍ପତ୍ତିକୁ ଦଳର ଅନ୍ୟ ସଦସ୍ୟମାନେ ଶତମୁଖରେ ସମର୍ଥନ କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀକୁ ଜଣେ ରାକ୍ଷସ ଭଳି ଲୋକ ଏବଂ ଜଣେ ଦେବତୁଲ୍ୟ ଲୋକ ବୋଲି ବହୁତ ଯୁକ୍ତି ବାଢ଼ିଥାନ୍ତେ। କେବଳ ଜନ୍‌ସନ୍ ବାବୁଙ୍କ ଦ୍ୱାରା ବେଆଇନ କାମ କରିଥିବାର ପ୍ରମାଣିତ ହେଲେ ନାହିଁ, ତାଙ୍କ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଋଷି ସୁନକ ତାଙ୍କ ଲଙ୍କାସାୟର ଗସ୍ତବେଳେ କାର୍‌ର ପଛସିଟ୍‌ରେ ବସି ସିଟ୍‌ବେଲ୍ଟ ବାନ୍ଧି ନ ଥିଲେ ବୋଲି ଏକ ଭିଡିଓ ଭାଇରାଲ୍ ହୋଇଥିବା ଦେଖି ସେଠାକାର ପୋଲିସ ତାଙ୍କ ଉପରେ ଜରିମାନା ଭିଡ଼ିଦେଲେ ଏବଂ ସୁନକ ନିଜର ଭୁଲ ମାନି ଜରିମାନା ଦେଲେ। କାହିଁ ସେ ତ ପୋଲିସ ବିରୋଧରେ ଆକ୍ସନ ନେଲେ ନାହିଁ?

ବିଲାତୀୟ ଗଣତନ୍ତ୍ରକୁ ଅନୁକରଣ କରିଥିବା ଆମେ ଦେଖୁଛୁ ନିତିଦିନ ସାଂସଦ ଏବଂ ବିଧାୟକମାନେ ପୋଲିସ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ମୁହାଁମୁହିଁ ଭର୍ତ୍ସନା କରୁଛନ୍ତି, ବେଳେବେଳେ ତାଙ୍କ ସମର୍ଥକମାନଙ୍କୁ ଲଗାଇ ତାଙ୍କୁ ଆକ୍ରମଣ କରୁଛନ୍ତି। ଆମ ଦେଶରେ ରାଜନୈତିକ ନେତାମାନେ ନିଜେ ତିଆରି କରିଥିବା ଆଇନର ଊର୍ଦ୍ଧ୍ୱରେ ବୋଲି ମନେକରନ୍ତି, ସେମାନଙ୍କ ନେତାମାନେ ମନ୍ତ୍ରୀ ଅର୍ଥାତ୍ ଏକ୍‌ଜିକ୍ୟୁଟିଭ୍ ହେଡ୍ ଭାବରେ ବୁକ୍ ସର୍କୁଲାର ବା ଗାଇଡ୍‌ଲାଇନ୍ ତିଆରି କରନ୍ତି ଯେ, ବାବୁମାନେ ଦଳ ପ୍ରତିନିଧିମାନଙ୍କ ପାଖରେ ମୁଣ୍ଡ ନୁଆଁଇ ଚଳାଚଳ କରିବେ। ଇଂରେଜ ଶାସନ ସମୟରେ କିରାଣିମାନଙ୍କୁ ବାବୁ ସମ୍ବୋଧନ କରାଯାଉଥିଲା ; ସ୍ୱାଧୀନତା ପରର ଆମ ନିଜ ସରକାରୀ ନେତାମାନେ ଔପନିବେଶିକ ମନୋଭାବ ଭୁଲିନାହାନ୍ତି, ପ୍ରଶାସନିକ କର୍ମଚାରୀମାନଙ୍କୁ ତାଚ୍ଛଲ୍ୟସୂଚକ ବାବୁ ସମ୍ବୋଧନ କରୁଛନ୍ତି ଏବଂ ସମ୍ବାଦବାହିକାମାନେ ପୁନରାବୃତ୍ତି କରନ୍ତି। ୨୦୦୩ର ସମ୍ବିଧାନ ସଂଶୋଧନ ପରଠାରୁ ଆଉ 'ଲୋକ' ପ୍ରତିନିଧି ନାହାନ୍ତି, ବିଧାୟକ/ସାଂସଦମାନେ 'ଦଳ' ପ୍ରତିନିଧି ହୋଇଗଲେଣି, କାରଣ ଲୋକେ ନୁହେଁ, ଦଳ ଯାହାର ନାମ ନିର୍ବାଚନ ଅଧିକାରୀଙ୍କୁ ସୁପାରିସ କରିବ ସେ ହିଁ ପ୍ରାର୍ଥୀ ହୋଇପାରିବ, ଲୋକଙ୍କ ଭୋଟ ଏକ ରବର ଷ୍ଟାମ୍ପ। ସ୍ୱାଧୀନ ପ୍ରାର୍ଥୀ ହୋଇ କେହି ଜିତିବା ଅସମ୍ଭବ। ଦଳର ସମର୍ଥନ ହିଁ ମୁଦି, ମୁଦି ଅଛି ଗୋଡ଼ କଚାଡ଼ି ପାରୁଛନ୍ତି! ଗଣତନ୍ତ୍ରରେ ସରକାରର ୩ଟି ଶାଖା– ଲେଜିସ୍‌ଲେଚର, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି – ନିଜ ନିଜ ସୀମା ଭିତରେ କାମ କରିବେ, ଅଥଚ ପରସ୍ପର ଯେପରି ସୀମା ନ ଲଘଂନ୍ତି ତାହା ଦେଖିବେ। ବିଧାୟକ ଓ ସାଂସଦମାନେ ଆଇନ ତିଆରି କରିବେ ଓ ଆଇନ ଅନୁଯାୟୀ ଦେଶ ଚାଲୁଛି କି ନାହିଁ ନିଜ ସଭାଗୃହର ଅଧିବେଶନରେ ଏକ୍‌ଜିକ୍ୟୁଟିଭ୍ ମୁଖ୍ୟ, ମନ୍ତ୍ରୀମାନଙ୍କ କୈଫିୟତ୍ ହାସଲ କରିବେ, ଯାହାର ଚରମ ଅସ୍ତ୍ର ହେଉଛି ଅନାସ୍ଥା ପ୍ରସ୍ତାବ ଆଣିବା ; ଅନାସ୍ଥା ପ୍ରସ୍ତାବ ପାରିତ ହୋଇଗଲେ ମନ୍ତ୍ରିମଣ୍ଡଳ (ଦଳର ଶାସନ)ର ଅନ୍ତ ଘଟିବ, ନୂଆ ନିର୍ବାଚନ ହୋଇ ନୂଆ ସରକାର ଗଢ଼ିବ। କିନ୍ତୁ ଦଳ-ପ୍ରତିନିଧି ହୋଇଥିବା ଲୋକେ କେବେ ମନ୍ତ୍ରିମଣ୍ଡଳର ମୁଖ୍ୟ ବିରୋଧରେ ଯାଉନାହାନ୍ତି, କାରଣ ଭବିଷ୍ୟତ ନିର୍ବାଚନରେ ଟିକେଟ ପାଇବେ ନାହିଁ। ଦଳପତି ବି ମେମ୍ବରଙ୍କ ପାଟି ବନ୍ଦ କରିବା ପାଇଁ ଯାବତୀୟ ଏକ୍‌ଜିକ୍ୟୁଟିଭ୍ ସୁବିଧା (ଇଂଲିଶରେ ପ୍ରିଭିଲେଜ୍) ଯୋଗାଉଛନ୍ତି। ମୁଖ୍ୟଙ୍କ ଅଧୀନରେ ସରକାରୀ କାମ ଭଲ ହେଉନାହିଁ କହିବାର ସାହସ ହରାଇଥିବାରୁ ମାର ମାର ମାଧିଆକୁ ମାର ନ୍ୟାୟରେ ବାବୁମାନଙ୍କ ଉପରେ ତୋଡ଼ ଦେଖାଉଛନ୍ତି। ଲେଜିସ୍‌ଲେଚର କରିଥିବା ଆଇନ ଅନୁଯାୟୀ କାର୍ଯ୍ୟ ସମ୍ପାଦନ (ଏକ୍‌ଜିକ୍ୟୁଶନ) କରିବା, ଆଇନ ଅନୁଯାୟୀ ସବୁ କାମ ହେଉ ବୋଲି ଦେଖିବା ଏକ୍‌ଜିକ୍ୟୁଟିଭ୍‌ର କାମ, ଲେଜିସ୍‌ଲେଚରର ନୁହେଁ, ତାହା ବୁଝିବାକୁ ଆମ ବିଧାୟକମାନେ ଚାହାନ୍ତି ନାହିଁ। ବାବୁ-ବିଧାୟକ କଳି ଘଟିବାର ବଡ଼ କାରଣ ଏକ୍‌ଜିକ୍ୟୁଟିଭ୍‌କୁ ନିୟନ୍ତ୍ରଣ କରିବାର ଯେଉଁସବୁ ଅନୁଷ୍ଠାନ ଅଛି, ସେଗୁଡ଼ିକର ମାଲିକ ତ ସେମାନଙ୍କ ଭିତରୁ ବଛା ହୋଇଥିବା ମନ୍ତ୍ରୀ ବା ଅଧ୍ୟକ୍ଷ! ତେଣୁ ସେମାନେ (୧) ଗୃହରେ ଆଲୋଚନାରେ ଏବଂ ଗୃହ ବସି ନ ଥିଲା ବେଳେ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଜ କାମ କରାଇ ପାରୁନାହାନ୍ତି, (୨) ମନ୍ତ୍ରୀ ନ ଶୁଣିଲେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଅଭିଯୋଗ ଉଠାଇବାର ସାହସ ନାହିଁ ଏବଂ (୩) ବିଧାୟକ ହେବାର ବୃତ୍ତିଗତ ଯୋଗ୍ୟତା ହାସଲ ନ କରି ଦଳର ମୁଖ୍ୟଙ୍କୁ ଖୁସି କରିବା ଉପରେ ବେଶି ଜୋର୍ ଦେଉଛନ୍ତି। ଇଂରେଜ ଶାସନକାଳରେ ଆଇନ ଅମାନ୍ୟ ଆନ୍ଦୋଳନ ସମ୍ଭବତଃ ଆମ ନେତାମାନଙ୍କ ରକ୍ତରେ ରହିଗଲା, ଆଇନକୁ ବେଖାତିର କରିବା ଏକ ପ୍ରିଭିଲେଜ୍ (ସ୍ୱାଧିକାର) ଭାବେ ଗଣାଯାଉଛି। ସେମାନେ ଭୁଲି ଯାଉଛନ୍ତି ଯେ, ଇଂରେଜମାନେ ପ୍ରଣୟନ କରିଥିବା ଭାରତୀୟ ପିଙ୍ଗଳ ସଂହିତାରେ ଧାରା ୩୫୩ ଏବେ ବି ଅଛି: ସରକାରୀ ଅଧିକାରୀଙ୍କୁ ତାଙ୍କ କାମରେ ଧମକ ବା ବାଧାଦେବା ଏକ ଦଣ୍ଡନୀୟ ଅପରାଧ। ବିଲାତରେ ପୋଲିସ ତାଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫାଇନ୍ କରିପାରୁଥିବା ବେଳେ ଭାରତରେ ପୋଲିସ ଜଣେ ଏମ୍‌ଏଲ୍‌ଏଙ୍କ ଗାଡ଼ିକୁ ବି ଯାଞ୍ଚ କରିବା ପାଇଁ ଅଟକାଇପାରିବ ନାହିଁ। ଆମ ଏମ୍‌ଏଲ୍‌ଏଙ୍କ ଇଙ୍ଗିତରେ ତ ଅଫିସରଟିଏ ବଦଳି ହୋଇପାରେ। ଏହି ଡର ସରକାରୀ ଅଧିକାରୀଙ୍କୁ ବିଧାୟକ/ସାଂସଦଙ୍କ ଅଧସ୍ତନ କରିଦେଇଛି। ବିଲାତି ରାଜନେତାଙ୍କ ଗଣତାନ୍ତ୍ରିକ ଦାୟିତ୍ୱବୋଧରୁ କାଣିଚାଏ ବି ଆମ ବିଧାୟକ/ସାଂସଦମାନେ ଶିଖନ୍ତୁ।



sahadevas@yahoo.com

# ମଣିଷ ଏକତ୍ର ମନ ଛିନ୍ନଛତ୍ର



ଶୁଭନାରାୟଣ ଶତପଥୀ

ଜେଜେମାଆ ହୁଅନ୍ତୁ ବା ଆଈ ମା'ଗପର ପେଡ଼ି ଖୋଲିଲେ ତାଙ୍କ ଚାରିପାଖରେ ବସିଯାଆନ୍ତି ନାତିନାତୁଣୀ ଓ ସାହିପଡ଼ୋଶୀର ପିଲାମାନେ। ପୁଣି ଯେତେବେଳେ ସ୍ଥାନୀୟ, ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟ ରାଜନୀତି ଚର୍ଚ୍ଚା ହୁଏ, ସେତେବେଳେ ଜେଜେବାପା, ବାପା, କାକା, ଦାଦା, ସାହିପଡ଼ୋଶୀର ଭଦ୍ରବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିବାର ଦେଖିବାକୁ ମିଳୁଥିଲା। ଏମିତିକି ଘରକୁ ବନ୍ଧୁବାନ୍ଧବ ଆସିଲେ ମଧ୍ୟ ବ୍ୟକ୍ତିଗତ ବିଷୟ ସମେତ ମାତୃଭୂମି, ରାଜନୀତି, ସେବା ସମ୍ବନ୍ଧରେ ଅଲୋଚନା ହୁଏ। ଏ ଆଲୋଚନାରୁ କେବଳ ଖବରର ଅପଡେଟ୍‌ସ ଜାଣନ୍ତି ତାହା ନୁହେଁ ବରଂ ଏହାର ବିଶ୍ଳେଷଣ, ଭଲମନ୍ଦ, ଭୁଲ୍‌ଠିକ୍ ଜାଣିହୁଏ। ସବୁଠାରୁ ବଡ଼କଥା ହେଉଛି ଏ ସମ୍ବନ୍ଧରେ ନିଜର ବ୍ୟକ୍ତିଗତ ଭୂମିକା, ଜ୍ଞାନ ବୃଦ୍ଧି ହେବା ସହିତ ଦେଶ, ରାଜ୍ୟ, ଦୁନିଆ ପାଇଁ ନିଜର କର୍ତ୍ତବ୍ୟ, ମତ, ବ୍ୟକ୍ତିତ୍ୱ ସୁନ୍ଦର ଓ ସ୍ପଷ୍ଟ ହୁଏ। ଜେଜେମାଆ, ଜେଜେବାପା ଯେତେବେଳେ ଧର୍ମଚର୍ଚ୍ଚା କରନ୍ତି ସେତେବେଳେ ପୌରାଣିକ କଥାବସ୍ତୁର ମହତ୍ତ୍ୱ, ତା' ଭିତରେ ଲୁଚି ରହିଥିବା ନୈତିକତା, ଶିକ୍ଷା ଆଦିରୁ ଅନେକ କଥା ଶିଖିଥାଆନ୍ତି ଉତ୍ତରାଧିକାରୀମାନେ। ସାମାଜିକ ଚଳଣି, ସଂସ୍କୃତି, ଯାନିଯାତ୍ରା, ସୁଖଦୁଃଖ, ଶୃଙ୍ଖଳା, ବିଶୃଙ୍ଖଳା ସବୁ ଆଲୋଚନା ହୁଏ ପରିବାରର ମହିଳାମାନଙ୍କ ମଧ୍ୟରେ ଓ ପଡ଼ୋଶୀଙ୍କ ସହ। ମତାମତ ନେଇ ପରସ୍ପର ପରସ୍ପରକୁ ସଜାଡନ୍ତି, ପୁଣି ଜୀବନ ଡଙ୍ଗା ପଥ ହୁଡୁଥିଲେ ବାଟକୁ ଆସେ। ବାସ୍ତବରେ ଜୀବନର ମୂଲ୍ୟବୋଧ, ଦର୍ଶନକୁ ସଜାଡ଼ିବା ଓ ସତେଜ କରିବା ପାଇଁ ଏସବୁ ଆଲୋଚନା, କଥୋପକଥନ, ପରାମର୍ଶର ଆବଶ୍ୟକତା ଢେର ବେଶି। ଏସବୁ ସହିତ ପରସ୍ପରର ଆତ୍ମୀୟତା ମଧ୍ୟ ବଢ଼େ।

ଜଣେ ବ୍ୟକ୍ତି ଯେ ସବୁକ୍ଷେତ୍ରରେ ଦକ୍ଷ, ତା'ର ଜ୍ଞାନ ସବୁଥିରେ ଅଛି, ସେ ଜମାରୁ ଭୁଲ୍ କରେନାହିଁ କିମ୍ବା କୁହେନାହିଁ ଭାବିବା ଭୁଲ୍। ଜୀବନରେ ପ୍ରତ୍ୟେକ ଗତିରେ ଆବଶ୍ୟକତା ପଡ଼େ ସମାଲୋଚନା, ନିଷ୍କର୍ଷ, ମତାମତ, ପରାମର୍ଶ, ଦିଗ୍‌ଦର୍ଶନ ଓ ନିର୍ଯ୍ୟାସର। ବିନା କଥୋପକଥନରେ ବା ଆଲୋଚନାରେ ଏହା ମିଳିବା ସମ୍ଭବ ନୁହେଁ। ନିତିଦିନିଆ କାର୍ଯ୍ୟଖସଡାରେ ଏହି ବିଷୟକୁ ଅନ୍ତର୍ଭୁକ୍ତ ନ କଲେ ଅର୍ଥାତ୍ ପିଲାଠାରୁ ବୟୋଜ୍ୟେଷ୍ଠ ସମସ୍ତେ ଏହି ବାର୍ତ୍ତାଳାପର ଅଂଶବିଶେଷ ନ ପାଲଟିଲେ ସମାଜ ଦିଗଭ୍ରଷ୍ଟ ହେବା ସାର ହେବ। କାରଣ ନିତିଦିନିଆ ଚଳଣିରେ ସୁବିଧା ଅସୁବିଧା, ବାଧାବିଘ୍ନ ବିଷୟରେ ଜଣାଇଲେ ହିଁ ମୂଳରୁ ଏହାର ସମାଧାନର ବାଟ ଫିଟିବ। ଜଣେ ଆତ୍ମୀୟ ଏହାର ପ୍ରତିଷେଧକ, ନିରାକରଣର ବାଟ ଦେଖାଇପାରିବ। ଏଣୁ ଦଳଗତ ଆଲୋଚନା, ସାମ୍ନାସାମ୍ନି ଆବେଗଭରା କଥାବାର୍ତ୍ତା କେବଳ ସମ୍ପର୍କକୁ ମଜଭୁତ କରେ, ତାହା ନୁହେଁ ବରଂ ଅନେକ ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ କରେ।

ଅଧୁନା ଗାଁଠୁ ସହର, ପରିବାର, ସାହିପଡ଼ୋଶୀ ଯାହା ଉପରେ ନଜର ପକାଇବା ସେ କର୍ମବ୍ୟସ୍ତ। ବ୍ୟସ୍ତତା ଭିତରେ ଓ ବାହାରେ ତା'ର ଅନ୍ତରଙ୍ଗ ସାଥୀ ହେଉଛି ମୋବାଇଲ ବା ସ୍ମାର୍ଟଫୋନ୍। କହିବାକୁ ଗଲେ ବ୍ୟସ୍ତତା ଓ ମୋବାଇଲ ଯେମିତି ପରସ୍ପର ଯୋଡ଼ା। ସବୁଠାରୁ ବଡ଼କଥା ହେଉଛି ପିଲାଛୁଆମାନେ ଯେତେ ବଡ଼ ହେଉଛନ୍ତି ମାତାପିତାଙ୍କଠାରୁ ଦୂରେଇଯାଇ ମୋବାଇଲର ନିକଟତର ହେଉଛନ୍ତି। ସତେଯେମିତିଏ ଦଳଗତ ଓ ବ୍ୟକ୍ତିଗତ ଆଲୋଚନା ଅନ୍ତର୍ନିବିଷ୍ଟ ହୋଇଛି ମୋବାଇଲର ଫ୍ରେମ୍ ଭିତରେ। ସବୁ ସମସ୍ୟାର ସମାଧାନ କ'ଣ ମୋବାଇଲ ଦ୍ୱାରା ହେଉଛି? ନା ବରଂ ଏହା ଆମ ଭିତରେ ଥିବା ସମ୍ପର୍କକୁ ଛିନ୍ନ କରୁଛି ଓ ଅନ୍ତରଙ୍ଗ ଆଳାପଠାରୁ ଦୂରେଇଯାଇ ଆମେ ହରାଉଛୁ ଅନେକ ମୂଲ୍ୟବାନ ଉପଦେଶ, ମାନସିକ ଶିକ୍ଷା ପ୍ରଦାନ କରୁଥିବା ସ୍ନେହଭରା ଅଭିବ୍ୟକ୍ତି। ମୋବାଇଲର ଖୁବ୍ ନିକଟତର ହେବା କାରଣରୁ ପଢ଼ିବା, ଲେଖିବା, ବୁଝିବା, ହେଜିବା ସହିତ ବିଶ୍ଳେଷଣାତ୍ମକ ଦକ୍ଷତା ହରାଉଛୁ। ଏକ ଖବରରୁ ଜଣାଯାଏ, ମୋବାଇଲର ଅତ୍ୟଧିକ ବ୍ୟବହାର ଫଳରେ ଇଣ୍ଟରନେଟ ଆଡିକ୍ସନ ରୋଗର ଶିକାର ହେଉଛୁ। ଦିଲ୍ଲୀ ଏମ୍ସର ସର୍ଭେ ୨୦୨୧ ଅନୁଯାୟୀ ୧୬ ପ୍ରତିଶତ ପିଲାଙ୍କ ପାଖରେ ମାନସିକ ରୋଗ ଦେଖିବାକୁ ମିଳୁଛି। ପିଲାଙ୍କ ହାତରୁ ମୋବାଇଲ ଛଡ଼ାଇନେଲେ ଅସ୍ୱାଭାବିକ ବ୍ୟବହାର କରୁଛନ୍ତି, ବ୍ୟସ୍ତ ହୋଇପଡୁଛନ୍ତି, ଶରୀର ଦୁର୍ବଳ ଲାଗୁଛି, ଚିଡ଼ିଚିଡ଼ାପଣ ବୃଦ୍ଧି ପାଉଛି ଇତ୍ୟାଦି।

ନିକଟ ଅତୀତରେ ମୁଁ ଗୋଟିଏ ଗାଁକୁ ବୁଲିବାକୁ ଯାଇଥାଏ। ସେହି ଗାଁରେ ପ୍ରବେଶ ମାତ୍ରକେ ବିଦ୍ୟାଳୟ, ସବୁଜ ସୁନ୍ଦର ପରିବେଶ ମୋତେ ମୋହିତ କରୁଥାଏ। କିନ୍ତୁ ହଠାତ ନଜର ପଡ଼ିଲା ସେହି ବିଦ୍ୟାଳୟ ବାରଣ୍ଡାରେ ବସିଥିବା ୨୫ରୁ ୩୦ଜଣ ଯୁବକଙ୍କ ଉପରେ। ପ୍ରତ୍ୟେକଙ୍କ ହାତରେ ଥାଏ ମୋବାଇଲ। ସେମାନେ ସମସ୍ତେ ମୋବାଇଲ ଭିତରେ ଏମିତି ହଜିଯାଇଥାନ୍ତି ଯେ ତାଙ୍କ ପାଖରେ କିଏ ବସିଛି, କିଏ ଉଠି ଚାଲିଯାଉଛି ତାହା ଜାଣି ପାରୁନଥାନ୍ତି। କି ଦୟନୀୟ ଅବସ୍ଥା ସତେ! ଏତେ ଏକାଗ୍ରତା ଯଦି ଆମେ ସକାରାତ୍ମକ ଦିଗରେ ଉପଯୋଗ କରିଥାନ୍ତେ, ତେବେ ସଫଳତା ନିଶ୍ଚୟ ମିଳିଥାନ୍ତା।

ମୋବାଇଲ ଧରି ଧରି ଚୁଲିରେ କ୍ଷୀର ଉତୁରିପଡ଼ିଲେ ମାଆ ଜାଣୁନି। ଏପଟେ ଅନ୍‌ଲାଇନ ପାଠପଢ଼ା, ମୋବାଇଲ ଗେମ୍, କାର୍ଟୁନ ନିଶାରେ ବୁଡ଼ ହୋଇଥିବା ପିଲାଙ୍କ ବିଷୟରେ ଜାଣି ପଦକ୍ଷେପ ନେଲାବେଳକୁ ସୁଇସାଇଡ କରିବାର ଧମକ। ଆଉ ବାପାଙ୍କର ଇଣ୍ଟରନେଟ କଥା ଛାଡନ୍ତୁ ଫୋନ୍‌କଲ୍ ଆଟେଣ୍ଡ କରୁକରୁ ଦିନରାତି ଶେଷ। ଘରେ ଥିବା ଅଭିଜ୍ଞତାସମ୍ପନ୍ନ ବୟୋଜ୍ୟେଷ୍ଠ ଏଠି ଯେମିତି ଅଲୋଡା। ଏମାନେ ନା ମୋବାଇଲର ହେଲେ ନା ନିଜ ପରିବାର ଲୋକଙ୍କର। ପରିବାରରେ ବୃଦ୍ଧ ମାତାପିତାଙ୍କ ଦେଖାଶୁଣାରେ ଘଟୁଛି ଅବହେଳା। ସେମାନେ ଆଉ ଏକତ୍ର ହେବାର ନାଁ ଧରୁନାହାନ୍ତି। ସମ୍ମିଳିତ ପ୍ରୟାସଠାରୁ ଦୂରେଇଯାଉଛନ୍ତି। ଫଳରେ ସାମାଜିକ ବନ୍ଧନରେ ବନ୍ଧିତ ପରିବାର, ସାହିସାଙ୍ଗଙ୍କ ଭିତରେ ସମ୍ପର୍କ ରହୁନି। ଏଠି ମଣିଷ ଏକତ୍ର କିନ୍ତୁ ମନ ଛିନ୍ନଛତ୍ର। ଏଥିପାଇଁ ଦୋଷ କାହାର? କ'ଣ ମୋବାଇଲର? ନା, ମୋବାଇଲ ଓ ଇଣ୍ଟରନେଟରେ ଅନେକ ଭଲକଥା ଉପଲବ୍ଧ ରହିଛି। ସେଥିରୁ ଜ୍ଞାନବିଜ୍ଞାନ, ଜଣାଅଜଣା, ଦେଶବିଦେଶର କଥା, ନୂତନ ଉଦ୍ଭାବନ ଇତ୍ୟାଦି ମଧ୍ୟ ଜାଣି ହେବ। ଇନ୍ଦ୍ରିୟ ନିୟନ୍ତ୍ରଣ ସହ ମୋବାଇଲ ସୁପରିଚାଳନାର ଦକ୍ଷତା ଆବଶ୍ୟକ। ବିଳାସସାମଗ୍ରୀ ଭାବରେ କେବଳ ମନୋରଞ୍ଜନ ବା ସମୟ କାଟିବା ପାଇଁ ଏହାର ମାତ୍ରାଧିକ ବ୍ୟବହାର ବ୍ୟକ୍ତି ଓ ଜାତି ପାଇଁ କାଳ ହେଉଛି। ଉତ୍ତରାଧିକାରୀମାନଙ୍କୁ ମୋବାଇଲର ନକାରାତ୍ମକ ପ୍ରଭାବଠାରୁ ଦୂରେଇ ନ ରଖିଲେ ଭବିଷ୍ୟତରେ ଆମେ ଓ ଆମ ଦେଶ ପଛୁଆ ହେବା ସହ ଆମ ଉତ୍ତରାଧିକାରୀଙ୍କ ଭବିଷ୍ୟତ ଅସ୍ୱାସ୍ଥ୍ୟ, ଅଜ୍ଞାନତାରୂପୀ ଅନ୍ଧାରକୁ ଠେଲି ହୋଇଯିବ ଏଥିରେ ସନ୍ଦେହ ନାହିଁ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩

## ଏଇ ଭାରତରେ

ଇ-ବର୍ଜ୍ୟର ପୁନଃ ଉପଯୋଗ କରି ଆକର୍ଷଣୀୟ ହସ୍ତକଳାର ପରିଚୟ ଦେଇଛନ୍ତି ବେଙ୍ଗାଲୁରୁର ବିଶ୍ୱନାଥ ମାୟାବାଡ଼ି ଦାଭାଙ୍ଗେର। ସେ ଅଦରକାରୀ କମ୍ପ୍ୟୁଟର, ଲାପଟପ୍, ଫୋନ୍ ସହ ପ୍ଲାଷ୍ଟିକ ଓ ଧାତବ ବର୍ଜ୍ୟରୁ ସୁନ୍ଦର ଗହଣା, ମୂର୍ତ୍ତି, ପ୍ରାଣୀଙ୍କ ପ୍ରତିକୃତି, ବିଭିନ୍ନ ପ୍ରକାର ପାତ୍ର ଓ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛନ୍ତି। ଏପରିକି ରୋବ ମଧ୍ୟ ତିଆରି କରିଛନ୍ତି ବିଶ୍ୱନାଥ। ଏବେ ସୁଦ୍ଧା ସେ ୨୦୦ କେଜି ଇ-ବର୍ଜ୍ୟର ପୁନଃ ଉପଯୋଗ କରିସାରିଲେଣି। ବିଶ୍ୱନାଥଙ୍କ ବୟସ ୬୦। ସେ ୱିପ୍ରୋରେ ଜଣେ ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ କରି ଅବସର ନେବାପରେ ଏହି କାର୍ଯ୍ୟ କରୁଛନ୍ତି। ସେ ସ୍କ୍ରାପ୍ ଡିଲରମାନଙ୍କଠାରୁ ଇ-ବର୍ଜ୍ୟ ସଂଗ୍ରହ କରନ୍ତି। ଏବେ ତାଙ୍କ ହସ୍ତକଳାର ଆଦର ବଢ଼ିଛି ଓ ଏହାକୁ ସେ ଦେଶରେ ଏବଂ ୟୁରୋପ, ଆମେରିକାରେ ବିକ୍ରି କରିପାରୁଛନ୍ତି। ଏଯାବତ୍ ୫୦୦ରୁ ଊର୍ଦ୍ଧ୍ୱ ପ୍ରକାର ଜିନିଷ ତିଆରି କରିସାରିଲେଣି। ତାଙ୍କ ଆକର୍ଷଣର କଳାକୃତି ମଧ୍ୟରେ ସବୁଠୁ ଆଦୃତି ଲାଭ କରିଛି ୪୨x-୩୮ ଇଞ୍ଚର କାମଧେନୁ। ଏହି କଳାକୃତି ତିଆରି କରିବା ପରେ ତାଙ୍କ କାରିଗରୀ କୌଶଳର ପରିଚୟ ଦେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ବର୍ଜ୍ୟ ବ୍ୟବହାର କରି ପରିବେଶକୁ ସୁରକ୍ଷା କରିବା ତାହାଠାରୁ ମହତ୍ୱପୂର୍ଣ୍ଣ ବୋଲି କହନ୍ତି ବିଶ୍ୱନାଥ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୮

- ତେହେରାନସ୍ଥିତ 'ଇରାନ ନ୍ୟୁଜ'ର ପୂର୍ବତନ ସମ୍ପାଦକ ମୋର୍ତେଜା ଫିରୁଜିଙ୍କୁ ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି।
- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.ସି. ପନ୍ଥ କଂଗ୍ରେସ ଦଳ ସହ ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି।
- ସିବିଆଇ ନିର୍ଦ୍ଦେଶକ ଆର୍.ସି. ଶର୍ମାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଆଗତ ଏକ ପିଟିସନ ସୁପ୍ରିମକୋର୍ଟରେ ଖାରଜ।

## ପାଠକ ଶ୍ରେଷ୍ଠ ବିଚାରକ

### ସଂଯମତା ଅବଲମ୍ବନ କରନ୍ତୁ

ମହାଶୟ,

ମ୍ୟାନମାରର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ନୋବେଲ ପୁରସ୍କାର ବିଜୟିନୀ ଅଙ୍ଗ-ସାନ୍-ସୁ୍ୟକିଙ୍କୁ ବର୍ଷ ବର୍ଷ ଧରି ଜେଲଦଣ୍ଡ ଦେବା ସହ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଛି। ତାହା କେତେଦୂର ନ୍ୟାୟସଙ୍ଗତ ମ୍ୟାନ୍‌ମାରର କ୍ଷମତାନ୍ଧ ସାମରିକ ଶାସକ ଜାତିସଂଘ ସମେତ ସମଗ୍ର ବିଶ୍ୱକୁ ସନ୍ତୋଷଜନକ ଉତ୍ତର ଯଦି ଦେଇପାରିବେ ତେବେ ଜାଣିବାକୁ ହେବ, ମ୍ୟାନ୍‌ମାର ସାମରିକ ସରକାରଙ୍କ ସତ୍‌ସାହସ ଅଛି । ଜଣେ ବର୍ଷିୟାନ ଲୋକପ୍ରିୟ ନେତ୍ରୀଙ୍କୁ ବନ୍ଧୁକ ମୁନର ଧମକ ଦେଖାଇ କାରାଗାର ଭିତରେ ଆବଦ୍ଧ ରଖିବା କେତେଦୂର ଠିକ୍ ? ଏହା ଅଙ୍ଗ-ସାନ୍-ସୁ୍ୟକିଙ୍କ ବିରୋଧରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଛଡ଼ା ଆଉ କଣ କୁହାଯାଇପାରେ। ଗୋଟିଏ ଦେଶର ପ୍ରତିଷ୍ଠିତ ଗଣତନ୍ତ୍ରକୁ ବନ୍ଧୁକମୁନରେ ହତ୍ୟାକରିବା ଏବଂ ନିଜ ଦେଶର ଜନସାଧାରଣଙ୍କୁ ବନ୍ଧୁକ ଗୁଳିରେ ପୋକ ମାଛି ପରି ହତ୍ୟାକରିବା ଗରଳପାନ ସଙ୍ଗେ ସମାନ ନୁହେଁକି ! ମାନସିକ ସଂଯମତା ଅବଲମ୍ବନ କରି ନିର୍ବାଚନର ବର୍ଷିୟାନ ଲୋକପ୍ରିୟ ନେତ୍ରୀ ଅଙ୍ଗ-ସାନ୍-ସୁ୍ୟକିଙ୍କୁ କାଳବିଳମ୍ବ ନ କରି ମୁକ୍ତ କରନ୍ତୁ।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶୀତଳ ବାରି ଝରଇ ଭାଲେ
ଧରି ଚିବୁକ ଚୁମଇ ଗାଲେ,
ଶୀକର ବାଆ ବକ୍ଷୁ କାଢ଼େ ଅଞ୍ଚଳ
ଆର୍ଦ୍ରତବ ବାହୁଯୁଗଳ କୁନ୍ତଳ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଜାନୁୟାରୀ, ୨୦୨୩

## ଏୟାର ଏସିଆ ବିମାନର ଜରୁରୀ ଅବତରଣ

ଏୟାର ଏସିଆର ଏକ ବିମାନ ରବିବାର ପକ୍ଷୀ ସହ ମାଡ଼ ହେବାରୁ ଏହାକୁ ଲକ୍ଷ୍ନୌ ବିମାନବନ୍ଦରରେ ଜରୁରୀ ଅବତରଣ କରାଯାଇଛି। କୋଲକାତା ଅଭିମୁଖେ ଯାଉଥିବା ଏହି ବିମାନରେ ୧୭୦ ଜଣ ଯାତ୍ରୀ ଥିଲେ। ଲକ୍ଷ୍ନୌରୁ ଉଡ଼ାଣ ଆରମ୍ଭ କରିବା ପରେ ପରେ ପକ୍ଷୀ ସହ ଧକ୍କା ହୋଇଥିଲା। ଫଳରେ ବିମାନକୁ ତୁରନ୍ତ ଅବତରଣ କରାଯିବା ପରେ ଅନୁଧ୍ୟାନ କରାଯାଇଥିଲା। ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଛି।



## ସଂକ୍ଷେପରେ

### ହୁରିୟ୍ୟାତ୍ କନ୍ଫରେନ୍ସ ଅଫିସ୍ ବାଜ୍ୟାପ୍ତ କଲା ଏନ୍ଆଇଏ

**ଶ୍ରୀନଗର,୨୯।୧(ପି.ଟି.):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଦିଲ୍ଲୀର ଏକ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଶନିବାର ବିଚ୍ଛିନ୍ନତାବାଦୀ ସଂଗଠନ ହୁରିୟ୍ୟାତ କନ୍ଫରେନ୍ସର ରାଜବାଗ୍‌ସ୍ଥିତ କାର୍ଯ୍ୟାଳୟକୁ ଆଟାଚ୍ କରିଛି। ଏନ୍ଆଇଏ ଅଧିକାରୀମାନେ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚି ଏହାର କାନ୍ଥରେ ବାଜ୍ୟାପ୍ତ ନୋଟିସ୍ ଲଗାଇଥିଲେ। ହୁରିୟ୍ୟାତ କନ୍ଫରେନ୍ସ ହେଉଛି ୨୬ଟି ବିଚ୍ଛିନ୍ନତାବାଦୀ ସଂଗଠନର ମେଣ୍ଟ। ୧୯୯୩ରେ ଏହି ସଂଗଠନ ଗଢ଼ାଯାଇଥିଲା। ବିଚ୍ଛିନ୍ନତାବାଦୀ ସଂଗଠନଗୁଡ଼ିକ ଉପରେ ସରକାରଙ୍କ ଚଢ଼ାଉ ପରେ ୨୦୧୯ ଅଗଷ୍ଟରୁ ଏହାର କାର୍ଯ୍ୟାଳୟ ବନ୍ଦ ରହିଥିଲା। ଏହି ବାଜ୍ୟାପ୍ତି କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ସମାଧାନ ଉଦ୍ଦେଶ୍ୟରୁ ଲୋକଙ୍କୁ ବିରତ କରିପାରିବ ନାହିଁ ବୋଲି ହୁରିୟ୍ୟାତ କନ୍ଫରେନ୍ସ ମୁଖ୍ୟ ମିର୍‌ୱେଜ୍ ଓମାର ଫାରୁକ୍ କହିଛନ୍ତି।

### କଞ୍ଜରଭେଟିଭ୍ ପାର୍ଟି ସଭାପତି ପଦରୁ ଜାହାୱି ବହିଷ୍କୃତ


ଦାଧିମ ଜାହାୱି

**ଲଣ୍ଡନ,୨୯।୧:** ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ରବିବାର କଞ୍ଜରଭେଟିଭ୍ ପାର୍ଟି ସଭାପତି ପଦରୁ ଦାଧିମ ଜାହାୱିଙ୍କୁ ବହିଷ୍କାର କରିଛନ୍ତି। ଜାହାୱିଙ୍କ ବିରୋଧରେ ଟ୍ୟାକ୍ସ ଠକେଇ ଅଭିଯୋଗ ଆସିବା ପରେ ସୁନକ ଗତମାସରେ ଏ ନେଇ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ତେବେ ବ୍ରିଟେନ୍‌ର ପୂର୍ବତନ ବିଭାଗ ବିହୀନମନ୍ତ୍ରୀ ଜାହାୱି ମନ୍ତ୍ରୀସ୍ତରୀୟ ନିୟମ ଉଲ୍ଲଂଘନ କରିଥିବା ତଦନ୍ତରୁ ଜଣାପଡ଼ିବା ପରେ ତାଙ୍କୁ ପଦରୁ ବହିଷ୍କାର କରାଯାଇଥିବା ସୁନକଙ୍କ ପକ୍ଷରୁ ଜାରି ଖବରଦାତା ବିଜ୍ଞପ୍ତିରେ କୁହାଯାଇଛି। ଟ୍ୟାକ୍ସ ହେର୍‌ଫେର୍ ମାମଲାରେ ଜାହାୱିଙ୍କୁ ୫ ମିଲିୟନ୍ ପାଉଣ୍ଡ (୫୦,୪୬,୨୧,୭୦୧ ଟଙ୍କା) ପଇଠ କରିବାକୁ ପଡ଼ିଥିବା ତଦନ୍ତରୁ ଜଣାପଡ଼ିଛି। ଗତବର୍ଷ ଜୁଲାଇରେ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ଜାହାୱିଙ୍କୁ ବିଭାଗ ବିହୀନ ମନ୍ତ୍ରୀ କରିଥିଲେ। ଲିଜ୍ ଟ୍ରସ୍ ପ୍ରଧାନମନ୍ତ୍ରୀ ଥିବାବେଳେ ମଧ ଜାହାୱି ମନ୍ତ୍ରୀ ଦାୟିତ୍ୱରେ କାର୍ଯ୍ୟ କରିଥିଲେ।

### ବିଟିଂ ରିଟ୍ରିଟ୍ ବେଳେ ବର୍ଷା
### ଡ୍ରୋନ୍ ଶୋ' ବାତିଲ

**ନୂଆଦିଲ୍ଲୀ,୨୯।୧(ପି.ଟି.):** ସାଧାରଣତନ୍ତ୍ର ଦିବସ ଉତ୍ସବର ଆନୁଷ୍ଠାନିକ ସମାପନ ସ୍ୱରୂପ ନୂଆଦିଲ୍ଲୀର ଐତିହାସିକ ବିଜୟ ଚୌକରେ ରବିବାର ବିଟିଂ ରିଟ୍ରିଟ୍ ଅନୁଷ୍ଠିତ ହୋଇଯାଇଛି। ବର୍ଷା ସତ୍ତ୍ୱେ ଏହି ସମାପନ ଉତ୍ସବ ଉତ୍ସାହ ଫିକା ପଡ଼ି ନ ଥିଲା। ସଶସ୍ତ୍ର ବଳର ବ୍ୟାଣ୍ଡଗୁଡ଼ିକ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଧୂନ୍ ବଜାଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଜୟ ଚୌକରେ ପହଞ୍ଚିବା ସହ ଏହି ଉତ୍ସବ ଆରମ୍ଭ ହୋଇଥିଲା। ରାଷ୍ଟ୍ରପତିଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ମଞ୍ଚ ବାହାରେ ଥିବାରୁ ଓଦା ହୋଇଯାଇଥିଲେ। ନର୍ଥ ଓ ସାଉଥ୍ ବ୍ଲକ୍‌ରେ ପ୍ରଥମ ଥର ପାଇଁ ୩-ଡି ଆନାମର୍ଫିକ୍ ପ୍ରୋଜେକ୍ସନ କରାଯାଇଥିଲା। ସ୍ଥଳସେନା, ବାୟୁସେନା, ନୌସେନା, ରାଜ୍ୟ ପୋଲିସ ଏବଂ ସିଏପିଏଫର ମ୍ୟୁଜିକ୍ ବ୍ୟାଣ୍ଡ ପକ୍ଷରୁ ୨୯ଟି ଭାରତୀୟ ଟ୍ୟୁନ୍ ବଜାଯାଇଥିଲା। ବିଟିଂ ରିଟ୍ରିଟ୍ ଅବସରରେ ୩,୫୦୦ ଡ୍ରୋନ୍‌କୁ ନେଇ ବିଶାଳ ଡ୍ରୋନ୍ ଶୋ'ର ଆୟୋଜନ କରାଯାଇଥିବାବେଳେ ଖରାପ ପାଗ ଯୋଗୁ ଏହାକୁ ବାତିଲ କରିଦିଆଯାଇଥିଲା।

### ପେରୁରେ ଦୁର୍ଘଟଣା: ୨୪ ମୃତ

**ଲିମା,୨୯।୧ :** ପେରୁରେ ୬୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ପାହାଡ଼ିଆ ରାସ୍ତାରୁ ଖସିପଡ଼ିବାରୁ ୨୪ ଜଣଙ୍କ ମୃତ୍ୟୁ ଘଟିଛି। ପେରୁ ଉତ୍ତର ଭାଗରେ ଥିବା ଏଲ୍ ଅଲ୍‌ଟୋ ଜିଲାରେ ଏହି ଦୁର୍ଘଟଣା ଘଟିଛି। ପେରୁର ବିପଦପୂର୍ଣ୍ଣ ରାସ୍ତାରେ ଡ୍ରାଇଭରମାନେ ଉପଯୁକ୍ତ ତାଲିମ ନ ନେଇ ଗାଡ଼ି ଚଳାଉଥିବାରୁ ସଡ଼କ ଦୁର୍ଘଟଣା ସେଠାରେ ସାଧାରଣ ଘଟଣା। ୨୦୨୧ରେ ଆଣ୍ଡେସ୍ ପର୍ବତାଞ୍ଚଳର ଏକ ହାଇୱେରୁ ବସ୍ ଖସିପଡ଼ିବାରୁ ୨୯ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଦିନକ ପରେ ବଜେଟ ଅଧିବେଶନ

# ଶାସକ, ବିରୋଧୀ କେତେ ପ୍ରସ୍ତୁତ

ନୂଆଦିଲ୍ଲୀ,୨୯।୧

ଜାନୁୟାରୀ ୩୧ରେ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ଏବଂ ଅର୍ଥନୈତିକ ସର୍ଭେ ଉପସ୍ଥାପନ ସହ ବଜେଟ ଅଧିବେଶନ ଆରମ୍ଭ ହେବ। ଫେବୃୟାରୀ ୧ ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ୨୦୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ପରେ ଏହାକୁ ରାଜ୍ୟ ସଭାରେ ଉପସ୍ଥାପନ କରାଯିବ। ଫେବୃୟାରୀ ୨ରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ଆଲୋଚନା କରାଯିବ। ଏହା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭା ଓ ରାଜ୍ୟ ସଭାରେ ବିବୃତି ରଖିବେ। ଅଧିବେଶନର ପ୍ରଥମ ୨ ଦିନରେ ଶୂନ୍ୟକାଳ ଓ ପ୍ରଶ୍ନକାଳ ରହିବ ନାହିଁ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହା ହେବ ମୋଦି ସରକାରଙ୍କ ଶେଷ ପୂର୍ଣ୍ଣାଙ୍ଗ ବଜେଟ। ତେଣୁ ଉଭୟ ଶାସକ ଓ ବିରୋଧୀ ନିଜ ନିଜ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା' ସୋମବାର ଶ୍ରୀନଗରରେ ଶେଷ ହେବ। ଏହି ଅବସରରେ ଜାତୀୟ ପତାକା ଉତ୍ତୋଳନ ପାଇଁ କଂଗ୍ରେସ ପକ୍ଷରୁ ୨୪ ରାଜନୈତିକ ଦଳକୁ ନିମନ୍ତ୍ରଣ କରାଯାଇଛି। ବିରୋଧୀଙ୍କ ମଧ୍ୟରୁ ଅନେକେ ଏହି ଐତିହାସିକ ଯାତ୍ରାରୁ ଦୂରତ୍ୱ ଅବଲମ୍ବନ କରିଆସିଥିବାବେଳେ ସୋମବାର ହେବାକୁ ଥିବା କାର୍ଯ୍ୟକ୍ରମକୁ ବିପକ୍ଷ ଏକତାର ପ୍ରଥମ ପରୀକ୍ଷା ବୋଲି କୁହାଯାଉଛି। ଦ୍ୱିତୀୟ ପରୀକ୍ଷା ପାର୍ଲାମେଣ୍ଟର ବଜେଟ ଅଧିବେଶନରେ ହେବ। କଂଗ୍ରେସ ବିରୋଧୀ ଦଳଗୁଡ଼ିକର ନେତୃତ୍ୱ ନେଇପାରିବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନ। କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିରୋଧୀଙ୍କ ପାଖରେ ଅନେକ ଅସ୍ତ୍ର ରହିଥିଲେ ହେଁ ସେଗୁଡ଼ିକର ସଫଳ ପ୍ରୟୋଗ କରିବାରେ କଂଗ୍ରେସ କେତେ ସଫଳ ହେଉଛି ତା' ଉପରେ ସମସ୍ତଙ୍କ ନଜର ରହିବ। ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଚାଇନାର ଉପସ୍ଥିତିଠୁ ନେଇ ମୁଦ୍ରାସ୍ଫୀତି, ଜାତୀୟସ୍ତରରେ ଋଣ ଓ ବେକାରି ବୃଦ୍ଧି, ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ଭଳି ପ୍ରସଙ୍ଗକୁ ନେଇ କଂଗ୍ରେସ ଆକ୍ରମଣାତ୍ମକ ମୁଦ୍ରାରେ ଥିବାବେଳେ ଅନ୍ୟ ଦଳଗୁଡ଼ିକ ନୀରବ ରହିଛନ୍ତି।

ବଜେଟ ଅଧିବେଶନ ସାଧାରଣତଃ ୨ ଭାଗରେ ବିଭକ୍ତ ହୋଇଥାଏ।



ଅଧିବେଶନର ପ୍ରଥମ ଭାଗ ଫେବୃୟାରୀ ୧୩ରେ ଶେଷ ହେବ। ଅର୍ଥମନ୍ତ୍ରୀ ସୀତାରାମନ୍ ଫେବୃୟାରୀ ୧ରେ କ୍ରମାଗତ ପଞ୍ଚମ ଥର ପାଇଁ ବଜେଟ ଉପସ୍ଥାପନ କରିବେ। ପୂର୍ବ ଦୁଇଥର ଭଳି ଏଥର ମଧ୍ୟ ୨୦୨୩-୨୪ ଆର୍ଥିକ ବର୍ଷ ଲାଗି କାଗଜବିହୀନ ବଜେଟ ଉପସ୍ଥାପିତ ହେବ। ବଜେଟର ସମସ୍ତ ୧୪ଟି ଦସ୍ତାବିଜ (ବାର୍ଷିକ ଆର୍ଥିକ ବିବୃତି) 'ୟୁନିୟନ୍ ବଜେଟ ମୋବାଇଲ୍ ଆପ୍'ରେ ଉପଲବ୍ଧ ହେବ। ଏହି ଦ୍ୱିଭାଷୀ (ଇଂଲିଶ୍ ଓ ହିନ୍ଦୀ) ଆପ୍ ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ କେନ୍ଦ୍ରୀୟ ବଜେଟ ୱେବ୍ ପୋର୍ଟାଲ www.indiabudget.gov.inରୁ ମଧ୍ୟ ଡାଉନ୍‌ଲୋଡ୍ କରିହେବ। ଦ୍ୱିତୀୟ ଭାଗ ମାର୍ଚ୍ଚ ୧୩ରୁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଭାଗରେ ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଡିମାଣ୍ଡ୍ ଫର୍ ଗ୍ରାଣ୍ଟ୍ସ ଉପରେ ବିତର୍କ ହେବ ଏବଂ କେନ୍ଦ୍ରୀୟ ବଜେଟକୁ ଗୃହୀତ କରାଯିବ। ସରକାରଙ୍କ ପକ୍ଷରୁ ଅନ୍ୟ ଗୃହକାର୍ଯ୍ୟ ମଧ୍ୟ ଏହି ଅଧିବେଶନରେ ପରିଚାଳନା କରାଯିବ।

## ଆଜି ସର୍ବଦଳୀୟ ବୈଠକ

ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାର ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀଙ୍କ ଦ୍ୱାରା ଆହୂତ ଏହି ବୈଠକ ପାର୍ଲାମେଣ୍ଟ ଅନେକ୍ସ ବିଲ୍ଡିଂରେ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ସରକାର ସବୁ ଦଳର ସହଯୋଗ ଲୋଡ଼ିବେ। ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ଉଠାଇବାକୁ ଥିବା ପ୍ରସଙ୍ଗଗୁଡ଼ିକୁ ଏହି ବୈଠକରେ ମଧ୍ୟ ଉପସ୍ଥାପନ କରିପାରନ୍ତି। ଅପରାହ୍ନରେ ଏନ୍‌ଡିଏ ନେତାମାନେ ରଣନୀତି ପ୍ରସ୍ତୁତି ପାଇଁ ଏକ ଭିନ୍ନ ବୈଠକରେ ଏକାଠି ହେବେ।

## ଅର୍ଥନୈତିକ ସର୍ଭେ କ'ଣ

ଅର୍ଥନୈତିକ ସର୍ଭେରେ ପୂର୍ବ ବର୍ଷରେ ଦେଶର ଆର୍ଥିକ ଓ ବିତ୍ତୀୟ ଧାରାର ସମୀକ୍ଷା କରାଯାଇଥାଏ। ଏଥିରୁ କୃଷି, ଶିଳ୍ପ, ଭିତ୍ତିଭୂମି, ନିଯୁକ୍ତି, ମୁଦ୍ରାସ୍ଫୀତି ହାର, ବାଣିଜ୍ୟ, ଫରେନ୍ ଏକ୍ସଚେଞ୍ଜ ରିଜର୍ଭ ଓ ଅର୍ଥନୀତିର ଅନ୍ୟ ବୃହତ୍ କ୍ଷେତ୍ରଗୁଡ଼ିକ ଉପରେ ବିସ୍ତୃତ ତଥ୍ୟ ଓ ବିଶ୍ଳେଷଣ ମିଳିଥାଏ। ଏହି ସର୍ବେକ୍ଷଣ କେନ୍ଦ୍ରୀୟ ବଜେଟରେ ସେକ୍ଟରଗୁଡ଼ିକ ସକାଶେ ପ୍ରଭାବଶାଳୀ ଢଙ୍ଗରେ ଆବଣ୍ଟନ ତଥା ରଣନୀତି ପ୍ରସ୍ତୁତି ପାଇଁ ସରକାରଙ୍କୁ ସହାୟକ ହୋଇଥାଏ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିରେ ମୁଖ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ଚିହ୍ନଟ କରିବା ପାଇଁ ମଧ୍ୟ ନୀତି ନିର୍ଦ୍ଧାରକମାନଙ୍କୁ ଇକୋନୋମିକ୍ ସର୍ଭେ ସାହାଯ୍ୟ କରିଥାଏ। ସରକାରଙ୍କ ପ୍ରଧାନ ଅର୍ଥନୈତିକ ପରାମର୍ଶଦାତା



(ସିଇଏ) ଭି. ଅନନ୍ତ ନାଗେଶ୍ୱରମ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆର୍ଥିକ ଦସ୍ତାବିଜକୁ ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପନ କରାଯିବା ପରେ ଏହା gov.in/economicsurvey/ରେ ଉପଲବ୍ଧ ହେବ। ୧୯୫୦-୫୧ ଆର୍ଥିକ ବର୍ଷରେ ଦେଶର ପ୍ରଥମ ଅର୍ଥନୈତିକ ରିପୋର୍ଟ କେନ୍ଦ୍ରୀୟ ବଜେଟ ସହ ଉପସ୍ଥାପିତ ହୋଇଥିଲା। ୧୯୬୪ ମସିହା ପରଠୁ ଏହାକୁ ବଜେଟର ପୂର୍ବ ଦିନ ଉପସ୍ଥାପନ କରାଯାଇଆସୁଛି।

## ବିବିସି ଡକ୍ୟୁମେଣ୍ଟାରି ବ୍ୟାନ୍ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ

ନୂଆଦିଲ୍ଲୀ,୨୯।୧(ପି.ଟି.)

୨୦୦୨ ଗୁଜରାଟ ଦଙ୍ଗା ଉପରେ ବିବିସି ପ୍ରସ୍ତୁତ କରିଥିବା ଡକ୍ୟୁମେଣ୍ଟାରିକୁ କେନ୍ଦ୍ର ସରକାର ବେଆଇନ ଘୋଷଣା କରିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ଏହା ଦୁର୍ଭାବନାପୂର୍ଣ୍ଣ, ସ୍ୱେଚ୍ଛାଚାରୀ ଏବଂ ଅସାମ୍ବିଧାନିକ ବୋଲି ଅଭିଯୋଗ କରାଯାଇଥିଲା। ବିବିସି ଡକ୍ୟୁମେଣ୍ଟାରିର ଉଭୟ ଭାଗ ୧ ଏବଂ ୨ର ଅନୁଧ୍ୟାନ କରିବା ଲାଗି ଆବେଦନକାରୀ ଆଇନଜୀବୀ ଏମ୍.ଏଲ୍. ଶର୍ମା ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି। ଗୁଜରାଟ ଦଙ୍ଗା ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶର୍ମା ପିଟିଶନରେ ନିବେଦନ କରିଛନ୍ତି। ପିଆଇଏଲ୍‌ରେ ଶର୍ମା ସରକାରଙ୍କ ନିଷ୍ପତ୍ତି ଉପରେ ସାମ୍ବିଧାନିକ ପ୍ରଶ୍ନ ଉଠାଇଛନ୍ତି। ଅନୁଚ୍ଛେଦ ୧୯(୧)(୨) ଅନୁଯାୟୀ ଗୁଜରାଟ ଦଙ୍ଗା ଉପରେ ଖବର, ତଥ୍ୟ ଓ ରିପୋର୍ଟ ଦେଖିବା ଅଧିକାର ନାଗରିକମାନଙ୍କର ରହିଛି କି ନାହିଁ, ତାହା ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେବାକୁ ସେ ନିବେଦନ କରିଛନ୍ତି। ଡକ୍ୟୁମେଣ୍ଟାରିକୁ ବ୍ୟାନ୍ କରିବା ଲାଗି ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଗତ ୨୧ ତାରିଖ ନିର୍ଦ୍ଦେଶନାମାକୁ ଖାରଜ କରିବା ନିମନ୍ତେ ପିଆଇଏଲ୍‌ରେ ଅନୁରୋଧ କରାଯାଇଛି।


ରାଷ୍ଟ୍ରପତି ଭବନ ପରିସରସ୍ଥିତ ଅମୃତ ଉଦ୍ୟାନକୁ ମଙ୍ଗଳବାର ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। ଏହା ପୂର୍ବରୁ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅମୃତ ଉଦ୍ୟାନ ପରିଦର୍ଶନ କରୁଛନ୍ତି।

## ପାକିସ୍ତାନରେ ୨ ଦୁର୍ଘଟଣା: ୫୧ ମୃତ

ବେଲା/ପେଶାୱର,୨୯।୧



ପାକିସ୍ତାନରେ ରବିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୫୧ ଜଣଙ୍କ ମୃତ୍ୟୁ ଘଟିଛି। ବେଲୁଚିସ୍ତାନ ପ୍ରଦେଶରେ ଏକ ବସ୍ ବ୍ରିଜ୍ ପିଲାରକୁ ଧକ୍କା ଦେଇ ଗଭୀର ନାଳ ମଧ୍ୟକୁ ଖସିପଡ଼ିବାରୁ ୪୧ ଜଣଙ୍କ ଜୀବନ ଯାଇଥିବାବେଳେ ଖାଇବର ପଖତୁନଖ୍ୱାରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଛାତ୍ରୀଛାତ୍ର ପ୍ରାଣ ହରାଇଛନ୍ତି। ବେଲୁଚିସ୍ତାନ ଦୁର୍ଘଟଣାରେ ଏବେ ବି ୯ ଜଣ ନିଖୋଜ ରହିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ମୃତଦେହଗୁଡ଼ିକ ଚିହ୍ନଟ କରିବା ଅବସ୍ଥାରେ ନାହିଁ ବୋଲି ଲାସବେଲା ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ହାମ୍‌ଜା ଅଞ୍ଜୁମ୍ କହିଛନ୍ତି। ଘଟଣାସ୍ଥଳରୁ ୪୦ ମୃତଦେହ ବାହାର କରାଯିବା ସହ ୩ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି। ବସ୍‌ଟି ବେଲୁଚିସ୍ତାନ ପ୍ରାଦେଶିକ ରାଜଧାନୀ କ୍ୱେଟାରୁ କରାଚୀ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ବସ୍‌ଟି ଦ୍ରୁତ ବେଗରେ ଆସୁଥିବାବେଳେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଲା ବୋଲି ଆଶଙ୍କା କରାଯାଉଛି।

ସେହିପରି ଉତ୍ତରପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶ କୋହଟ ନିକଟରେ ତଣ୍ଡା ଡ୍ୟାମ୍ ହ୍ରଦରେ ମଦ୍ରାସା ପିଲାମାନଙ୍କୁ ନେଇ ଯାଉଥିବା ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୦ ଜଣଙ୍କ ଜୀବନ ଯିବା ସହ ଅନ୍ୟ ୧୫ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବୋଟ୍‌ଟି ୨୫ରୁ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମଦ୍ରାସାରୁ ଯାଉଥିବାବେଳେ ହ୍ରଦ ମଝିରେ ଓଲଟି ପଡ଼ିଥିଲା।

## ରାମଲାଲା ମୂର୍ତ୍ତି ନିର୍ମାଣ ଲାଗି ନେପାଳରୁ ଆସିବ ଶାଳଗ୍ରାମ ଶିଳା

ଅଯୋଧ୍ୟା,୨୯।୧

ନେପାଳ ଗଣ୍ଡକୀ ନଦୀର ସ୍ୱତନ୍ତ୍ର ଶିଳାରେ ରାମଲାଲାଙ୍କ ମୂର୍ତ୍ତି ନିର୍ମାଣ ହେବ। ଶାଳଗ୍ରାମ ଭାବେ ପରିଚିତ ଏହି ଶିଳା ଆସନ୍ତା ବୁଧବାର ନେପାଳରୁ ଆସି ଗୁରୁବାର ଅଯୋଧ୍ୟାରେ ପହଞ୍ଚିବ। ଗୋଟିଏ ଶିଳାର ଓଜନ ୨୬ ଟନ ହୋଇଥିବାବେଳେ ଅନ୍ୟଟି ୧୪ ଟନ୍ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପ୍ରଭାରୀ ପ୍ରକାଶ ଗୁପ୍ତା କହିଛନ୍ତି। ଶାଳଗ୍ରାମକୁ ବିଷ୍ଣୁଙ୍କ ପ୍ରତିନିଧି ବିବେଚନା କରାଯାଏ। ଆସନ୍ତାବର୍ଷ ମକର ସଂକ୍ରାନ୍ତି ସୁଦ୍ଧା ରାମମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଥିବାବେଳେ ଉକ୍ତ ସ୍ୱତନ୍ତ୍ର ଶିଳାରେ ଭଗବାନ ରାମଙ୍କ ବାଲ୍ୟରୂପ ମୂର୍ତ୍ତି ଖୋଦିତ ହେବ। ବିଶ୍ୱ



ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନଙ୍କ ଏକ ପ୍ରତିନିଧି ଦଳ ଶିଳା ସହ ଅଯୋଧ୍ୟାରେ ପହଞ୍ଚିବେ। ହିନ୍ଦୁ ପୁରାଣ ଅନୁଯାୟୀ ନେପାଳର ଜନକ ରାଜାଙ୍କ ଝିଅ ସୀତା ଅଯୋଧ୍ୟାର ଭଗବାନ ରାମଙ୍କୁ ବିବାହ କରିଥିଲେ। ମୁକ୍ତିନାଥ ଉପତ୍ୟକାର ଶାଳଗ୍ରାମମ୍ ନିକଟସ୍ଥ ଗଣ୍ଡକୀ ନଦୀରୁ ୬୦ ନିୟୁତ ବର୍ଷ ତଳର ଦୁଇଟି ବୃହତ୍ ସ୍ୱତନ୍ତ୍ର ଶିଳା ଠାବ କରାଯାଇଛି।

## ପାକିସ୍ତାନରେ ପେଟ୍ରୋଲ, ଡିଜେଲ ୩୫ ଟଙ୍କା ବଢ଼ିଲା

ଇସ୍‌ଲାମାବାଦ,୨୯।୧

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ପାକିସ୍ତାନ ସରକାର ରବିବାର ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ଏକାଥରକେ ୩୫ ଟଙ୍କା ଲେଖାଏ ବଢ଼ାଇ ଦେଇଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ଦରଦାମ୍ ବୃଦ୍ଧି ସମସ୍ୟାରେ ଘାଣ୍ଟି ହେଉଥିବା ପାକିସ୍ତାନ ଜନସାଧାରଣଙ୍କ ପାଇଁ ବଡ଼ ଝଟକା ହୋଇଛି। ଅର୍ଥମନ୍ତ୍ରୀ ଇଶାକ ଦର୍ ରବିବାର ସକାଳେ ଟେଲିଭିଜନ ବାର୍ତ୍ତାରେ ତୈଳଦର ବୃଦ୍ଧି ଘୋଷଣା କରିଛନ୍ତି। ସେହିପରି କିରୋସିନ ଓ ଲାଇଟ୍ ଡିଜେଲ ଦର ୧୮ ଟଙ୍କା ଲେଖାଏ ବଢ଼ିଛି। ଏହି ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ୨୪୯ ଟଙ୍କା ୮୦ ପଇସା ଏବଂ ହାଇସ୍ପିଡ୍ ଡିଜେଲ ଦର ୨୬୨ ଟଙ୍କା ୮୦ ପଇସାରେ ପହଞ୍ଚିଛି। ସେହିପରି କିରୋସିନ ଲିଟର ୧୮୯ ଟଙ୍କା ୮୩ ପଇସା ଏବଂ ଲାଇଟ୍ ଡିଜେଲ ଦର ୧୮୭ ଟଙ୍କା ହୋଇଛି। ପାକିସ୍ତାନକୁ ଋଣ ଦେବା ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ତୈଳ ଦର ବୃଦ୍ଧି ସର୍ତ୍ତ ରଖିଥିଲା।

## ଇରାନରେ ଭୂକମ୍ପ: ୩ ମୃତ, ୮୦୦ ଆହତ



ତେହରାନ,୨୯।୧

ଉତ୍ତର-ପଶ୍ଚିମ ଇରାନରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଶନିବାର ରାତିରେ ତୁର୍କୀ ସୀମାବର୍ତ୍ତୀ ଅଞ୍ଚଳରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୫.୯ ଥିଲା। କୋଠାଗୁଡ଼ିକ ଭୁଶୁଡ଼ି ପଡୁଥିବାବେଳେ ଲୋକେ ଭୟରେ ଘରୁ ବାହାରି ପଳାଇ ଯାଇଥିଲେ। ଅନେକ ଘର ଭାଙ୍ଗିଯାଇଥିବାରୁ ପ୍ରବଳ ଶୀତରେ ହଜାର ହଜାର ଲୋକ ଉଚ୍ଛେଦ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ବାହାରେ ଥିବା ବହୁ ଲୋକ କମ୍ବଳ ଘୋଡ଼ିହୋଇ ନିଆଁ ପୋଉଁଥିବା ଦେଖାଯାଇଛି। ବଡ଼ ଭୂକମ୍ପ ପରେ ୨୦ରୁ ଅଧିକ ଥର ପଶ୍ଚାତ୍ କମ୍ପନ ଅନୁଭୂତ ହୋଇଛି। ୱେଷ୍ଟ ଆଜରବୈଜାନ ପ୍ରଦେଶର ଖୋୟ ସହର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଯୋଗୁ ୭୦ଟି ଗ୍ରାମର ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି।

## କେବଳ ଜାତି ନାଁ ଧରିବା ଅପରାଧ ନୁହେଁ: ହାଇକୋର୍ଟ

ବେଙ୍ଗାଲୁରୁ,୨୯।୧

ଅପମାନିତ କରିବା ଉଦ୍ଦେଶ୍ୟ ନ ଥାଇ କେବଳ ଜଣେ ବ୍ୟକ୍ତିଙ୍କ ଜାତି ନାଁ ଧରିବା ଅନୁସୂଚିତ ଜାତି, ଜନଜାତି(ଅତ୍ୟାଚାର ପ୍ରତିକାର) ଆଇନ, ୧୯୮୯ ଅନୁଯାୟୀ ଅପରାଧ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ ନିକଟରେ ଟିପ୍ପଣୀ ଦେଇଛନ୍ତି। ଅତ୍ୟାଚାର ଆଇନର ବ୍ୟବସ୍ଥା ଅନୁଯାୟୀ ହାଇକୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ମୋକଦ୍ଦମାକୁ ଖାରଜ କରିଦେଇଛନ୍ତି। ନିୟମ ୭ ଅନୁଯାୟୀ ଅତ୍ୟାଚାର ମାମଲାର ତଦନ୍ତ ଡିଏସ୍‌ପିରୁ କମ୍ ପାହ୍ୟାର ପୋଲିସ ଅଧିକାରୀଙ୍କ ଦ୍ୱାରା ହୋଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଉକ୍ତ ମାମଲାରେ ଜଣେ ସବ୍‌ଇନ୍ସପେକ୍ଟର ତଦନ୍ତ କରିଥିବାରୁ ଏହା ଆଇନର ଉଲ୍ଲଂଘନ। ତେବେ ଅଭିଯୁକ୍ତଙ୍କୁ ଆଇପିସି ଅନୁଯାୟୀ ଆକ୍ରମଣ ଓ ଧମକ ଦେବା ଅପରାଧରେ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଜଷ୍ଟିସ୍ ଏମ୍. ନାଗପ୍ରସନ୍ନ କହିଛନ୍ତି। ୨୦୨୦ ଜୁନ୍ ୧୪ରେ ଏକ କ୍ରିକେଟ ମ୍ୟାଚ୍ ପରେ ଦୁଇ ଟିମ୍ ମଧ୍ୟରେ ବଚସା ହୋଇଥିଲା। ପରେ ଗୋଟିଏ ଟିମ୍ ଓ ସେମାନଙ୍କ ଲୋକମାନେ ଅନ୍ୟ ଟିମ୍‌ର ଦୁଇଜଣଙ୍କ ଉପରେ ଆକ୍ରମଣ କରିଥିଲେ। ପୋଲିସ ତଦନ୍ତ ପରେ ୨୦୨୧ ମାର୍ଚ୍ଚ ୧ରେ ଅତ୍ୟାଚାର ଆଇନ ଏବଂ ଆଇପିସି ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ବିଜ୍ଞାପନ ସଂଖ୍ୟା:୯୬/ଓ.ସା.ଏ.,ଭୁବନେଶ୍ୱର, ତା.୨୮.୦୧.୨୦୨୩
ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୭ରୁ ୨୦୨୩ ବର୍ଷ ପାଇଁ ପୁସ୍ତକ ଆହ୍ୱାନ
ଶୁଦ୍ଧିପତ୍ର
RR-:ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆଦେଶନାମା ସଂଖ୍ୟା ୫୨୫/ଓ.ଭା.ସା.ସଂ., ତା୨୭.୦୧.୨୦୨୩ରିଖ ଏବଂ ଏକାଡେମୀ ବିଜ୍ଞାପନ ସଂଖ୍ୟା ୭୫/ଓ.ସା.ଏ., ତା୨୧.୦୧.୨୦୨୩ ରିଖ କ୍ରମରେ ତା୨୨.୦୧.୨୦୨୩ ରିଖ ଦିନ ପ୍ରକାଶିତ ବିଜ୍ଞାପନରେ ଉଲ୍ଲେଖ କରାଯାଇଥିବା 'ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକଗୁଡିକ ଯୋଗ୍ୟ ବିବେଚିତ ହେବନାହିଁ' ଶିରୋନାମାର ଅନୁଚ୍ଛେଦ (ଖ) ରେ ଉଲ୍ଲେଖିତ ନିୟମାବଳୀରେ ସରସ୍ୱତୀ ସମ୍ମାନଧାରୀଙ୍କ ପୁସ୍ତକକୁ ଯୋଗ କରାଗଲା ଏବଂ ଅନୁଚ୍ଛେଦ (ଟ) ରେ ଆଇ.ଏସ୍.ବି.ଏନ୍. ଲିପିବଦ୍ଧ ହୋଇ ନ ଥିବା ପୁସ୍ତକ ଉଲ୍ଲେଖିତ ନିୟମାବଳୀକୁ ବାଦ୍ ଦିଆଗଲା । ପ୍ରସ୍ତାବ ଓ ପୁସ୍ତକ ପଠାଇବାର ଶେଷ ତାରିଖ ୧୫.୦୨.୨୦୨୩ ଧାର୍ଯ୍ୟ କରାଗଲା ।
OIPR-03006/11/0002/2223 ସ୍ୱା./-ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 47/ET/SBP/ENGG/2022-23, ତା.23.01.2023ରିଖ
(1) ଇ-ଟେଣ୍ଡର ସଂ. 42-eT-DENC-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଡୁଙ୍ଗୁରିପାଲି-ଦେଓଗାଁ ରୋଡ଼ ସେକ୍ସନରେ 9 ଗୋଟି ମେଜର (Major) ପୋଲ (ପୋଲ ନଂ. 314 DN, 319 DN, 322 DN, 329 DN, 331 DN, 347 DN, 353 DN, 363 DN ଏବଂ 406 DN)ଗୁଡ଼ିକର ସୁଦୃଢ଼ୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹2,92,52,418.18, EMD : ₹2,96,300/-
(2) ଇ-ଟେଣ୍ଡର ସଂ. 43-eT-DENC-SBP-22
କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ଉଭୟ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ବରଗଡ଼ ରୋଡ଼ ଏବଂ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ବଲାଙ୍ଗୀରଙ୍କ ବିଭାଗୀୟ ବ୍ୟବହାର ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ (TATA-207 DI କିମ୍ବା ମହିନ୍ଦ୍ରା ବୋଲେରୋ କାମ୍ପର କିମ୍ବା ଅନୁରୂପ/ଉଚ୍ଚ କ୍ଷମତା) 01 (ଏକ) ଗୋଟି ପିକ୍-ଅପ୍ ଭ୍ୟାନ୍ (5 ସିଟର) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹14,22,464.19, EMD : ₹28,500/-
(3) ଇ-ଟେଣ୍ଡର ସଂ. 23-eT-DENS-SBP-22
କାର୍ଯ୍ୟର ନାମ : 03 (ତିନି)ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ମୁନିଗୁଡ଼ାଙ୍କ ନିମନ୍ତେ ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ 01 (ଏକ) ଗୋଟି ପିକ୍-ଅପ୍ ଭ୍ୟାନ୍ (5 ସିଟର) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹14,22,464.19, EMD : ₹28,500/-
ଟେଣ୍ଡର ନଥିପତ୍ରର ମୂଲ୍ୟ : NIL (ଟେଣ୍ଡର ସଂ. 1 ପାଇଁ) ଏବଂ ₹2,360/- (ଟେଣ୍ଡର ସଂ. 2 ଏବଂ 3 ପ୍ରତ୍ୟେକ ପାଇଁ)।
କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ଟେଣ୍ଡର ସଂ. 1 ପାଇଁ) ଏବଂ 36 (ଛତିଶି) ମାସ (ଟେଣ୍ଡର ସଂ. 2 ଏବଂ 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : (ସମସ୍ତ ଟେଣ୍ଡର ପାଇଁ) ତା.15.02.2023ରିଖ 1500 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-944/N/22-23

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଜାନୁୟାରୀ, ୨୦୨୩

**ନିଆଁ ଲାଗି ଘର ପୋଡ଼ିଲା**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ଥାନା ବିନପୁର ଗ୍ରାମରେ ନିଆଁ ଲାଗି ପୁରିନ୍ଦ୍ର ଛତ୍ରିଆଙ୍କ ଘର ପୋଡ଼ି ଯାଇଛି। ରବିବାର ସକାଳେ କୌଣସି କାରଣରୁ ପୁରିନ୍ଦ୍ରଙ୍କ ଘରେ ନିଆଁ ଲାଗିଯାଇଥିଲା। ପଡିଶା ଲୋକଙ୍କ ସହାୟତାରେ ପୁରିନ୍ଦ୍ର ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବୋଡେନ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ପୁରିନ୍ଦ୍ରଙ୍କ ଘରେ ଥିବା ସମସ୍ତ ଆସବାବ ପତ୍ର ସହ ଧାନ ଚାଉଳ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ବିଦ୍ୟୁତ୍ ତାରରେ ପଡ଼ି ଯୁବକ ମୃତ

**ବାର୍‌ହା ଶିକାର ପାଇଁ ବିଛାଇଥିଲା**

ଖଡ଼ିଆଳ,୨୯।୧(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ସାନ ମହେଶ୍ୱର ପଞ୍ଚାୟତର ଦେଓବାହାଲ ଗ୍ରାମରେ ବାର୍‌ହା ଶୀକାର କରିବାକୁ ବିଛାଇ ଯାଇଥିବା ବିଦ୍ୟୁତ୍ ତାରରେ ପଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ ନରେନ୍ଦ୍ର ରାଉତ (୪୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୭ ତାରିଖରେ ଠୋଙ୍ଗୋ ଜଙ୍ଗଲକୁ ନରେନ୍ଦ୍ର ଓ ଗ୍ରାମର ପାଞ୍ଚ ଜଣ ବ୍ୟକ୍ତିଙ୍କ ସହିତ ଯାଇଥିଲେ। ବାର୍‌ହା ଶିକାର କରିବାକୁ ଜଙ୍ଗଲ ଭିତରେ ବିଦ୍ୟୁତ୍ ତାର ଖଞ୍ଜା ଯାଇଥିବା ତାରରେ ଲାଗି ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାକୁ ଲୁଚାଇବା ପାଇଁ ସାଙ୍ଗରେ ଯାଇଥିବା ୫ଜଣ ବ୍ୟକ୍ତି ପ୍ରମାଣ ନଷ୍ଟ ପାଇଁ ସେଠାରୁ ସୁନମୁଦି ଜଙ୍ଗଲର ଏକ ନଳାରେ ମୃତଦେହ ଫିଙ୍ଗି ଦେଇଥିବା ବେଳେ ସେଠାରୁ ପୋଲିସ ମୃତଦେହକୁ ଜବତକରିଛି। ମୃତକଙ୍କ ସାଙ୍ଗରେ ଯାଇଥିବା ୫ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୨ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ନରେନ୍ଦ୍ର ନିଖୋଜ ହୋଇଥିବା ନେଇ ଗତ ଶନିବାର ଖଡ଼ିଆଳ ଥାନାରେ ପରିବାରବର୍ଗ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ.୪୬/୨୩) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

### ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୋଡେନ,୨୯।୧(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ରାନିମୁଣ୍ଡା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଶିକ୍ଷକ ପ୍ରହଲ୍ଲାଦ ସାହୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବୋଡେନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତାମ୍ବର ମାଝିଙ୍କ ସଭାପତିତ୍ୱରେ ବୋଡେନ କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏବିଇଓ ଦିଲିପ କୁମାର ଦାସ, ଏବିଇଓ କ୍ଷମରାଜ ମହାପାତ୍ର ଓ ବିଦାୟୀ ଶିକ୍ଷକ ପ୍ରହଲ୍ଲାଦ ମଞ୍ଚସୀନ ଥିଲେ। କାର୍ଯ୍ୟକ୍ରମରେ ବିନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଲୋକନାଥ ନିଆଳ, ବିରେଶକେଲା ଉ.ପ୍ରା. ବିଦ୍ୟାଳୟରୁ ଭିମସେନ ନାଏକ, ନିହାରିକା ହୋତା, ଶ୍ୟାମାନନ୍ଦ ପଣ୍ଡା, ଟେମରୀ ପ୍ରାଥମିକ ବିଦ୍ୟାଳୟରୁ ଦିଗାମ୍ବର ମାଝି, କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରୁ ବିଶିକେଶନ ନାଏକ ଓ ସୁକାନ୍ତି ନେଉରା, ତେନ୍ତୁଲିପଡା ପ୍ରାଥମିକ ବିଦ୍ୟାଳୟରୁ ମୋହନ ପାଣ୍ଡେ ପ୍ରମୁଖଙ୍କ ସହ କ୍ଲଷ୍ଟର ଅଧିନରେ ଥିବା ସମସ୍ତ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ଯୋଗଦାନ କରିଥିଲେ।

# ଗାଈ ଗୁହାଳରେ ପଦ୍ମଶ୍ରୀ ପଟ୍ଟାୟତଙ୍କ ପରିବାର

ଭବାନୀପାଟଣା,୨୯।୧(ସ୍ୱ.ପ୍ର.)


ପଟ୍ଟାୟତ ଓ ତାଙ୍କ ପରିବାର।

- ଔଷଧୀୟ ଗଛ ଲଗାଇଲେ ପଦ୍ମଶ୍ରୀ
- କଳାହାଣ୍ଡି ଜିଲା ପାଇଁ ପ୍ରଥମ ଗୌରବ ଆଣିଲେ
- ସରକାରୀ ସହାୟତା ଦିବା ସ୍ୱପ୍ନ, ପ୍ରତିଶ୍ରୁତି ହିଁ ପାଲଟିଛି ସହାନୁଭୂତି
- ଆୟୁର୍ବେଦକୁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିଛି

ବଣ ମଲ୍ଲି ଆଉ ବଣରେ ଶୋଭା ପାଉନି, ଏବେ ଘରେ ମଧ ଏହି ବଣମଲ୍ଲି ଶୋଭା ବଢ଼ାଉଛି। ୩ ହଜାରରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ରୋପଣ କରି ୨୦୨୧ ସେପ୍ଟେମ୍ବର ୨୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକି ବାତରେ ସେ ସ୍ଥାନ ପାଇ ସାରା ଭାରତୀୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ପଦ୍ମଶ୍ରୀ ପୁରସ୍କାର ପାଇବା ପାଇଁ ସେ ମନୋନୀତ ହୋଇଛନ୍ତି। କଳାହାଣ୍ଡି ଜିଲାରୁ ପ୍ରଥମ ବ୍ୟକ୍ତି ଭାବେ ପଟାୟତ ସାହୁ ପଦ୍ମଶ୍ରୀ ପୁରସ୍କାର ନିମନ୍ତେ ମନୋନୀତ ହୋଇଥିବା ଖବର ପ୍ରଚାରିତ ହେବା ପରେ ଖୁସିର ଲହରି ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ନାନ୍ଦୋଲ ଗ୍ରାମର ସ୍ୱର୍ଗତ ହରି ସାହୁଙ୍କ ପୁଅ ପଟ୍ଟାୟତ କୁମାର ସାହୁ (୭୦)। ପରିବାର କହିଲେ ସ୍ତ୍ରୀ ଗାୟତ୍ରୀ ୨ ପୁଅ ରାଜକିଶୋର ଓ ଶୁଶାନ୍ତ ସାହୁ। ଝିଅ ଏବଂ ବଡ଼ପୁଅକୁ ମଧ ବିବାହ କରାଇଛନ୍ତି। ପଟ୍ଟାୟତ ୧୯୭୦-୭୧ରେ ନନ୍ଦୋଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିଥିଲେ। ପରେ ସପ୍ତମରୁ ଦଶମ ଶ୍ରେଣୀ ଜୁନାଗଡ଼ ହାଇସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ବଲାଙ୍ଗୀର ଜିଲାର ରାଜେନ୍ଦ୍ର କଲେଜରେ ଇଣ୍ଟରମିଡ଼ିଏଟ ପାଠ ପଢୁଥିବା ବେଳେ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ପାଇଁ ଟଙ୍କା ଦେଇ ପାରି ନ ଥିଲେ। ଫଳରେ ସେ ପରୀକ୍ଷାରୁ ବଞ୍ଚିତ ହେବା ସହ ପାଠପଢ଼ାରୁ ମଧ ବିରତି ନେଇଥିଲେ। ପଟ୍ଟାୟତ ଆଗରୁ ନାନ୍ଦୋଳ ପ୍ୟାକ୍ସ ଅଫିସରେ ସେଲସମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ବାପା, ଅଜା ଅମଳରୁ ସେ ଔଷଧୀୟ ବୃକ୍ଷ ରୋପଣ ଜାଣିଥିବା ବେଳେ ସପ୍ତମ ଶ୍ରେଣୀ ପଢୁଥିବା ବେଳେ କୃଷି ବିଜ୍ଞାନ ବହି ହିଁ ଔଷଧୀୟ ବୃକ୍ଷ ରୋପଣ ଓ ବୈଦ୍ୟ ହେବା ପାଇଁ ପ୍ରେରଣା ଯୋଗାଇଥିଲା। ଗତ ୪୦ ବର୍ଷ ହେବ ୬୫ ଡିସିମିଲ ଜାଗାରେ ୩ ହଜାରରୁ ଊର୍ଦ୍ଧ୍ୱ ଔଷଧିୟ ବୃକ୍ଷ ଲଗାଇଛନ୍ତି ଓ ନିଜେ ବୈଦ୍ୟକାମ ମଧ କରୁଛନ୍ତି। ୨୦୦୫ରେ ପ୍ରକୃତିବନ୍ଧୁ ପୁରସ୍କାର ପାଇଥିଲେ। ଏହି ଔଷଧୀୟ ବୃକ୍ଷ ଅନ୍ୟ ରାଜ୍ୟ, ଅନ୍ୟ ଦେଶରୁ ମଧ ବିଭିନ୍ନ ଉପାୟରୁ ଆଣି ନିଜ ବଗିଚାରେ ରୋପଣ କରିଛନ୍ତି। ସରକାରୀ ଭାବେ ତାଙ୍କୁ କୌଣସି ସହାୟତା ମିଳୁନାହିଁ । ପଟ୍ଟାୟତଙ୍କ ଘର ନ ଥିବା ବେଳେ ଗାଈ ଗୁହାଳକୁ ରୂପାନ୍ତରିତ କରି ସେଥିରେ ରହୁଛନ୍ତି। ପଟ୍ଟାୟତ ଔଷଧୀୟ ବୃକ୍ଷ ଲଗାଇବା ସହିତ ବୈଦ୍ୟ କାମ କରିଥାନ୍ତି। ସେହି ଛୋଟିଆ କୋଠରୀ ମଧରେ ଲୋକଙ୍କୁ ସେବା ଯୋଗାଇ ଦେଇଥାନ୍ତି। ଆଜି ପର୍ଯ୍ୟନ୍ତ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। କେବଳ ପଟ୍ଟାୟତଙ୍କ ପାଇଁ ପ୍ରତିଶ୍ରୁତି ହିଁ ସହାନୁଭୂତି ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକି ବାତରେ ତାଙ୍କ ନାମ କହିବା ପରେ ତାଙ୍କ ଦୁଆରେ ମାଳ ମାଳ ରାଜନେତା, ପ୍ରଶାସନ ରୁଣ୍ଡ ହୋଇ ତାଙ୍କ ସହିତ ଫଟୋ ଉଠାଇଥିଲେ। ପରେ ସାହୁଙ୍କୁ ଭୁଲି ଯାଇଥିଲେ। ଏବେ ପଦ୍ମଶ୍ରୀ ସମ୍ମାନରେ ନାମ ଘୋଷଣା ହେବା ପରେ ପୁଣିଥରେ ନାନ୍ଦୋଲ ଗ୍ରାମ ଚଞ୍ଚଳ ହୋଇଥିବା ବେଳେ ପଟ୍ଟାୟତଙ୍କ ଘରେ ମାଳ ମାଳ ରାଜନେତା ଓ ପ୍ରଶାସନର ଅଧିକାରୀମାନଙ୍କୁ ଦେଖିବାକୁ ମିଳୁଛି। ପଦ୍ମଶ୍ରୀ ପାଇବା ପରେ ସେ ଅତ୍ୟନ୍ତ ଖୁସି ବ୍ୟକ୍ତ କରିବା ସହ ଆୟୁର୍ବେଦକୁ କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିଛି ବୋଲି କହିଛନ୍ତି। ଆଗାମୀ ଦିନରେ ସେ ଏହାକୁ ଆହୁରି ବ୍ୟାପକ କରିବେ ବୋଲି ପଟ୍ଟାୟତ ପ୍ରକାଶ କରିଛନ୍ତି।

## ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଅନିୟମିତତା

କର୍ଲାମୁଣ୍ଡା,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟଗୁଡିକରେ ଦୀର୍ଘ ଦିନରୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ହୋଇ ପାରି ନାହିଁ। ଫଳରେ ବିଦ୍ୟାଳୟଗୁଡିକ ଧାରକରଜ କରି ବହୁ କଷ୍ଟରେ ମଧ୍ୟାହ୍ନ ଭୋଜନ ପରିଚାଳନା କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଧରଣୀ ପଡା (ରିଞ୍ଜି) ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖରୁ ଚାଉଳ ପାଇ ନ ଥିବା ନେଇ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣେଇଥିଲେ। ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇ ପାରି ନ ଥିବା ଓ ଧାର ଉଧାର କରି ମଧ୍ୟାହ୍ନ ଭୋଜନ ଚାଲୁ ରହିଛି ବୋଲି ପ୍ରଧାନ ଶିକ୍ଷକ ତ୍ରିଭୁବନ ନାଗ ଓ ଅଭିଭାବକ ଚୂଡ଼ାମଣି ସେଲମା କହିଛନ୍ତି। ଏ ନେଇ ଏବିଇଓ ସହଦେ ସୁନାଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିବାରୁ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୌପଦାରଙ୍କୁ ଜଣାଇବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଦକ୍ଷିଣୀ ଶୌଣ୍ଡିକ ମହାସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ


ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ଭବାନୀପାଟଣା,୨୯।୧(ସ୍ୱ.ପ୍ର.)

**ଏପ୍ରିଲ ପ୍ରଥମ ସପ୍ତାହରେ ଲଡୁଗାଁଠାରେ ଦକ୍ଷିଣୀ ଶୌଣ୍ଡିକ ମହାସଂଘର ମହାସଭା**

କଳାହାଣ୍ଡି ଜିଲା ଭବାନୀପାଟଣା ଆମ୍ବଗଛପଡାସ୍ଥିତ ବାଲାଜୀ ସାଂସ୍କୃତିକ ଅନୁଷ୍ଠାନଠାରେ ରବିବାର ଦକ୍ଷିଣୀ ଶୌଣ୍ଡିକ ମହାସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ସତ୍ୟ ନାରାୟଣ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା କମିଟି ଓ ବ୍ଲକ ଆଞ୍ଚଳିକ କମିଟି କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ସମାଜ ସମ୍ପର୍କିତ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଆଗାମୀ ଏପ୍ରିଲ ୮, ୯ ଓ ୧୦ ତାରିଖରେ କୋକସରା ବ୍ଲକ ଲଡୁଗାଁଠାରେ ସମାଜର ମହାସଭା ଅନୁଷ୍ଠିତ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଶୌଣ୍ଡିକ ମହାସଂଘ ମହାସଭା ବାର୍ତ୍ତା ସମାଜ ପ୍ରତ୍ୟେକ ସଭ୍ୟଙ୍କ ନିକଟରେ ପହଞ୍ଚାଇବା ଆଭିମୁଖ୍ୟ ନେଇ ଏକ ସଦୃଶ୍ୟ ରଥ ସାମାଜିକ ସନ୍ଦେଶ ନେଇ ଜିଲାର ସମସ୍ତ ଅଞ୍ଚଳ ପରିକ୍ରମା କରିବ। ଏଥିପାଇଁ କଳାହାଣ୍ଡି ତଥା ଟିଟଲାଗଡ ଡିଭିଜନର ବ୍ଲକ ଆଞ୍ଚଳିକ କମିଟିଗୁଡିକ ନିଜର ଅଞ୍ଚଳର ସଭ୍ୟ ତଥା ପାଣ୍ଠି ସଂଗ୍ରହ ପାଇଁ ଏବେଠାରୁ କ୍ରିୟାଶୀଳ ହୋଇ କାର୍ଯ୍ୟକରିବାକୁ ଜିଲା ସାଧାରଣ ସମ୍ପାଦକ ଥବିର ପ୍ରାସାଦ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ ମହାସଂଘ କୋଷାଧ୍ୟକ୍ଷ ଶେଷଦେବ ସାହୁ, ଉପସଭାପତି ତୁଳସୀ ରାମ ସାହୁ, ମହାସଭା ଅୟୋଜନ କମିଟି ସଭାପତି ବ୍ୟୋମକେଶ ସାହୁ, ଭବାନୀପାଟଣା ସଦର ବ୍ଲକ ଆଞ୍ଚଳିକ କମିଟି ସଭାପତି କୁଳମଣି ସାହୁ, ସମ୍ପାଦକ ମକରଧ୍ୱଜ ସାହୁ, ରାଜେନ୍ଦ୍ର କୁମାର ସାହୁ, କୋକସରା ବ୍ଲକ ହେମନ୍ତ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ରାଜେଶ ସାହୁ, ଉପେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଧର୍ମଗଡ ଜୁନାଗଡ଼ ବ୍ଲକ ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ମନୋଜ କୁମାର ସାହୁ, ସହସମ୍ପାଦକ ଲକ୍ଷ ସେନାପତି, କଳମପୁର ବ୍ଲକ ସଭାପତି ଗଣେଶ ସାହୁ, ଟୁନା ସାହୁ, କେସିଙ୍ଗା ବ୍ଲକ ସଭାପତି ଅନିରୁଦ୍ଧ ସାହୁ, ଟିଟଲାଗଡ଼ ସଭାପତି ପ୍ରଦୀପ ବେହେରା, ଅଲେଖ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗୋପାଳ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଓ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଗୋଇମୁଣ୍ଡି ଏଚ୍‌ବିସିସି ଚାମ୍ପିୟନ

ଖଡ଼ିଆଳ,୨୯।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଗୋଇମୁଣ୍ଡି ଏଚ୍‌ବିସିସି କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଗୋଇମୁଣ୍ଡି ଏଚବିସିସି ଓ ଚଳାନପଡା ଦଳ ମଧ୍ୟରେ ଫାଇନାଲ ଖେଳରେ ଗୋଇମୁଣ୍ଡି ଏଚ୍‌ବିସିସି ଚାମ୍ପିୟନ ହୋଇଥିଲା। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲା ସାଧାରଣ ସମ୍ପାଦିକା ମମତା ମଞ୍ଜରୀ ଥପା, ସମ୍ମାନିତ ଅତିଥି ଭାବେ ଗୋଇମୁଣ୍ଡି ଗୌନ୍ତିଆ ତଥା ଶିକ୍ଷା ବିତ ଶୁଶୀଳ କୁମାର ଚାଲାନ, ଜିଲା ପ୍ରେସକ୍ଲବ ସଭାପତି ପରମେଶ୍ୱର ବାରିକ, ସ୍ୱେଚ୍ଛାସେବୀ ଯଯାତି କେଶରୀ ବାରିକ, ସସ କୁମାର ରାଉତରାୟ, ଗୋଲୁ ଅଗ୍ରୱାଲ, ବଣ୍ଟି ଅଗ୍ରୱାଲ, ଦୟା ଥପା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲରେ ଅମ୍ପାୟର ଭାବେ ଅଶୋକ କୁମାର ଚଳାନ ଏବଂ ବାଳକୃଷ୍ଣ ଚଳାନ ଖେଳ ପରିଚାଳନା କରିଥିବାବେଳେ ଧାରା ବିବରଣୀ ସସ କୁମାର ରାଉତ ରାୟ ଓ ଚଣ୍ଡି ଚରଣ ବାଗ ସମ୍ପାଦନ କରିଥିଲେ। ଟୁର୍ନାମେଣ୍ଟ ଗୋଟିଏ ଦିନ ହୋଇଥିବା ବେଳେ ୮ଟି ଦଳ ଯୋଗଦେଇଥିଲେ। ଗୋଇମୁଣ୍ଡି ଏଚବିସିସି ଟୁର୍ନାମେଣ୍ଟ ସଭାପତି ବିନୟ କୁମାର ରାଉତ, ସମ୍ପାଦକ ଅଶୋକ ବାଗ, ଟିମ କ୍ୟାପଟେନ କ୍ଷୀର ସାଗର ବନଛୋର, ଭାଇସ କ୍ୟାପଟେନ ଓଁକାର କଟା, ସଦସ୍ୟ ଦୁଷ୍ମନ୍ତ ପଟେଲ, ସୁମନ୍ତ ସାଗରିଆ, ବିନୋଦ ତାଣ୍ଡି, ଗୋବର ଧନ ସୁନାନୀ, ବିଜୟ ସୁନାନୀ, ବଳଦେବ ବାଗ ସହଯୋଗ କରିଥିଲେ। ସଭାପତି ବିନୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## କାର୍ଯ୍ୟ ଆରମ୍ଭରୁ ଅନିୟମିତତା ଅଭିଯୋଗ

କର୍ଲାମୁଣ୍ଡା,୨୯।୧(ଡି.ଏନ.ଏ.)

**ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା ନିର୍ମାଣ**

କଳାହାଣ୍ଡି ଜିଲା କର୍ଲମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତ ବାଗବୁରାଇ ତାରିଣୀ ଛକଠାରୁ ଭଟାପଲା କେନାଲ ଛକ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଛି। ଏହି ଖବର ପ୍ରଚାର ହେବା ମାତ୍ରେ ଜନସାଧରଣ ଖୁସି ବ୍ୟକ୍ତକରିଥିଲେ। କାର୍ଯ୍ୟ ଆରମ୍ଭରୁ ଅନିୟମିତତା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟରେ ନିୟୋଜିତ ଠିକାଦାର ଜଣଙ୍କ ମୋନମୁଖି କାମ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂନାଯୋଗ୍ୟ ଯେ, ନିମାଣାଧୀନ ରାସ୍ତାର ଦୁଇ ପାର୍ଶରେ ପଥର ଗୁଣ୍ଡ ଓ ବଜରି ପଡିବାର ନିୟମ ରହିଥିଲେ ହେଁ ଠିକାଦାର ଜଣକ ପଥର ଗୁଣ୍ଡ ସହିତ ପ୍ରଚୁର ପରିମାଣରେ ବାଲି ଓ ଅଳ୍ପ ପରିମାଣରେ ବଜରି ମିଶେଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶୋଷଣ କୁହୁଲାଙ୍କୁ ପଚାରିବାରୁ ଏମିତି ହେବା କଥା ନୁହେଁ ବୋଲି କହିବା ସହ ମୁଁ ତଦନ୍ତ କରିବି ବୋଲି କହିଛନ୍ତି। ତେବେ ଠିକାଦାର ଉତ୍କଳ ଶୁକ୍ଲାଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକଉତ୍ତର ଦେଇ ନ ଥିଲେ। ଅନ୍ୟପଟେ ଠିକାଦାର ଜଣକ କ୍ଷମତାଶାଳୀ ହୋଇଥିବାରୁ ସ୍ଥାନୀୟ ଲୋକେ ଭୟରେ ପ୍ରତିବାଦ କରିପାରୁ ନ ଥିବା ପ୍ରକାଶ କରିଛନ୍ତି।


ବାଗବୁରାଇ ତାରିଣୀ ଛକଠାରୁ ଭଟାପଲା କେନାଲ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଛି।

## ଜିଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୯।୧

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ନୂଆପଡ଼ା ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜିଲାସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ବଲାଙ୍ଗୀର, ସୋନପୁର, ଗଜପତି, ନବରଙ୍ଗପୁର ଓ ଢେଙ୍କାନାଳ ଜିଲାର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ନୂଆପଡ଼ା ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ଆଶିଷ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନୱାଇକେଏସ ଆଞ୍ଚଳିକ ନର୍ଦ୍ଦେଶିକା ହନି ସିହ୍ନା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଏନଏସଏସ ଜିଲା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ କୁମାର ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ନୂଆପଡା ଅଧକ୍ଷା ଅନିତା ଶାହା, ଶିକ୍ଷକ ପ୍ରବୋଧ ହୋତା, ଲେଖକ ସୁଶାନ୍ତ କୁମାର ମୁଣ୍ଡ, ସୀମାଞ୍ଚଳ ମହାପାତ୍ର, ରତନ କେତକି ପ୍ରମୁଖ ବିଚାରକ ମଣ୍ଡଳି ଭାବେ ଉପସ୍ଥିତ ଥିଲେ। ପ୍ରତ୍ୟେକ ଜିଲାରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟସ୍ତରରେ ଉତ୍ତିର୍ଣ୍ଣ ପ୍ରତିଯୋଗୀମାନେ ପାର୍ଲିଆମେଣ୍ଟ ହାଉସରେ ହେବାକୁ ଥିବା ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ଭାଗ ନେବେ। କାର୍ଯ୍ୟକ୍ରମ ଏନୱାଇକେ କଳାହାଣ୍ଡି ଯୁବ ଅଧିକାରୀ ପ୍ରସନ୍ନ ମେହେର, ନବରଙ୍ଗପୁର ଜିଲା ଯୁବ ଅଧିକାରୀ ଭୂଖିଆ ରମେଶ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଏନୱାଇକେର ମୁକେଶ ପାଣ୍ଡେ, ଭାରତୀ ଭୋଇ, ଜନକ ରାମ ପାଣ୍ଡେ, କବିତା ଶବର ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରକ ମଣ୍ଡଳୀ।

## ୨୩ ବର୍ଷ ହେଲା ରାଜ୍ୟ ସରକାର ଓଡ଼ିଆଙ୍କୁ ଠକୁଛନ୍ତି

ଧର୍ମଗଡ଼,୨୯।୧(ଡି.ଏନ.ଏ.)



ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଭାଜପା ନେତୃମଣ୍ଡଳୀ ବୃନ୍ଦ।

**ଭାଜପାର ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ**

କଳାହାଣ୍ଡି ଜିଲା ଭାଜପା ଧର୍ମଗଡ଼ ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ରବିବାର ସନ୍ଦିକୁଲିଆରୀ ମହାଭାରତ ଆମ୍ବତୋଟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ସୁଧୀର ପଟଯୋଷୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା ଉପସ୍ଥିତି ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ବୁଝାଇଥିଲେ। ତଳସ୍ତରରେ ଯୋଜନାଗୁଡ଼ିକର କାର୍ଯ୍ୟ କରିବା ଏବଂ ଯୋଗ୍ୟ ହିତାଧିକାରୀ ଉପକୃତ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସବକା ସାଥ- ସବକା ବିକାଶ ଡାକରା ସଫଳ ହୋଇ ପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ଉଦ୍‌ବୋଧନ ଦେଇ ୨୩ ବର୍ଷର ରାଜ୍ୟ ସରକାର ଦ୍ୱାରା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ ନାମ ବଦଳାଇ ବାହା ବାହା ନେବା ତଥା ରାଜ୍ୟର ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ଠକି ଚାଲିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ବିଧାୟକ ଯୁଗରାମ ବେହେରା, ଅବସରପ୍ରାପ୍ତ ଶିକ୍ଷା ବିଭାଗ ବରିଷ୍ଠ କିରାଣି ଜବାହରଲାଲ ବାଗ, କୃଷକ ମୋର୍ଚ୍ଚା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅପରେଶ ସ୍ୱାଇଁ, ଯୁବମୋର୍ଚ୍ଚା ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ଜିଲା ଶିକ୍ଷା ପ୍ରକୋଷ୍ଠ ଆବାହକ ଜଗବନ୍ଧୁ ମିଶ୍ର, ଛିଲିପା ସରପଞ୍ଚ ତଥା ଟିପିଗୁଡ଼ା ମଣ୍ଡଳ ସଭାପତି ବିଭୁଦତ ପ୍ରଧାନୀ, ଧର୍ମଗଡ଼ ନଗର ମଣ୍ଡଳ ସଭାପତୀ ହରେକୃଷ୍ଣ ପଣ୍ଡା, ଖଇରପଦର ମଣ୍ଡଳ ସଭାପତୀ ଜୟସଙ୍କର ମୁଣ୍ଡ, ପର୍ଲା ମଣ୍ଡଳ ସଭାପତୀ ପରାଶ୍ୱର ସାହୁ ବିଜମାର ମଣ୍ଡଳ ସଭାପତୀ ଅରୁଣ ପଣ୍ଡା, କଲମପୁର ମଣ୍ଡଳ ସଭାପତୀ କମଳ ବାଗ, ମୋଟେର ମଣ୍ଡଳ ସଭାପତୀ ସୁୟମ୍ବର୍ ବାଗ, କୋକସରା ମଣ୍ଡଳ ସଭାପତୀ ଦୁର୍ଗା ପ୍ରଧାନୀ, ଆମପାଣି ମଣ୍ଡଳ ସଭାପତୀ ଅର୍ଜୁନ ଭାଟି, ଜିଲା ସମ୍ପାଦିକା କାଞ୍ଚନ ବାଗ, ଜିଲା ସମ୍ପାଦକ ଗୋଦାବରୀଶ ପାତ୍ର, ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ମଣ୍ଡଳ ସାଧାରଣ ସମ୍ପାଦକ ଜଗତରାମ ସାହୁ, ଲଳିତ ବାଗ, ଏକାଦଶୀ ଗୋପାଳ, ଘନଶ୍ୟାମ ଭାଟି, ଯୁବମୋର୍ଚ୍ଚା ଟିପିଗୁଡ଼ା ମଣ୍ଡଳ ସଭାପତି ଲକ୍ଷ୍ମଣ ମେହେର ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ମା' ମାଣିକେଶରୀ ହାରଭେଷ୍ଟର ଚାଳକ ସଂଘ କଳାହାଣ୍ଡି ଜିଲାର ପ୍ରାୟ ଏକସତ ଜଣ ଓ କଲମପୁର ବ୍ଲକ କୋଟା ଗାଁର ଅଭିମନ୍ୟୁ ମୁଣ୍ଡ ଓ ଘନଶ୍ୟାମ ବେହେରା ତଥା ତାରାପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ରାମେଶ୍ୱର ଶବର ପ୍ରମୁଖ ଯୋଗଦାନ କରିଥିଲେ।

# କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ



ମହୋତ୍ସବର ତୃତୀୟ ସନ୍ଧ୍ୟାର ଅତିଥି।

■ ପ୍ରଥମ ହରଭଙ୍ଗା ଲୋକ ମହୋତ୍ସବ
■ ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର

ବୌଦ୍ଧ, ୨୯।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ହରଭଙ୍ଗାଠାରେ ଚାଲିଥିବା ହରଭଙ୍ଗା ଲୋକ ମହୋତ୍ସବର ରବିବାର ଥିଲା ତୃତୀୟ ଦିବସ। ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି ଲୋକ ମହୋତ୍ସବର ତୃତୀୟ ଦିବସ ସଭା ଲୋକକଳା ଓ ସାଂସ୍କୃତିକ ପରିଷଦ ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ହରଭଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ସମ୍ମାନୀତ ଅତିଥିଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ, ହରଭଙ୍ଗା ବିଡିଓ ବିଜୟ ପ୍ରଧାନ, ଏବିଡିଓ ସୁବାସ ଚନ୍ଦ୍ର ଜାନୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଲେଖକ ନାରାୟଣ ସାହୁ, କୁଶଙ୍ଗ ସମିତି ସଭ୍ୟ କାହ୍ନୁଚରଣ ନାଥ, ହରଭଙ୍ଗା ସମିତି ସଭ୍ୟ ଚିତରଞ୍ଜନ ସେଠୀ, ମହାଲିକପଡା ସମିତି ସଭ୍ୟା ସୁଷମା ବେହେରା, ଲୋକକଳା ଓ ସାଂସ୍କୃତିକ ପରିଷଦ ସମ୍ପାଦକ ସରୋଜ କୁମାର ଭୋକ୍ତା ମଞ୍ଚାସୀନ ଥିଲେ। ଅତିଥିମାନେ ହରଭଙ୍ଗା ଲୋକମହୋତ୍ସବ ଆମ ଅଞ୍ଚଳର କଳା ଓ କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ଏଥିସହ ହଜିଯାଉଥିବା କଳାକୁ ବଞ୍ଚାଇ ହୋଇପାରିବ ବୋଲି କହିଥିଲେ। ମହୋତ୍ସବର ତୃତୀୟ ଦିବସ ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ଓ ସ୍ଥାନୀୟ କଳାକାରଙ୍କ ନୃତ୍ୟରେ ମହୋତ୍ସବ ପଡିଆ ଦୁଲିକି ଉଠିଥିଲା।

ମହୋତ୍ସବ କମିଟି ସଦସ୍ୟ ପ୍ରଫୁଲ୍ଲ ସାହୁ, ପ୍ରତିରଞ୍ଜନ ଦାସ, ବିକାଶ ବେହେରା, ଶୁଭଙ୍କର ପ୍ରଧାନ, ସୁରେଶ ନାଏକ, ଶ୍ରୀକାନ୍ତ ସେଠୀ, ଶ୍ରୀନିବାସ ସାହୁ, ମାନଭଞ୍ଜନ ନାଏକ, ପ୍ରଦୀପ ନାଏକ, ନରୋତ୍ତମ ପ୍ରଧାନ, ସଞ୍ଜୀବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନଟବର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଖିଳ କ୍ଷତ୍ରିୟ ଗୋଣ୍ଡ ସମାଜ ବୈଠକ

ପାଇକମାଲ,୨୯।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଅନ୍ତର୍ଗତ ବରତୁଣ୍ଡାରେ ପୁରେନା ସର୍କଲର ଗୋଣ୍ଡ ସମାଜ ବାର୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଧନେଶ୍ୱର ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭୋଜରାମ ଧରୁଆ ମୁଖ୍ୟବକ୍ତା, ଅମର ସିଂ ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ ପୁଟା ସଭା ପରିଚାଳନା କରିଥିବା ବେଳେ ପୁରେନା, ମୋତିପାଲି, ଖପୁରିଡିହି, ବରତୁଣ୍ଡା, ବାଦିବାହାଲ, ଭୁଇଁଖାର, ନୀଳାଥର, ନୂଆଁଡିହି, ଧାରୋଲ ଆଦି ଗ୍ରାମର ଗୋଣ୍ଡ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏଥିରେ ମହିଳା, ଛାତ୍ର ସଙ୍ଗଠନର ବହୁ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ଆୟବ୍ୟୟ, ସମାଜର ରୀତିନୀତି ଏବଂ ଫେବୃୟାରୀରେ ଝାରସୁଗୁଡ଼ାରେ ହେବାକୁ ଥିବା ସମାଜର ଅନ୍ତରାଷ୍ଟ୍ରୀୟ ମହାସଭା ଉପରେ ଆଲୋଚନା କରାଯାଇଥିଲା। ଶୁକଦେବ ମାଝୀ, ରୁକ୍ମଣ ଧରୁଆ, ଗୋବର୍ଦ୍ଧନ ପୁଟା, ହରିଦେବ ଧରୁଆ, ମଦନ ଭୁଏ, ଶୁକଲାଲ ଦାଉ, ମୋତିଲାଲ ଧରୁଆ, ଟେଙ୍ଗୁନୁ ଧରୁଆ, ଗୌରେଶନ ଧରୁଆ, ଦଶରଥ ନେତାମ, ଆନନ୍ଦ ପୁଟା, ସୂର୍ଯ୍ୟ ଧରୁଆ, ଝୁନିଆ ପୁଟା, କାଞ୍ଚନ ନେତାମ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଭାବେ ଛାତ୍ର ସଂଗଠନ କରାଯାଇ ସଭାପତି ଭାବେ ବିଜୟ ସିଂ ଭୁଏ, ଉପସଭାପତି ତୁଲେଶ୍ୱର ନେତାମ, ସମ୍ପାଦକ କୁଳଦେବ ଦାଉଙ୍କୁ ମନୋନୀତ କରାଯାଇଥିଲା। ସୁଫଳ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ବରଗଡ଼ ଅଫିସ,୨୯।୧: ବରଗଡ଼ ଜିଲା ଭଟଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଟଲି ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ମୁଖ୍ୟ ଅତିଥି, କଳାପାଣି ମହାତ୍ମା ଗାନ୍ଧୀ ମହାବିଦ୍ୟାଳୟର ଅଧ୍ୟାପକ ମୋହନ ସାହୁ ମୁଖ୍ୟବକ୍ତା, ଶିଳ୍ପପତି ଗୋବର୍ଦ୍ଧନ



ବିରମିୱାଲ, ରୋହିତ ପିପଲାନୀ, ଗୋବିନ୍ଦ ପ୍ରଧାନ, ଈଶ୍ୱର ଚନ୍ଦ୍ର ସାହୁ, ଭଟଲି ବିଡ଼ିଓ ଧୀରେନ୍ଦ୍ର କୁମାର ସେଠୀ, ବିଜିକା ବିଡିଓ ବ୍ୟାସଦେବ ବେହେରା, ରାମଚନ୍ଦ୍ର ଡନସନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୟାନିଧି ପଧାନ, ଆନନ୍ଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସିଂ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ଝିଙ୍କି ବିଦ୍ୟାଳୟର ବାର୍ଷିକୋତ୍ସବ

ସୋନପୁର,୨୯।୧(ନି.ପ୍ର.)

ସୋନପୁର ବ୍ଲକ ବଡଝିଙ୍କି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲାର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ସମ୍ମାନିତ ଅତିଥିଭାବେ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର, ଜନମୁରା ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ବାରିକ, ଜନମୁରା ସମିତି ସଭ୍ୟ ଗୀତାଞ୍ଜଳି ମଲ୍ଲିକ, କଳାପଥର ପଞ୍ଚାୟତର ସମିତି ସଭ୍ୟ ତଥା ଯୁବ ସାମାଜିକକର୍ମୀ ଅରବିନ୍ଦ ବାରିକ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ ଦାଶ, ଫକୀର ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ପାଠ ପଢିବା ସହ ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡିଶୀ, ସମ୍ବଲପୁରୀ, ମରାଠା ଓ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ଉତ୍ସବରେ ୨ଟି ସଚେତନଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। କରୋନା ମହାମାରୀ ଜନିତ କଟକଣା ଯୋଗୁଁ ଗତ ଦୁଇ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବ ହୋଇ ପାରି ନଥିଲା। ତେଣୁ ଚଳିତ ବର୍ଷ ଉତ୍ସବକୁ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଲୋକନାଥ ଦାଶ, ଉମାକାନ୍ତ ମିଶ୍ର, ବୁଦ୍ଧଦେବ ସା, ବ୍ରତାନନ୍ଦ ଭୋଇ ଓ ହେମନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସୁବାସିନୀ ସାହୁ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷକ ଦିଲ୍ଲିପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ସୂର୍ଯ୍ୟକାନୁନ ଦାଶ, ମୀନତି କୁମାରୀ ରଥ ଓ ବାସନ୍ତୀ ମହାପାତ୍ର ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ମିତା ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।



ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଶିକ୍ଷକ ମହୋତ୍ସବ, ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷକ।

ତରଭା, ୨୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ କମସରା ଖେଳପଡିଆରେ ତରଭା ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ୬ଷ୍ଠ ଶିକ୍ଷକ ମହୋତ୍ସବ ଓ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ମହାବିଦ୍ୟାଳୟ ପ୍ରଧାପକ ଡକ୍ଟର ରାକେଶ ମହାନ୍ତି ଯୋଗଦେଇଥିଲେ। ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ କମସରା ଫାଣ୍ଡି ଅଧିକାରୀ ଗଜାନନ ସାହୁ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ଶିକ୍ଷକ ତରଣୀସେନ ନାଗ ଓ ରୋହିତ କୁଅଁର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ସଞ୍ଜୀବ ସେଠୀ ଚଳିତ ବର୍ଷ ଇହଧାମ ତ୍ୟାଗ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ପାଠ କରି ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଦ୍ୟୁମ୍ନ ମହାନ୍ତି ସ୍ୱାଗତ ଭାଷଣ ଓ ରାଧେଶ୍ୟାମ କୁଅଁର ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏନପିଏସ ସଭାପତି ପ୍ରହଲ୍ଲାଦ ଚୌହାନ, ସମ୍ମାନୀତ ଅତିଥି ସାହୁ ଏବଂ ମହାପାତ୍ର ସଭାକୁ ଉଦ୍‌ବୋଧନ କରି ଶିକ୍ଷକ ଏକତା ବଜାୟ ରଖିବାକୁ ଆହ୍ୱାନ କରିଥିଲ୍ଲେ। ମୁଖ୍ୟବକ୍ତା ପୁରୋହିତ ବ୍ୟଙ୍ଗ କବିତା ମାଧ୍ୟମରେ ସମାଜକୁ ଶିକ୍ଷକମାନଙ୍କ ଅବଦାନ, ସାଂପ୍ରତିକ ପରିସ୍ଥିତିରେ ନୈତିକ ଶିକ୍ଷା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଡ.ମହାନ୍ତି ଶିକ୍ଷୟିତ୍ରୀ ଶିକ୍ଷକ ନିଜକୁ ଆଧୁନିକ ବୈଷୟିକ ଜ୍ଞାନକୌଶଳରେ ବଳିୟାନ କରି ଶିକ୍ଷାଦାନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ସେ ପ୍ରତି ବର୍ଷ ତରଭା ବ୍ଲକରୁ ଜଣକୁ ଶ୍ରେଷ୍ଠ ଶିକ୍ଷକଶିକ୍ଷୟିତ୍ରୀ ପୁରସ୍କାର ଦେବାପାଇଁ ପ୍ରତିବର୍ଷ ଦଶ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଅତିଥିଭାବେ ଯୋଗଦାନ କରିଥିବା ସୋନପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଦିଲୀପ ମିଶ୍ର ତରଭା ବ୍ଲକ ଶିକ୍ଷକ ଏକତାକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ଶିକ୍ଷକ ମୁନୁକୁମାର ମିଶ୍ର, ବିଷ୍ଣୁ ଚରଣ ମହଲା, ପ୍ରଦୀପ କୁମାର ମିଶ୍ର, ଆନନ୍ଦ ବିହାରୀ ତାଣ୍ଡି, ସୁରେନ୍ଦ୍ର ପାଣ୍ଡେ, ଶ୍ୟାମ ସୁନ୍ଦର କୁଅଁର, ରମେଶ ଭୋଇ, ଗୋବର୍ଦ୍ଧନ ଧରୁଆ, ଶଙ୍କର୍ଷଣ ପଣ୍ଡା, ଶିକ୍ଷୟିତ୍ରୀ ଲଳିତା ସାହୁ, ଯମୁନା ମହାପାତ୍ର, ସ୍ୱର୍ଣ୍ଣଲତା ସାହୁ, ମିନା ସାହୁ, ମିନାକ୍ଷୀ ପୁରୋହିତ, ସାବିତ୍ରୀ ମାହାଣା, ଯଶୋବନ୍ତୀ ନାଏକ ଓ ଇନ୍ଦ୍ରାଣୀ ମାହାଣା ପ୍ରମୁଖଙ୍କ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୟନ୍ତୀ ପୂଝାରୀ, ଚିତ୍ରଭାନୁ ସିଂ ମାଝି ଓ କର୍ଣ୍ଣ ଧରୁଆଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ରବିନାରାୟଣ ସାହୁ ମାନପତ୍ର ପଠନ କରିଥିଲେ।

## ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ମହାସଭା

ଜାମଟିକ୍ରା,୨୯।୧(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଡୁରୁରକୁସୁମଠାରେ ରବିବାର ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ମହାସଭା ଆୟୋଜିତ ହୋଇଯାଇଛି। ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ସଭାନେତ୍ରୀ ଶୈଳବାଳା ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି



ମହାସଭାରେ ଶତାଧିକ ହୀରାକୁଦ ବିସ୍ଥାପିତ ମହିଳାପୁରୁଷ ଯୋଗଦାନ କରିଥିଲେ। ଏଥିରେ ଉକ୍ତ କଲ୍ୟାଣ ସମିତି ଉପସଭାପତି ଲୋକନାଥ ସାହୁଙ୍କ ସମେତ ହରେକୃଷ୍ଣ ମେହେର, ମିଳନ ସେଠ, ବିରେନ୍ଦ୍ର ନାରାୟଣ ହୋତା, ବିନୋଦ ଦଣ୍ଡସେନା, ପର୍ଶୁରାମ ସେଟ, ସନ୍ତୋଷ ମିର୍ଦ୍ଧା ପ୍ରମୁଖ ଯୋଗଦେଇ ନିଜ ନିଜ ମତପ୍ରକାଶ କରିଥିଲେ। ସରକାର ବିସ୍ଥାପିତ ପରିବାର ବର୍ଗଙ୍କୁ କୌଣସି ସୁବିଧା ସୁଯୋଗ ଦେଉନାହିଁ ଏବଂ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଛି ବୋଲି ମତ ଦେଇଥିଲେ।

# ବରଗଡ଼ରେ କିଟ୍‌ର ରୌପ୍ୟ ଜୟନ୍ତୀ




କିଟ୍‌ର ରୌପ୍ୟ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ୍,୨୯।୧

କିଟ୍‌ର ରୌପ୍ୟ ଜୟନ୍ତୀ ଅବସରରେ ରବିବାର ବରଗଡ଼ ସହରରେ କିସ୍ ଏବଂ କିଟ୍ ଆନୁକୂଲ୍ୟରେ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସ୍ଥାନୀୟ ମିନି ଷ୍ଟାଡ଼ିୟମରୁ ବାହାରି କାଳୀ ମନ୍ଦିର ଛକ, ଥାନା ଛକ, ଏସ୍‌ପି ଅଫିସ ଛକ ଦେଇ ପୁଣି ମିନି ଷ୍ଟାଡ଼ିୟମରେ ପହଞ୍ଚିଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ସ୍ଥାନୀୟ ଜର୍ଜ ହାଇସ୍କୁଲ, ଟାଉନ ହାଇସ୍କୁଲ, ନିଶାମଣି ହାଇସ୍କୁଲ, ବାଳିକା ହାଇସ୍କୁଲ ଆଦି ଅନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର ଭାଗ ନେଇଥିଲେ।

ଏହି ଅବସରରେ ଆୟୋଜିତ ଏକ ସଭାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ଏସ୍‌ଡ଼ିପିଓ ଅମ୍ରିତ କୁମାର ପଣ୍ଡା, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ଜାବ୍ ସଭାପତି ରବି ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ମହେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ସଭା ପରିଚାଳନା କରିଥିଲେ। କିସ୍‌ର ଜିଲା ସଂଯୋଜକ ନିକାଶ ଚନ୍ଦ୍ର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

ବରପାଲି,୨୯।୧(ଡି.ଏନ.ଏ.): ବରପାଲି ନିକଟସ୍ଥ ବରମକେଲା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସଭାପତି ମନୋହର ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, କ୍ଷୀରୋଦ୍ର ପ୍ରଧାନ ସମ୍ମାନିତ ଅତିଥି, ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବେଦବର ପ୍ରଧାନଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ରଣା ଉପସ୍ଥିତ ଥିଲେ। ଶଙ୍କରାଜି ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ।

# ରୌପ୍ୟ ଜୟନ୍ତୀ ଅବସରରେ ମିନି ମାରାଥନ




ଅତିଥିମାନେ ମିନି ମାରାଥନର ଶୁଭାରମ୍ଭ କରୁଛନ୍ତି।

ବୌଦ୍ଧ, ୨୯।୧( ସ୍ୱ.ପ୍ର)

କିସ୍ ପକ୍ଷରୁ ସମସ୍ତଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ ଅବସରରେ ବୌଦ୍ଧ ଜିଲାରେ ରବିବାର ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିସର ରୌପ୍ୟ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି ମିନି ମାରାଥନ ବୌଦ୍ଧ ମର୍ଜାକୁଦ ଛକଠାରୁ ବାହାରି ସହର ପରିକ୍ରମ କରି ଜିଲା ଷ୍ଟାଡିୟମରେ ଶେଷ ହୋଇଥିଲା। ସେଠାରେ ଅନୁଷ୍ଠିତ ଏକ ସଭାରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନ୍ଦ୍ର କୁମାର ରାଉତ, ବୌଦ୍ଧ ଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ପଞ୍ଚୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ଆଇପି ଆନନ୍ଦ ବେହେରା, ଏମ୍‌ପି ପ୍ରତିନିଧି ତାରେଣୀ ମହାପାତ୍ର ଯୋଗଦେଇଥିଲେ। ଅତିଥିମାନେ ସାଂସଦ ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମ ଶିକ୍ଷା ଓ କ୍ରୀଡା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ବୋଲି ପ୍ରକାଶ କରିଥିଲେ। ସୁମନ ଷଡଙ୍ଗୀ ସଭା ପରିଚାଳନା, ଜିଲା ସଂଯୋଜକ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ପାଇକମାଲ, ୨୯।୧(ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଲ ବ୍ଲକ ମାଣ୍ଡୋସିଲ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ପାଠଚକ୍ର ସଭାପତି ଗୋକୁଳାନନ୍ଦ ଡନସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ପାଇକମାଳ ବିଡିଓ ସୁରେନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି, ମାଣ୍ଡୋସିଲ ଜୁନିୟର କଲେଜ ଅଧ୍ୟକ୍ଷ ନାରାୟଣ ନାୟକ ସମ୍ମାନିତ ଅତିଥି ଏବଂ ଆଇନଜୀବୀ ବିଭୁଦତ୍ତ ଚଲାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀଅରବିନ୍ଦ ପାଠଚକ୍ର ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ସ୍ୱାଗତ ଭାଷଣ ଏବଂ କେନ୍ଦ୍ର ଅଧ୍ୟକ୍ଷ ଗଙ୍ଗାଧର ରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରତ୍ୟେକ ଶ୍ରେଣୀର ଟପ୍ପର ଛାତ୍ର, ନବୋଦୟ, ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ମଡ଼େଲ ସ୍କୁଲରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀ ସ୍ୱୟଂଶ୍ରୀ ମହାନ୍ତି ଓ ସ୍ପୋର୍ଟସ୍ ଚାମ୍ପିୟନ ରିତେଶ ଭୋଇଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ବେଦରାମ ପଟେଲ, ଥବିର ରଣା ଓ ଶିବ ଜଗତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନିରୁଦ୍ଧ ପଣ୍ଡା, ତପନ ବହିଦାର, ଭିଏସ ନନ୍ଦ ବରିହା, ମଳୟ ହଂସ, ହରିପ୍ରିୟା ସାହୁ, କରୁଣା ପ୍ରଧାନ, ସୁଧାଂଶୁ ଶେଖର ସାହୁ, ରାଏମତି କାରେ, ଗିରିଶ ଚନ୍ଦ୍ର ମାଝୀ, ଲିଙ୍ଗରାଜ ରଣା ପ୍ରମୁଖ ସହଯୋଗ କରିଥିଲେ। ଥବିର ରଣା ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ବ୍ଲକସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମୁର୍ଷୁଣି ପଞ୍ଚାୟତ ଚାମ୍ପିୟନ

ଅମରପାଲି,୨୯।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ଥାନୀୟ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟଚ ମୁର୍ଷୁଣି ପଞ୍ଚାୟତ ଓ ବାଗବର ପଞ୍ଚାୟତ ମଧ୍ୟରେ ହୋଇଥିଲା। ବାଗବର ପଞ୍ଚାୟତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୪୧ରନ କରିଥିଲା। ଜବାବରେ ମୁର୍ଷୁଣି ପଞ୍ଚାୟତ ଦଳ ଆବଶ୍ୟକ ୪୨ରନକୁ ୮.୪ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୂର୍ବରୁ ପ୍ରଥମ ସେମିଫାଇନାଲରେ ମୁର୍ଷୁଣି ପଞ୍ଚାୟତ ସୁବଲୟା ପଞ୍ଚାୟତକୁ ଏବଂ ଦ୍ୱିତୀୟ ସେମିରେ ବହଳପଦର ପଞ୍ଚାୟତକୁ ହରାଇ ବାଗବର ପଞ୍ଚାୟତ ଫାଇନାଲରେ ପ୍ରବେଶ କରିଥିଲା। ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କ ପୌରୋହିତ୍ୟରେ ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା ମୁଖ୍ୟ ଅତିଥି ଏବଂ ଉପାଧ୍ୟକ୍ଷ ନାରାୟଣ ଲୁହା, ଏବିଡିଓ ପୁରୁଷୋତ୍ତମ ଧରୁଆ, ମୁର୍ଷୁଣି ସରପଞ୍ଚ ମନୋଜ କୁମାର ସାହୁ ଓ ବାଗବର ସରପଞ୍ଚ ନିରୁପମା ବର୍ଗର୍ତ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ମୁର୍ଷୁଣି ଦଳର ହରିଶ୍ଚନ୍ଦ୍ର ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ବିଭୂତି ପ୍ରଧାନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯିବା ସହିତ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ବ୍ଲକର ସମସ୍ତ ପଞ୍ଚାୟତ ଦଳ ସହିତ ପଞ୍ଚାୟତ ସମିତିର ସରକାରୀ କର୍ମଚାରୀଙ୍କ ଏକେ ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚକୁ ନାରାୟଣ ମଲ୍ଲିକ ଓ ରାକେଶ ଝାଙ୍କର ପରିଚାଳନା କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଅନିୟମିତତା

କର୍ଲାମୁଣ୍ଡା,୨୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ ଦୀର୍ଘ ଦିନରୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ହୋଇ ପାରି ନାହିଁ। ଫଳରେ ବିଦ୍ୟାଳୟଗୁଡ଼ିକ ଧାରକରଜ କରି ବହୁ କଷ୍ଟରେ ମଧ୍ୟାହ୍ନ ଭୋଜନ ପରିଚାଳନା କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ଧରଣୀ ପଡା (ରିଞ୍ଜି) ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଗତ ଅକ୍ଟୋବର ୨୮ ତାରିଖରୁ ଚାଉଳ ପାଇ ନ ଥିବା ନେଇ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣେଇଥିଲେ। ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇ ପାରି ନ ଥିବା ଓ ଧାର ଉଧାର କରି ମଧ୍ୟାହ୍ନ ଭୋଜନ ଚାଲୁ ରହିଛି ବୋଲି ପ୍ରଧାନ ଶିକ୍ଷକ ତ୍ରିଭୁବନ ନାଗ ଓ ଅଭିଭାବକ ଚୂଡ଼ାମଣି ସେଲମା କହିଛନ୍ତି। ଏ ନେଇ ଏବିଇଓ ସହଦେ ସୁନାଙ୍କୁ ପଚାରିବାରୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିବାରୁ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୌପଦାରଙ୍କୁ ଜଣାଇବାରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଛାତ୍ର ଜୀବନର ସ୍ମୃତି ବଖାଣିଲେ



ଗ୍ଲୋବାଲ ମିଟ୍‌ରେ ମଞ୍ଚାସୀନ ଅତିଥିଗଣ।

## ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜରେ ଗ୍ଲୋବାଲ ମିଟ୍

ରାଉରକେଲା ଅଫିସ,୨୯।୧

ଆମେ ସ୍ୱପ୍ନ ଦେଖିଥିଲେ, ସ୍ୱପ୍ନ ଦେଖାଇପାରିବା, ଆମେ ଭଲ ଖାଇଥିଲେ ଭଲ ଖୁଆଇ ପାରିବା। ମା'କୁ ଭଲ ପାଇ ନ ଥିବା ବ୍ୟକ୍ତି କାହାରି ବି ହୋଇପାରେନା। ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମନି ଆସୋସିଏଶନର ପ୍ରଥମ ଗ୍ଲୋବାଲ ମିଟ୍‌ରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାଶ ଅତିଥି ଭାବେ ଯୋଗଦାନ କରି ଏହି ମତପ୍ରକାଶ କରିଛନ୍ତି।

ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ଅଧ୍ୟକ୍ଷ ଡଃ ସମର ମୁଦାଲି ଅଧ୍ୟକ୍ଷତା କରିଥିଲେ। ଆବାହକ ଗିରିଶ ମହାପାତ୍ର ଓ ମୋ କଲେଜ ଅଭିଯାନର ମୁଖ୍ୟ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିଜୟ କୁମାର ବେହେରାଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ବିଚାରପତି ଅନୀଲ କୁମାର ଚୌଧୁରୀ ମୁଖ୍ୟଅତିଥି, ରାଉରକେଲାର ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାଶ, ବିଷ୍ଣୁ ମହାନ୍ତି, ଛବି ମହାନ୍ତି ସ୍ୱତନ୍ତ୍ର ଅତିଥି ଏବଂ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ର ଜୀବନର ଅଭୁଲା ସ୍ମୃତି ବଖାଣିଥିଲେ। ପ୍ରାକ୍ତନ ଅଧ୍ୟାପିକା ଅନାକ୍ଷୀ ଦାଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ବିଭୂତି ଭୂଷଣ ପୁହାଣ ମହାବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କୁମରବର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତରେ ସାମୂହିକ ଶିକ୍ଷା, ବାସ୍ତବିକ କିମ୍ବା କାଳ୍ପନିକ ସମ୍ପର୍କରେ ଡଃ ଅଶୋକ କୁମାର ପଣ୍ଡା, ଇଂ. ଧରଣୀକାନ୍ତ ଧଳ, ଡାକ୍ତର ମଧୁସ୍ମିତା ଧୁପାଳ, ଇଂ. ଅଜିତ ରଞ୍ଜନ ପୂଜାରୀ, ଛବି ମହାନ୍ତି, ଡଃ ସୁମନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଆଲୋଚନା କରିଥିଲେ। ସେହିପରି ତୃତୀୟ ପର୍ଯ୍ୟାୟରେ ବିଷ୍ଣୁ ମହାନ୍ତିଙ୍କ ସଂଯୋଜନାରେ ଆଲୁମିନିମାନେ ସଙ୍ଗଠନକୁ ସୁଦୃଢ ଓ ଅଧିକ କ୍ରିୟାଶୀଳ କରିବା ପାଇଁ ମତ ରଖିଥିଲେ। ଏହି ଅବସରରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଜ୍ୟୋତ୍ସ୍ନା ପଟ୍ଟନାୟକ ଓ ପ୍ରଫେସର ଗୌରୀଶଙ୍କର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମ୍ପାଦକ ରୋଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟାଳୟ ଖୋଲିବାକୁ ବିଜେଡିର ବିରୋଧ

ଝାରସୁଗୁଡା ଅଫିସ୍,୨୯।୧

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଗାନ୍ଧୀଛକରେ ବିଜେଡିର ସ୍ଥାନୀୟ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସ୍ୱତନ୍ତ୍ର କାର୍ଯ୍ୟାଳୟ ରବିବାର ଖୋଲିବାକୁ ରହିଥିଲା। ଏହାର ଗୋଟିଏ ଦିନ ପୂର୍ବରୁ ବିଜେଡିର ବ୍ରଜରାଜନଗର ଟାଉନ ସଭାପତି ରାଧାକାନ୍ତ ପ୍ରଧାନ ଏକ ଖବରଦାତା ସମ୍ମିଳନୀ ଆହ୍ୱାନକରି କାର୍ଯ୍ୟାଳୟ ଖୋଲିବାକୁ ବିରୋଧ କରିଥିଲେ। ସେ କହିଥିଲେ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସରକାରୀ କାର୍ଯ୍ୟାଳୟ ରହିଥିବାବେଳେ ବାହାରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବାର କୌଣସି ଆବଶ୍ୟକତା ନାହିଁ। ଟାଉନ ସଭାପତିଙ୍କ ଏଭଳି ବିରୋଧ ବିଜେଡିରେ ଫାଟ ରହିଥିବା ସ୍ପଷ୍ଟ କରିଥିଲା। ଏହାର ଗୋଟିଏ ଦିନ ପରେ ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିକରି ହତ୍ୟା କରିବାକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନଭିନ୍ନ କଥା ଚର୍ଚ୍ଚା ହେବାରେ ଲାଗିଛି।


ବ୍ରଜରାଜନଗର ବିଜେଡି ଟାଉନ ସଭାପତିଙ୍କ ଖବରଦାତା ସମ୍ମିଳନୀ।

# ନୂଆପଡ଼ା କ୍ରିକେଟ: ବାଗଡ଼ିଆ ଚାମ୍ପିୟନ


ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଦେବଗଡ,୨୯।୧(ଡି.ଏନ.ଏ)

ଦେବଗଡ ଜିଲା ରିଆମାଳ ବ୍ଲକ ନୂଆପଡା ଗ୍ରାମରେ ହିଙ୍ଗୁଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ନୂଆପଡା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅନୁଗୋଳ ଜିଲା ମାଛକୁଟା କ୍ରିକେଟ ଦଳ ଓ ବାଗଡିଆ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଏଥିରେ ମାଛକୁଟା କ୍ରିକେଟ ଦଳକୁ ପରାସ୍ତ କରି ବାଗଡିଆ କ୍ରିକେଟ ଦଳ ଚାମ୍ପିୟନ ହୋଇଥିଲା। ଅପରାହ୍ନରେ ମାଁ ହିଙ୍ଗୁଳା କ୍ରିକେଟ କ୍ଲବ ସଭାପତି ସୁଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଗ୍ରାମ ସଭାପତି ମନମୋହନ ଧଳ, ରୁଦ୍ର କୁମାର ଦେହୁରୀ, ପିତାମ୍ବର ପ୍ରଧାନ ଓ ସତ୍ତ୍ୱବ୍ରତ ପ୍ରଧାନ ଯୋଗ ଦେଇ ଚାମ୍ପିୟନ ବାଗଡିଆ ଓ ରନର୍ସ ଅପ୍ ମାଛକୁଟାକୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ କ୍ରିକେଟ କ୍ଲବ ସମ୍ପାଦକ ପଲ୍ଲବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୫ତମ ଜୟନ୍ତୀ

# ରକ୍ତମାଟି ନାଟକ ମଞ୍ଚସ୍ଥ

ରାଉରକେଲା ଅଫିସ, ୨୯।୧

ରାଉରକେଲା ସେକ୍ଟର-୧୯ ସିଭିକ ସେଣ୍ଟର ନାଟ୍ୟମଣ୍ଡପ ପରିସରରେ ରବିବାର ସନ୍ଧ୍ୟା ୭ଟାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଂସ୍କୃତି ବିଭାଗ ଓ ପ୍ରୟାସ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ଏବଂ ରକ୍ତମାଟି ନାଟକ ମଞ୍ଚସ୍ଥ ହୋଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ମହାପ୍ରବନ୍ଧକ ବିଜୟ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂଯୋଜକ ଡା. ରମେଶ ଚନ୍ଦ୍ର ମଲ୍ଲିକ ଅନ୍ୟତମ ଅତିଥି ଭାବେ ଯୋଗଦାନ ଦେଇ କବିଚନ୍ଦ୍ର ପଟ୍ଟନାୟକଙ୍କ ନାଟ୍ୟ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।


ନାଟକ ରକ୍ତମାଟିର ଦୃଶ୍ୟ।

ବିଶିଷ୍ଟ ନାଟ୍ୟକାର ପ୍ରଫେସର ସମର ମହାଲିଙ୍ଗ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଡାକ୍ତର ନିବେଦିତା ଜେନା ରକ୍ତମାଟି ନାଟକର ନିର୍ଦ୍ଦେଶକ ଭାବେ କିପରି ବର୍ତ୍ତମାନ ସମୟରେ ଏହି ନାଟକର ପ୍ରାସଙ୍ଗିକତା ରହିଛି ତାହା ଉପରେ ଆଲୋଚନା କରିଥିଲେ। ନାଟକର ସଂଯୋଜକ ଥିଲେ ଶ୍ରୀକାନ୍ତ ଚୌଧୁରୀ, ସଙ୍ଗୀତ ଦେଇଥିଲେ ସୁଶାନ୍ତ, ସ୍ମାରକ ଓ ନୀଳାଞ୍ଚଳ। ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ଗଙ୍ଗାଧର ରାଉତ, ରାଜେଶ ଚୌଧୁରୀ ଓ ଅନ୍ୟ କଳାକାରଙ୍କ ଅଭିନୟରେ ୭୫ ବର୍ଷ ତଳର ପୁରାତନ ଏହି ନାଟକ ଜୀବନ୍ତ ହୋଇଥିଲା। ଅନୀଲ ମଲ୍ଲିକ, ରମେଶ ସାହୁ ଓ ଶିବଶଙ୍କର ସହଯୋଗ କରିଥିଲେ।

# ଗାୟତ୍ରୀ ଶକ୍ତି ପୀଠର ରୌପ୍ୟ ଜୟନ୍ତୀ

ଦେବଗଡ,୨୯।୧(ଡି.ଏନ.ଏ)

ଦେବଗଡ ଗାୟତ୍ରୀ ଶକ୍ତିପୀଠର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମ ଦିବସରରେ ଗାୟତ୍ରୀ ପରିଜନମାନେ ନଗର ପରିକ୍ରମା କରିବା ସହ ଯୁଗ ନିର୍ମାଣ ନିମନ୍ତେ ବିଭିନ୍ନ ସ୍ଲୋଗାନ ସହ ସଚେତନ କରିଥିଲେ। ଦ୍ୱିତୀୟ ଦିବସରେ ଗାୟତ୍ରୀ ଶକ୍ତି ପୀଠରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଦେବଗଡ ଗାୟତ୍ରୀ ପରିବାରର ମୁଖ୍ୟ ଡାକ୍ତର ବିଳାସିନୀ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର, ରାଉରକେଲା ଓ ଭୁବନେଶ୍ୱରର ବରିଷ୍ଠ ଗାୟତ୍ରୀ ସାଧକ ରମେଶ ଚନ୍ଦ୍ର ମିଶ୍ର, ନିତ୍ୟାନନ୍ଦ ଦାଶ ଏବଂ ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇ ବିଶ୍ୱ ଗାୟତ୍ରୀ ପରିବାରର ଜନକଲ୍ୟାଣକାରୀ


ଉଦ୍‌ଯାପନୀ ଦିବସରେ ବରିଷ୍ଠ ପରିଜନ ସମ୍ବର୍ଦ୍ଧିତ କରାଯାଉଛି।

ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଦିବସରେ ନବକୁଣ୍ଡୀୟ ଗାୟତ୍ରୀ ଯଜ୍ଞ ସମ୍ପନ୍ନ ହୋଇଥିଲା। ଏହାକୁ ରାଉରକେଲାର ଶିବ ଚରଣ ସାହୁ ଓ ଲକ୍ଷ୍ମୀପ୍ରୀୟା ନାୟକ ସଞ୍ଚାଳନ କରିଥିଲେ। ଏଥରରେ ସମଗ୍ର ଦେବଗଡ ଜିଲାର ଗାୟତ୍ରୀ ପରିଜନ ଉପସ୍ଥିତ ରହି ମାତୃକୃପା ଲାଭ କରିଥିଲେ। ଏହି ଅବସରରେ ଦେବଗଡ ଗାୟତ୍ରୀ ପରିବାରର ବରିଷ୍ଠ ପରିଜନ ଇନ୍ଦୁଭୂଷଣ ଗୁରୁ, ଜଗଦାନନ୍ଦ ନନ୍ଦ, ଅଚ୍ୟୁତାନନ୍ଦ ମିଶ୍ର ଓ ଚନ୍ଦ୍ରମଣି ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ରୌପ୍ୟ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆୟୋଜିତ ବକ୍ତୃତା, ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯଯାତି କିଶୋର ବିଶ୍ୱାଳ, ସୁବାସ ଚନ୍ଦ୍ର ଦାସ, ସମ୍ପଦ କୁମାର ଦ୍ୱିବେଦୀ, ପରମାନନ୍ଦ ସାହୁ, ଡାକ୍ତର ଶ୍ରୀଧର ସାହୁ, ମନ୍ଦାକିନୀ ଜେନା, ସ୍ନେହଲତା ଜେନା, ମୀନତି ଦ୍ୱିବେଦୀ, ଲକ୍ଷ୍ମୀପ୍ରିୟା ନାୟକ, ବିନତୀ ବେହେରା, ଲିଲି ବେହେରା, ଗାୟତ୍ରୀ ଶକ୍ତି ପୀଠର ପରିବ୍ରାଜକ ଡିଲେଶ୍ୱର ମହାପାତ୍ର ଓ ତାଙ୍କର ସହଧର୍ମୀଣୀ ଦେବକୀ ମହାପାତ୍ର ଓ ହରିପ୍ରୀୟା ହୋତା ସହଯୋଗ କରିଥିଲେ।

# ଗୁଳିମାଡ଼ ପରେ ଉତ୍ତେଜନା

ଝାରସୁଗୁଡ଼ା ଅଫିସ୍, ୨୯।୧

ଗୁଳିକାଣ୍ଡ ଘଟିବାପରେ ଘଟଣାସ୍ଥଳରେ ମନ୍ତ୍ରୀଙ୍କ ଶତାଧିକ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତେଜିତ ସମର୍ଥକମାନେ ପୋଲିସ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଘଟଣାସ୍ଥଳରେ ପରିସ୍ଥିତି ଅଣାୟତ୍ତ ହୋଇଥିବା ବେଳେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ତାପରେ ଉତ୍ତେଜିତ ଲୋକଙ୍କୁ ପୋଲିସ ବୁଝାଶୁଝା କରିବାର କିଛି ସମୟ ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

## ଆଇଆଇସିଙ୍କଠାରୁ ରିଭଲଭର୍ ଛଡାଇନେଲେ

ଗୁଳିକାଣ୍ଡପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ମନ୍ତ୍ରୀଙ୍କ ସମର୍ଥକମାନେ ପୋଲିସ୍‌କୁ ଦାୟୀ କରିଥିଲେ। ଫଳରେ ପୋଲିସ ଲୋକଙ୍କ ଅସନ୍ତୋଷର ଶିକାର ହୋଇଥିଲା। ଏହି ସମୟରେ ଉତ୍ତେଜିତ ଲୋକେ ଘଟଣାସ୍ଥଳରେ ସୁରକ୍ଷା ଦାୟିତ୍ୱରେ ଥିବା ବ୍ରଜରାଜନଗର ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ରିଭଲଭର୍ ଛଡାଇ ନେଇଯାଇଥିଲେ। ପରେ ପୋଲିସ୍ ଏହାକୁ ଉଦ୍ଧାର କରିଥିବା ଦେଖିବାକୁ ମିଳିଥିଲା।

# ଗୁଳିକାଣ୍ଡ ଘଟଣା, ବ୍ରଜରାଜନଗରରେ କ୍ରାଇମବ୍ରାଞ୍ଚ ଡିଜି


କ୍ରାଇମବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ଗୁଳିକାଣ୍ଡସ୍ଥଳ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ୍, ୨୯।୧

ବ୍ରଜରାଜନଗର ଗାନ୍ଧୀଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ଉପରକୁ ପୋଲିସ୍ ଏଏସ୍‌ଆଇଙ୍କ ଗୁଳିମାଡ଼ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇଛନ୍ତି। ଘଟଣାର ୭ଘଣ୍ଟା ପରେ କ୍ରାଇମବ୍ରାଞ୍ଚ ଡିଜି ଅରୁଣ ବୋଥ୍ରା ବ୍ରଜରାଜନଗର ଗାନ୍ଧୀଛକ ଗୁଳିକାଣ୍ଡସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପରିଦର୍ଶନ ବେଳେ ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର, ଏସ୍‌ପି ରାହୁଲ ଜୈନ ପ୍ରମୁଖ ପୋଲିସ୍ ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ଗୁଳିମାଡ଼ ଘଟଣା ପରର ଦୃଶ୍ୟ


ଗୁଳିକାଣ୍ଡ ଘଟଣା ସ୍ଥଳରେ ପଡିଥିବା ଖୋକା


ଭିଏସ୍‌ଏସ୍ ବିମାନ ବନ୍ଦରରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଭୁବନେଶ୍ୱର ଏୟାରସିଫ୍ଟିଂ କରାଯାଉଛି।


ଗୁଳିକାଣ୍ଡ ସ୍ଥଳରେ ମନ୍ତ୍ରୀଙ୍କ ସମର୍ଥକଙ୍କ ଉତ୍ତେଜନା


ଗୁଳିକାଣ୍ଡରେ ଆହତ ବିଜେଡି କର୍ମୀ ଜୀବନ ନାୟକ।

**ନଳକୂପ ମରାମତି ଦାବି**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ସଦର ଗ୍ରାମ କର୍ଟାପେଟ ପଡାରେ ଥିବା ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଏହାର ମରାମତି ଦିଗରେ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ପଡାରେ ଥିବା ବାସୀନ୍ଦା ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟୋନୋପାୟ ହୋଇ ସେମାନେ ପୋଖରୀର ଦୂଷିତ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଏଥିପ୍ରତି ବିଡିଓ ଦୃଷ୍ଟିଦେବାକୁ ପଡାବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### କାର୍ ଦୁର୍ଘଟଣାରେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଭବାନୀପାଟଣା,୨୯।୧(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଜାରିଙ୍ଗ ଛକ ନିକଟରେ ରବିବାର ଅପରାହ୍ନରେ କାର



ଦୁର୍ଘଟଣାରେ ଜଣେ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷୟିତ୍ରୀ ହେଲେ ମଥୁରା ଗ୍ରାମର ଶାରଦା ପଣ୍ଡା। ଦୁର୍ଘଟଣାରେ ତାଙ୍କ ସ୍ୱାମୀ ସହଦେବ ପଣ୍ଡା ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ଶାରଦା ଓ ସ୍ୱାମୀ ସହଦେବ ଭବାନୀପାଟଣାରୁ ନିଜ କାରରେ ଘରକୁ ଫେରୁଥିଲେ। ଜାରିଙ୍ଗ ଛକ ନିକଟରେ କାର ଭାରସମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଏଥିରେ ଘଟଣାସ୍ଥଳରେ ଶାରଦାଙ୍କ ମୃତ୍ୟୁ ହୋଇଥିବାବେଳେ ସହଦେବଙ୍କୁ ଗୁରୁତର ଅବସ୍ଥାରେ ଜୁନାଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ମୃତ ଶିକ୍ଷୟିତ୍ରୀ ଶାରଦା ଜୁନାଗଡ଼ ବାଳିକା ଏସ୍‌ଏସ୍‌ଡି ହାଇସ୍କୁଲରେ କାର୍ଯ୍ୟରତ ଥିଲେ।

### ୪ ଦିନ ହେଲା ଜଳଯୋଗାଣ ବନ୍ଦ

ବୋଡେନ,୨୯।୧(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକର ଲୋକଙ୍କ ଘର ପାଖରେ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ କିଛି ମାସ ଆଗରୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହେଲା। ଲୋକେ ବିସୁଦ୍ଧ ପାନୀୟ ଜଳ ପାଇବା ନେଇ ଆଶାବାଦୀ ଥିଲେ। କିନ୍ତୁ ମାସ କେଇଟା ପରେ ଗତ ଡିସେମ୍ବର ୩ରୁ ୪ ଦିନ ଜଳ ଯୋଗାଣ ବନ୍ଦ ରହିଥିଲା। ଏ ନେଇ ବିଭାଗୀୟ କର୍ମଚାରୀଙ୍କୁ ପଚାରିବାରୁ ପମ୍ପ କାମ କରୁ ନ ଥିବା କହିଥିଲେ। ପୁଣି ବର୍ତ୍ତମାନ ୪ ଦିନ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କର୍ମଚାରୀଙ୍କୁ ଯୋଗାଯୋଗ କଲେ ମୁଖ୍ୟ ପାଇପ ଫାଟିଥିବା ସୂଚନା ମିଳୁଛି। ପ୍ରକଳ୍ପ ନିର୍ମାଣର ବର୍ଷେ ନ ପୁରୁଣୁ ଅବସ୍ଥା ଯଦି ଏମିତି ତେବେ ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସ୍ଥାୟୀ ମରାମତି ସହ ଜଳ ଯୋଗାଣ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

### ଆମ୍ବେଡକର ଜୟନ୍ତୀ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୨୯।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆମ୍ବେଡକର ଛକ ପାଖରେ ଭାରତ ରତ୍ନ ବାବା ସାହେବ ଡ଼ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆମ୍ବେଦକର ପରିବାର ପକ୍ଷରୁ ଆୟୋଜନ କରା ଯାଇଥିଲାଲା। ଏଥିରେ ଆମ୍ବେଦକର ପରିବାର ସଭାପତି ନିମାଇଁ ଚରଣ ତାଣ୍ଡିଙ୍କ ସଭାପତିତ୍ୱରେ ସତନାମୀ ସମାଜ ଓଡିଶା ପ୍ରଦେଶର ଜ୍ୟୋତି ଲାଲ ବଂଜାରେ, ବରିଷ୍ଠ କ୍ରୀଡ଼ାବିତ ଓ ସଂଗଠକ ଛବି ସାଗର, ଅଧାପକ କଣ୍ଟାବାଞ୍ଜି କଲେଜ ଜିତେନ୍ଦ୍ର ସୁନା, ସମୀର ତାଣ୍ଡି, ଓମପ୍ରକାଶ ବାଗ, ସଞ୍ଜୟ ସଗରିଆ ସହ ପଦ୍ମପୁରଗ୍ରାମର ବହୁ ଯୁବକ ଓ ଖଡ଼ିଆଳ ସହରର ଯୁବକମାନେ ଅଂଶ ଗ୍ରହଣ କରିଥିଲେ। ବାବାସାହେବଙ୍କ ଆସନ୍ତା ଜୟନ୍ତୀ ଧୂମଧାମରେ ପାଳନ କରିବାକୁ ସ୍ଥିର କରାଗଯାଇଛି।

# ପ୍ରତିଶ୍ରୁତି ମିଳିଲା, ମିଳିନି ମୌଳିକ ସୁବିଧା

ଖପ୍ରାଖୋଲ, ୨୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଅନ୍ତର୍ଗତ ମହୁଲପାଲି ରାଜସ୍ୱ ଗାଁ। ବ୍ଲକ ସଦର ମହକୁମାଠାରୁ ୨୦ କିମି ଦୂର ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ଗାଁରେ ୨୦ଆଦିବାସୀ ପରିବାରର ଶହେରୁ ଉର୍ଦ୍ଧ୍ୱ ଲୋକେ ବାସ କରନ୍ତି। କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରାମବାସୀ ଜୀବିକା ନିବାହ କରିଥାନ୍ତି। ମହୁଲପାଲି ଏକ ରାଜସ୍ୱ ଗାଁ ହୋଇଥିଲେ ମଧ୍ୟ ଗାଁକୁ ଭଲ ରାସ୍ତାନାହିଁ। ଗାଁ ଚାରିପାଖେ ଘେରି ରହିଛି ଚିରସ୍ରୋତା ଝରଣା। ଭଲ ରାସ୍ତା ନ ଥିବାରୁ ବର୍ଷାଦିନେ ଲୋକଙ୍କ ଦୁଃଖ ଦ୍ୱିଗୁଣିତ ହୋଇଥାଏ। ଗାଁରେ ଏକ ସୌରଶକ୍ତି ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ହୋଇଥିଲ। ହେଲେ ବର୍ଷ ନ ପୁରୁଣୁ ଅଚଳ ହୋଇଗଲା। ଫଳରେ ଗ୍ରାମବାସୀ ଗୋଟିଏ ନଳ କୂଅ ଉପରେ ଭରଷା କରି ଚଳୁଛନ୍ତି । ଅନ୍ୟ ସମୟରେ ଝରଣା ପାଣି ହିଁ ପାନୀୟ ଜଳର ଉତ୍ସ ପାଲଟିଛି। ସେହିପରି ଗାଁରେ ପ୍ରାଥମିକ ବିଦ୍ୟାଳୟ ମଧ ନ ଥିବାରୁ କୁନ ପିଲା୨କି.ମି.ରୁ ଅଧିକ ଦୂର ହେବ କନ୍ଦରାଭଟା ପ୍ରାଥମିକ ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତ। ବର୍ଷା ଦିନେ ନାଳ ଓ ଝରଣାରେ ଅଧିକ ପାଣି ପ୍ରବାହିତ ହେବା ଯୋଗୁ ପାଠପଢା ପ୍ରାୟ ବନ୍ଦ ରହିଥାଏ। ଗାଁ ଲୋକେ ରୋଗରେ ପଡିଲେ କାନ୍ଧରେ ବୋହି ନାଳ ପାର ହେଲା ପରେ ଆମ୍ବୁଲାନ୍ସ କିମ୍ବା ଗାଡ଼ିରେ ଡାକ୍ତରଖାନ ଯାଇଥାନ୍ତି। ୬ବର୍ଷ ତଳେ ତତ୍କାଳୀନ ପାଟଣାଗଡ଼ ଉପ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମହୁଲପାଲି ଗାଁକୁ ଯାଇ ସେବାସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ରାସ୍ତା ସହ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହି ଯାଇଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ସମସ୍ୟା ବୁଝି ତୁରନ୍ତ ରାସ୍ତା ଓ ପୋଲ ନିର୍ମାଣ କରିବା ଉପରେ ଗୁରୁତ୍ୱ ଦେବୁ। ଏଥିସହ ଅନ୍ୟାନ୍ୟ ମୌଳିକ ସୁବିଧା ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ ବୋଲି କହିଛନ୍ତି।



ଗାଁ ମୁଣ୍ଡରେ ଥିବା ଜଳ ମହାଦେବ ନାଳ।

**ଅବହେଳିତ ଅବସ୍ଥାରେ ରହିଛି ମହୁଲପାଲି ରାଜସ୍ୱ ଗାଁ**

**ଗ୍ରାମବାସୀ ଯାହା କୁହନ୍ତି...**



ଲୋକନାଥ ମଲ୍ଲିକ



ରାମସିଂ ମାଝି



ଉର୍ମିଳା ବରିହା

ଆମର ଗାଁ କେ ଭୋଟ ବେଳେ ନେତା ଆସିକରି ବହୁ କଥା କହେଶନ। ହେଲେ ଆଜି ବି ଆମେ ସମସ୍ୟାରେ ଅଛୁ।
**ଲୋକନାଥ ମଲ୍ଲିକ**

ଆମର ଗାଁକେ ୬ ବର୍ଷ ତଳେ ସବକଲେକ୍ଟର, ବିଡ଼ିଓ, ଆଉ ଅଫିସରମାନେ ଆସିଥିଲେ। ରାସ୍ତା, ପାନୀୟ ଜଳ ଯୋଗାଣ, ସ୍କୁଲ ସ୍ଥାପନର ପ୍ରତିଶ୍ରୁତି ଦେଇ ଗଲେଜେ ଗଲେ। କିଛି ଉନ୍ନତି ନିହେବାର।
**ରାମସିଂ ମାଝି**

ଗାଁ ଲୋକଙ୍କର ଦିହ ଖରାପ ହେଲେ ଦୁଲାରେ ବୁହିକରି ନାଲା ପାର କଲା ପରେ ଗାଡ଼ି ଥି ଡାକ୍ତରଖାନା ନେଶୁ।
**ଉର୍ମିଳା ବରିହା**

## ଦମ୍ପତି ନିଖୋଜ ଘଟଣା: ସ୍ୱାମୀଙ୍କ ସନ୍ଧାନ ମିଳିନି

ନୂଆପଡ଼ା ଅଫିସ,୨୯।୧

ନୂଆପଡା ଜିଲା ଲଖନା ଥାନା ଅଧୀନସ୍ଥ ଡୋଙ୍ଗରପଡା ଗ୍ରାମର ଏକ ଦମ୍ପତି ଶୁକ୍ରବାର ଜାଳେଣି କାଠ ସଂଗ୍ରହ ପାଇଁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରିବା ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ସନ୍ଧାନ ପାଇ ନ ଥିଲେ। ଶନିବାର ଗ୍ରାମବାସୀଙ୍କ ସହିତ ପରିବାର ଲୋକେ ଖୋଜାଖୋଜି କରିବାରୁ ସ୍ଥାନୀୟ କର୍ଲାବାହାଲି ଜଙ୍ଗଲରୁ ସ୍ତ୍ରୀଙ୍କ ମୃତଦେହ ମିଳଥିଲା। ମୃତା ମହିଳା ହେଲେ ଯଶୋବନ୍ତି ନିଆଳ (୩୫)। ହେଲେ ସ୍ୱାମୀ ମନୁ ନିଆଳ (୪୦)ଙ୍କ କୌଣସି ଖବର ମିଳିନାହିଁ। ଲଖନା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟାବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରାପ୍ତ ସୂଚନା ମତେ ମନୁ ନିଆଳ ଓ ସ୍ତ୍ରୀ ଯଶୋବନ୍ତି ଶୁକ୍ରବାର ସକାଳୁ ବାସିପଖାଳ ଖାଇ କର୍ଲାବାହାଲି ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ। ସେମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଖବର ପାଇ ନ ଥିଲେ। ଶନିବାର ଗ୍ରାମବାସୀଙ୍କ ସହିତ ଖୋଜାଖୋଜି କରିବାରୁ ଗାଁ ପାଖ କର୍ଲାବାହାଲି ଜଙ୍ଗଲରୁ ଯଶୋବନ୍ତିଙ୍କ ମୃତଦେହ ମିଳିଥିବା ବେଳେ ମନୁଙ୍କ ଖବର ମିଳିନାହିଁ। ପ୍ରକୃତରେ ସ୍ୱାମୀ ହତ୍ୟା କରି ଫେରାର ହୋଇ ଯାଇଛି କି ସ୍ୱାମୀଙ୍କୁ ମଧ୍ୟ କିଏ ହତ୍ୟା କରିଦେଇଛି। ଲଖନା ପୋଲିସ ପହଞ୍ଚି ମୃତଦେହ ଜବତ କରି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ ମଧ୍ୟ ସନ୍ଧାନ ମିଳିନାହିଁ। ହେଲେ ମନୁଙ୍କ ଖବର ମିଳିବା ପରେ ସବୁ ରହସ୍ୟ ଜଣାପଡିବ ବୋଲି ଲଖନା ଥାନାଧିକାରୀ ଗୁରୁଦେବ କର୍ମୀ ପ୍ରକାଶ କରିଛନ୍ତି।

# ଅମରିବଣରୁ ନରକଙ୍କାଳ ଉଦ୍ଧାର



ଅମରିବଣରୁ ଉଦ୍ଧାର କଙ୍କାଳ।



ନିଖୋଜ ଯୁବକଙ୍କ ବାଇକ୍।

- ନିଖୋଜ ଯୁବକଙ୍କ କଙ୍କାଳ ସନ୍ଦେହ
- ବାଇକ, ପ୍ୟାଣ୍ଟଶାର୍ଟ ଜବତ
- ଡିସେମ୍ବର ୧୨ରେ କଣ୍ଟାବାଞ୍ଜି ଯାଇ ଫେରି ନ ଥିଲେ
- ଡିଏନଏ ଟେଷ୍ଟ କହିବ କଙ୍କାଳ କାହାର

ମୁରିବାହାଲ/ଟିଟିଲାଗଡ, ୨୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ତଥା ଜାତୀୟ ରାଜପଥ ୫୯ର ଭୋଇପଡା ଓ ଗୁରଣ୍ଡା ଗ୍ରାମ ନିକଟରେ ଥିବା ଜାତୀୟ ରାଜପଥ ୫୯ ଖାଲିଆମୁଣ୍ଡା ପୋଖରୀ ନିକଟ ଏକ ଅମରିବଣରୁ ଏକ ନରକଙ୍କାଳ ରବିବାର ସକାଳେ ଉଦ୍ଧାର କରାଯାଇଛି। ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର, ଟିଟିଲାଗଡ଼ ଭାରପ୍ରାପ୍ତ ଥାନା ଅଧିକାରୀ ପଞ୍ଚାନନ ନାୟକ, ମୁରିବାହାଲ ଥାନା ଅଧିକାରୀ କମଳ ଲୋଚନ ବେହେରା, ସଇଁତଳା ଥାନା ଅଧିକାରୀ ଅବନୀ ସାହୁ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଅପରାହ୍ନରେ ସମ୍ବଲପୁରରୁ ସାଇଣ୍ଟିଫିକ ଦଳ ପହଞ୍ଚିବା ପରେ ବୁଦା ମଧ୍ୟରେ ପଡିଥିବା କଙ୍କାଳ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଯାଇଛି। ତେବେ କଙ୍କାଳ ଉଦ୍ଧାର ସ୍ଥାନର ଅନତିଦୂରରୁ ମିଳିଥିବା ବାଇକ ଓଡି୩୧ବି୦୮୫୨ ହୋଣ୍ଡା ସିଟି ସାଇନ ଓ ପ୍ୟାଣ୍ଟଶାର୍ଟ ଡିସେମ୍ବର ୧୨ତାରିଖରେ ନିଖୋଜ ଟିଟିଲାଗଡ ଥାନା ଅନ୍ତର୍ଗତ କୁମ୍ଭୀପଡାର ସତ୍ୟବାନ ବାଗଙ୍କ ପୁଅ ନରେଶ ବାଗ (୧୮)ଙ୍କର ବୋଲି ଜଣାପଡିଛି। ଏହା ତାଙ୍କର କଙ୍କାଳ ହୋଇଥାଇ ପାରେ ବୋଲି ପୋଲିସ ଅନୁମାନ କରୁଛି। ଅପରପକ୍ଷେ ପରିବାର ଲୋକେ ଏହା ନରେଶଙ୍କ ବାଇକ ବୋଲି ଚିହ୍ନଟ କରିଛନ୍ତି। ଡିଏନଏ ଟେଷ୍ଟ ପରେ କଙ୍କାଳ ନିଖୋଜ ବାଳକର ଅନ୍ୟ କାହାର ତାହା ସ୍ପଷ୍ଟ ହେବୋଲି ପୋଲିସ କହିଛି ।

ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୧୨ରେ ଟିଟିଲାଗଡ଼ ଥାନା ଅନ୍ତର୍ଗତ କୁମ୍ଭେପଡାର ୫ଜଣ ଯୁବକ ୫ଟି ବାଇକରେ ସେମାନଙ୍କ ଗ୍ରାମର ଶ୍ରମିକମାନଙ୍କୁ ଦାଦନ ଖଟି ଯିବାକୁ କଣ୍ଟାବାଞ୍ଜି ରେଳ ଷ୍ଟେସନକୁ ଛାଡିବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରେ ନରେଶ ମଧ ତାଙ୍କ ବାପା ସତ୍ୟବାନଙ୍କୁ ନେଇ ଯାଇଥିଲେ। ଅନ୍ୟ ୪ ଯୁବକ ଫେରିଥିବା ବେଳେ ନରେଶ ଫେରି ନ ଥିଲେ। ପରିବାର ଲୋକେ ଡିସେମ୍ବର ୧୩ରେ ନିଖୋଜ ନେଇ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ସହ ବଲାଙ୍ଗୀର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା।

## ଶିବରାତ୍ର ଜାଗର ଯାତ୍ରା ପାଳନ ପାଇଁ ପ୍ରସ୍ତୁତି

ବଲାଙ୍ଗୀର ଅଫିସ, ୨୯।୧

ବଲାଙ୍ଗୀର ସଦର ବ୍ଲକ ଖୁଜେନପାଲି ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ପାଇଁ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ୧୮ତାରିଖ ଶନିବାର ଅଷ୍ଟ ପ୍ରହର ନାମଯଜ୍ଞ ସହ ମନ୍ଦିରକୁ ଆଲୋକମାଳାରେ ସଜାଇବା ପାଇଁ ସ୍ଥିର କରାଯାଇଛି। ଗତ ୨ବର୍ଷ ଧରି କରୋନା ମହାମାରୀ କାରଣରୁ ଅତି କମ୍ ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ ଜାଗର ଯାତ୍ରା କରାଯାଇଥିଲା। ଚଳିତବର୍ଷ କିନ୍ତୁ କୋଭିଡ ପରବର୍ତ୍ତୀ ଜାଗର ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଆଶା କରାଯାଉଛି। ଏଭଳି ସ୍ଥିତିରେ ପୋଲିସ ବାହିନୀ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର, ସଭାପତି ଯୁଧିଷ୍ଠିର ସିଂ, ପୂର୍ବତନ ସରପଞ୍ଚ ସତ୍ୟବାନ ସାହୁ, ସୁରେଶ ଚନ୍ଦ୍ର ସିଂ, ସୁଶାନ୍ତ ନାଗ, ଜଗତ ରାମ ସାହୁ, ଖଗେଶ୍ୱର ସାହୁ, ମନ୍ଦିର ପୂଜକ ବିଘ୍ନେଶ୍ୱର ଥନାପତି, ଲାଲଚନ୍ଦ ସାହୁ ଯୋଗଦେଇ ନିଜସ୍ୱ ମତ ରଖିଥିଲେ। ଆଗାମୀ ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଏପିଜେ ଲୋଇସିଂହା ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ଲୋଇସିଂହା,୨୯।୧(ଡି.ଏନ.ଏ)

**କାମାକ୍ଷ ହେର୍ନା ମେମୋରିଆଲ ନାଇଟ୍ ରଙ୍ଗିଲା କ୍ରିକେଟ**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମରେ ଜେକେଜେଏସ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ କାମାକ୍ଷ ହେର୍ନା ମେମୋରିଆଲ ନାଇଟ୍ ରଙ୍ଗିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ବୁର୍ଡା କଲୋନୀପଡାକୁ ହରାଇ ଏପିଜେ ଲୋଇସିଂହା ଚାମ୍ପିୟନ ହୋଇଛି। ୧୦ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଏପିଜେ ଲୋଇସିଂହା ପ୍ରଥମେ ବ୍ୟାଟି କରି ୮୧ ରନ ସଂଗ୍ରହ କରିଥିଲା। ଜବାବରେ ବୁର୍ଡା କଲୋନୀପଡା ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ୫୦ରନରେ ସୀମିତ ରହିଥିଲା । ଫଳରେ ୩୧ରନରେ ଏପିଜେ ବିଜୟୀ ହୋଇ କାମାକ୍ଷ ହେର୍ନା ଟାଇଟଲ ହାତେଇଥିଲା। ଟୁର୍ନାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ଏପିଜେ ଦଳର ଅରୁଣ ଦୋରା ମ୍ୟାନ ଅଫଦ ମ୍ୟାଚ ଓ ଟୁର୍ନାମେଣ୍ଟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଶାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ଆଇନଜୀବୀ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି,ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ସରପଞ୍ଚ ନବକିଶୋର ନାଏକ, ସାମାଜିକ କର୍ମୀ ରାଜେଶ କୁମାର ଅଗ୍ରୱାଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୬ହଜାର ଟଙ୍କା ଦେଇ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଦିବସ ଅବରରେ ପ୍ରତାପ ବହିଦାର, ଅଲେଖ ରଣା, ଭାଗବତିଆ ଭୋଇ, ଯଶୋବନ୍ତ ବାଦି, ରୋହିତ ଜୁଏଡଙ୍କ ସହ ୭ଜଣ ପୂର୍ବତନ ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କୁରସୁଡ଼ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟିଟିଲାଗଡ, ୨୮।୧(ଡି.ଏନଏ.)

ଆଜିର ଶିକ୍ଷା ପ୍ରତିଯୋଗିତାମୂଳକ ହୋଇଯାଇଛି। ତେଣୁ ଛାତ୍ରୀଛାତ୍ର କେବଳ ପ୍ରଥମ ହେବାର ନିଶା ରଖି ଅହଙ୍କାରୀ ହେଉଛନ୍ତି। ଏହା ସମାଜ ପାଇଁ ମଙ୍ଗଳକର ହେଉନାହିଁ। ବରଂ ଏହା ପରେ ତାଙ୍କୁ କର୍ମମୟ ଜୀବନରେ ଦୁର୍ନୀତିଗ୍ରସ୍ତ କରାଉଛି। ତେଣୁ ଶିକ୍ଷା ପ୍ରତିଯୋଗିତାମୂଳକ ନହୋଇ ସହଯୋଗ ଓ ସହଭାଗିତାମୂଳକ ହେବାର ଆବଶ୍ୟକତା ରହିଛି। ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କୁରସୁଡ ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଶିକ୍ଷାବିତ୍ ତଥା ସ୍ତମ୍ଭକାର ପ୍ରଫେସର ଡ. ଛାୟାକାନ୍ତ ଷଡଙ୍ଗୀ ଏହି ମତ ରଖିଛନ୍ତି। ବିଦ୍ୟାଳୟ ଅଧକ୍ଷ ଯଶୋବନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢୀ, ମୁଖ୍ୟବକ୍ତା କୋଶଲୀ କବି ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥିଭାବେ ଆଦର୍ଶ ସ୍କୁଲ ବଲାଙ୍ଗୀର ଜିଲା ନୋଡାଲ ଅଧକ୍ଷ କ୍ଷମାନିଧି ଝାଙ୍କର, ଟିଟିଲାଗଡ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ସ୍କୁଲ କମିଟି ସଭ୍ୟ ନିମାଇଁ ବେହେରା, କୁରସୁଡ ସମିତି ସଭ୍ୟ ଜୟପ୍ରସାଦ ନାୟକ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ ମାତୃଭାଷାର ମର୍ଯ୍ୟାଦା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ପଥରଚେପା ସ୍କୁଲ୍ ଅଧକ୍ଷ କ୍ଷମାନିଧି ଝାଙ୍କର ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବରେ ଗଢିବାରେ ଅଭିଭାବକ,ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତି ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ସ୍କୁଲର ଶ୍ରେଷ୍ଠ ଛାତ୍ରୀ ତନୁଶ୍ରୀ ସେନାପତି, ଶେଖରସୁମନ ସାହୁ, ସାଇସତ୍ୟମ ସାହୁ, ସିତଲବାଇ ଜୈନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା କୃତି ଟିମକୁ ସିଲ୍ଡକପ ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

# ସାହିତ୍ୟିକ ସମାଜର ପଥ ପ୍ରଦର୍ଶକ

ଲୋଇସିଂହା,୨୯।୧(ଡି.ଏନ.ଏ.)



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ**

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବସୀ ଭବନରେ ସ୍ଥାନୀୟ ତ୍ରିବେଣୀ ସାରସ୍ୱତ ସନ୍ଧାନ ପକ୍ଷରୁ ଏକ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ଧର୍ମସିଂ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ସଭାପତି ଟିକେଚନ ରାଏ ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜେନ୍ଦ୍ର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟବନ୍ତ ବେଦବାକ ମୁଖ୍ୟ ଅତିଥି, ନାଟ୍ୟକାର ହରିହର ପଧାନ ମୁଖ୍ୟବକ୍ତା, ବଂଶୀଧର କର୍ମୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବେଦବାକ୍ ତାଙ୍କ ବକ୍ତବ୍ୟରେ କହିଥିଲେ ସାହିତ୍ୟିକ ସମାଜର ପଥ ପ୍ରଦର୍ଶକ। ତେଣୁ ଯୁବ କବି ଓ ଲେଖକ ସମାଜ ସୁଧାରକ ସାହିତ୍ୟ ସଂରଚନା କରନ୍ତୁ। କବିତା ମଧ୍ୟମରେ ଯୁବ ଚେତନା ସୃଷ୍ଟି କରାଯାଉ। ସାଂପ୍ରତିକ ସ୍ଥିତିକୁ ନେଇ ବିପ୍ଳବ ଆଣିଲା ଭଳି ସାହିତ୍ୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବୌଦ୍ଧ ଜିଲା ଲମ୍ବସରୀ ଗ୍ରାମର ବଂଶୀଧର କର୍ମୀଙ୍କ ଦ୍ୱାରା ରଚିତ ପୁସ୍ତକ 'ନିର୍ଝର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ଯୁବ ସାମ୍ବାଦିକ ସୁଶାନ୍ତ ବାରିକ, ଶିକ୍ଷାବିତ୍ ରାମଚନ୍ଦ୍ର ପଟେଲ, ବଂଶୀଧର କର୍ମୀ, କଣ୍ଠଶିଳ୍ପୀ କାଶ୍ମୀର ଛାତ୍ରିଆ, ଦେବରାଜ ନନ୍ଦ, ଦୁର୍ଯ୍ୟୋଧନ କୁମ୍ଭାର, ରାଜେଶ ଦଣ୍ଡସେନାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଜ୍ୟୋର୍ତିପ୍ରକାଶ ସାହୁ, ବିବୁଲ ମହାକୁର, ଗୌରୀଶଙ୍କର ସାହୁ ଓ ସସ୍ମିତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କବୟିତ୍ରୀ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କୁ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା।

## ସଂକ୍ଷେପରେ

### ଲାଦେରପାଲିରେ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ

ଜାମଟିକ୍ରା,୨୯।୧(ଡି.ଏନ.ଏ.) ବରଗଡ ଜିଲା ଅତାବିରା ଏନ୍ଏସି ଅନ୍ତର୍ଗତ ୯ ନଂ. ୱାର୍ଡର ଲାଦେରପାଲି ବ୍ୟାଡମିଣ୍ଟନ ଆସୋସିଏଶନ ତରଫରୁ ରବିବାର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଅତାବିରାର ସମୀର ଓ ରୁଦ୍ର ଲାଦେରପାଲିର ମୁକେଶ ଓ ବବୁଲଙ୍କୁ ୩୦-୨୫ରେ ହରାଇ ବିଜୟୀ ହୋଇଥିଲେ। ଏଥିରେ ଅତାବିରା ଥାନାଧିକାରୀ ଅନିଲ ପ୍ରଧାନ ମୁଖ୍ୟଅତିଥି, ମନ୍ମଥ ଦାସ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ଦୁଃଖିଶ୍ୟାମ ସାହୁ, ଟଙ୍କ ଦାସ, କୃଷ୍ଣ ପ୍ରଧାନ, କ୍ଷୀରୋଜ ନାୟକ, ଗୋକୁଳ ଚିରଗୁନ, ଶିବଶଙ୍କର ପ୍ରଧାନ, ବିପୁଳ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ ପ୍ରଧାନ, ମୁକେଶ ପ୍ରଧାନ, ପ୍ରଦୀପ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଚନ୍ଦନ ପ୍ରଧାନ, ବବୁଲ ପ୍ରଧାନ, ରାମ ପ୍ରଧାନ, ସୁରଜ ପ୍ରଧାନ, ପ୍ରତାପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ସତଲମା କଲେଜରେ ଅଭିଭାବକ ସମ୍ମିଳନୀ

ବରପାଲି,୨୯।୧(ଡି.ଏନ.ଏ.): ବରପାଲି ନିକଟସ୍ଥ ସତଲମା ଯୁକ୍ତ ୨ କଲେଜରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ସଭାପତି ଚଞ୍ଚଳ ପ୍ରଧାନ ମୁଖ୍ୟଅତିଥି, ବିଇଓ ମୁକୁନ୍ଦ ମାହାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ଉତ୍ସବରେ ସିଆର୍‌ସିସି ବିନୟ କୁମାର ଭୋଇ, ଅଧ୍ୟାପକ ଲଳିତ କୁମାର ମେହେର, ଡ. ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ପଦ ସିହ୍ନା, ଦେବାଶିଷ ଦାଶ, ସୁଶ୍ରୀ ଚେତନା ପ୍ରଧାନ, ପଞ୍ଚାନନ ବେହେରା, ବବୁଲୁ ତ୍ରିପାଠୀ, ଶ୍ୟାମସୁନ୍ଦର ଭୋଇ, ସୁଶାନ୍ତ ତ୍ରିପାଠୀ, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ସଭା ସଂଯୋଜନା କରିଥିଲେ।

### ସମାନ କାମକୁ ସମାନ ଦରମା ଦିଅ

**ବୌଦ୍ଧ ଜିଲା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ବୈଠକ**

ବୌଦ୍ଧ, ୨୯।୧(ସ୍ୱ.ପ୍ର): ବୌଦ୍ଧ ଜିଲା ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ ମହାସଂଘର ସାଧାରଣ ବୈଠକ ରବିବାର କର୍ମଚାରୀ ଭବନରେ ବାସନ୍ତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଂଘ ଅଧ ତାରେଣୀ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ସଂଘ ଉପସଭାପତି ଡ. ବିକେଆରସି ଦେଓ ହେମ୍ବ୍ରମ, ଆଇନ ପରାମର୍ଶଦାତା ଅବିନାଶ ମେହେର, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁକାନ୍ତି ପ୍ରଧାନ, ଜୋନାଲ ସମ୍ପାଦକ ମଧୁସ୍ମିତା ପ୍ରିୟଦର୍ଶିନୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ସଂଘ ସଭାପତି ଉତ୍ପଳ ପଟନାୟକ ମଞ୍ଚସୀନ ଥିଲେ। ବୈଠକରେ ଯୋଗ ଦେଇଥିବା ପୁରଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ବର୍ତ୍ତମାନ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଥିବା ନେଇ ବିଶୋଦ୍‌ଗାର କରିଥିଲେ। ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଅନ୍ୟ କର୍ମଚାରୀଙ୍କ ଭଳି ସମାନ କାମକୁ ସମାନ ଦରମା ପ୍ରଦାନ, ରହିବା ପାଇ ଯେଉଁ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଗୃହ, ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ଜିଲାସ୍ତରରେ ସମ୍ମାନୀତ କରାଯିବା ଆଦି ଦାବି କରିଥିଲେ। ସମ୍ପାଦକ ତାପସ କୁମାର ମିଶ୍ର ମଞ୍ଚ ପରିଚାଳନା ଓ ବିବରଣୀ ପାଠ କରିଥିଲେ।

# ନୈତିକ ଜୀବନର ବିକାଶ ପ୍ରକୃତ ମାନବତ୍ୱ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଅମରପାଲି, ୨୯।୧(ଡି.ଏନ.ଏ.) ନୈତିକ ଜୀବନର ବିକାଶ ପ୍ରକୃତ ମାନବତ୍ୱ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରଥପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ 'ସ୍ପନ୍ଦନ' ଅବସରରେ ଅତିଥିମାନେ ଏହି ମତ ରଖିଛନ୍ତି। ଅନୁଷ୍ଠାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଡଃ.ସ୍ମିତା ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡଃ.ପ୍ରଫୁଲ୍ଲ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ହେବା ସହିତ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ନରେନ୍ଦ୍ର କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ପାଇଁ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ମେହେରଙ୍କୁ ୨୦୨୨-୨୩ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ ଚୟନ କରି ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମହାନଦୀ ହାଉସକୁ ସ୍କୁଲ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଆଲୁମିନି ଆସୋସିଏଶନ ଗଠନ କରାଯାଇଥିଲା। ପୁରାତନ ଛାତ୍ର ବିଜନ ସାହୁ, ଗୋପାଳ ଓ ଦେବବ୍ରତ ପଣ୍ଡା ପ୍ରମୁଖ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚଳିତ ବର୍ଷ ଏମବିବିଏସରେ ନାମ ଲେଖାଇ ସ୍କୁଲ ପାଇଁ ଗୌରବ ଆଣିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଏକୋଣ୍ଡୋରେ ଅନ୍ତର୍ଜାତୀୟସ୍ତରରେ ଅଂଶଗ୍ରହଣ କରି ସଫଳତା ପାଇଥିବା ଅନ୍ୱେଶ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ହେମନ୍ତ ନାରାୟଣ ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚନ୍ଦ୍ରଶେଖର ପାଠାଗାର ପକ୍ଷରୁ ରକ୍ତଦାନ ଶିବିର


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ସୋନପୁର,୨୯।୧(ନି.ପ୍ର.) ସୁବର୍ଣ୍ଣପୁର ସହର ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ପାଠାଗାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତର ଅଭାବକୁ ଦୂର କରିବା ପାଇଁ ଯୁବ ସମାଜ ଆଗେଇ ଆସିବାକୁ ଆରକ୍ଷୀ ଅଧୀକ୍ଷକ ପଣ୍ଡା ଏହି ଅବସରରେ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସୁରେଶ ଷାଣ୍ଢ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଟେକ୍‌ନିସିଆନ ଟିଟୁ ଭୋଇ, ଜଗତ ଦରୱାନ ଓ ଯୁଧୀଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୬୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପାଠାଗାର ସଭାପତି ଗିରି ଗୋବର୍ଦ୍ଧନ ଥନାପତି, ସମ୍ପାଦକ ରାମଶଙ୍କର ସାହୁ, ସଭ୍ୟ ବାଙ୍କା ବିହାରୀ ମହଲା, ନବ ପ୍ରକାଶ ମିଶ୍ର, ସତ୍ୟଜିତ ଥନାପତି, ବିକାଶ ବାରିକ, ଗୋବିନ୍ଦ ଥନାପତି, ବିଶ୍ୱରଞ୍ଜନ ପୂଜାରୀ, କାଉନସିଲର ସୁକାନ୍ତ କୁମାର ସାହୁ ଓ ଏହି ସର୍ବପୁରାତନ ପାଠାଗାରର ସମସ୍ତ ସଭ୍ୟ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ପାତାଳି ମହୋତ୍ସବ ଉଦ୍‌ଯାପିତ


ପାତାଳି ଶ୍ରୀକ୍ଷେତ୍ରରେ ନାମ ସଂକୀର୍ତ୍ତନ ସହ ନଗର ପରିକ୍ରମା କରାଯାଉଛି।

ସୋନପୁର,୨୯।୧(ନି.ପ୍ର.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ଚାଲିଥିବା ୧୮ତମ ପାତାଳି ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ପଦ୍ମମୁଖ ବେଶ ଦର୍ଶନ କରିବା ସହ ମହୋତ୍ସବକୁ ଉପଭୋଗ କରିଥିଲେ। ରବିବାର ପୂର୍ବାହ୍ନରେ ପୂର୍ଣ୍ଣାହୂତି ପରେ ନାମ ସଂକୀର୍ତ୍ତନ ନଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଅବସରରେ ପାତାଳି ସେନା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଗତ ୨୨ତାରିଖ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଅବସରରେ ୫୬ ପ୍ରହର ନାମଯଜ୍ଞ, ଅଖଣ୍ଡ ଘୃତଯଜ୍ଞ, ଭାଗବତ ସପ୍ତାହ ପାରାୟଣ ସହ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଖଣ୍ଡ ଘୃତ ଯଜ୍ଞ କାର୍ଯ୍ୟକ୍ରମରେ ଦେବାର୍ଚ୍ଚନ ଦାଶ ପୂଜକ ଏବଂ ସୈରେନ୍ଦ୍ରି ଅମାତ ଓ ଚମରା ଅମାତ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ନନ୍ଦ ବିଶି ଭାଗବତ ସପ୍ତାହ ପାରାୟଣ କାର୍ଯ୍ୟକ୍ରମରେ ବ୍ୟାସ ଥିଲେ। ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ଭଜନ, ଦୁଲଦୁଲି, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଗୀତ, ପାତାଳି ଜଗନ୍ନାଥ ଗୀତିନାଟ୍ୟ ଓ ରସିକ ସାହୁଙ୍କ ଦ୍ୱାରା ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ମହୋତ୍ସବ ଅବସରରେ ନୃତ୍ୟ, ଗୀତ, ପାରାୟଣ, ପ୍ରବଚନ, ଯଜ୍ଞ ଓ ନାମ ସଂକୀର୍ତ୍ତନକୁ ଅଞ୍ଚଳବାସୀ ଉପଭୋଗ କରିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ ଆଲବମ୍ କଳାକାର

## ମେଟେକାନୀ ମହୋତ୍ସବ ପ୍ରସ୍ତୁତି

ଉଲୁଣ୍ଡା,୨୯।୧ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କଲେଜ ନିକଟରେ ଗ୍ରାମୀଣ ବିକାଶ କ୍ରିୟାନୁଷ୍ଠାନ କମିଟି ଓଡିଶା ପକ୍ଷରୁ ମେଟାକାନୀ ମହୋତ୍ସବ-୨୩ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ଋଷି ପଟେଲଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଫେବୃଆରୀ ୨୫ ତାରିଖରୁ ମାର୍ଚ୍ଚ ୭ ପର୍ଯ୍ୟନ୍ତ ୧୧ ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବା ଉପରେ ଆଲୋଚନା ହୋଇଥିଲା। ମହୋତ୍ସବ ଉପଲକ୍ଷେ ପ୍ରତ୍ୟହ ମେଟାକାନୀ ପୀଠରେ ଚଣ୍ଡିଯଜ୍ଞ, ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ, ଗଣ୍ଡାବାହାଲସ୍ଥିତ ଗୋପପୁର ମଣ୍ଡପରେ ଗ୍ରନ୍ଥ ପାରାୟଣ ଅନୁଷ୍ଠିତ ହେବ। ମହୋତ୍ସବ ଅବସରରେ ଅନୁଷ୍ଠିତ ଜଳନ୍ଧର ଦରବାର ନାଟ୍ୟାଭିନୟ ପରିବେଷଣ ହେବ। ଦର୍ଶକଙ୍କ ମନରଞ୍ଜନ ପାଇଁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଲବମ ଅଭିନେତା, ଅଭିନେତ୍ରୀ ତଥା ଧାରାବାହିକ, ଚଳଚ୍ଚିତ୍ର କାଲାକାରଙ୍କ ଦ୍ୱାରା ସାଂସ୍କୃତିକ ପରିବେଷଣ ହେବ। ଏଥିରେ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯିବା ନେଇ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ମେଟାକାନୀ ପୀଠରେ ପାରମ୍ପରିକ ପୂଜାର୍ଚ୍ଚନା କରି ଆୟୋଜକ କମିଟି ସଦସ୍ୟାସଦସ୍ୟ ଏବଂ ଜନସାଧାରଣ ଆଜ୍ଞାମାଳ ନେଇ ନବୀନ ନିବାସକୁ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଚରଣ ପଣ୍ଡା, ରାମଦାସ ମହାକୁର, ରାଧାଚରଣ ମହାକୁର, ମନରଞ୍ଜନ ପାତ୍ର, ଗୁରୁରାମ ମହାକୁର, ଚକ୍ରଧର ହାତୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

# ଏମ୍‌ପିଙ୍କୁ ବରିଷ୍ଠ ନାଗରିକ ସଂଗଠନ ଦାବିପତ୍ର


ବରିଷ୍ଠ ନାଗରିକ ସଂଗଠନ ତରଫରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବୀରମହାରାଜପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବି**

ଅମରପାଲି,୨୯।୧(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କର୍ମକର୍ତ୍ତାମାନେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଏମ୍‌ପି ସିଂଦେଓଙ୍କ ବୀରମହାରାଜପୁର ଗସ୍ତ ସମୟରେ ବରିଷ୍ଠ ନାଗରିକ ସଂଗଠନ ସଦସ୍ୟମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ବୀରମହାରାଜପୁରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରାଯିବାକୁ ଦାବି କରାଯାଇଛି। ଏହା ସହିତ ଅଞ୍ଚଳର ଅସହାୟ ବୃଦ୍ଧାବୃଦ୍ଧଙ୍କ ପାଇଁ ବୀରମହାରାଜପୁରରେ ଏକ ଜରା ନିବାସ ସ୍ଥାପନ କରିବାକୁ ଦାବି କରିଛନ୍ତି। ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡା.ପ୍ରଫୁଲ୍ଲ ରଥଙ୍କ ନେତୃତ୍ୱରେ ସଙ୍ଗଠନର ପୂର୍ବତନ ସଭାପତି ଭଗବାନ ମିଶ୍ର, ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ସଦସ୍ୟ କୃଷ୍ଣଚନ୍ଦ୍ର ପାଢୀ, ଧନୁ ପଧାନ, ବଳରାମ କାଣ୍ଡ, ଚନ୍ଦ୍ରକୁମାର ବିଶି, ଅକ୍ରୁର ଦନ୍ତା, ଅର୍ଜୁନ ହୋତା, ଦିଲୀପ କୁମାର ତ୍ରିପଠୀ, ଶ୍ୟାମ ସୁନ୍ଦର ମହାପାତ୍ର, ଗୋପୀନାଥ ମହାକୁର ପ୍ରମୁଖ ଏମ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଚିଚୋଲି ଧନୁଯାତ୍ରା: ବଢୁଛି କଂସ ଅତ୍ୟାଚାର


ଧନୁଯାତ୍ରାରେ ଦେବସଭା ଦୃଶ୍ୟ।

ଅମ୍ବାଭୋନା,୨୯।୧(ଡି.ଏନ.ଏ.) ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଲି ଧନୁଯାତ୍ରା ମହୋତ୍ସବ ରବିବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ସନ୍ଧ୍ୟାରେ କୃଷ୍ଣ ଓ ବଳରାମଙ୍କ ନିଧନ ପାଇଁ କଂସ ଗୋପପୁରକୁ ପୁତନା ରାକ୍ଷସୀ ପଠାଇଥିଲେ। ମାତ୍ର ପୁତନା ରାକ୍ଷସୀଙ୍କ ଛଳନା ଜାଣି ପାରି କ୍ଷୀର ପାନ ଆଳରେ ରକ୍ତ ଶୋଷି ପୁତନା ପ୍ରାଣ ନେଇଥିଲେ ଶ୍ରୀକୃଷ୍ଣ। ପୁତନାଙ୍କ ନିଧନ ଖବର ଶୁଣି କଂସ ମର୍ମାହତ ହୋଇପଡ଼ିଥିଲେ। ବାରମ୍ବାର ଦୈବବାଣୀରେ କଂସ ପୂର୍ବାପେକ୍ଷା ଆହୁରି ବିବ୍ରତ ହୋଇ ପଡିଥିଲେ। ବିଜୁଳି କନ୍ୟାର ଅଟ୍ଟହାସ୍ୟ ମଥୁରାଧିପତିଙ୍କୁ ଭୟଭୀତ କରିଛି। ଶୟନ କକ୍ଷରେ କୃଷ୍ଣଙ୍କ ଛବି କଂସ ମହାରାଜଙ୍କୁ ବ୍ୟସ୍ତ ବିବ୍ରତ କରିଛି। କଂସଙ୍କ ନିର୍ଦ୍ଦେଶରେ ଷଣ୍ଢା, ଶକଟା, ଅଘା, ବକା, ଧେନୁକା, ତୃଣା ଆଦି ଅଷ୍ଟମଲ୍ଲଙ୍କୁ ଗୋପପୁର ପ୍ରେରଣ ଦୃଶ୍ୟ ଅଭିନୀତ ହୋଇଥିଲା। ଅନ୍ୟପଟେ ଗୋପପୁରରେ ନନ୍ଦୋତ୍ସବ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କୃଷ୍ଣ ଓ ବଳରାମଙ୍କ ସହିତ ଅଷ୍ଟମଲ୍ଲଙ୍କ ଯୁଦ୍ଧ ଏବଂ କଂସଙ୍କ ଅତ୍ୟାଚାର ବିରୁଦ୍ଧରେ ଦେବସଭା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଧନୁଯାତ୍ରା ମହୋତ୍ସବ ଦେଖିବାକୁ ଆଖପାଖ ଅଞ୍ଚଳର ଜନସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ଅମ୍ବାଭୋନା ପୋଲିସ ମୁତୟନ କରାଯାଇଛି।

# ବଡୋଦରାରେ ପୁଷ୍‌ପୁନି ଭେଟ୍‌ଘାଟ


ବଡୋଦରାରେ ପୁଷ୍‌ପୁନି ଭେଟ୍‌ଘାଟ ପାଳନ କରୁଛନ୍ତି।

ବରଗଡ଼ ଅଫିସ,୨୯।୧ ଗୁଜୁରାଟର ବଡୋଦରାରେ ରହୁଥିବା ପଶ୍ଚିମ ଓଡିଶାର ଲୋକେ ରବିବାର ପୁଷ୍‌ପୁନି ଭେଟ୍ ପାଳନ କରିଛନ୍ତି। ଜୁହାର ପରିବାର ପକ୍ଷରୁ ସଭାପତି ମନୋଜ ମିଶ୍ରଙ୍କ ତତ୍ତ୍ୱାବଧାନରେ ବଡୋଦରାର ଫୁଲୱାର ଏଡଭେନଚର ପାର୍କଠାରେ ଏହି ଉତ୍ସବ ପାଳନ କରାଯାଇଥିଲା। ଆଶିଷ କୁମାର ମିଶ୍ର, ଅନନ୍ତ ମିଶ୍ର, ବିବେକା ପାଢୀ, ସୁଶାନ୍ତ ପାଢୀ, ସୁନୀଲ ନାଏକ, ସଚିନ ଶର୍ମା, ବେଦାତ୍ମନ ମିଶ୍ର ପ୍ରମୁଖ ଯୋଗଦେଇ ପୁଷପୁନି ଭେଟ ପାଳନର ଆଭିମୁଖ୍ୟ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପଶ୍ଚିମ ଓଡିଶାର ସମସ୍ତ ଗଣପର୍ବକୁ ଆହୁରି ଧୂମ୍‌ଧାମ୍‌ରେ ପାଳନ କରାଯିବ ବୋଲି ସଭାପତି ମିଶ୍ର ସୂଚନା ଦେଇଛନ୍ତି।

**ଦିବାରାତ୍ର ଭଲିବଲ ପ୍ରତିଯୋଗିତା**

# ଅମ୍ବାଭୋନା ବ୍ଲକ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବରଗଡ଼ ଅଫିସ, ୨୯।୧ ବରଗଡ଼ ଜିଲା ଭଟଲି କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ରଥଦାଣ୍ଡ ପଡିଆରେ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶନିବାର ସକାଳୁ ସଂଘ ସଭାପତି ସୁନିଲ କୁମାର ପଧାନଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟ କ୍ଲବ ପରିସରରୁ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରକୁ ଶୋଭାଯାତ୍ରାରେ ଯାଇ ପୂଜାର୍ଚ୍ଚନା ପୂର୍ବକ ମଶାଲକୁ ଖେଳ ପଡ଼ିଆକୁ ଆଣିଥିଲେ। ପରେ କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ନିମାଇଁ ଚରଣ ରଥଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଡିକେଏଲ ଲହରସିଂ, ଅତାବିରା ବ୍ଲକ, ଅମ୍ବାଭୋନା ବ୍ଲକ ଏବଂ ଟି ଆର୍ ଏଲ ବେଲପାହାଡ଼ ସମେତ ମୋଟ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଡିକେଏଲ ଲହରସିଂ ଓ ଅମ୍ବାଭୋନା ବ୍ଲକ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍ ହୋଇଥିଲା। ସମସ୍ତ ଦଳ ୬ଟି ଲିଗ୍ ମ୍ୟାଚ୍ ଖେଳିବା ପରେ ଡିକେଏଲ ଓ ଅମ୍ବାଭୋନା ବ୍ଲକ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଅମ୍ବାଭୋନା ବ୍ଲକ ଦଳ ଚାମ୍ପିୟନ ହୋଇଥିଲା। ଅତାବିରା ବ୍ଲକର ଶ୍ରୀକାନ୍ତ ପଧାନ ବେଷ୍ଟ ଡିଫେଣ୍ଡର, ଅମ୍ବାଭୋନା ଦଳର ବିକାଶ ବେଷ୍ଟ ସ୍ମାସର, ଲାହୋରସିଂ ଦଳର ଜିତେନ ବେଷ୍ଟ ବୋଷ୍ଟର ଏବଂ ଦଳର ଗୋଲୁ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚ୍ ରେଫରି ସୁଶାନ୍ତ ସାହୁ, ରମେଶ ସେଠ, ନାରାୟଣ ଡନସନା ଏବଂ ଦିଲୀପ ପଟେଲ ଖେଳ ପରିଚାଳନା କରିଥିଲେ। ସଭାପତି ସୁନିଲ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଲବାଣୀକୁ ହରାଇ ସମ୍ବଲପୁର ଚାମ୍ପିୟନ

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**



ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

ଅମରପାଲି,୨୯।୧(ଡି.ଏନ.ଏ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ୬ଷ୍ଠ ଅନ୍ତଃରଜ୍ୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଫୁଲବାଣୀକୁ ୨-୦ଗୋଲରେ ହରାଇ ସମ୍ବଲପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ରବିବାର ପ୍ରଥମ ସେମି ଫାଇନାଲ ବୀରମହାରାଜପୁର ଓ ଫୁଲବାଣୀ ମଧ୍ୟରେ ହୋଇଥିଲା। ଏଥିରେ ଫୁଲବାଣୀ ୧-୦ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚି ଥିଲା। ଦ୍ୱିତୀୟ ସେମିଫାଇନାଲ ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ ସମ୍ବଲପୁର ୨-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା। ଆୟୋଜକ ସଭାପତି ପର୍ଶୁରାମ ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା ମୁଖ୍ୟ ଅତିଥି, ଉପାଧ୍ୟକ୍ଷ ନାରାୟଣ ଲୁହା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ଓ ହିଲୁଙ୍ଗ ସମିତି ସଭ୍ୟ ଶୈଳ ରଞ୍ଜନ ବାଦୀ, ଆୟୋଜକ ସମ୍ପାଦକ ସତ୍ୟନାରାୟଣ ମହାକୁର ଓ କୋଷାଧ୍ୟକ୍ଷ ଅଜିତ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ପୂର୍ବରୁ ପ୍ରଥମ ସେମି ଫାଇନାଲରେ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା ଓ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ଏବଂ ଦ୍ୱିତୀୟ ସେମିଫାଇନାଲରେ ବାଗବର ସରପଞ୍ଚ ନିରୁପମା ବର୍ଗତି ଓ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ସମ୍ବଲପୁର ଦଳକୁ ନଗଦ ୨୧ହଜାର ୧୧୧ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଫୁଲବାଣୀ ଦଳକୁ ନଗଦ ୧୫ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରଶାନ୍ତ ସେଠୀ, ବିକାଶ ସେଠୀ, ଟିଙ୍କୁ ବଡପଣ୍ଡା, ରାଜେଶ ଥନାପତି ଖେଳ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସ୍କୁଲର ସମୂହ ବିକାଶ, ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି



**ସମ୍ବଲପୁର,୨୯।୧(ବ୍ୟୁରୋ):** ସମ୍ବଲପୁର ମୁଦିପଡା ଉଚ୍ଚପ୍ରାଥମିକ ସ୍କୁଲ ପରିସରରେ ପୁରାତନ ଛାତ୍ରମାନଙ୍କ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଛାତ୍ର ଭାଗୀରଥି ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ସ୍କୁଲର ପ୍ରଥମ ବ୍ୟାଚ୍‌ରୁ ଆରମ୍ଭ କରି ବର୍ତ୍ତମାନ ସୁଦ୍ଧା ସମସ୍ତ ବ୍ୟାଚ୍‌ର ଛାତ୍ର ଉପସ୍ଥିତ ରହିଥିଲେ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବା ସହ ଶିକ୍ଷକ ତଥା ଅନ୍ୟତମ ପ୍ରତିଷ୍ଠାତା ବିଷ୍ଣୁ ପ୍ରଧାନଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରିବାକୁ ସ୍ଥିର କରାଯାଇଥିଲା। ଏହି ଉପଲକ୍ଷେ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଡାକ୍ତର ଅଶ୍ୱିନୀ ନାୟକ, କାର୍ଯ୍ୟକାରୀ ସଭାପତି ଆନନ୍ଦ ଜେନା, ଗୋଲକ ଚନ୍ଦ୍ର ପାଢୀ, ବେଣୁ ମାଧବ ପଣ୍ଡା, ପ୍ରଦୀପ୍ତ କିଶୋର ସୁଶାରୀ, ସ୍ୱସ୍ତିକା ନାୟକ, ଭାଗରଥି ପ୍ରଧାନ, ଦିଲୀପ ତ୍ରିପାଠୀ, ସନ୍ତୋଷ କୁମାର ପ୍ରଧାନ, ବିବେକାନନ୍ଦ ବେହେରା, ସୁଧୀର ମିଶ୍ର, ପ୍ରଶାନ୍ତ ପାଢୀ, ସୁବ୍ରତ ମିଶ୍ର, ଆଶୋକ ପଟେଲ, ପ୍ରଦ୍ୟୁତ କୁମାର କର ପ୍ରମୁଖ ବିଭିନ୍ନ ପଦପଦବୀ ପାଇଁ ଚୟନ ହୋଇଥିବା ସାଧାରଣ ସମ୍ପାଦକ ପ୍ରଫୁଲ ଦାସ ସୂଚନା ଦେଇଛନ୍ତି।

### ସମ୍ବଲପୁର କଳା ଏକାଡେ଼ମୀର ୨୯ତମ ବାର୍ଷିକୋତ୍ସବ

**ସମ୍ବଲପୁର, ୨୯।୧(ବ୍ୟୁରୋ):** ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ ପ୍ରେକ୍ଷାଳୟରେ ଚିତ୍ରକଳା ଓ ସଙ୍ଗୀତ ଅନୁଷ୍ଠାନ ସମ୍ବଲପୁର କଳା ଏକାଡେ଼ମୀର ୨୯ତମ ପୁରସ୍କାର ବିତରଣୀ ତଥା ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକାଡେ଼ମୀ ଅଧକ୍ଷ ସଞ୍ଜୟ ସାହୁ ଅଧକ୍ଷତା କରିଥିଲେ। ଏଲ୍‌ଆଇସିର ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବି. ଏଲ୍. ଦାଶ, ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ନୃସିଂହ ଚରଣ ସାହୁ, ବରଦାମାଧବ ଗୁରୁ ଏବଂ ବୃନ୍ଦାବନ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ୮୦ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ, ୨୦ ଜଣ ଯୁବ ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଚିତ୍ରକଳା କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ଯୁବ ଚିତ୍ରଶିଳ୍ପୀ ପବିତ୍ର ବେରିହା ଏବଂ ପ୍ରେମଚାନ୍ଦ ରାଉତଙ୍କୁ ଏକାଡେ଼ମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କରୁଣାକର ଶତପଥୀ ଓ ସୂର୍ଯ୍ୟ ପାଣିଗ୍ରାହୀ ମାନପତ୍ର ପାଠ କରିଥିବା ବେଳେ ଏକାଡେ଼ମୀର ଛାତ୍ରୀଛାତ୍ର ଶ୍ରଦ୍ଧାସୁମନ ସାହୁ ଏବଂ ଜ୍ୟୋତିରାଦିତ୍ୟ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଫ୍ଲାଏ ଓଭରରୁ ପଡି ଆହତଙ୍କ ପରିଚୟ ମିଳିଲା

**ସମ୍ବଲପୁର,୨୯।୧(ବ୍ୟୁରୋ):** ସମ୍ବଲପୁର ଟାଉନ ଥାନା ଅର୍ନ୍ତଗତ ମୁଖ୍ୟ ଡାକଘର ନିକଟରେ ଫ୍ଲାଏଓଭରରୁ ଖସିପଡି ଆହତ ହୋଇଥିବା ବ୍ୟକ୍ତିଙ୍କ ପରିଚୟ ମିଳିଛି। ଆହତ ବ୍ୟକ୍ତି ହେଲେ ଆନ୍ଧ୍ରପ୍ରଦେଶ ଇଚ୍ଛାପୁରମର ମେଘନାଥ ସେଠୀ (୫୫)। ଏବେ ମେଘନାଥ ଭିମ୍‌ସାରରେ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, ଶନିବାର ସନ୍ଧ୍ୟାରେ ମେଘନାଦ କୌଣସି କାରଣରୁ ଫ୍ଲାଏଓଭର ଉପରୁ ତଳକୁ ଖସି ପଡିଯାଇଥିଲେ। ପୋଲିସ ତାଙ୍କୁ ପ୍ରଥମେ ଜିଲା ସଦର ମେଡିକାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରିଥିଲା।

# ଶୀଘ୍ର କାର୍ଯ୍ୟକ୍ଷମ ହେବ ଆଇଆଇଏମ୍ ନୂତନ କ୍ୟାମ୍ପସ

**ସମ୍ବଲପୁର,୨୯।୧(ବ୍ୟୁରୋ)**

ସମ୍ବଲପୁରର ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍)ର ନିଜସ୍ୱ ସ୍ଥାୟୀ କ୍ୟାମ୍ପସ ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଏ ନେଇ ଆଇଆଇଏମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗତ ୨୩ ତାରିଖରେ ଆଇଆଇଏମ୍‌ର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୫ ମସିହାରୁ ଅସ୍ଥାୟୀ ଭାବେ ସମ୍ବଲପୁରରେ ପାଠପଢା ହେଉଛି। ନୂତନ ଅତ୍ୟାଧୁନିକ କ୍ୟାମ୍ପସ ଲୋକାର୍ପଣ ହେଲେ ପାଠପଢାର ସୁନ୍ଦର ପରିବେଶ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ, ମହାନଦୀ ଅପରପାର୍ଶ୍ୱ ବସନ୍ତପୁରଠାରେ ପ୍ରାୟ ୨ଶହ ଏକର ଜମିରେ ଆଇଆଇଏମ୍-ଏସ୍‌ର ନିଜସ୍ୱ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ୯୦ ପ୍ରତିଶତ ସିଭିଲ୍ କାମ ସମ୍ପୂର୍ଣ୍ଣ ହୋଇସାରିଛି। ଅଭ୍ୟନ୍ତରୀଣ ଓ



ସମ୍ବଲପୁର ପ୍ରସ୍ତାବିତ ଆଇଆଇଏମ୍।

ବୈଦ୍ୟୁତିକ କାମ ତ୍ୱରାନ୍ୱିତ କରାଯାଇଛି। ମାର୍ଚ୍ଚ ସୁଦ୍ଧା କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଛି ବୋଲି ଆଇଆଇଏମ୍ ପକ୍ଷରୁ ଠିକା ସଂସ୍ଥାକୁ ତାଗିଦା କରାଯାଇଛି। ପ୍ରସ୍ତାବିତ ନୂତନ କ୍ୟାମ୍ପସରେ ୫ଶହ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ, ଶ୍ରେଣୀ କକ୍ଷ, ପ୍ରଶାସନିକ ଭବନ, ପାଠାଗାର, ପ୍ରେକ୍ଷାଳୟ, ଏକ୍ଜିକ୍ୟୁଟିଭ ପ୍ରବନ୍ଧନ କେନ୍ଦ୍ର, ଇନ୍‌କ୍ୟୁଭେଶନ କେନ୍ଦ୍ର, ଅଧିକାରୀ-କର୍ମଚାରୀମାନଙ୍କ ପାଇଁ କମ୍ପ୍ଲେକ୍ସ ଜିମ୍ନାସିୟମ୍, କ୍ରୀଡ଼ା କମ୍ପ୍ଲେକ୍ସ ଆଦି ସୁବିଧା ରହିବ। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୪୦୧ କୋଟି ଟଙ୍କା ମଞ୍ଜୁର କରିଥିଲେ। ନ୍ୟାଶନାଲ ବିଲ୍‌ଡିଂ କନ୍‌ଷ୍ଟ୍ରକ୍ସନ୍ କର୍ପୋରେଶନ ଲିମିଟେଡ ପ୍ରକଳ୍ପର ପରିଚାଳନା ପରାମର୍ଶଦାତା ରହିଛି। କ୍ୟାମ୍ପସରେ ସମ୍ବଲପୁରୀ ବାନ୍ଧକଳାର ଡିଜାଇନ୍, କୋଣାର୍କ ଚକ୍ର ସହିତ ଓଡ଼ିଶାର କଳା ଓ ସଂସ୍କୃତି ପ୍ରତିଫଳିତ ହେବ। ଏହାକୁ ପରିବେଶ ଅନୁକୂଳ କରାଯିବ। କେବଳ ବ୍ୟାଟେରି ଚାଳିତ ଗାଡ଼ିକୁ କ୍ୟାମ୍ପସ ଭିତରେ ଚଳାଚଳ ପାଇଁ ଅନୁମତି ଦିଆଯିବ। ୨୦୧୫ରେ ଦେଶର ୧୯ତମ ଆଇଆଇଏମ୍ ଭାବେ ସମ୍ବଲପୁରଠାରେ ପ୍ରତିଷ୍ଠା ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କରିଥିଲ। ସମ୍ବଲପୁର ସହର ଉପକଣ୍ଠ ଶାସନ ସ୍ଥିତ ଏକ ଘରୋଇ ବୈଷୟିକ ଶିକ୍ଷାକେନ୍ଦ୍ରଠାରେ ଏହା କାର୍ଯ୍ୟାରମ୍ଭ କରିଥିଲା। ୨୦୧୮ରେ ଜ୍ୟୋତିବିହାରଠାରେ ଏହାର ଅସ୍ଥାୟୀ କ୍ୟାମ୍ପସ୍ ରହିଛି। ଉଲ୍ଲେଖନୀୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୧ ଜାନୁୟାରୀ ୨ ତାରିଖରେ ବସନ୍ତପୁରଠାରେ ଏହି ଆଇଆଇଏମ୍‌ର ନିଜସ୍ୱ କ୍ୟାମ୍ପସ ନିର୍ମାଣ ପାଇଁ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଶିଳାନ୍ୟାସ କରିଥିଲେ।

# ହକି ବିଶ୍ୱକପ୍ ବ୍ୟୟର ତଦନ୍ତ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

### ଭାଜପାର ଖବରଦାତା ସମ୍ମିଳନୀ

**ରାଉରକେଲା ଅଫିସ, ୨୯।୧**

ରାଉରକେଲା ସେକ୍ଟର-୩ ସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ସତ୍ୟବ୍ରତ ପଣ୍ଡା ଯୋଗଦେଇ ଅଭିଯୋଗ କରିଥିଲେ, ହକି ବିଶ୍ୱକପ୍ ମ୍ୟାଚ୍ ୬୮ କୋଟି ଟଙ୍କା ବ୍ୟୟ ବରାଦରେ ଆୟୋଜନ ହୋଇଥିବା ବେଳେ ଶାସକ ଦଳ ୨ହଜାର କୋଟି ଟଙ୍କା ବ୍ୟୟ ହୋଇଥିବା ଦର୍ଶାଇଛି। ହକି ବିଶ୍ୱକପ୍ ମ୍ୟାଚ୍‌ର ବ୍ୟୟ ଉଚ୍ଚସ୍ତରୀୟ ଅଡିଟ୍ କରିବା ସହ ତଦନ୍ତ କରିବାକୁ ପଣ୍ଡା ଦାବି କରିଛନ୍ତି। ଏଥିସହ ସରକାରୀ ଯୋଜନାରେ ଶାସକ ଦଳର ମନମୁଖି କାର୍ଯ୍ୟକଳାପ ଉପରେ ଭାଜପା ସମୀକ୍ଷା କରି ଆଗାମୀ ଦିନରେ ତୃଣମୂଳ ସ୍ତରରେ ଏହାର ପ୍ରତିବାଦ କରିବ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀ ସଭାରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଉପ ସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ପ୍ରମିଳା ଦାଶ ଏବଂ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ପ୍ରତିଭା ଦେଖାଇଲେ ୩୦ ନୃତ୍ୟଦଳ



ଲୋକ ସାଂସ୍କୃତିକ ମହୋତ୍ସବରେ ଯୋଗଦେଇଥିବା କଳାକାରଗଣ।

### ଆର୍‌ଏସ୍‌ପିର ଜୋନ୍‌ସ୍ତରୀୟ ଲୋକ ସାଂସ୍କୃତିକ ମହୋତ୍ସବ

**ରାଉରକେଲା ଅଫିସ,୨୯।୧**

ରାଉରକେଲା ଇସ୍ପାତ କାରଖାନା ସିଏସ୍‌ଆର ବିଭାଗ ପକ୍ଷରୁ ଲାଠିକଟା ବ୍ଲକ ଅନ୍ତର୍ଗତ ଖୋରାବାହାଲ ଗ୍ରାମରେ ଜୋନସ୍ତରୀୟ ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବରେ ବିଭିନ୍ନ ଗାଁର ୩୦ଟି ନୃତ୍ୟ ଦଳ ଅଂଶଗ୍ରହଣ କରି ସେମାନଙ୍କ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି କଞ୍ଚାମାଲ ପ୍ରବନ୍ଧନ ବିଭାଗର ସିଜିଏମ୍ ଏସ୍. ଏସ୍. ରାୟଚୌଧୁରୀ ମୁଖ୍ୟ ଅତିଥି, ଏଫ୍‌ଏମ୍‌ଏମ୍ ବିଭାଗର ଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ମହାପ୍ରବନ୍ଧକ ମୁନମୁନ ମିତ୍ର, ସହକାରୀ ମହାପ୍ରବନ୍ଧକ ଟି. ବି. ଟପ୍ପୋ, ସ୍ଥାନୀୟ ସରପଞ୍ଚ ଓ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ, ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ମହୋତ୍ସବରେ ବୀରକେରା ଗ୍ରାମର ଓରାମ ସାଂସ୍କୃତିକ ସାଲିଟୋଲି ନୃତ୍ୟ ଦଳ ପ୍ରଥମ, ବଲାଣିର ମା' ଚଞ୍ଚଳା କଳା ପରିଷଦ ଦ୍ୱିତୀୟ ଏବଂ ବୁଚାଟୋଲିର ପ୍ରିୟା ନୃତ୍ୟ ଦଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଅବଶିଷ୍ଟ ୨୭ଟି ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଉତ୍ସବରେ ଆଖପାଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

### ରାଜଗାଙ୍ଗପୁର ପୋଲିସର ତଦନ୍ତ ଜାରି

**ରାଜଗାଙ୍ଗପୁର, ୨୯।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କର ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଭୁବନେଶ୍ୱର ପଠାଯାଇଛି। ସୂଚନା ଅନୁଯାୟୀ ରାଜଗାଙ୍ଗପୁର ପୌରାଞ୍ଚଳର ୧୬ନଂ. ୱାର୍ଡ ବାସିନ୍ଦା ଧିରଜ ଶର୍ମା (୩୨)ଙ୍କୁ ଶନିବାର ରାତି ପ୍ରାୟ ୧୦ରେ ତାଙ୍କ ଘର ପଛପଟେ ଅଜଣା ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ଦ୍ୱାରା ମୁଣ୍ଡରେ ଆଘାତ କରି ଫେରାର୍ ମାରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭୁବନେଶ୍ୱର ନିଆଯାଇଛି। ରବିବାର ସକାଳେ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ଥାନାଧିକାରୀ ବିଭସ୍ ପ୍ରଧାନ, ଏସଆଇ ଖଗପତି ବିଶ୍ୱାଳ, ସୁନ୍ଦରଗଡ଼ର ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଜାରି ରହିଛି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ



ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରୁଛନ୍ତି।

**ରାଉରକେଲା ଅଫିସ,୨୯।୧**

ରାଉରକେଲା ସହରରେ ଚାଲିଥିବା ବିଭିନ୍ନ ନିର୍ମାଣ କାମ ଓ ରେଲୱେ ଓଭରବ୍ରିଜ୍ (ଆର୍‌ଓବି)ର ସମୀକ୍ଷା କରିଛନ୍ତି ରାଜ୍ୟ ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଡ. ନାରାୟଣ ଚନ୍ଦ୍ର ପାଲ। ସେ ରବିବାର ରାଉରକେଲାକୁ ଦିନିକିଆ ଗସ୍ତରେ ଆସି ପ୍ରଥମେ ବନ୍ଧମୁଣ୍ଡା ସ୍ଥିତ କୁକୁଡା ଗେଟ୍ ନିକଟରେ ଚାଲିଥିବା ଆର୍‌ଓବି ସ୍ଥଳକୁ ଯାଇଥିଲେ। ସେଠାରେ ନିର୍ମାଣାଧୀନ ରେଲୱେ ଓଭରବ୍ରିଜ୍ କାମ ଦେଖିଥିଲେ। ପରେ ଡ. ପାଲ ରାଉରକେଲା ସରକାରୀ ଡାକ୍ତରଖାନା ପରିସରରେ ନିର୍ମାଣାଧୀନ ନୂତନ ବିଲ୍ଡିଂ ଏବଂ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କଲେଜ ଏକାଡେମୀ ବିଲ୍ଡିଂ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ସର୍ବୋଚ୍ଚ ଯନ୍ତ୍ରୀ ପାଲ ପାନପୋଷ ସ୍ଥିତ ନବନିର୍ମିତ ସର୍କିଟ ହାଉସର ଡାଇନିଂ ରୁମ୍, ଗେଷ୍ଟ ରୁମ୍, ପ୍ରବେଶ ପଥ କାମର ସମୀକ୍ଷା କରିଥିଲେ। ଏହି ସମୟରେ ଚିଫ୍ ଇଞ୍ଜିନିୟର ଇ. ଗୌରାଙ୍ଗ ସାହୁ, ଅତିରିକ୍ତ ଶାସନ ସଚିବ ତଥା ମୁଖ୍ୟଯନ୍ତ୍ରୀ ଇ. ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ରାଉରକେଲା ପୂର୍ତ୍ତ ବିଭାଗ ଅଧିକାରୀ ମନୋଜ କୁମାର ମହାନନ୍ଦଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ବଲାଙ୍ଗୀରକୁ ହରାଇ ସମ୍ବଲପୁର ସେମିଫାଇନାଲରେ

### ୨୧ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ରେଢାଖୋଲ,୨୯।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ଜେ.ରେଙ୍ଗାଲିଠାରେ ମାରୁତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ରଜାଚୌରୀ ଖେଳ ପଡିଆରେ ୨୧ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ଭୋଇ, ଭରତାପୁର ସମିତିସଭ୍ୟ ଦିବାକର ପଧାନ, ବରିଷ୍ଠ ବେଜେଡି ନେତା ଉଦିତ ନାରାୟଣ ତ୍ରିପାଠୀ, ଶହୀଦ ଶୁକଦେବଙ୍କ ଭାଇ ମୁରଲୀ ଦେବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସମ୍ବଲପୁର ରାଇଜିଂ ଷ୍ଟାର ଓ ବଲାଙ୍ଗୀର



ଉଦ୍‌ଘାଟନୀରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

ମଧ୍ୟରେ ହୋଇଥିଲା। ପ୍ରଥମ ଫର୍ମାଟରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୨ରନ କରିଥିଲା। ଜବାବରେ ସମ୍ବଲପୁର ୮.୧ ଓଭରରେ ୪ ଉଇକେଟ ହରାଇ ୬୩ ରନ କରିଥିଲା। ୨ୟ ଫର୍ମାଟରେ ବଲାଙ୍ଗୀର ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୪୯ ରନ କରିଥିଲା। ଜବାବରେ ସମ୍ବଲପୁର ୫୦ ରନକୁ ୨ ଉଇକେଟ ହରାଇ ସଂଗ୍ରହ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ସମ୍ବଲପୁର ସେମିଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣୀ ଉତ୍ସବରେ ସୋନପୁର କଲେଜ ଅଧାପକ ଡା.ଦେବେନ୍ଦ୍ର ପ୍ରଧାନ ଅତିଥି ଭାବେ ଯୋଗଦେଇ ସମ୍ବଲପୁରର ଟିଙ୍କୁ ଷାଣ୍ଢଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରିଥିଲେ। ମ୍ୟାଚ ରତନ ସେଠି ଓ ପ୍ରକାସ ସାହୁ ପରିଚାଳନା କରିଥିବା ବେଳେ ଗଣେଶ ଦେହୁରୀ ସ୍କୋରିଂ ଏବଂ ତରୁଣ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ।

# ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ ବୈଠକ

**ସମ୍ବଲପୁର,୨୯।୧(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ପ୍ରେସ କ୍ଲବ ପରିସରରେ ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରିଣୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ହେମନ୍ତ ମହାପାତ୍ର, ସମ୍ପାଦକ ରଘୁନାଥ ମିଶ୍ର, ସମ୍ବଲପୁର ଜିଲା ସଭାପତି ସନ୍ତୋଷ ବାରିକ, ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ ସହ ସମ୍ପାଦକ ମାନଭଞ୍ଜନ ନାଏକ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ଉପସଭାପତି ରାଧାକାନ୍ତ ସେଠଙ୍କ ସମେତ ସବୁ ସଭ୍ୟ ଉପସ୍ଥିତ ଥିଲେ। ବିଶେଷ କରି ପରିଷଦର କାର୍ଯ୍ୟକଳାପ ଏବଂ ମାର୍ଚ୍ଚ ୧୨ରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକ ସମାରୋହ ଉପରେ ଆଲୋଚନା ହୋଇଥିଲା। ସମ୍ବଲପୁର, ବରଗଡ, ଝାରସୁଗୁଡା ଓ ସୁବର୍ଣ୍ଣପୁର ଜିଲାର ବହୁ ସଭ୍ୟ ଯୋଗଦାନ କରିଥିଲେ।

# ବୁଢ଼ାରଜାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ସମ୍ବଲପୁର ବୁଢ଼ାରଜରେ ସ୍ୱାସ୍ଥ୍ୟ ଶିବିର।

**ସମ୍ବଲପୁର,୨୯।୧(ବ୍ୟୁରୋ)**

ଲାୟନ୍ସ କ୍ଲବ ଅଫ୍ ସମ୍ବଲପୁର ପକ୍ଷରୁ ବୁଢାରଜା ପେଟ୍ରୋଲ ପମ୍ପ ପରିସରରେ ରବିବାର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରକ୍ତଚାପ ଓ ଡାଇବେଟିକ୍ ଚିହ୍ନଟ କରାଯାଇଥିଲା। କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଦେବେନ୍ଦ୍ର କୁମାର ଲାଠଙ୍କ ସମେତ ଲାୟନ୍ସ କ୍ଲବ ଅଫ୍ ସମ୍ବଲପୁରର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୩୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। କ୍ଲବର ରାଜେଶ ଅଗ୍ରୱାଲ ଏବଂ ନାରାୟଣ ଅଗ୍ରୱାଲଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଥିଲା। ସନ୍ତୋଷ କୁମାର ମିଶ୍ର, ସୁନୀଲ ମସନ୍ଦ, ରାଜେନ୍ଦ୍ର ଶର୍ମା, ପିଣ୍ଟୁ ପଣ୍ଡା, ଗଜାନନ ଅଗ୍ରୱାଲ, ମହେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ପାତୁଲିପାଲି ବ୍ରହ୍ମସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ

**ରେଢାଖୋଲ,୨୯।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ପାତୁଲିପାଲି ବ୍ରହ୍ମସମାଜ ଆନୁକୁଲ୍ୟରେ ସ୍ଥାନୀୟ ବିଷ୍ଣୁମନ୍ଦିର ବୃନ୍ଦାବନବିହାରଠାରେ ରବିବାର ଏକ ସାମୁହିକ ବ୍ରତପନୋୟନ ଅନୁଷ୍ଠିତ ହୋଇଛି। ସାମୁହିକ ବ୍ରତପନୋୟନରେ ବିଭିନ୍ନ ଅଞ୍ଚଳରୁ ୬ଜଣ ବ୍ରହ୍ମଚାରୀଙ୍କୁ ବ୍ରତପନୋୟନ କରାଯାଇଥିଲା। ବୌଦ୍ଧ ଜିଲା ବୈଷ୍ଣବପୁରର ବାବୁଲା ଦାଶ ଓ ଶିବୁଲାଲ ଦାଶ, ବ୍ରହ୍ମଚାରୀ ଗ୍ରାମର ଟୁକୁନ ମିଶ୍ର, ସୁବଳୟାର ଡୁମୁରୀ ଗ୍ରାମର ସ୍ମୃତିସାଗର ଦାଶ, ଦେବଗଡ ଜିଲା ରିଆମାଳ ଥାନା ବଡ ଉଙ୍ଗାଘାଟ ଗ୍ରାମର ପ୍ରିୟଶିଷ ଦ୍ୱିବେଦୀ ଓ ହିନ୍ଦୋଳ ନରହରୀପୁର ଗ୍ରାମର ସୁବ୍ରତ ମିଶ୍ର ପ୍ରମୁଖ ୬ଜଣଙ୍କୁ ବ୍ରତପନୋୟନ କରାଯାଇଥିଲା। ପଣ୍ଡିତ ରୁଦ୍ର ନନ୍ଦ ମୁଖ୍ୟ ପୂଜକ ଭାବେ ବ୍ରତପନୋୟନ ଦାୟିତ୍ୱ ତୁଲାଇଥିବା ବେଳେ ଅନ୍ୟ ୫ଜଣ ପଣ୍ଡିତ ସହଯୋଗ



ଅନ୍ୟମାନଙ୍କ ସହ ବ୍ରତୋପନୟନମାନେ।

କରିଥିଲେ। ବ୍ରତପନୋୟନ ପରେ ଏକ ଶୋଭାଯାତ୍ରାରେ ଡୋଲ, ନିଶାନ ଓ ନାମସଙ୍କୀର୍ତ୍ତନ କରି ବ୍ରହ୍ମଚାରୀମାନଙ୍କୁ ରୋଶଣି କରି ରାମ ମନ୍ଦିରକୁ ନିଆଯାଇ ପୂଜାର୍ଚ୍ଚନା କରାଯିବା ପରେ ବିଷ୍ଣୁ ମନ୍ଦିରକୁ ଅଣାଯାଇଥିଲା। ବିଷ୍ଣୁ ମନ୍ଦିରରେ କଳସ ବସାଯାଇ ବନ୍ଧାପନା କରି ସ୍ୱାଗତ କରାଯାଇଥିଲା। ବ୍ରତପନୋୟନରେ ବ୍ରହ୍ମସମାଜ ସଭାପତି ଦାମୋଦର ନାଏକ, ସୂର୍ଯ୍ୟ ପାଣିଗ୍ରାହୀ, ଅମିତାଭ ପାଣିଗ୍ରାହୀ, ଅଚ୍ୟୁତାନନ୍ଦ ପୁରୋହିତ, ନରେନ୍ଦ୍ର ପଣ୍ଡା, ସୁଜିତ ଦାଶ, ଚିନ୍ମୟ ପଣ୍ଡ, ଟିଙ୍କୁ ପୁରୋହିତଙ୍କ ସମେତ ବ୍ରହ୍ମସମାଜ ବହୁ ସଭ୍ୟ ସହଯୋଗ କରିଥିଲେ।

# ଚନ୍ଦନିମାଲ ହାଇସ୍କୁଲର ୩୨ତମ ବାର୍ଷିକୋତ୍ସବ

**କୁଚିଣ୍ଡା,୨୯।୧(ଡି.ଏନ.ଏ.)**

ସମ୍ବଲପୁଲ ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଚନ୍ଦନିମାଲ ହୀରାଧର ଯୁବକ ସଂଘ ହାଇସ୍କୁଲରେ ୩୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ କମଳ ଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, ସମ୍ବଲପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ.ମୂରଲିଧର ବେହେରା ମୁଖ୍ୟବକ୍ତା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଦସ୍ୟ ଅଜିତ କୁମାର ମହାପାତ୍ର, ଅତିରିକ୍ତ ବିଡିଓ ଗୌରାଙ୍ଗ ଚରଣ କୁସୁମ, ସମିତିସଭ୍ୟା ସଞ୍ଜୁକ୍ତା ପଟେଲ, ସ୍କୁଲ ପରିଚାଳନା କମିଟି ସଭାପତି ଜଗତରାମ ପଟେଲ, ପୂରାତନ ଛାତ୍ର ସଂସଦ ସଭାପତି ଡା.ତାପସ କୁମାର ପାଣିଗ୍ରାହୀ ପ୍ରମୁଖ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଦିପ୍ତିରାଣୀ ନାୟକଙ୍କ ସଂଯୋଜନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ୫ଟି ହାଇସ୍କୁଲ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତୀଛାତ୍ରଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଶିକ୍ଷକ ଦେବାନନ୍ଦ କର୍ସଲ, ବିଭୂତି ଭୂଷଣ ପଟେଲ ସହଯୋଗ କରିଥିଲେ। ଶେଷରେ କିରାଣୀ ସୁଗତ ପଟେଲ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଓଲାର ୨ ନୂତନ ସୁବିଧା**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ବୈଦ୍ୟୁତିକ ଯାନ (ଇଭି) ନିର୍ମାତା ଓଲା ପକ୍ଷରୁ ୨ଟି ନୂତନ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଗ୍ରାହକଙ୍କ ସୁବିଧା ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ନୂତନ ଗ୍ରାହକ ସଦସ୍ୟତା ଯୋଜନାର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ୨ଟି ନୂତନ ଯୋଜନା ଓଲା କେୟାର ଏବଂ ଓଲା କେୟାର ପ୍ଲସ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିବା ଜଣାପଡିଛି। ସେହିଭଳି ଏହି ନୂତନ ସଦସ୍ୟତା ଯୋଜନା ଓଲା କେୟାର ସବ୍ସ୍କ୍ରିପସନ୍‌ରେ ୨ଟି ଯୋଜନା ଆରମ୍ଭ କରାଯାଇଛି।

# ‘ଦେଶ ପ୍ରଗତିରେ କଷ୍ଟ୍ ଆକାଉଣ୍ଟାଣ୍ଟସଙ୍କ ଭୂମିକା ଅତୁଳନୀୟ’

## ୪୨ତମ ରିଜିଓନାଲ କଷ୍ଟ୍ କନ୍‌ଫରେନ୍ସ-୨୦୨୩



କଟକ,୨୯।୧

ଭାରତୀୟ କଷ୍ଟ୍ ଆକାଉଣ୍ଟାଣ୍ଟସ ପ୍ରତିଷ୍ଠାନର ପୂର୍ବ ଭାରତ ଆଞ୍ଚଳିକ ପରିଷଦ ଏବଂ କଟକ-ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଚାପ୍ଟର ଆନୁକୂଲ୍ୟରେ ୪୨ତମ ରିଜିଓନାଲ କଷ୍ଟ୍ କନ୍‌ଫରେନ୍ସ-୨୦୨୩ର ଆୟୋଜନ କରାଯାଇଥିଲା। ଏପରିକି ଏକ ୨ଦିନିଆ ଜାତୀୟ କର୍ମଶାଳା ସ୍ଥାନୀୟ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ପୂଜ୍ୟ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମ୍‌ପି ସୁଜିତ୍ କୁମାର, ଇରେଡା ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ, ପ୍ରତିଷ୍ଠାନର ଜାତୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର ଏବଂ ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂଜ୍ୟ ସ୍ୱାମୀ ପ୍ରଜ୍ଞାନାନନ୍ଦ ମାନବ ଜୀବନରେ ନୈତିକତା ମୂଲ୍ୟବୋଧ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ବିଶ୍ୱର ପ୍ରଗତିରେ ଭାରତ ବର୍ଷର କଷ୍ଟ୍ ଆକାଉଣ୍ଟାଣ୍ଟମାନଙ୍କର ଅବଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। ଭାରତ ବର୍ଷର ମୂଳଭିତ୍ତି ଏବଂ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରି ଏକ ବୈପ୍ଳବିକ ପରିବର୍ତ୍ତନ ଉପରେ ସ୍ୱାମୀ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଏମ୍‌ପି ସୁଜିତ୍ କୁମାର ଭାରତୀୟ ଅର୍ଥନୀତିର ରୂପରେଖ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଚଳିତ ଦଶନ୍ଧିରେ ବିଶ୍ୱରେ ଘଟିଥିବା ଅର୍ଥନୀତିର ପରିବର୍ତ୍ତନ ଉପରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ସେହିପରି ଇରେଡା ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ଅକ୍ଷୟ ଶକ୍ତି କ୍ଷେତ୍ରରେ ଘଟିଥିବା ବୈପ୍ଳବିକ ପଦକ୍ଷେପ ଏବଂ ସର୍ବୋପରି ବିଜୁଳି କ୍ଷେତ୍ରରେ କିପରି ଅକ୍ଷୟ ଶକ୍ତି କ୍ଷେତ୍ର ଆସନ୍ତା ଦିନରେ ଜୈବିକ ଶକ୍ତିକୁ କ୍ରମାନୁବର୍ଦ୍ଧିତ ଭାବେ କମାଯାଇପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ ପୂର୍ବାଞ୍ଚଳ ପରିଷଦର ଅଧ୍ୟକ୍ଷ ସିଏମ୍‌ଏ ବିଭୂତି ଭୂଷଣ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲାବେଳେ କଟକ-ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଚାପ୍ଟରର ଅଧ୍ୟକ୍ଷ ଲଳିତ କୁମାର ମିଶ୍ର, ପ୍ରତିଷ୍ଠାନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

## ‘ମାଇଁ ହେଲ୍‌ଥ କେୟାର ପ୍ଲାନର ଶୁଭାରମ୍ଭ’

ନୂଆଦିଲ୍ଲୀ,୨୯।୧

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ମଡ୍ୟୁଲାର ହେଲଥ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ‘ମାଇଁ ହେଲଥ କେୟାର ପ୍ଲାନ’ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ମାଇଁ ହେଲଥ କେୟାର ପ୍ଲାନ ୫କୋଟି ପର୍ଯ୍ୟନ୍ତ ସମ୍ ଇନସ୍ୟୁଅର୍ଡ (ଏସଆଇ) ପ୍ରଦାନ କରିଥାଏ। ଏହି ପଲିସି ୧ବର୍ଷ, ୨ବର୍ଷ କିମ୍ବା ୩ ବର୍ଷ ଅବଧି ସହ ବ୍ୟକ୍ତିଗତ ଏବଂ ଫ୍ଲୋଟର ଆଧାରରେ ପ୍ରଦାନ କରିଥାଏ । ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମଡି ଏବଂ ସିଇଓ ତପନ ସିଙ୍ଘଲ କହିଛନ୍ତି, ମାଇଁ ହେଲଥ କେୟାର ପ୍ଲାନ ପ୍ରଡକ୍ଟ ସହ ଆମର ଉଦ୍ଦେଶ୍ୟ ହେଉଛି ଆମର ଅନେକ ପ୍ରସ୍ତାବ ଆରମ୍ଭ କରିବା ଯେଉଁଠାରେ ଗ୍ରାହକଙ୍କ ପାଖରେ ସେମାନଙ୍କ ଏବଂ ସେମାନଙ୍କ ପରିବାର ପାଇଁ ବିବିଧତା ସତ୍ତ୍ୱେ ସର୍ବୋତ୍ତମ କଭର ବାଛିବା ଏବଂ ପ୍ୟାକେଜ କରିବାର ସୁବିଧା ରହିଥିବ।

## କେସିଙ୍ଗାରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଆଉଟଲେଟ




ନୂଆଦିଲ୍ଲୀ,୨୯।୧

ରିଲାଏନ୍ସ ରିଟେଲ୍‌ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ ‘ଟ୍ରେଣ୍ଡ୍‌ସ’ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଓଡ଼ିଶା ବଜାରରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କଳାହାଣ୍ଡି ଜିଲାର କେସିଙ୍ଗା ସହରରେ ଟ୍ରେଣ୍ଡ୍‌ସର ନୂତନ ଏକ୍ସକ୍ଲୁସିଭ ଆଉଟଲେଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ୪୩୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ଷ୍ଟୋର୍‌ରେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଅତି ସ୍ୱତନ୍ତ୍ର ମୂଲ୍ୟରେ ଗ୍ରାହକ ପାଇପାରିବେ। ସେହିଭଳି ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ସହ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି, ଯେପରିକି ୩୧୯୯ଟଙ୍କାର କିଣାକିଣି କରନ୍ତୁ ଏବଂ ମାତ୍ର ୨୪୯ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। କେବଳ ସେତିକି ନୁହେଁ ୩୧୯୯ ଟଙ୍କାର କିଣାକିଣି ଉପରେ ଟ୍ରେଣ୍ଡ୍‌ସର ଗ୍ରାହକମାନେ ୨୦୦୦ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିପରି ଉକ୍ତ ଷ୍ଟୋରର ମଡର୍ନ ଲୁକ୍ ଏବଂ ପରିବେଶ ଉଭୟ କେସିଙ୍ଗା ସହର ଓ ସ୍ଥାନୀୟ ଗ୍ରାହକମାନଙ୍କୁ ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ମର୍ଚ୍ଚାଣ୍ଡାଇଜ ସମ୍ଭାର ଏବଂ ସୁଲଭ ମୂଲ୍ୟ ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି। ଏପରିକି କେସିଙ୍ଗା ସହର ତଥା ଏହା ନିକଟବର୍ତ୍ତୀ ଅଞ୍ଚଳର ଗ୍ରାହକମାନଙ୍କ ପାଇଁ ଏହା ଏକ ଫ୍ୟାଶନ ଡେଷ୍ଟିନେଶନ ହୋଇପାରିବ।

## ୟୁଏସ୍‌ଏଫ୍‌ବିଏଲ୍‌ର ଶାଖା ସମ୍ପ୍ରସାରିତ

ଭୁବନେଶ୍ୱର,୨୯।୧

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ (ୟୁଏସ୍‌ଏଫ୍‌ବିଏଲ୍)ର ଓଡ଼ିଶା ବଜାର ଏବଂ ଭୁବନେଶ୍ୱର ଅଞ୍ଚଳରେ ନୂତନ ବ୍ୟାଙ୍କିଙ୍ଗ ଆଉଟଲେଟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିଏଲ୍‌ର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ବ୍ୟାଙ୍କ ପାଇଁ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ, କାରଣ ଆମେ ଏକସଙ୍ଗରେ ୨୫ଟି ବ୍ୟାଙ୍କିଙ୍ଗ ଆଉଟଲେଟ ଖୋଲିବା ସହ ସମଗ୍ର ଦେଶରେ ଆମ ଉପସ୍ଥିତିକୁ ସମ୍ପ୍ରସାରିତ କରିଛୁ। ଏହା ସ୍ଥାନୀୟ ଜନସାଧାରଣଙ୍କୁ ବିଚାର କରିବାର ସୁଯୋଗ ପ୍ରଦାନ କରୁଛି, ଯାହା ସେମାନଙ୍କୁ ସେମାନଙ୍କର ଆର୍ଥିକ ଆତ୍ମବିଶ୍ୱାସ ଗଢ଼ିତୋଳିବାରେ ସହାୟକ ହେବା ସହିତ ନିଯୁକ୍ତି, କୁଶଳତା ଏବଂ ଏକ ଉନ୍ନତ ଜୀବନଧାରଣ ପରିବେଶ ସୃଷ୍ଟି ଦିଗରେ ସହାୟତାକାରୀ ଭାବରେ କାର୍ଯ୍ୟ କରୁଛି। ଏପରିକି ଦେଶର ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟାଙ୍କ ୮୧୯ଟି ବ୍ୟାଙ୍କିଙ୍ଗ ଆଉଟଲେଟ ବିଶିଷ୍ଟ ନେଟୱର୍କ ଜରିଆରେ ଆର୍ଥିକ ସେବା ଯୋଗାଇ ଦେଉଛି। ବ୍ୟାଙ୍କ ନିଜର ପହଞ୍ଚ ପରିବ୍ୟାପ୍ତ କରିବା ଏବଂ ତଦ୍ୱାରା ଉଭୟ ନୂତନ ଏବଂ ସମ୍ପ୍ରତି ରହିଥିବା ଭୌଗୋଳିକ ଅଞ୍ଚଳଗୁଡିକରେ ଗ୍ରାହକମାନଙ୍କୁ ପୂର୍ଣ୍ଣାଙ୍ଗ ଆର୍ଥିକ ସେବା ଯୋଗାଇଦେବାକୁ ସ୍ଥିର କରିଥିବା ରଣକୌଶଳ ଅନୁଯାୟୀ ଏହି ବ୍ୟାଙ୍କିଙ୍ଗ ଆଉଟଲେଟଗୁଡିକ ଉଦଘାଟିତ ହୋଇଛି। ବ୍ୟାଙ୍କ ନିଜର ସମୁଦାୟ ନେଟୱର୍କରେ ଯୋଗାଉଥିବା ଏହି ସେବାଗୁଡିକ ମଧ୍ୟରେ ସଞ୍ଚୟ ଓ ଚଳନ୍ତି ଆକାଉଣ୍ଟ, ଫିକ୍ସଡ ଓ ରିକରିଂ ଜମା, ଋଣ, କ୍ରେଡିଟ, ବୀମା ଉତ୍ପାଦ ଏବଂ ନିବେଶକାରୀ ଉତ୍ପାଦ ଆଦି ଅନ୍ତର୍ଭୁକ୍ତ।

## ‘ଗୁଣାତ୍ମକ ସେବା ସହ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ’

ଭୁବନେଶ୍ୱର,୨୯।୧



ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ତା’ର ଗ୍ରାହକମାନଙ୍କୁ ଗୁଣାତ୍ମକ ସେବା ସହ ବିକ୍ରି ପରବର୍ତ୍ତୀ ସେବା ପ୍ରାଥମିକତା ଦେଉଥିବା ବେଳେ ସେବା ଯୋଗାଇବା ପାଇଁ ଆବଶ୍ୟକ ବ୍ୟବସାୟିକ ସମ୍ପ୍ରସାରଣକୁ ମଧ୍ୟ ବେଶ ଗୁରୁତ୍ୱାରୋପ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଉପରୋକ୍ତ କାର୍ଯ୍ୟକଳାପ ସହ ଗ୍ରାହକ ସମ୍ପର୍କ ବୃଦ୍ଧିକୁ ସୁଦୃଢ଼ କରିବା ଆଶାରେ ଟାଟା ମୋଟର୍ସର ଉପ ମହାନିର୍ଦ୍ଦେଶକ ରାଜେଶ କଉଲ ନିକଟରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ମଙ୍ଗୁଳି ଛକ ନିକଟସ୍ଥ ତୃପ୍ତି ଅଟୋ ମୋଟିଭସ ଶୋ ରୁମ୍‌କୁ ପରିଦର୍ଶନ କରିଥିଲେ। ଏହି ଅବସରରେ କଉଲଙ୍କ ସହ ଅରୁଣ ଜଲାଲି, ଦୀପାଞ୍ଜନ ରୟ, ରନଭିର କଅଁର, ରାଜୀବ ଘୋଷ, କପିଲ ନିଖୋନ, ବିକାଶ ସୋନି, ନୀରଜ ବର୍ମାଙ୍କ ସମେତ ଟାଟା ମୋଟର୍ସର ବହୁ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସେହିଭଳି ଗ୍ରାହକମାନଙ୍କୁ ଗାଡ଼ି ଡେଲିଭରି, ବୃକ୍ଷରୋପଣ ଏବଂ ଦକ୍ଷ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ଆଦି କାର୍ଯ୍ୟକ୍ରମରେ ଯୋଗ ଦେବା ସହ କଉଲ ଉପସ୍ଥିତ ଗ୍ରାହକ ଓ ତୃପ୍ତି ଅଟୋମୋଟିଭସର ସମସ୍ତ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଏହାପରେ ସେ ଯାଜପୁରଠାରେ ଟାଟା ମୋଟର୍ସର ନୂଆ ଶୋ’ରୁମ୍ ସାଇସୁଧା ମୋଟର୍ସକୁ ମଧ୍ୟ ଉଦ୍‌ଘାଟନ କରିଥିବା ଜଣାପଡ଼ିଛି। ସେହିପରି ତୃପ୍ତି ଅଟୋ ମୋଟିଭ୍‌ସ ଏବଂ ସାଇସୁଧା ମୋଟର୍ସ ପକ୍ଷରୁ ଶୁଭେନ୍ଦୁ ମହାନ୍ତି ଓ ଅଙ୍କିତ ମହାନ୍ତି ଉପସ୍ଥିତ ସମସ୍ତ ଟାଟା ମୋଟର୍ସ ଅଧିକାରୀଙ୍କୁ ସ୍ୱାଗତ ଜଣାଇବା ସହ ଓଡ଼ିଶା ବଜାର ସହ ଗ୍ରାହକଙ୍କ ଆବଶ୍ୟକତା ଓ ଚାହିଦା ସମ୍ପର୍କରେ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ।

## ବଜାର ଅଭିବୃଦ୍ଧିରେ ସାମିଲ ହେଉଛନ୍ତି ନିବେଶକ

ନୂଆଦିଲ୍ଲୀ,୨୯।୧

ଦେଶର ପ୍ରମୁଖ ମ୍ୟୁଚୁଆଲ ଫଣ୍ଡ ସଂସ୍ଥା ‘ଡିଏସ୍‌ପି ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସ’ ବର୍ତ୍ତମାନର ବଜାର ବ୍ୟବସ୍ଥା ଓ ନିବେଶ ଉପରେ ଦୁଇଟି ମୁଖ୍ୟ ସଙ୍କଟକାରକ ଯଥା ସୁଧ ଏବଂ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଛି। ଏପରିକି ବର୍ତ୍ତମାନର ସମ୍ଭାବ୍ୟ ସ୍ୱଳ୍ପକାଳୀନ ଆହ୍ୱାନ ସତ୍ତ୍ୱେ ଭାରତର କାହାଣୀ ଏକ ବାସ୍ତବତାରେ ପରିଣତ ହୋଇଛି ବୋଲି ଡିଏସ୍‌ପି ପକ୍ଷରୁ ଆକଳନ କରାଯାଇଛି। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ବର୍ତ୍ତମାନ ଅଭିବୃଦ୍ଧି ଉପରେ ମୁଦ୍ରାସ୍ଫୀତିକୁ ପ୍ରାଥମିକତା ଦେଉଥିବାବେଳେ ମୁଦ୍ରାସ୍ଫୀତି ଚାପ ହ୍ରାସ ହୋଇପାରେ ବୋଲି ସଙ୍କେତ ମଧ୍ୟ ମିଳିଛି, ହେଲେ ବଜାର ଯଥେଷ୍ଟ ଅଭିବୃଦ୍ଧିର ମନ୍ଥରତା ସମ୍ଭାବନାକୁ ବିଚାର କରୁନାହିଁ। ଏପରିକି ଏହା ନିକଟ ଭବିଷ୍ୟତରେ ଆହୁରି ନିମ୍ନଗାମୀ ସଂଶୋଧନ ଆଡ଼କୁ ନେଇପାରେ ବୋଲି ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଡିଏସପି ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପ୍ରାଇଭେଟ ଲିମିଟେଡର ମୁଖ୍ୟ ବିନୀତ ସାମ୍ବ୍ରେ କହିଛନ୍ତି, ଭାରତୀୟ ନିବେଶକମାନେ ଭାରତୀୟ ଅର୍ଥନୀତି ଏବଂ ବଜାରର ଅଭିବୃଦ୍ଧିରେ ଭାଗ ନେବାକୁ ପସନ୍ଦ କରୁଥିବା ଦେଖିବା ଉତ୍ସାହଜନକ ଅଟେ। ବିଶେଷ କରି ଏହି ନିବେଶକମାନଙ୍କୁ ଆମର ସରଳ ଏବଂ ସୁସଙ୍ଗତ ସୁପାରିସ ଯେ ଏକ ସନ୍ତୁଳିତ ଆଭିମୁଖ୍ୟ ଅବଲମ୍ବନ କରନ୍ତୁ। ଏପରିକି ଅସମ୍ଭବକୁ ସମ୍ଭବ କରି ଦେଖାଇବାର ଚେଷ୍ଟା’ ଏବଂ ‘ପ୍ରିନ୍ସିପାଲ ଫାଷ୍ଟ’ ଉପରେ ଯେପରି ଆମେ ପୂର୍ବ ବାର୍ଷିକ ଟିପ୍ପଣୀରେ ଜୋର ଦେଇଛୁ, ମୂଲ୍ୟାଙ୍କନ ଅଧିକ ହୋଇଥିବାବେଳେ ଇକ୍ୱିଟି ସମ୍ପତ୍ତି ବର୍ଗରୁ ବାହାରି ଯିବା ବିବେକସମ୍ମତ ନୁହେଁ।

ଫୁର୍‌ସତ୍

## ବିବାହ ଲାଗି ସ୍ୱେଡେନ୍‌ରୁ ୟୁପି ଆସିଲେ ବିଦେଶିନୀ

ଲକ୍ଷ୍ନୌ



ପ୍ରେମରେ ପଡ଼ିଥିବା ଲୋକେ ଅନେକ ଅଜବ କାମ କରନ୍ତି, ଯାହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ କରିପକାଏ। ଉତ୍ତର ପ୍ରଦେଶରୁ ମଧ୍ୟ ଏମିତି ଏକ ଘଟଣାକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସ୍ୱେଡେନ୍‌ର ଖ୍ରୀଷ୍ଟେନ୍ ଲିଏପର୍ଟ ଉତ୍ତର ପ୍ରଦେଶରେ ରହୁଥିବା ତାଙ୍କ ପ୍ରେମିକ ପୱନ କୁମାରଙ୍କୁ ବାହାହେବା ଲାଗି ଭାରତ ଆସିଛନ୍ତି। ୟୁପିର ଇଟାହରେ ଥିବା ଏକ ବିଦ୍ୟାଳୟରେ ବୈଦିକ ରୀତିନୀତି ଅନୁସାରେ ଦୁହିଁଙ୍କ ବିବାହ ଶୁକ୍ରବାର ସମ୍ପନ୍ନ ହୋଇଛି। ଖ୍ରୀଷ୍ଟେନ୍ କନ୍ୟା ବେଶରେ ସଜେଇ ହୋଇଥିବା ବିବାହର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ୨୦୧୨ରେ ଦୁହେଁ ଫେସ୍‌ବୁକ୍‌ରେ ପରିଚିତ ହୋଇଥିଲେ। ଫେସ୍‌ବୁକ୍‌ରେ ଚାଟ୍ କରୁକରୁ ଦୁହିଁଙ୍କ ମଧ୍ୟରେ ଥିବା ବନ୍ଧୁତା ପ୍ରେମର ରୂପ ନେଇଥିଲା। ବି.ଟେକ୍ ପାଠ୍ୟକ୍ରମ ସାରି ପୱନ ଏକ ଘରୋଇ ସଂସ୍ଥାରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ଖ୍ରୀଷ୍ଟେନ୍‌ଙ୍କ ସହ ସମ୍ପର୍କକୁ ନେଇ ପୱନଙ୍କ ଘରେ କେହି ବିରୋଧ କରି ନ ଥିବାବେଳେ ପରିବାରର ସମର୍ଥନ କ୍ରମେ ଦୁହିଁଙ୍କ ବାହାଘର କରାଯାଇଛି। ପିଲାମାନଙ୍କ ଖୁସିରେ ପରିବାରର ଖୁସି ବୋଲି ପୱନଙ୍କ ବାପା ଗୀତମ ସିଂ କହିଛନ୍ତି।

## ସତ ହେଲା ନେହାଙ୍କ ବାଣୀ

**ମୁମ୍ବାଇ:** ଶାହରୁଖ୍‌ଙ୍କ ଫିଲ୍ମ ‘ପଠାନ୍’କୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ଗତ ୨୫ରେ ରିଲିଜ୍ ହୋଇଥିବା ଏହି ଫିଲ୍ମ ୪ ଦିନରେ ବିଶ୍ୱବ୍ୟାପୀ ୪୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିସାରିଛି। ବଲିଉଡ୍ ଇଣ୍ଡଷ୍ଟ୍ରିରେ ‘ପଠାନ୍ ’ ଏକ ରେକର୍ଡ ସୃଷ୍ଟି କରିଛି। ଏପରିସ୍ଥିତିରେ ନେହା ଧୂପିଆଙ୍କ ଏକ ମନ୍ତବ୍ୟ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ୨୦୦୪ରେ ନେହା ନିଜ ଫିଲ୍ମ ‘ଜୁଲି’ର ପ୍ରମୋଶନ୍‌ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ କହିଥିଲେ ଯେ, ଇଣ୍ଡଷ୍ଟ୍ରିରେ ସେକ୍ସ ବିକ୍ରିହେବ କିମ୍ବା ଏସ୍‌ଆର୍‌କେ (ଶାହରୁଖ ଖାନ୍)। ନେହାଙ୍କ ଏହି ମନ୍ତବ୍ୟକୁ ପ୍ରଥମେ ଜଣେ ଟୁଇଟର ୟୁଜର୍ ଶେୟାର କରିବା ପରେ ନେହା ଏହାକୁ ରିଶେୟାର କରିଛନ୍ତି। ତାଙ୍କ ମନ୍ତବ୍ୟ ସତ ହେଲା ବୋଲି ସେ ନିଜ ପୋଷ୍ଟରେ ଲେଖିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଫିଲ୍ମ ‘ପଠାନ୍’କୁ ସିନେପ୍ରେମୀଙ୍କ ଖୁବ୍ ଭଲପାଇବା ମିଳିଛି।



## ମା’ଙ୍କ ବିୟୋଗରେ ଭାଙ୍ଗି ପଡ଼ିଛନ୍ତି ରାକ୍ଷୀ

ମୁମ୍ବାଇ

ହିନ୍ଦୀ ଫିଲ୍ମ ଜଗତର କଣ୍ଟ୍ରୋଭର୍ସିଆଲ୍ କୁଇନ୍ ଭାବେ ଜଣାଯାଉଥିବା ରାକ୍ଷୀ ସାୱନ୍ତଙ୍କ ଉପରେ ଦୁଃଖର ବାଦଲ ଛିଡ଼ିପଡ଼ିଛି। ମା’ ଜୟାଙ୍କ ବିୟୋଗ ପରେ ରାକ୍ଷୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଛନ୍ତି। ଶନିବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ହିଁ ରାକ୍ଷୀଙ୍କ ମା’ଙ୍କ ମୃତ୍ୟୁ ଘଟିଛି। ତେବେ ଶନିବାର ମୁମ୍ବାଇର ଓଶିୱାରାରେ ଥିବା ମ୍ୟୁନିସିପାଲ ଖ୍ରୀଷ୍ଟିଆନ୍ କେମେଟେରିରେ ଜୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାକ୍ଷୀଙ୍କ ମା’ ତାଜ୍ ମେମୋରିଆଲ କ୍ୟାନ୍‌ସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରିଆଲିଟି ଶୋ’ ବିଗ୍‌ବସ୍‌ର ସିଜନ୍ ୧୪ରେ ବିବି-ହାଉସ୍‌ରେ ରାକ୍ଷୀଙ୍କ ମା’ଙ୍କୁ ଦେଖାଯାଇଥିଲା। ସେତେବେଳେ ରାକ୍ଷୀ ବିଗ୍‌ବସ୍ କଣ୍ଟେଷ୍ଟାଣ୍ଟ ଭାବେ ବିଗ୍‌ବସ୍ ହାଉସ୍‌ରେ ଥିଲେ। ତେବେ ମା’ଙ୍କ ବିୟୋଗ ନେଇ ରାକ୍ଷୀ ସୋସିଆଲ ମିଡିଆରେ ଏକ ଇମୋଶନାଲ ପୋଷ୍ଟ ଶେୟାର କରିଛନ୍ତି। ସର୍ଲିନ ଚୋପ୍ରାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ମାମଲାରେ ରାକ୍ଷୀଙ୍କୁ କିଛିଦିନ ପୂର୍ବେ ଗିରଫ କରାଯାଇଥିବାବେଳେ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଦର୍ଶାଇବାରୁ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା।



## ମୂଷା ଯୋଗୁ ବଞ୍ଚିଗଲା ପରିବାର



ଜୟପୁର

ରାଜସ୍ଥାନର ଧୋଲପୁର ଜିଲ୍ଲାରେ ଏକ ମୂଷା ପରିବାରର ୫ ଜଣଙ୍କ ଜୀବନ ବଞ୍ଚାଇ ଦେଇଥିବା ଗ୍ରାମବାସୀମାନେ କହିଛନ୍ତି। ସୂଚନାଯୋଗ୍ୟ, ଧୋଲପୁର ଜିଲ୍ଲାର ସିକରୋଦା ଗ୍ରାମରେ ଜୟପ୍ରକାଶଙ୍କ ପରିବାର ଲୋକ ଶୋଇଥିଲେ। ଏହି ସମୟରେ ଏକ ମୂଷା ଆସି ଜଣଙ୍କ ଉପରେ ପଡ଼ିଥିଲା। ରାତି ହୋଇଥିବାରୁ କ’ଣ ପଡିଛି ଜାଣି ନ ପାରି ପରିବାର ଲୋକଙ୍କ ନିଦ ଭାଙ୍ଗି ଯାଇଥିଲା। ଏହାପରେ ସେମାନେ ଘର ପଛପଟୁ କିଛି ବିଚିତ୍ର ଶବ୍ଦ ଶୁଣିବାକୁ ପାଇଥିଲେ। ୫ ଜଣଯାକ ଘର ବାହାରକୁ ଚାଲି ଯାଇଥିଲେ। କିଛି ସମୟ ପରେ ଘରର ଏକ ଅଂଶ ଭୁଷୁଡି ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ମୂଷା ହେତୁ ସମସ୍ତ ଭୟରେ ବାହାରେ ଛିଡ଼ା ହୋଇଥିଲେ। ଘଟଣା ସମୟରେ ଘର ଭିତରେ କେହି ନ ଥିବାରୁ ଏହି ଅଘଟଣରେ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ପଶୁଙ୍କ ଜୀବନ ବି ରକ୍ଷା ପାଇଯାଇଛି। ଜୟପ୍ରକାଶ, ନିହାଲିସିଂହ, ଇନ୍ଦିରା ଓ ବବିତାଙ୍କ ସମତେ ଜଣେ ସମ୍ପର୍କୀୟ କହିଛନ୍ତି ମୂଷା ପାଇଁ ଆଜି ଆମ ଜୀବନ ବଞ୍ଚି ଯାଇଛି।

ତେବେ ଘର ଭୁଷୁଡି ପଡିବା ଯୋଗୁ ଭିତରେ ଥିବା ୧.୫ ଲକ୍ଷ ଟଙ୍କାରମେସିନ ନଷ୍ଟ ହୋଇଯାଇଛି। ଏଥିସହିତ ୬ କ୍ୱିଣ୍ଟାଲଏ ଗହମ, ୫ କ୍ୱିଣ୍ଟାଲ ସୋରିଷ, ୯ କ୍ୱିଣ୍ଟାଲ ବାଜରା ସମେତ ଘରେ ଥିବା ଆସବାବ ପତ୍ର ଉପରେ ଇଟା ସିମେଣ୍ଟ ଗଦା ଦେଇ ନଷ୍ଟ ହୋଇଯାଇଛି।

## ସଂକ୍ଷେପରେ

### ଦକ୍ଷତା ବୃଦ୍ଧି ତାଲିମ ଶିବିର

ସୁନ୍ଦରଗଡ଼,୨୯।୧(ଡି.ଏନ୍.ଏ.): ସୁନ୍ଦରଗଡ଼ କିରେଇସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ୩ଦିନିଆ ଦକ୍ଷତାବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଶିବିରରେ ଗ୍ରାମାଞ୍ଚଳର ଶିକ୍ଷିତ ଯୁବତୀଯୁବକମାନଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଧିଙ୍ଗରି ଛତୁରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଉତ୍ପାଦ ଉପରେ ଜିଲାର ବିଭିନ୍ନ ବ୍ଲକରୁ ୨୫ଜଣ ଆଗ୍ରହୀ ଯୁବଚାଷୀଙ୍କୁ ନେଇ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ଛତୁରୁ ପ୍ରସ୍ତୁତ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ ଛତୁ ଆଚାର, ଛତୁବଡି, ଛତୁ ପାମ୍ପଡ, ଛତୁ ପକୋଡା, ଛତୁ ସୁପ୍‌ପାଉଡର, ଛତୁସୁପ୍, ଶୁଖିଲା ଛତୁ ଆଦି ପ୍ରସ୍ତୁତି ବିଷୟରେ ସବିଶେଷ ତାଲିମ ପ୍ରଦାନ କରାଯିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ନିଜେ ତିଆରି କରି ଜ୍ଞାନକୌଶଳ ଆହରଣ କରିଥିଲେ। ଏଥିସହିତ ବିକ୍ରି ହୋଇ ପାରୁ ନ ଥିବା ଛତୁକୁ କିପରି ଅଧିକ ଦିନ ବ୍ୟବହାର ଉପଯୋଗୀ କରିହେବ ସେ ନେଇ ପନେଟ୍ ପ୍ୟାକିଂ, ପିପିପାଉଚ୍ ପ୍ୟାକିଂ ସମ୍ପର୍କରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ମୁଖ୍ୟ ପ୍ରଶିକ୍ଷକ ଭାବେ ତାଲିମ ପ୍ରଦାନ କରୁଥିଲେ। ମୃତିକା ବୈଜ୍ଞାନିକ ମନୋଜ କୁମାର ଜେନା, ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ୍ ବାଗେ ମଧ୍ୟ ତାଲିମ ପ୍ରଦାନ କରିବା ସହିତ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସମସ୍ତ ଉତ୍ପାଦର ମୂଲ୍ୟାୟନ କରାଯାଇଥିଲା।

### ଇନ୍ଦିପୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଟେନ୍‌ସା,୨୯।୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଇନ୍ଦିପୁର ଗ୍ରାମସ୍ଥିତ ରଜାବସା ଖେଳ ପଡ଼ିଆଠାରେ ୩ଦିନ ଧରି ଚାଲିଥିବା କ୍ରିକେଟ ମ୍ୟାଚ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚ ଗତ ୨୪ ରୁ ଆରମ୍ଭ ହୋଇ ୨୬ରେ ଶେଷ ହୋଇଛି। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ମାଲଦା ସରପଞ୍ଚ ସୁରୁବାଲି ପାତ୍ର, ସମ୍ମାନିତ ଅତିଥି ଭାବେ ବାଦଲ ବାରିକ, ଟିକେଶ୍ୱର୍ ପାତ୍ର ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଇନ୍ଦିପୁର ବନାମ ପାଟମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଆଠଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷ ଫାଇନାଲ ମ୍ୟାଚ କୋଇଡା କ୍ରିକେଟ କ୍ଲବ ଓ ସାଇ ସ୍ପୋର୍ଟିଂ କ୍ଲବ ମଧ୍ୟରେ ହୋଇଥିଲା। ସାଇ ସ୍ପୋର୍ଟିଂ କ୍ଲବ ପନ୍ଦର ଓଭର ଖେଳି ୯୦ ରନ କରି ଅଲଆଉଟ ହୋଇଥିଲା। ଏହାର ଜବାବରେ କୋଇଡା କ୍ରିକେଟ କ୍ଲବ ୧୨ଓଭରରେ ଖେଳି ୪ଟି ଉଇକେଟ ହରାଇ ବିଜୟ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ହାଇକୋର୍ଟର ଆଡଭୋକେଟ ଅଶୋକ ଆପଟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିବାକର ନାଏକ, ୱର୍ଡମେମ୍ବର ସାର ଦେହୁରି, ଗୋପାଳ ସମାଜର ସଭାପତି ମିତ୍ର ପଲାଇ, କାଠି ମୁହାଁକୁଡ, ବୈରାଗି ବାରିକ ପ୍ରମୁଖ ଯୋଗଦେଇଥିଲେ। ଇନ୍ଦିପୁର ସ୍ପୋର୍ଟ୍ସ କ୍ଲବର ସଭାପତି ସୁଦାମ ବାରିକ, ସମ୍ପାଦକ ଗଣେଶ ଆପଟ, ପଦଘଣା, ସଦା ବାରିକ, ମହେନ୍ଦ୍ର ମହାକୁଡ, ଅକ୍ଷୟ, ଛବି, ବିପିନ, ଦିପୁ, ବିଶ୍ଚୁ, ବସୁ, ସାନ୍ତୁ, ପପୁ ଓ ସମସ୍ତ କ୍ଲବର ମେମ୍ବର ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ।

# ଦୁଇ ମାସ ଭିତରେ ବିଦ୍ୟୁତ୍ ସଂଯୋଗ ନିର୍ଦ୍ଦେଶ

**ଡେଲିମାର୍କେଟରେ ନାହିଁ ବିଜୁଳି ସୁବିଧା**

ବଲାଙ୍ଗୀର ଅଫିସ, ୨୯।୧

ବ୍ୟସ୍ତବହୁଳ ବଲାଙ୍ଗୀର ସହର ଡେଲିମାର୍କେଟଠାରେ ବିଧିବଦ୍ଧ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏନେଇ ଦୀର୍ଘ ୬ବର୍ଷ ପୂର୍ବରୁ ହାଇକୋର୍ଟରେ ରିଟ୍ ପିଟିସନ୍ ଫାଇଲ କରାଯାଇଥିଲେ ମଧ୍ୟ ନିୟମିତ ବିଦ୍ୟୁତ୍‌କରଣ ହୋଇନାହିଁ। ତେବେ ଦୀର୍ଘଦିନର ଲଢ଼େଇ ପରେ ଶେଷରେ ଦୁଇମାସ ମଧ୍ୟରେ ବଲାଙ୍ଗୀର ଡେଲିମାର୍କେଟକୁ ନିୟମିତ ବିଦ୍ୟୁତ୍ ସଂଯୋଗ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଦେଶ ସ୍ୱାଧୀନ ହେବା ବହୁ ପୂର୍ବରୁ ବଲାଙ୍ଗୀର ଡେଲିମାର୍କେଟ ରହିଛି। ମାତ୍ର ଏଠାରେ ବିଧିବଦ୍ଧ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏହି ଡେଲିମାର୍କେଟର ଜଣେ ବ୍ୟବସାୟୀ ଏଠାରେ ବିଦ୍ୟୁତ୍‌କରଣ ପାଇଁ ଦୀର୍ଘ ୨୦ ବର୍ଷ ତଳୁ ଉଦ୍ୟମ ଆରମ୍ଭ କରିଥିଲେ। ୨୦୦୨ ମସିହାରେ ବ୍ୟବସାୟୀ ସଂଘ ସମ୍ପାଦକ ହରେରାମ ଶତପଥୀ ଡେଲିମାର୍କେଟରେ ବିଦ୍ୟୁତ୍‌କରଣ କରିବାକୁ ୧୪,୧୭୬ ଟଙ୍କାର ସିକ୍ୟୁରିଟଇ ଡିପୋଜିଟ୍ କରିଥିଲେ। ୨୦୦୪ ମସିହାରେ ୱେସ୍କୋ ଏବଂ ଡେଲିମାର୍କେଟ ବ୍ୟବସାୟୀ ସଂଘ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହାପରେ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ମାତ୍ର କୌଣସି କାରଣରୁ ଏହି ଉଦ୍ୟମ ପରବର୍ତ୍ତୀ ସମୟରେ ବନ୍ଦ ହୋଇଯାଇଥିଲା। ଏହି ଘଟଣାକୁ ନେଇ ବ୍ୟବସାୟୀ ଶତପଥୀ ବଲାଙ୍ଗୀର ମ୍ୟୁନିସିପାଲିଟି, ଜିଲା ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିଲା। ଡେଲିମାର୍କେଟ ପରିସରରେ ଥିବା ବ୍ୟବସାୟିକ ପିଣ୍ଡିକୁ ବିଦ୍ୟୁତ୍‌କରଣ ମ୍ୟୁନିସିପାଲିଟିର ପ୍ରାଥମିକ କାମ। ମାତ୍ର ବ୍ୟବସାୟୀଙ୍କୁ ନିୟମିତ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। କେତେକ ବ୍ୟବସାୟୀ ଜେନେରେଟର ଲଗାଇ ବିକଳ୍ପ ବ୍ୟବସ୍ଥା କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଦ୍ୟୁତ୍‌କରଣ ନ ହେବାରୁ ୨୦୧୬ ମସିହାରେ ବ୍ୟବସାୟୀ ଶତପଥୀ ହାଇକୋର୍ଟରେ ରିଟ୍ ପିଟିସନ୍ ଦାଖଲ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲାପାଳ ଏହି ମାମଲାରୁ ଶୁଣାଣି କରିଛନ୍ତି। ଏ ସଂକ୍ରାନ୍ତରେ ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ତାଙ୍କ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଡେଲିମାର୍କେଟକୁ ବିଦ୍ୟୁତ୍ ଯୋଗାଣ ଜରୁରୀ ବୋଲି ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଜିଲାପାଳ ଆସନ୍ତା ଦୁଇମାସ ମଧ୍ୟରେ ଡେଲିମାର୍କେଟ ପରିସରରେ ନିୟମିତ ଏବଂ ବିଧିବଦ୍ଧ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଜିଲାପାଳଙ୍କ କୋର୍ଟରେ ଆବେଦନକାରୀ ବ୍ୟବସାୟୀ ଶତପଥୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ୍ କୃଷ୍ଣଚନ୍ଦ୍ର ମିଶ୍ର ମାମଲା ପରିଚାଳନା କରିଥିଲେ।

## ଗୁଡଖାପଲା କ୍ରିକେଟ: ସିଙ୍ଗାଟିମାଲ ଚାମ୍ପିୟନ


ଚାମ୍ପିୟନ ଦଳର ଖେଳାଳି ଗହଣରେ ଅତିଥିବୃନ୍ଦ।

ଦେଓଗାଁ ,୨୯।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡଖାପଲା ପଦର ଖେଳପଡିଆରେ ସ୍ଥାନୀୟ ଟାଇଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଷଷ୍ଠ ତମ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ସିଙ୍ଗାଟିମାଲ ଓ ରୁଗୁଡିପାଲି ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ସିଙ୍ଗାଟିମାଲ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୮ ଓଭରରେ ୮୯ରନ କରିଥିଲା। ଜବାବରେ ରୁଗୁଡିପାଲି ଦଳ ୮ଓଭରରେ ୮୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁରେନ୍ଦ୍ର ଦାଶ, ସମ୍ମାନୀତ ଅତିଥି ହେମନ୍ତ ମାଝି, ମହେନ୍ଦ୍ର ଦାଶ, ଅର୍ଜୁନ ସାହୁ, ବିଜୟ କୁମାର କାଲସାଏ, ଜୟନ୍ତ କୁମାର ଭୋଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ।

## ତୋଷାଳୀ ମହୋତ୍ସବ ଉଦ୍‌ଘାଟିତ

ଗୁଡଭେଲା,୨୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ହାଇସ୍କୁଲ ଖେଳ ପଡିଆରେ ରବିବାର ଦ୍ୱିତୀୟ ବର୍ଷ ତୋଷାଳୀ ମହୋତ୍ସବ ୨୦୨୨-୨୩ ଉଦ୍‌ଘାଟିତ ହୋଇଯାଇଛି। ଇଷ୍ଟ ଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ସାଂସ୍କୃତିକ ଶୋଭାଯାତ୍ରା ଓ ମଶାଲ ଯାତ୍ରା ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ଏହି ମହୋତ୍ସବରେ ଲୋଇସିଂହା ବିଧାୟକ ଡଃ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାଜପାର ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଡ. ନବୀନ ଜୈନ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଡ. ଘାସିରାମ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଅଞ୍ଚଳର କଳା, ସଂସ୍କୃତିକୁ ରକ୍ଷା କରାଯାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ମହୋତ୍ସବ କମିଟି ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଉପସଭାପତି ଦେବବ୍ରତ ପାଣିଗ୍ରାହୀ, ଉପସଭାପତି ରାଧାରମଣ ସରାଫ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର, ସହ ସମ୍ପାଦକ ଅରବିନ୍ଦ କେଡିଆ, କୋଷାଧ୍ୟକ୍ଷ ରୋହିତ କେଡିଆ, ୟୁଥ ଏକ୍ସନ କମିଟି ସଭାପତି ଲିସନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲୋକଗୀତ, ଲୋକକଳା ଓ ଢେମସା ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।


ସାଂସ୍କୃତିକ ଶୋଭାଯାତ୍ରା ଓ ମଶାଲ ଯାତ୍ରା ମହୋତ୍ସବସ୍ଥଳରେ ପହଞ୍ଚିଛି।

## ଶିକ୍ଷକ ଅଭିଭାବକ ସମ୍ମିଳନୀ

**ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ସୁନ୍ଦରଗଡ଼,୨୯।୧(ଡି.ଏନ୍.ଏ)

ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଶିକ୍ଷକ-ଅଭିଭାବକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅଭିଭାବକମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବା ସହ ସମସ୍ତେ ମିଶି ଏହାର ସମାଧାନ କରିବାକୁ କହିଥିଲେ। ଓଡ଼ିଶା ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଦତ୍ତ ନିୟମାବଳୀ ଅନୁସାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କ୍ୟାରିୟର କାଉନସେଲିଂ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ, ଛାତ୍ରବୃତ୍ତି, ଧନ୍ଦାମୂଳକ ଶିକ୍ଷା, ପୁରାତନ ଛାତ୍ର, ର୍‍ୟାଗିଂ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ତରଫରୁ ମେଣ୍ଟର ଗ୍ରୁପ୍‌ର ଲାଭ ଉଠାଇବାକୁ କୁହାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାରଙ୍ଗଧର ବରିହା ଓ ଅଧ୍ୟକ୍ଷ ଡ.ଲଳିତରଞ୍ଜନ ସାହୁ ଏଥିରେ ଉପସ୍ଥିତ ରହି ଗୁଣାତ୍ମକ ଶିକ୍ଷା ନିମନ୍ତେ ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଅଭିଭାବକମାନେ ଉଭୟ ଅନଲାଇନ୍ ଓ ଅଫ୍ ଲାଇନ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ପ୍ରଭାକର ସେଠୀ, ପ୍ରଶାନ୍ତ କୁଲୁ, ଆଞ୍ଜେଲିନ୍ କିଣ୍ଡୋ, ମ୍ୟାରୀରୋଜ ଲାକ୍ରାଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ କୁବେର


@ ସିଦ୍ଧାର୍ଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମା'ଚକାଡଙ୍ଗରେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଡ଼ିଆଳ,୨୯।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକସ୍ଥିତ ବେନ୍ଦ୍ରାବାହାଲ ଖେଳପଡ଼ିଆଠାରେ ଚକାଡଙ୍ଗରେନ କ୍ରିକେଟ ଖେଳ ଉଦଘାଟିତ ହୋଇଯାଇଛି। ମା' ଚକାଡ଼ଙ୍ଗରେନ ପ୍ରଥମ ଦିନର ଖେଳରେ କୁଲିଗାଁ ଓ ପୁଟୁପଡା ମଧ୍ୟରେ ହୋଇଥିବା ବେଳେ ପୁଟୁପଡା ବିଜୟୀ ହୋଇଥିଲା। ୨ୟ ଖେଳ ବରଗାଁ ଓ କୁଟରାବେଡା ମଧ୍ୟରେ ହୋଇଥିଲା ବେଳେ ବରଗାଁ ବିଜୟୀ ହୋଇଥିଲା। ପ୍ରଥମ ଦିନରେ ସାମାଜିକ କର୍ମୀ ସଞ୍ଜୟ ତିୱାରୀ, ବରିଷ୍ଠ ଅମ୍ପାୟର ବସନ୍ତ ଶବର, ମନୋଜ ପଟେଲ ଉଦଘାଟନ କରିଥିବା ବେଳେ ସାଧବ ଶବର, ନୀଳାମ୍ବର ଶବର, କିଶୋର ଶବର, ଦିଲୁ ଶବର, ମଲୟ ପଟେଲ, ଜିତେଷ ପୋଡ, ତାପସ ଶବର, ତନ୍ମୟ ସହଯୋଗ କରିଥିଲେ। ଖେଳର ଅମ୍ପାୟର ଦାୟିତ୍ୱରେ ଲକ୍ଷ୍ମିଚରଣ ଶବର, ଦିଲୀପ ଶବର, କିଶୋର ରଣା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୪ ତାରିଖରେ ଫାଇନଲ ଖେଳ ଅନୁଷ୍ଠିତ ହେବ।

## ଭଗବାନ ମିଶ୍ର ସ୍ମୃତି ସମିତିର ହିନ୍ଦୀ ପ୍ରତିଯୋଗିତା

ବରଗଡ଼ ଅଫିସ,୨୯।୧

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଭଗବାନ ମିଶ୍ର ସ୍ମୃତି ସମିତି ପକ୍ଷରୁ ଷଷ୍ଠରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ୩ଟି ଗ୍ରୁପ୍‌ରେ ହିନ୍ଦୀ ସୁଲେଖନ, ହିନ୍ଦୀ ଭାଷା, ସାହିତ୍ୟ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା ଉଦ୍‌ଘାଟନ କରି ହିନ୍ଦୀ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ସମିତିର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ସ୍କୁଲ ଓ କଲେଜର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସମିତି ସଭାପତି ପ୍ରୀତମ ସିଂ, ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ସମ୍ପାଦକ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାଶଶର୍ମାଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମିତିର ଉପସଭାପତି କମଳ ଯୋଶୀ, ସହସମ୍ପାଦକ ବିନୋଦ ସାହୁ, କାମିନୀ ଦାଶ, ମୁକ୍ତା ଦାଶ, ଡ. ବନୁଜା ମେହେର, ନୀଳାମ୍ବର ମେହେର, ରାମକୃଷ୍ଣ ଠାକୁର, ଅଭିମନ୍ୟୁ ଭୋଇସାଗର, ଅରବିନ୍ଦ ଗୁପ୍ତା, ଜଗଦୀଶ ସେନ, ପ୍ରଦୀପ୍ତଭାନୁ ମହାନ୍ତି, ପ୍ରଦୀପ ଦାଶ, ସରକାରୀ ବାଳିକା ହାଇସ୍କୁଲର ଶିକ୍ଷକ ବିବେକା ଅଦାବର, ଜୟଲକ୍ଷ୍ମୀ ସାହୁ, ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ ଅବିନାଶ ଗୁପ୍ତା, ସୁନୀଲ ଅଗ୍ରୱାଲ, ବିକାଶ ମିଶ୍ର, ପୁଷ୍ପାଞ୍ଜଳି ପ୍ରଧାନ, ଛବି ଭୁଏ, ଉଦୟ ଭୋଇ ସହଯୋଗ କରିଥିଲେ।


ହିନ୍ଦୀ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ: ପ୍ରଶାସନ ଚାମ୍ପିୟନ


ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚରେ ଖେଳାଳିଙ୍କ ସହ ଅତିଥି।

କୁତ୍ରା,୨୯।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଉପଲକ୍ଷେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହା ପ୍ରଶାସନ ଏବଂ ପ୍ରେସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନ ୮ଉଇକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରେସ୍ କ୍ଲବ ୯ ଉଇକେଟ ବିନିମୟରେ ୬୪ ରନ୍ ସଂଗ୍ରହ କରିଥିଲା। ମୁଖ୍ୟ ଅତିଥି ଭାବେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ତହସିଲ କର୍ମଚାରୀ ମନୋଜ ମିଶ୍ର, ଶିକ୍ଷାବିତ୍ ବିଭୀଷଣ ବାରିକ, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍ ମୁଖ୍ୟ ସଂଗ୍ରାମ ରାଉତ, ଜିପିଓ ନଗେନ୍ଦ୍ର ଦାସ, ବ୍ଲକ ମଙ୍ଗଳ ଅଧିକାରୀ ମଦନ ସିଂ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରତିବର୍ଷ ଏହିଭଳି ଭାବରେ ପ୍ରଶାସନ ଏବଂ ପ୍ରେସ କ୍ଲବ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ କରି ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ ମତ ଦେଇଥିଲେ। ଏହା ଦୀର୍ଘ ୨୦ ବର୍ଷ ଧରି ଚାଲିଆସୁଛି ଏବଂ ଆଗକୁ ମଧ୍ୟ ଏହିଭଳି ଭାବରେ ଚାଲିବ। ଏହି ମ୍ୟାଚ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନ ଏବଂ ପ୍ରେସ୍ ମଧ୍ୟରେ ସବୁଦିନ ପାଇଁ ସୁସମ୍ପର୍କ ବଜାୟ ରଖିବା। ଏହି ମ୍ୟାଚରେ ସୌଭାଗ୍ୟ ବେହେରା ଏବଂ ତୁଷାର ବିଶ୍ୱାଳ ଅମ୍ପାୟାର ଭାବରେ ନିଜର ଦାୟିତ୍ୱ ତୁଲାଇଥିଲେ। ଖବରଦାତା ମହେନ୍ଦ୍ର ସିଂ ସଭା କାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ ଏବଂ ରାଜେଶ ସାହୁ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁଗୁଲି
ପରିବାରବର୍ଗ


ମାହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଢେଙ୍କାନାଳ ପର୍ଯ୍ୟଟନ ବିକାଶ ଚିନ୍ତା

### ସ୍ୱତନ୍ତ୍ର ପ୍ୟାକେଜ୍ ପାଇଁ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କୁ ପତ୍ର ଲେଖିଲେ ଧର୍ମେନ୍ଦ୍ର

ଢେଙ୍କାନାଳ ଅଫିସ, ୨୯।୧

ଢେଙ୍କାନାଳ ଜିଲାରେ ପର୍ଯ୍ୟଟନ ବିକାଶ ପାଇଁ ବ୍ୟାପକ ସମ୍ଭାବନା ରହିଛି। ପ୍ରସିଦ୍ଧ ଶୈବପୀଠ କପିଳାସ, ବିଶ୍ୱ ପ୍ରସିଦ୍ଧ ମହିମାଗାଦି ଯୋରନ୍ଦା, ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା, ଐତିହ୍ୟସମ୍ପନ୍ନ ରାଜବାଟୀ ଜିଲାର ଗୌରବ ବଢ଼ାଇଛି। ପର୍ଯ୍ୟଟନର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଦିଆଗଲେ ଢେଙ୍କାନାଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏଥିସହ ଏହାର ଆଖପାଖ ଅଞ୍ଚଳର ଆର୍ଥିକ ବିକାଶ ଘଟିବ। ସ୍ୱଦେଶ ଦର୍ଶନ ଯୋଜନାରେ ଆଧ୍ୟାତ୍ମିକ ସର୍କିଟର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏସବୁ ଦୃଷ୍ଟିରୁ ଜିଲାରେ ପର୍ଯ୍ୟଟନ ଭିତ୍ତିଭୂମୀର ବିକାଶ ଲାଗି ସ୍ୱତନ୍ତ୍ର ପ୍ୟାକେଜ୍ ମଞ୍ଜୁର କରିବାକୁ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

କୋଭିଡ୍ ମହାମାରୀ ସମୟରେ ଲକ୍‌ଡାଉନ କାରଣରୁ ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇଥିଲା। ଏବେ ସ୍ଥିତି ସ୍ୱାଭାବିକ ଥିବାରୁ ଏହି କ୍ଷେତ୍ରରେ ଅଭିବୃଦ୍ଧି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଦେଖୋ ଆପନା ଦେଶ' ଆରମ୍ଭ କରିଛନ୍ତି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଆକାଂକ୍ଷା ଜିଲା ତାଲିକାଭୁକ୍ତ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଢେଙ୍କାନାଳକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେଉଛି। ପର୍ଯ୍ୟଟନର ବିକାଶ ଦ୍ୱାରା ସାମାଜିକ ଓ ଆର୍ଥିକ ବିକାଶ ହେବ। ତୃଣମୂଳସ୍ତରରେ ଜୀବନଜୀବିକାର ମାନ ଉନ୍ନତ ହେବ ବୋଲି ଧର୍ମେନ୍ଦ୍ର ପତ୍ରରେ ଉଲ୍ଲେଖ କରିଛନ୍ତି।


CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
for Booking Contact: 0674-2580385, 8637280816, 7894447167, 9338226625

## ଜଗନ୍ନାଥ ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି । ଖରାପ ସିବିଲଧାରୀ ମଧ୍ୟ ଋଣ ପାଆନ୍ତୁ ।
ଏଜେଣ୍ଟ ଆମନ୍ତ୍ରିତ
7589086693


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୮୨ ଗ୍ରାମ୍ ହେରୋଇନ୍ ଜବତ

ଅନୁଗୋଳ ଅଫିସ, ୨୯।୧



ହେରୋଇନ୍ ବିକ୍ରି କରୁଥିବା ଅଭିଯୋଗରେ ଅନୁଗୋଳ ଜିଲା ଅବକାରୀ ବିଭାଗ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନାଲ୍‌କୋ ଥାନା କନ୍ୟାବେଢ଼ା ଗ୍ରାମର ବିବେକ କୁମାର ଦାଶ (୨୬)। ତାଙ୍କଠାରୁ ୮୨ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ବିବେକ ହେରୋଇନ୍ କାରବାର କରୁଥିବା ନେଇ ଜିଲା ଅବକାରୀ ବିଭାଗ ସୂଚନା ପାଇଥିଲା। ଯୋଜନା ମୁତାବକ ଏକ ଟିମ୍ କନ୍ୟାବେଢ଼ାରେ ପହଞ୍ଚି ବିବେକଙ୍କୁ କାବୁ କରିଥିଲା।

# ଦାୟିତ୍ୱ ପ୍ରତି ସଚେତନ ଥିଲେ ଓଡ଼ିଆ ଶିଳ୍ପୀ

■ ଓଡ଼ିଆଙ୍କ ବୌଦ୍ଧିକ ଜୟଯାତ୍ରା ସ୍ମରଣୀୟ
■ ପଥର ଶିଳ୍ପୀଙ୍କୁ 'ବଢ଼େଇ' କହିବା ସବୁ ଗୋଳମାଳର କାରଣ

ଡ. ସୁରେନ୍ଦ୍ର କୁମାର ମିଶ୍ର


କୁମ୍ଭାରଙ୍କ କଳାକୃତି ଆଜି ବି ଆକର୍ଷଣୀୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ପୂର୍ବରୁ ଆମେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିବା ପ୍ରସଙ୍ଗ ସୂଚନା ଦେଇଥିଲୁ। ଏହି ବିଶ୍ୱବିଦ୍ୟାଳୟ ବିହାରର ପାଟ୍‌ନାଠାରୁ ୯୫ କି.ମି. ଦୂରରେ ତୃତୀୟ ଶତାବ୍ଦୀରେ ମଗଧ ଶାସନ ସମୟରେ ପ୍ରତିଷ୍ଠା ହୋଇଥିଲା ବୋଲି କେତେକ ମତ ଦେଇଛନ୍ତି। ଅନ୍ୟ ମତ ରହିଛି ସମ୍ରାଟ୍ ଅଶୋକ ସ୍ଥାପନ କରିଥିଲେ। କେତେକେ ଗୁପ୍ତ ବଂଶର କୁମାର ଗୁପ୍ତ ଆରମ୍ଭ କରିଥିଲେ ମତ ଦେଇଛନ୍ତି। ବିକାଶ ହୋଇଥିଲା ସମ୍ରାଟ୍ ହର୍ଷବର୍ଦ୍ଧନଙ୍କ ସମୟରେ। ହୁଏନ୍‌ସାଂ ୬୩୧ରୁ ୬୩୭ ମସିହା ପର୍ଯ୍ୟନ୍ତ ଏଠାରେ ଅଧ୍ୟୟନ କରିଥିଲେ।

ବୌଦ୍ଧ ଯୋଗାଚାରର ପ୍ରବକ୍ତା ତଥା ମହାନ୍ ଦାର୍ଶନିକ ଦିଙ୍‌ନାଗ ଓଡ଼ିଶାରେ 'ଭୋର-ଶୈଳ-ବିହାର'ର ପ୍ରତିଷ୍ଠାତା ଥିଲେ। ଭୋର-ଶୈଳ-ବିହାର ପ୍ରତିଷ୍ଠା ହୋଇଥିଲା ଜଗଦଳ ପାହାଡ଼ ଉପତ୍ୟକାରେ। ଏହି ପାହାଡ଼ ଦୟାନଦୀ କୂଳରେ ବିଶ୍ୱନାଥ ମୁଣ୍ଡିଆର ପୂର୍ବଦିଗକୁ ଥିଲା। ଜଗଦଳ ପାହାଡ଼ ଶ୍ରେଣୀର ଗୋଟିଏ ମୁଣ୍ଡିଆ ହେଉଛି ବିଶ୍ୱନାଥ ମୁଣ୍ଡିଆ। ଇଂରେଜ ଶାସନ କାଳରେ ନିଲାମ ନେଇ ପଥର ଫଟାଇ ବୋହିନେବା ପରେ ଆସ୍ତେ ଆସ୍ତେ ୪ଟି ପାହାଡ଼ ଶ୍ରେଣୀ ଧ୍ୱଂସ ପାଇଗଲା।

ଚତୁର୍ଥ ଶତକର ଶେଷପାଦରେ ଆଚାର୍ଯ୍ୟ ଦିଙ୍‌ନାଗ ଭୋର-ଶୈଳ-ବିହାରର କୁଳପତି ଥିଲେ। ସେତିକିବେଳେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ପଦ ପାଇଁ ନିମନ୍ତ୍ରଣ ପାଇଥିଲେ। କୁଳପତି ପଦ ମଣ୍ଡନ କରିବା ପରେ ସାଂଖ୍ୟଦର୍ଶନର ବିଖ୍ୟାତ ଦାର୍ଶନିକ ଈଶ୍ୱର କୃଷ୍ଣଙ୍କ ସହିତ ତାଙ୍କର ଶାସ୍ତ୍ରାର୍ଥ ହୋଇଥିଲା। ତର୍କରେ ଈଶ୍ୱର କୃଷ୍ଣଙ୍କୁ ପରାସ୍ତ କରିଥିଲେ। ଆଚାର୍ଯ୍ୟ ଦିଙ୍‌ନାଗଙ୍କ ପରେ ତାଙ୍କ ଶିଷ୍ୟ ଆଚାର୍ଯ୍ୟ ଧର୍ମପାଳ କୁଳପତି ପଦ ମଣ୍ଡନ କରିଥିଲେ ନାଳନ୍ଦା ବିଶ୍ୱବିଦ୍ୟାଳୟର।




ଏଇଠି ସରିନାହିଁ ଓଡ଼ିଆଙ୍କର ବୌଦ୍ଧିକ ଜୟଯାତ୍ରା। ଓଡ଼ିଶାର ପରମ୍‌ଗୁରୁ ରାହୁଲ ହୋଇଥିଲେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଧର୍ମାଧ୍ୟକ୍ଷ। ସେ ପଦବୀ ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ପିଜି କାଉନ୍‌ସିଲ୍ ଚେୟାରମ୍ୟାନ୍ ଅର୍ଥାତ୍ ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ସହିତ ସମାନ। ପରିଶଟି ବୌଦ୍ଧତନ୍ତ୍ରର ଲେଖକ ଆଚାର୍ଯ୍ୟ ରାହୁଲ ପୃଷ୍ଠପୋଷକତା ଲାଭ କରିଥିଲେ ମହାରାଜା ଶୁଭାକର ଦେବଙ୍କର। ବାଲେଶ୍ୱରର ଖଡ଼ିପଦାଠାରୁ ସଂଗୃହୀତ ଅବଲୋକିତେଶ୍ୱର ବିଗ୍ରହଙ୍କ ପାର୍ଶ୍ୱରେ ଖୋଦିତ ଲିପିରେ ଆଚାର୍ଯ୍ୟ ରାହୁଲଙ୍କ ନାମ ରହିଛି। ଆଜି ବି ଓଡ଼ିଶା ସଂଗ୍ରହାଳୟରେ ଉକ୍ତ ବିଗ୍ରହ ଅଛନ୍ତି। ଡ. ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଅଷ୍ଟମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଘଟଣା ଇୟେ।

ଶିକ୍ଷା ଦୃଷ୍ଟିରୁ ଆମେ କେଉଁ କେଉଁ ସ୍ତରରେ ଖ୍ରୀ.ପୂର୍ବରୁ ଓ ପରେ ଥିଲୁ, ତା'ର ଗୋଟିଏ ଉଦାହରଣ ଆମେ ଦେଲୁ। ଏବେ ବି ଅଛୁ। ଜାତିର ଗୌରବପୂର୍ଣ୍ଣ ଐତିହ୍ୟକୁ ଆକଳନ ନ କରି ଗୋଟିଏ ମାତ୍ର ମନ୍ଦିର ବିଷୟରେ ପୁସ୍ତକଟିଏ ଲେଖିବାକୁ ଇଚ୍ଛା କରି ଅବାଞ୍ଛିତ ଅବତାରଣା ଯଥାର୍ଥ ମନେ ହୁଏନାହିଁ।

ଓଡ଼ିଆ ଉପନ୍ୟାସ, ନାଟକ ଓ କାହାଣୀରେ ବାରଶ ବଢ଼େଇ କଥା ବର୍ଣ୍ଣନା ହୋଇଛି। ଶିଳ୍ପୀକୁଳକୁ ୧୬ ବର୍ଷ ଧରି ଗୃହଛଡ଼ା କରି ରଖିଥିଲେ ଓ ପତ୍ନୀମାନେ ୧୬ ବର୍ଷ ଧରି ସ୍ୱାମୀଙ୍କ ବାଟ ଚାହିଁ ବସିଥିଲେ ବୋଲି ଲେଖାଯାଇଛି, ଯାହା ଠିକ୍ ନୁହେଁ। ପ୍ରତିବର୍ଷ ଥରେ ଦୁଇଥର ସେମାନେ ଛୁଟି ନେଇ ଯାଉଥିଲେ। ପୁଣି ନିଜ ପସନ୍ଦରେ ଆସି କାମରେ ଯୋଗ ଦେଉଥିଲେ। ବାସ୍ତବରେ ମନ୍ଦିର ନିର୍ମାଣ କାର୍ଯ୍ୟରେ ଯେଉଁମାନେ ନିଯୁକ୍ତ ଥିଲେ ସେମାନେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ଶତପ୍ରତିଶତ ସତର୍କ ଥିଲେ। ଆମେ ଲିଖିତ ଦସ୍ତାବିଜ୍ ଆଧାରରେ ଏକଥା ଲେଖୁଛୁ। ଯିଏ ଯେଉଁ କାର୍ଯ୍ୟରେ ନିଯୁକ୍ତ ଥିଲେ ତାହା ନିର୍ବାହ କରିବା ସହିତ ଆପଦ/ବିପଦରେ ଆବଶ୍ୟକ ଅନୁଯାୟୀ ଅଧିକ କାମ କରିବାକୁ ପଛେଇ ଯାଉ ନ ଥିଲେ। ମତେ ଏହି କାମ ଦିଆଯାଇନି, ଏହି କାମ କଲେ ଅଧିକ ପାଉଣା ମିଳି ନ ପାରେ, ତେଣୁ ଏହି କାମ କିଆଁ କରିବୁ ବୋଲି ନାରୀ ସୁଆଁସିଆ ଆଡ଼େଇ ଯାଉ ନ ଥିଲେ କି ନାରୀ କାମ ବୋଲି ପୁରୁଷ ବି ପଛେଇ ଯାଉ ନ ଥିଲେ। ସହଭାଗିତାରେ କାମ ଚାଲିଥିଲା। ମନ୍ଦିର ନିର୍ମାଣ ସମୟରେ କୋଣାର୍କରେ ଝଡ଼ତୋଫାନ ଓ ପ୍ରବଳ ବର୍ଷା ବି ହୋଇଥିବାର ଜଣାଯାଏ। ଝଡ଼ତୋଫାନ ଥମିଯିବା ପରେ ମନ୍ଦିର ପରିସର ଓ ଶିଳ୍ପୀମାନେ ନିର୍ମାଣ କରୁଥିବା ପଥରଶାଳ ନାରୀ ଓ ପୁରୁଷ ପାଇଟିଆଳମାନେ ସଫା କରୁଥିଲେ। ଏମାନେ ସୁଆଁସିଆ ନୁହନ୍ତି।

ଯଜ୍ଞ ପାଇଁ ୧୪ଟି 'ଶାଳା' ନିର୍ମାଣ ହୋଇଥିଲା। ଅରୁଣସ୍ତମ୍ଭର ଦକ୍ଷିଣରେ ନିର୍ମାଣ ହୋଇଥିଲା 'ପୁରୋଡ଼ାସ ଶାଳା'। ମୁଖଶାଳାର ଉତ୍ତର ଦିଗକୁ ଅଙ୍କୁରାରୋପଣ ଶାଳା, ଏହିପରି ୧୪ଟି ଶାଳା ନିର୍ମାଣରେ ପଥୁରିଆଙ୍କ ସହ ପଥୁରିଆଣୀ(ନାରୀଶ୍ରମିକ) ମିଶି କାମ କରୁଥିଲେ। ସମସ୍ତ କାର୍ଯ୍ୟର ପରିଦର୍ଶକ ନିଯୁକ୍ତ ଥିଲେ। ପାଇଟିଆଳଙ୍କ ପରିଦର୍ଶକଙ୍କୁ ପାଇଟିଆଳ ପରିଛା ଓ ସୁଆଁସିଆ, ପଥୁରିଆମାନଙ୍କର ପରିଦର୍ଶକଙ୍କୁ ସେଇ 'ପରିଛା' ସାଂଗିଆରେ ନିଯୁକ୍ତି କରାଯାଇଥିଲା। ସେମାନେ କାମ ତଦାରଖ କରୁଥିଲେ। ଅତଏବ୍ ଆମେ ବୁଝିବାରେ ଅସୁବିଧା ନାହିଁ ଭିନ୍ନ ଭିନ୍ନ କାମ ପାଇଁ ଭିନ୍ନ ଶବ୍ଦ ବ୍ୟବହାର କରାଯାଉଥିଲା। ଗଜଦନ୍ତ ବିମାନ ନିର୍ମାତାଙ୍କୁ ଆମେ କ'ଣ ପଥୁରିଆ କହିବା! ତାଙ୍କ ନାମ ତ ସିଧାସଳଖ ପ୍ରୟୋଗ ହୋଇଛି ବାସୁ ବଢ଼େଇ! ତେବେ ମହାରଣା ପଥରଶିଳ୍ପୀଙ୍କ ସ୍ଥାନରେ ସମସ୍ତଙ୍କୁ 'ବଢ଼େଇ' ଶବ୍ଦରେ ଲାକ୍ଷଣିକ କରି ଭିନ୍ନ ପ୍ରଚାର ହୋଇଗଲା 'ବାଇଶ ବଢ଼େଇ' କୋଣାର୍କରେ ମନ୍ଦିର ତୋଳିଥିଲେ। ସେଇଠି ଆଙ୍ଗୁଠି ଦେଖାଇବାକୁ ସୁବିଧା ପାଇଗଲେ ବାହାରିଆ ଲେଖକ। ବଢ଼େଇ ତ ଓଡ଼ିଶାରେ କାଠକାମ କରନ୍ତି, ପଥର କାମ ନୁହଁ। ତେଣୁ ପଥର କାମ ବାହାର ଲୋକ କରିଛନ୍ତି। ଏପରି ଏକ ଗୋଳମାଳିଆ ଉଦ୍ଭଟ ଐତିହ୍ୟକୁ ଅଣଆଡ଼ିଆ ନ କଲା ପର୍ଯ୍ୟନ୍ତ ବାସ୍ତବ ଚିତ୍ର ଆମକୁ ଆମୋଦିତ କରିପାରିବ ନାହିଁ।


# Classified Everyday
0674-2580101, 2549949


AUTOMOBILE

SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200


REAL ESTATE

SALE

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ 100 ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ୍, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। 9938298517. D-74804

ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980. D-74187

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା- ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

**Highly developed gated society gharabari plot sale near Toshali Square, Puri opposite Medical College. 9937373013.** D-74802

Duplex sale at Bhubaneswar @45 Lakhs only- Contact: 9777433701. D-74199

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

**30'road, boundary** ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,00,000/-**ରେ ମିଳୁଛି। **9937391249, 6371915941.** D-74195

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192


FOR RENT

1 BR, kitchen, toilet at 2nd floor, small family, Siba Nagar, Bhubaneswar. Mob: 9090938181. D-73743

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615


Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-2586

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74633

Newly open SPA positively health benefits with expert therapist. 7849011931. D-73677

AFFIDAVIT

ମୁଁ ଏ. ମଣି, ସ୍ୱାମୀ- ସ୍ୱର୍ଗତ ଏ. ଜଗଦୀଶ କୁମାର, ଗ୍ରାମ- ଗଜପତିନଗର, ଶିରିଡ଼ି ସାଇବାବା ମନ୍ଦିର ନିକଟ, ପୋ./ପି.- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ନୋଟାରୀ ଭୁବନେଶ୍ୱରଙ୍କ ନିକଟରେ କରିଥିବା ଶପଥପତ୍ର ଅନୁଯାୟୀ ମୋ ଝିଅ ସୁଶ୍ରୀ ଏ. ଦେବୀ ସାଇ ଦିଖସୀତାର ପ୍ରକୃତ ଜନ୍ମ ତାରିଖ ୨୪।୦୯।୨୦୧୦ ଅଟେ। ବର୍ତ୍ତମାନଠାରୁ ସମସ୍ତ ଜରୁରୀ କାର୍ଯ୍ୟରେ ଉକ୍ତ ଜନ୍ମ ତାରିଖ ପ୍ରଯୁଜ୍ୟ ହେବ। ଧ-୨୬୨୨

I Adhyah Dhal S/o Amrit Dhal, Plot 610, Cuttack Road, Bomikhal, Bhubaneswar 751006, have changed my name to Adhayaah Dhal. D-2626

LOST

I, Gayatri Das, D/o Rabi Shankar Das, lost my B.Tech. Degree Certificate issued by BPUT. Registration Number- 0701219009. If found, please contact: 7606079625. D-2624

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା

ନମାଂଶି (ମାହି)
ତୋର ଚତୁର୍ଥ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଏବଂ ଭବିଷ୍ୟତ ଉଜ୍ଜଳ ହେଉ।
ଶୁଭେଚ୍ଛା ସହ ଦାଦା, ଦିଦି, ବାପା, ମା', ଆତା, ପିଉସା, ଟପୁ ଓ ଟଂଶୁ।
ଧ-୨୬୧୮

## 14th BIRTH ANNIVERSARY

ALISHA RATH (GUGULI)
Sector-6, CDA, Cuttack
"I hope your special day will bring you lots of happiness, love & fun you deserve them a lot."
With best wishes: Mama- Sasmita Rath, Papa- Baikuntha Charan Rath, Sister- Ankita, Brother- Anshu, Friends & family members.
ଧ-୨୬୨୩

## MARRIAGE ANNIVERSARY

JYOTSHNA & ASWINI
IRC Village, Bhubaneswar
"Cheers to two imperfect pieces that fit perfectly together!"
Best wishes from: Arshit & Family
D-2619

## ଭୂତତ୍ତ୍ୱ ବିଜ୍ଞାନରେ Ph.D. ଲାଭ

ଗବେଷିକା **ସୁଦକ୍ଷିଣା ସାହୁ** ରେଭେନ୍ସା ବିଶ୍ୱବିଦ୍ୟାଳୟ ବିଭାଗୀୟ ପ୍ରଫେସର ଡଃ ପତିତପାବନ ମିଶ୍ର ଓ ଭୁବନେଶ୍ୱର ଖଣିଜ ଓ ପଦାର୍ଥ ପ୍ରଯୁକ୍ତି ବିଦ୍ୟା CSIR-IMMT) ଅନୁଷ୍ଠାନର ପୂର୍ବତନ ବୈଜ୍ଞାନିକ ଡଃ ବୀରେନ୍ଦ୍ର କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରି ସମ୍ମାନ ସୂଚକ Doctorate ଉପାଧି ପାଇବା ପାଇଁ ଯୋଗ୍ୟା ବିବେଚିତା ହୋଇଛନ୍ତି। ତାଙ୍କର ଗବେଷଣାମୂଳକ ନିବନ୍ଧକର ବିଷୟବସ୍ତୁ "Mineralogical and Geochemical Studies on Bauxite Developed over two different geological formations Odisha." ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ସାହୁ ହେଉଛନ୍ତି ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିଃ, ପାରାଦ୍ୱୀପର ଇଞ୍ଜିନିୟର ଆଲୋକ ରଂଜନ ସାହୁଙ୍କର ସହଧର୍ମିଣୀ ଏବଂ ନୟାଗଡ଼ ଜିଲ୍ଲା କଣ୍ଟିଲୋ ପାଣ୍ଡୁସାହୁପାଟଣା ଗ୍ରାମ ତଥା ଜିଲ୍ଲା ଶିଳ୍ପକେନ୍ଦ୍ର, କଟକ ଶିଳ୍ପ ବିକାଶ ଅଧିକାରୀ ସୀତାରାମ ସାହୁ ଓ କଣ୍ଟାବଣିଆ ଉ.ପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ସାହୁଙ୍କର ପୁତ୍ରବଧୂ। ସେ ବିରଜା ସଂସ୍କୃତ ଟୋଲ୍‌ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେଶ୍ୱର ସାହୁ ଓ ସର୍ବମଙ୍ଗଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତିଲତା ସାହୁଙ୍କର କନ୍ୟା। ତାଙ୍କର ସଫଳତା ପାଇଁ ତାଙ୍କ ସ୍ୱାମୀ, ପିତାମାତା, ଶାଶୁଶ୍ୱଶୁର ଓ ପରିବାରବର୍ଗଙ୍କୁ ଶ୍ରେୟ ପ୍ରଦାନ କରିବା ସହ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୨୬୨୫

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥

✓ ପ୍ରଭାତ ନଳିନୀ ରାୟ
ବଗଲ ସାହି, ନିଆଳି, କଟକ
ଆବିର୍ଭାବ: ୧୦-୦୧-୧୯୪୨
ତିରୋଧାନ: ୨୦-୦୧-୨୦୨୩
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିସ୍ୱାର୍ଥପର ସେବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:-ଶୋକସନ୍ତପ୍ତ:-
ଅଶ୍ୱିନୀ, ଜ୍ୟୋତ୍ସ୍ନା, ଛନ୍ଦା, ଅପର୍ଣ୍ଣା, ରୁକ୍ମିଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୭୪୮୦୭

# ଗଛଲତାଙ୍କ ରାସାୟନିକ ଭାଷା



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ବୈଜ୍ଞାନିକମାନେ ପରୀକ୍ଷା କରି ପ୍ରମାଣିତ କଲେଣି ଯେ ଗଛମାନେ ଯନ୍ତ୍ରଣା, କ୍ରୋଧ, ବ୍ୟଥାଭାବ ଏବଂ ଅସନ୍ତୋଷ ପ୍ରକଟ କରିବାକୁ ସମର୍ଥ। ଏପରିକି ସେମାନେ ସଙ୍ଗୀତ ପ୍ରତି ମଧ ପ୍ରତିକ୍ରିୟା କରନ୍ତି। କିଛି ବର୍ଷ ପୂର୍ବେ ଟମାଟୋ ଗଛଗୁଡ଼ିକୁ ହେଡ୍‌ଫୋନ୍ ସାହାଯ୍ୟରେ ସଙ୍ଗୀତ ପରିବେଷଣ କରିବାରୁ ସେଗୁଡ଼ିକ ଶୀଘ୍ର ବଢ଼ିବାର ଦେଖାଯାଇଥିଲା। ପୁନଶ୍ଚ ସେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବାକୁ ସମର୍ଥ ବୋଲି ଏବେ ବୈଜ୍ଞାନିକମାନେ କହିଲେଣି। ଅବଶ୍ୟ ସେ ଭାଷା ଆମଭଳି ଉଚ୍ଚାରିତ ନୁହେଁ, ତାହା ଅନୁଚାରିତ ଏବଂ ରାସାୟନିକ।"

ଗଛଲତାଙ୍କୁ ଆମେ ସାଧାରଣତଃ ମୂକ ଏବଂ ପ୍ରତିକ୍ରିୟାବିହୀନ ହୋଇଥିବାର ମନେ କରୁ। ସେଥିପାଇଁ ତାଙ୍କ ଉପରେ ଅତ୍ୟାଚାର କଲାବେଳେ ଆମକୁ ବିବେକ ବାଧା ଦିଏନା। ଆମେ କେତେବେଳେ ତାଙ୍କର ଡାଳପତ୍ର କାଟି ଦେଉ ତ ଆଉ କେତେବେଳେ ତାଙ୍କୁ ମୂଳରୁ କାଟି ଦେଇଥାଉ। ତେବେ ବିଗତ ଶତାବ୍ଦୀରେ ମହାନ ଭାରତୀୟ ବୈଜ୍ଞାନିକ ସାର୍ ଜଗଦୀଶ ଚନ୍ଦ୍ର ବୋଷ ଗଛଲତାଙ୍କଠାରେ ଥିବା ଚେତନା ଶକ୍ତି ବିଷୟରେ ଦର୍ଶାଇଥିଲେ। ଇତିମଧ୍ୟରେ ଏହାକୁ ମିଳିଲାଣି ଅନେକ ସ୍ୱୀକୃତି। ବୈଜ୍ଞାନିକମାନେ ପରୀକ୍ଷାକରି ପ୍ରମାଣିତ କଲେଣି ଯେ, ଗଛଗୁଡ଼ିକ ଯନ୍ତ୍ରଣା, କ୍ରୋଧ ବ୍ୟଥାଭାବ ଏବଂ ଅସନ୍ତୋଷ ପ୍ରକଟ କରିବାକୁ ସମର୍ଥ। ଏପରିକି ସେମାନେ ସଙ୍ଗୀତ ପ୍ରତି ମଧ ପ୍ରତିକ୍ରିୟା କରନ୍ତି। କିଛି ବର୍ଷ ପୂର୍ବେ ଟମାଟୋ ଗଛଗୁଡ଼ିକୁ ହେଡ୍‌ଫୋନ୍ ସାହାଯ୍ୟରେ ସଙ୍ଗୀତ ପରିବେଷଣ କରିବାରୁ ସେଗୁଡ଼ିକ ଶୀଘ୍ର ବଢ଼ିବାର ଦେଖାଯାଇଥିଲା। ପୁନଶ୍ଚ ସେମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିବାକୁ ସମର୍ଥ ବୋଲି ଏବେ ବୈଜ୍ଞାନିକମାନେ କହିଲେଣି। ଅବଶ୍ୟ ସେ ଭାଷା ଆମ ଭଳି ଉଚ୍ଚାରିତ ନୁହେଁ, ତାହା ଅନୁଚାରିତ ଏବଂ ରାସାୟନିକ।

ଗଛଗୁଡ଼ିକ ରାସାୟନିକ ଭାବର ଆଦାନ ପ୍ରଦାନ କରନ୍ତି ବୋଲି ପ୍ରଥମେ ସୂଚନା ଦେଇଥିଲେ ଉଭୟ ରସାୟନ ଏବଂ ପ୍ରାଣୀବିଜ୍ଞାନରେ ଗବେଷଣା କରୁଥିବା ଆମେରିକୀୟ ବିଜ୍ଞାନୀ ଡାଭେ ରୋଡସ୍। ସେ ୧୯୭୯ ମସିହାରେ ୱାଶିଂଟନ ଡିସି ନିକଟବର୍ତ୍ତୀ ଏକ କ୍ଷେତରେ ୱିଲୋ ଗଛଗୁଡ଼ିକ ସଅଁବାଳୁଆ ଆକ୍ରମଣ ସମୟରେ କି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଅଧ୍ୟୟନ କରୁଥିଲେ। ଏଥିପାଇଁ ସେ ଗଛଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କଲେ ଏବଂ ତହିଁରୁ ଗୋଟିକୁ ସଅଁବାଳୁଆଙ୍କ ଦ୍ୱାରା ସଂକ୍ରମିତ କରାଇଲା ବେଳେ ଅନ୍ୟଟିକୁ ସେଥିରୁ ମୁକ୍ତ ରଖିଲେ। ପ୍ରାୟ ଦୁଇ ସପ୍ତାହ ପରେ ପ୍ରଥମ ସଂକ୍ରମିତ ଗଛଗୁଡ଼ିକରୁ ପତ୍ର ନେଇ ବିଜ୍ଞାନାଗାର ମଧ୍ୟରେ ସେହି କୀଟମାନଙ୍କୁ ଖାଇବାକୁ ଦେବାରୁ ସେମାନଙ୍କର ଶାରୀରିକ ଅଭିବୃଦ୍ଧି ମନ୍ଥର ହେବାର ଦେଖାଗଲା। ତତ୍ପରେ ସେ ଅନ୍ୟ ଗଛଗୁଡ଼ିକର ପତ୍ର ସେମାନଙ୍କୁ ଖାଇବାକୁ ଦେଲେ। ତେବେ ଫଳାଫଳ ଏକପ୍ରକାର ହେଲା। ସଅଁବାଳୁଆଙ୍କର ଶାରୀରିକ ଅଭିବୃଦ୍ଧି ସୀମିତ ରହିଲା। ଏହାପରେ ପତ୍ରଗୁଡ଼ିକୁ ପରୀକ୍ଷା କରିବାକୁ ଜଣାପଡ଼ିଲା ଯେ, ସେହି ଉଭୟ ପ୍ରକାରରେ ଏକ ଅରୁଚିକର ରସାୟନ ମାତ୍ରାଧିକ ବୃଦ୍ଧି ଘଟିଛି, ଯାହାକି ସଅଁବାଳୁଆମାନଙ୍କର ଅଭିବୃଦ୍ଧିର ପ୍ରତିହତ କରିଛି। ଏହା ତାଙ୍କ ମନକୁ ପ୍ରଶ୍ନଟିଏ ଆଣିଲା ଯେ, ସଂକ୍ରମିତ ଗଛଗୁଡିକ ହୁଏତ ପତ୍ରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରତିରକ୍ଷା କ୍ରିୟାବିଧି ଅନୁସାରେ ନିଜ ଠାରେ ଏହି ରାସାୟନିକ ସୃଷ୍ଟି କରିଥାଆନ୍ତି, ତେବେ ଏଥିରୁ ମୁକ୍ତ ଗଛମାନଙ୍କର ପତ୍ରରେ ତାହା ଉତ୍ପନ୍ନ ହେଲା କାହିଁକି ? ଏଣୁ ରୋଡସ୍ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସମ୍ଭବତଃ ପ୍ରଭାବିତ ଗଛଗୁଡିକ କୌଣସି 'ଭାଷା'ରେ ଅନ୍ୟ ପ୍ରଭାବିତ ଗଛଗୁଡ଼ିକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେଥିପାଇଁ ସେଗୁଡିକ ନିଜର ସୁରକ୍ଷା ପାଇଁ ଏହି ପ୍ରତିରୋଧକାରୀ ରସାୟନ ସୃଷ୍ଟି କରିଛନ୍ତି। ତେଣୁ ଏ 'ଭାଷା'ଟି କ'ଣ ତାହା ଆବିଷ୍କାର କରିବା ପାଇଁ ସେ ପରୀକ୍ଷା ଚଳାଇଲେ।





ପରବର୍ତ୍ତୀ ଅଧ୍ୟୟନରୁ ତାଙ୍କୁ ଜଣାପଡିଲା ଯେ, ପ୍ରକୃତି ଉଦ୍ଭିଦମାନଙ୍କୁ ପ୍ରତି ମୁହୂର୍ତ୍ତରେ ବିବିଧ ଅଲୌକିକ ଭାବେ ଶତ୍ରୁ କବଳରୁ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ଦେଇଛି। ଆଗକୁ ସେଗୁଡିକ ନିଷ୍କ୍ରିୟ ତଥା ଅସହାୟ ଏବଂ ପରିବେଶର ଯେକୌଣସି କଠୋର ପ୍ରଭାବକୁ ସହ୍ୟ କରିବାକୁ ବାଧ ବୋଲି ବିଶ୍ୱାସ କରାଯାଉଥିଲା। କିନ୍ତୁ ତାଙ୍କର ପରିବର୍ତ୍ତିତ ପରିବେଶକୁ ଚାହିଁ ଏହାର କୁପ୍ରଭାବ ନିବାରଣ ଲାଗି କିଛି କରିପାରିବାର ଶକ୍ତି ରହିଛି ବୋଲି ଏଥିରୁ ଜଣାପଡିଲା। ସେଥିପାଇଁ ସେଗୁଡିକ ହଜାର ହଜାର ସଂଖ୍ୟକ ରସାୟନ କ୍ଷରଣ କରିବାକୁ ସମର୍ଥ, ଯାହାଙ୍କ କ୍ରିୟାକଳାପ ଏବେ ମଧ ଅଧ୍ୟୟନ ମଧ୍ୟରେ ସୀମାବଦ୍ଧ ରହିଛି। କୌଣସି ପ୍ରକାରେ ପ୍ରରୋଚିତ ହେଲେ ପରିସ୍ଥିତିର ମୁକାବିଲା କରିବା ଲାଗି ସେଗୁଡିକ ଏହା ବ୍ୟବହାର କରନ୍ତି। ଉଦାହରଣସ୍ୱରୂପ, କିଛି ଗଛ କବକ (ଫଙ୍ଗସ) ବିରୋଧରେ 'ଫଟୋ ଆଲେକସିନ୍' ନାମକ କବକ ବିନାଶ ଉତ୍ପନ୍ନ କଲାବେଳେ ଆଳୁଜାତୀୟ ଗଛକୁ କୋଟଲି ପୋକମାନେ ଖାଇବାକୁ ଆରମ୍ଭ କରିବାର ମାତ୍ର କେତେ ଘଣ୍ଟା ମଧ୍ୟରେ ଏଗୁଡିକ ଏକ ଶକ୍ତିଶାଳୀ ପ୍ରତିରୋଧକାରୀ ପ୍ରୋଟିନ୍ ସୃଷ୍ଟି କରନ୍ତି।

ଗଛମାନେ ଅଚଳ। ଏଣୁ ଅନିଷ୍ଟକାରୀ କୀଟ, କୋଟଲିପୋକ ବା କବକ ଆଦି ଦ୍ୱାରା ଆକ୍ରମଣର ଶିକାର ହେଲା ବେଳେ ସେମାନେ ପଳାୟନ କରିପାରନ୍ତି ନାହିଁ କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରତିରୋଧ କରିପାରନ୍ତି ନାହିଁ। ତେଣୁ ସେମାନେ ନିଜକୁ ରକ୍ଷା କରିବା ଲାଗି ଏହି ରହସ୍ୟମୟ ପ୍ରକ୍ରିୟାର ବିକାଶ ଘଟାଇଛନ୍ତି। ସେଇଯୋଗୁ ସେମାନେ ରାସାୟନିକ ଆତ୍ମରକ୍ଷା କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିପାରୁଛନ୍ତି। ଶହ ଶହ ଭିନ୍ନ ଭିନ୍ନ ପ୍ରଜାତିର କୀଟପତଙ୍ଗ ଏବଂ ପରାଗପୁଷ୍ଟ ପୋକଯୋକ ତଥା ଅସଂଖ୍ୟ ଜୀବାଣୁ ଏବଂ କବକ ଏହାର ଡାଳପତ୍ରଗୁଡ଼ିକୁ ନଷ୍ଟ କରିଥାଆନ୍ତି। ସେମାନଙ୍କ ବିରୋଧରେ ପ୍ରତିରକ୍ଷା ପାଇଁ ପ୍ରକୃତି ଉଦ୍ଭିଦଗୁଡ଼ିକୁ ଏବର ସାମର୍ଥ୍ୟ ପ୍ରଦାନ କରିଛି। ତେଣୁ ସେଗୁଡିକ ନିଜ ସନ୍ଧାନରେ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ଏହି 'ରସାୟନ ଅସ୍ତ୍ର' ନିର୍ମାଣରେ ଉପଯୋଗ କରିଥାନ୍ତି। ସାଧାରଣତଃ ଏ ରସାୟନଗୁଡିକ ପତ୍ରରେ ଅଧିକ ଘନୀଭୂତ ଅବସ୍ଥାରେ ଥାଏ, କାରଣ ଏହି ଅଂଶଟି ଶତ୍ରୁମାନଙ୍କର ପ୍ରଥମ ଶିକାର ହୋଇଥାଏ। ଉଦାହରଣସ୍ୱରୂପ, କୀଟପତଙ୍ଗଠାରେ ବଦହଜମୀ ଲାଗି ସେମାନେ ବିବିଧ 'ଟ୍ୟାନିକ୍' ଏବଂ ସେମାନଙ୍କ ସ୍ନାୟୁ ବ୍ୟବସ୍ଥାକୁ ନିଷ୍କ୍ରିୟ ଓ ବିଧ୍ୱସ୍ତ କରିବା ଲାଗି 'ଆଲକାଲଏଡସ୍' ଆଦି ଉତ୍ପନ୍ନ କରନ୍ତି। ଏପରି କି କେତେକ ଆମିନୋ ଅମ୍ଳର ନକଲ ମଧ ସୃଷ୍ଟି କରନ୍ତି, ଯାହାକି ଭକ୍ଷକ ଶରୀରରେ ତୃଟିପୂର୍ଣ୍ଣ ପ୍ରୋଟିନ୍ ସୃଷ୍ଟି କରିଥାଏ। ଉଦ୍ଭିଦମାନେ ଏହି ରସାୟନିକ ଅସ୍ତ୍ର ଧାରଣ କରିଥାଆନ୍ତି। ନଚେତ୍ ଖୁବ୍ କମ୍ ସମୟ ମଧ୍ୟରେ ଆବଶ୍ୟକତାକୁ ଚାହିଁ ତାହା ତିଆରି କରନ୍ତି। ବୋଧହୁଏ ଗଛଗୁଡ଼ିକ ପର-ପରାଗସଙ୍ଗମର ସୁଯୋଗ ସୃଷ୍ଟି ଲାଗି ଫୁଲ ଫୁଟିବାର ସମୟ ସହିତ ତାଳ ଦେବା କିମ୍ବା ତାଙ୍କୁ ଆକ୍ରମଣ କରୁଥିବା କୀଟପତଙ୍ଗଙ୍କୁ ଘଉଡାଇବା ନିମନ୍ତେ ପରସ୍ପର ସହିତ ଭାବର ଆଦାନ ପ୍ରଦାନ କରନ୍ତି ବୋଲି ମତ ଦିଅନ୍ତି ନିୟୁ ହାମ୍ପସାୟରସ୍ଥିତ ଡାର୍ଟମାଉଥ କଲେଜର ପ୍ରଫେସର ଜ୍ୟାକ୍ ସୁଲଜ୍ ଏବଂ ତାଙ୍କର ସହଯୋଗୀ ବାଲ୍‌ଡଉଇନ୍। (କ୍ରମଶଃ..)

-ଉଷା ନିବାସ, ୧୭୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

## ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା



ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଏହା ପାଖାପାଖି ୮୦-୯୦% ଖରାପ ହେବା ପରେ ସମ୍ପୃକ୍ତ ବ୍ୟକ୍ତି ଏ ବିଷୟରେ ଜାଣିପାରେ। ହେଲେ ତା'ପୂର୍ବରୁ କେତେକ ଲକ୍ଷଣ ପ୍ରକାଶ ପାଇଥାଏ, ଯାହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। ତରଳ ଝାଡ଼ା ବାନ୍ତି ଯୋଗୁ ଡିହାଇଡ୍ରେସନ୍ ହେବା, ଶରୀରରୁ ଅଧିକ ରକ୍ତକ୍ଷୟ ଘଟିବା, ଚର୍ମର ବେଶି ଅଂଶ ପୋଡ଼ିଯିବା, ସଂକ୍ରମଣ ବଢ଼ି ସେପ୍ଟିସିମିଆ ହେବା, ଅଂଶୁଘାତ ହେବା, ବିଷାକ୍ତ ସାପ କାମୁଡ଼ିବା, ବିଷ ଖାଇବା ଇତ୍ୟାଦି କାରଣରୁ ପ୍ରକାଶପାଏ ଆକ୍ୟୁଟ୍ କିଡ୍‌ନୀ ଅକ୍ଷମତା। ଏହା ମାରାତ୍ମକ ହୋଇଥିଲେ ମଧ ବିହିତ ଚିକିତ୍ସା ଫଳରେ ସୁଫଳ ମିଳିବାର ସମ୍ଭାବନା ବେଶି। ଅନ୍ୟପକ୍ଷରେ ରକ୍ତଚାପ ଏବଂ ଡାଇବେଟିସ୍ ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ, ଯନ୍ତ୍ରଣା କମାଇବାକୁ ସବୁବେଳେ ପେନ୍‌କିଲର୍ ଔଷଧ ଖାଇଲେ ତାହାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିଥାଏ। ଏଭଳି ଅବସ୍ଥାକୁ କୁହାଯାଏ ଦୀର୍ଘକାଳୀନ କିଡ୍‌ନୀ ଅକ୍ଷମତା 'କ୍ରନିକ୍ ରେନାଲ୍ ଫେଲ୍ୟୁଓର୍' ବା ସି.ଆର୍.ଏଫ୍। ଏହି କ୍ରନିକ୍ ଅକ୍ଷମତାର ପ୍ରଥମ ଅବସ୍ଥାରେ କୌଣସି ଲକ୍ଷଣ ପ୍ରକାଶ ନ ପାଇପାରେ। ପରେ ପରେ ପରିସ୍ରାର ପରିମାଣ କମିଯାଏ, ଦୁର୍ବଳ ଲାଗେ, ଅଇ ଉଠେ, ଭୋକ ହୁଏନି, ଦେହ ହାତ କୁଣ୍ଡେଇ ହୁଏ, ରକ୍ତ କମିଯାଇ ରୋଗୀ ଅଚେତ ଦେଖାଯାଏ, ଶ୍ୱାସ କଷ୍ଟ ହୁଏ ଓ ମୁହଁପାଦ ଫୁଲେ। ତେଣୁ ଏଭଳି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡ୍‌ନୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାନ୍ତୁ।

## ସ୍ନାୟୁକୁ ସକ୍ରିୟ ରଖିବ ଗାମା ୱେଭ



ଆଲ୍‌ଜିମରରେ ଆକ୍ରାନ୍ତ ହେଲେ ଏହା ମସ୍ତିଷ୍କକୁ ଦୁର୍ବଳ କରିବା ସହ ସ୍ନାୟୁକୋଷଗୁଡ଼ିକୁ ପ୍ରଭାବିତ କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ବାଧାପ୍ରାପ୍ତ ହୁଏ। ତେବେ ମସ୍ତିଷ୍କ ଭିତରେ ଥିବା ସ୍ନାୟୁଗୁଡ଼ିକ କିପରି ସକ୍ରିୟ ରହିବ, ସେ ନେଇ ଏକ ଗାମା ୱେଭ ପ୍ରସ୍ତୁତ କରାଯାଇଛି। ବିଶେଷ ଭାବରେ ଆଲ୍‌ଜିମର୍ସ ଦ୍ୱାରା ଆକ୍ରାନ୍ତ ରୋଗୀଙ୍କ ପାଇଁ ଏହା ଅଧିକ ଉପକାରୀ ସାବ୍ୟସ୍ତ ହେବ ବୋଲି ମତ ଦେଇଛନ୍ତି ଲଣ୍ଡନ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ। ପ୍ରାୟ ୩-୪ ବର୍ଷ ଧରି ସେମାନେ ଏହି ୱେଭ ପ୍ରସ୍ତୁତିରେ ଲାଗିଥିଲେ। ଶେଷରେ ଏହାର ବ୍ୟବହାର କରି ସେଥିରୁ ସଫଳତା ମିଳିଛି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଦର୍ଶାଇଛନ୍ତି। ଜଣେ ବ୍ୟକ୍ତି ଆଲ୍‌ଜିମର୍ସ ଦ୍ୱାରା ଆକ୍ରାନ୍ତ ହେଲେ ଏହାଦ୍ୱାରା ତାଙ୍କର ମସ୍ତିଷ୍କର ସ୍ନାୟୁକୋଷ ପ୍ରଭାବିତ ହୋଇଥାଆନ୍ତି। ଚିକିତ୍ସା ସମୟରେ ଲାଇଟ୍ ଥେରାପି ମାଧ୍ୟମରେ ସେମାନଙ୍କ ମସ୍ତିଷ୍କ ଭିତରକୁ ଏହି ଗାମା ୱେଭ୍‌କୁ ପ୍ରେରଣ କରାଯାଇଥାଏ। ଏହି ୱେଭ୍ ଆକ୍ରାନ୍ତ କୋଷଗୁଡ଼ିକୁ ସକ୍ରିୟ କରିବା ସହ ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଚର୍ମ କୋଷ ଓ ହଳଦୀ



ହଳଦୀ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣ ପ୍ରଭାବରୁ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏଥିରେ କୁର୍‌କୁମିନ୍ ନାମକ ଏକ ତତ୍ତ୍ୱ ଯାହା ଶରୀରକୁ ଥଣ୍ଡାଜନିତ ସମସ୍ୟାରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଆମ ଶରୀର ଭିତରେ କେତେକ କୋଷ ଥଣ୍ଡା ସମସ୍ୟାକୁ ବୃଦ୍ଧି କରିଥାଆନ୍ତି। ଏହି ତତ୍ତ୍ୱ ସେଭଳି କୋଷ ବୃଦ୍ଧିକୁ ରୋକିବାରେ ସକ୍ଷମ ହୋଇଥାଏ। ଏଥିପାଇଁ ଏକ ପ୍ରାକୃତିକ ଉପଚାର ରହିଛି। ଥଣ୍ଡାଜନିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଉଷୁମ କ୍ଷୀରରେ ଅଳ୍ପ ହଳଦୀ ମିଶାଇ ପିଇପାରନ୍ତି। ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍ ସ୍ତରକୁ ସନ୍ତୁଳିତ ରଖିଥାଏ। ପ୍ରତିରୋଧକୁ ବଢ଼ାଇଥାଏ। ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ ହଳଦୀ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଅସ୍ଥିକୁ ମଧ ମଜଭୁତ କରିଥାଏ। ଏହା ମଧ ରକ୍ତଚାପକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ।

## ଉପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ପ୍ରକାରର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ହାର୍ଟ ବା ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ସହ ମସ୍ତିଷ୍କର କାର୍ଯ୍ୟଧାରାକୁ ମଧ ଆହୁରି ସକ୍ରିୟ କରେ। ମେଦବୃଦ୍ଧି ସମସ୍ୟାକୁ ସମାଧାନ କରିବା ସହିତ ଶରୀରରେ ଜଳୀୟ



ଅଂଶକୁ ସନ୍ତୁଳିତ ରଖେ। ଏଥିରେ ବିଟା କ୍ୟାରୋଟିନ୍ ତତ୍ତ୍ୱ ରହିଛି, ଯାହା ଆଜ୍‌ମା ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ। କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ, ଅମୃତଭଣ୍ଡା କ୍ୟାନ୍‌ସର ରୋଗୀଙ୍କ ପାଇଁ ମଧ ଉପକାରୀ।

## ଉତ୍ତମ ବିଚାରଧାରା ଓ ସନ୍ତୁଳିତ ଜୀବନଶୈଳୀ



ଆଜିକାଲିର ଧାଁଧପଡ଼ ଜୀବନରେ ଆମେ ନିଜ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। କାରଣ ଏକ ସନ୍ତୁଳିତ ଜୀବନଶୈଳୀ ଜଣକୁ କେତେକାଂଶରେ ସୁସ୍ଥ ରଖିଥାଏ। ତେବେ ଏହା ପଛରେ ଆଉ ଏକ କାରଣ ମଧ ରହିଛି। ତାହା ହେଲା ଉତ୍ତମ ଚିନ୍ତାଧାରା। ବିଚାରଧାରାକୁ ସକାରାତ୍ମକ କରିବା ଲାଗି କେତୋଟି ଟିପ୍ସ ଆପଣେଇ ପାରନ୍ତି। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ବି ପଡ଼ି ବାଟବଣା ହୋଇଯାଉ। ତେଣୁ ଜୀବନରେ ଠିକ୍ ମାର୍ଗକୁ ଆପଣେଇ ଖୁସିରେ ରହିବାକୁ ହେଲେ ଆମକୁ ଆମ ବିଚାରଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ। ଦେଖିବେ ଆପଣଙ୍କୁ କେତେ ଖୁସି ମିଳିବ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠାମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାଛଡ଼ା ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

## ଜାଣିରଖନ୍ତୁ



- ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ ଆବଶ୍ୟକତା ରହିଛି। ସବୁବେଳେ ସକାରାତ୍ମକ ଚିନ୍ତନ କରି ଖୁସି ରହିବା ଦ୍ୱାରା ମାନସିକ ଭାବେ ଆମେ ସନ୍ତୁଳିତ ରହିପାରିବା।
- ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ଫଳମୂଳ ସହ ଜୁସ୍ ମିଶାନ୍ତୁ, ଯାହା ଶରୀର ପାଇଁ ଲାଭଦାୟକ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ସେପରି କରନ୍ତୁ ନାହିଁ। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ଖାଇ ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କ୍‌ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।

➢ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।

➢ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲରେ ବ୍ରସ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।

➢ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ କେତେକାଂଶ ରକ୍ଷା କରିଥାଏ।

➢ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।

➢ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରଖି ଖୁସିରେ ରହିବା ଭଲ, ଯାହା ସେମାନଙ୍କଠାରେ ସକାରାତ୍ମକ ଭାବନା ବଢ଼ାଇବ।




କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ମ୍ୟାଚ ଉପଭୋଗ କରୁଛନ୍ତି ଦର୍ଶକ।


ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ ମ୍ୟାଚର ଅତିଥି।

# ପ୍ରଶଂସା କଲେ ଏଫ୍ଆଇଏଚ୍ ସଭାପତି

## ୨୦୨୩ ହକି ବିଶ୍ୱକପ୍ ଅନ୍ୟତମ ଶ୍ରେଷ୍ଠ: ଇକ୍ରାମ

ଭୁବନେଶ୍ୱର, ୨୯।୧
(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ୍ ଇତିହାସରେ ଚଳିତ ସଂସ୍କରଣର ଆୟୋଜନ ଅନ୍ୟତମ ଶ୍ରେଷ୍ଠ। ହକି ପ୍ରତି ଓଡ଼ିଶା ସରକାରଙ୍କ ଭଲପାଇବା ଯୋଗୁ ଏହା ସମ୍ଭବ ହୋଇପାରିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ତେବେ ଏଥର ବିଶ୍ୱକପ୍ ରାଜ୍ୟର ୨ଟି ସ୍ଥାନରେ ଆୟୋଜନ ହୋଇ ବିଶ୍ୱ ହକି ପାଇଁ ଉଦାହରଣ ପାଲଟିଛି ବୋଲି ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍ଆଇଏଚ୍) ସଭାପତି ତାୟାବ ଇକ୍ରାମ। ବିଶ୍ୱ ହକି ପାଇଁ ଏହା ଭଲ ଅଭିଜ୍ଞତା ଆଣିଛି। ଓଡ଼ିଶା ସମେତ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଅନେକ ଦର୍ଶକ ଏହି ମ୍ୟାଚ୍ ଉପଭୋଗ କରିଛନ୍ତି। ସେମାନଙ୍କ ପାଇଁ ସୁବନ୍ଦୋବସ୍ତ କରାଯାଇଥିଲା। କେବଳ ଷ୍ଟାଡିୟମରେ ଯେ ଅଧିକ ଦର୍ଶକ ମ୍ୟାଚ୍ ଉପଭୋଗ କରିଛନ୍ତି ତା ନୁହେଁ, ଟେଲିଭିଜନ ମାଧ୍ୟମରେ ମଧ୍ୟ ରେକର୍ଡ ସଂଖ୍ୟକ ହକିପ୍ରେମୀ ଟୁର୍ନାମେଣ୍ଟ ଦେଖିଛନ୍ତି ବୋଲି ଇକ୍ରାମ କହିଛନ୍ତି।


ଏଫ୍ଆଇଏଚ ସିଇଓ ଥିଏରି ୱିଲ ଓ ସଭାପତି ତାୟାବ ଇକ୍ରାମ ।

### ଭିତ୍ତିଭୂମିର ଉପଯୋଗ ସମ୍ପର୍କରେ ଆଲୋଚନା

ହକି ବିଶ୍ୱକପ୍ ପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯାଇଥିବାବେଳେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମକୁ ନୂଆକରି ନିର୍ମାଣ କରାଯାଇଛି। ଅତ୍ୟାଧୁନିକ ବିର୍ସା ମୁଣ୍ଡା ଷ୍ଟାଡିୟମ ହେଉଛି ବିଶ୍ୱର ଅନ୍ୟତମ ବୃହତ୍ତମ। ବିଶ୍ୱକପ୍ ପରେ ଏହି ଭିତ୍ତିଭୂମିଗୁଡ଼ିକର କିପରି ଉପଯୋଗ କରାଯାଇ ପାରିବ ସେ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ଆଲୋଚନା ହୋଇଛି। ଏଥିରୁ ଭଲ ଫଳ ମିଳିଛି ବୋଲି ଇକ୍ରାମ କହିଛନ୍ତି। ଚଳିତ ହକି ବିଶ୍ୱକପ୍‌ରେ ଅନେକ ସମୟରେ ଅମ୍ପାୟରଙ୍କ ନିଷ୍ପତ୍ତି ଭୁଲ୍ ପ୍ରମାଣିତ ହେଉଛି। ଫିଲ୍ଡ ଅମ୍ପାୟରଙ୍କ ନିଷ୍ପତ୍ତି ଅନେକ ସମୟରେ ଭିଡିଓ ରେଫେରାଲରେ ବଦଳି ଯାଉଛି। ଏ ସମ୍ପର୍କରେ ଇକ୍ରାମ ସିଧାସଳଖ କିଛି ଉତ୍ତର ରଖି ନ ଥିଲେ ମଧ୍ୟ ଏହା ଆଲୋଚନାସାପେକ୍ଷ ବୋଲି କହିଛନ୍ତି।

### ପାଣିବିହୀନ ଟର୍ଫରେ ପରବର୍ତ୍ତୀ ବିଶ୍ୱକପ୍

ବର୍ତ୍ତମାନ ବିଶ୍ୱର ବିଭିନ୍ନ ଷ୍ଟାଡିୟମରେ ବ୍ୟବହାର ହେଉଥିବା ହକି ଟର୍ଫଗୁଡ଼ିକ ଲାଗି ପ୍ରଚୁର ପାଣି ଆବଶ୍ୟକ ହେଉଛି। ପର୍ଯ୍ୟାପ୍ତ ପାଣି ବ୍ୟବହାର ନ ହେଲେ ତାହା ଖେଳିବା ଉପଯୋଗୀ ହୋଇପାରୁନାହିଁ। ତେଣୁ ‘ପାଣି ବଞ୍ଚାନ୍ତୁ, ଜୀବନ ବଞ୍ଚାନ୍ତୁ’ ନ୍ୟାୟରେ ଏଥିରେ ପରିବର୍ତ୍ତନ ପାଇଁ ଯୋଜନା ଚାଲିଛି। ଆସନ୍ତା ଅଲିମ୍ପିକ୍ସ ପରେ ଷ୍ଟାଡିୟମର ଟର୍ଫଗୁଡ଼ିକୁ ପରିବର୍ତ୍ତନ କରାଯାଇ ଜଳବିହୀନ ଟର୍ଫ ବିଛାଯିବାକୁ ଯୋଜନା ରହିଛି। ଏଥିପାଇଁ ପରୀକ୍ଷା ନିରୀକ୍ଷା ଚାଲିଛି। ସମ୍ଭବତଃ ୨୦୨୪ ମଧ୍ୟଭାଗ ସୁଦ୍ଧା ଏହା ଉପରେ କାମ ଶେଷ ହେବ। ନୂଆ ଟର୍ଫ ବିଛାହେଲେ ଖେଳିବା ସମୟରେ ଆଉ ପାଣି ପ୍ରୟୋଗ କରିବାକୁ ପଡ଼ିବ ନାହିଁ। ତେଣୁ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁଥିବା ପରବର୍ତ୍ତୀ ହକି ବିଶ୍ୱକପ୍ ନୂଆ ଟର୍ଫରେ ଖେଳାଯିବା ଆଶା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

### ଏସିଆନ ଗେମ୍ସ ହାଙ୍ଗଝୋଉରେ ହେବ

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର୍ସ ଇଭେଣ୍ଟଭାବେ ପରିଚିତ ଏସିଆନ ଗେମ୍ସ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହାଙ୍ଗଝୋଉରେ ହିଁ ଅନୁଷ୍ଠିତ ହେବ। ଏସିଆନ ଗେମ୍ସ ପ୍ରକୃତରେ ଗତବର୍ଷ ହେବାର ଥିଲା, ମାତ୍ର କୋଭିଡ୍-୧୯ ସଂକ୍ରମଣ ପାଇଁ ଏହାକୁ ସ୍ଥଗିତ ରଖାଯାଇଥିଲା। ଇକ୍ରାମ କହିଛନ୍ତି, ଏସିଆନ ଗେମ୍ସ ହାଙ୍ଗଝୋଉରେ ନିଶ୍ଚିତ ଅନୁଷ୍ଠିତ ହେବ। ମୁଁ ନିଜେ କୋଅର୍ଡିନେଶନ କମିଶନ୍‌ର ଜଣେ ବରିଷ୍ଠ ସଦସ୍ୟ। ଆମେ ଆସନ୍ତା ମାର୍ଚ୍ଚରେ ଚାଇନାରେ ଏକ ବୈଠକ କରିବୁ। ପ୍ରକୃତରେ ଇଭେଣ୍ଟ ପାଇଁ ଭେନ୍ୟୁ ଗତବର୍ଷ ମଧ୍ୟ ପ୍ରସ୍ତୁତ ଥିଲା। ତେଣୁ ସେଠାରେ ଆଗାମୀ ଦିନରେ ଏସିଆନ ଗେମ୍ସ ଆୟୋଜନ ନେଇ କୌଣସି ଅସୁବିଧା ନାହିଁ। ତେଣୁ ଏହାର ବିକଳ୍ପ ଟୁର୍ନାମେଣ୍ଟ ସମ୍ପର୍କରେ ଚିନ୍ତା କରାଯାଉନାହିଁ ବୋଲି ଇକ୍ରାମ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଏଫ୍ଆଇଏଚ୍ ସିଇଓ ଥିଏରୀ ୱିଲ ଖେଳର ବୈଷୟିକ ଦିଗ ଉପରେ ବିଶେଷ ଆଲୋକପାତ କରିଥିଲେ।


ବିଦେଶୀ ଦର୍ଶକ


ଟିକେଟ ପ୍ରଦର୍ଶନ କରୁଛନ୍ତି ହକି ପ୍ରେମୀ।

## ଫ୍ୟାନ୍ କର୍ଣ୍ଣର





# ନେଦରଲାଣ୍ଡକୁ ବ୍ରୋଞ୍ଜ

## ନମ୍ବର ୱାନ୍ ଅଷ୍ଟ୍ରେଲିଆ ଚତୁର୍ଥରେ ସନ୍ତୁଷ୍ଟ

ଭୁବନେଶ୍ୱର, ୨୯।୧
(କ୍ରୀଡ଼ା ପ୍ରତିନିଧି)

ଗତଥରର ରନରଅପ୍ ନେଦରଲାଣ୍ଡ ଏଥର ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି। ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଏହି ଦଳ ଅଷ୍ଟ୍ରେଲିଆକୁ ୩-୧ ଗୋଲରେ ପରାସ୍ତ କରିଛି। ଫଳରେ ବିଶ୍ୱର ନମ୍ବର ୱାନ୍ ଦଳ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଛି। ଡବଲ ଗୋଲ ସ୍କୋର କରି ନେଦରଲାଣ୍ଡ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଅଧିନାୟକ ଥିଏରୀ ବ୍ରିଙ୍କମାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମ୍ୟାଚ୍ ଆରମ୍ଭରେ ପୂର୍ବତନ ଭାରତୀୟ ଅଧିନାୟକ ଧନରାଜ ପିଲ୍ଲେ ଅତିଥିଭାବେ ଯୋଗଦେଇଥିଲେ।

ଅଷ୍ଟ୍ରେଲିଆ ୧୯୮୬, ୨୦୧୦, ୨୦୧୪ରେ ଚାମ୍ପିୟନ ଏବଂ ୨୦୦୨ ଓ ୨୦୦୬ରେ ରନରଅପ୍ ହୋଇଥିବାବେଳେ ୧୯୭୮, ୧୯୮୨, ୧୯୯୦ ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ଏହା ବ୍ୟତୀତ ଦଳ ୧୯୯୮ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଅର୍ଥାତ୍ ଦଳ ୧୯୯୮ ପରେ ଦ୍ୱିତୀୟଥର ପୁଣି ୪ର୍ଥ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ୧୯୭୩, ୧୯୯୦ ଓ ୧୯୯୮ରେ ଚାମ୍ପିୟନ ଏବଂ ୧୯୭୮, ୧୯୯୪, ୨୦୧୪ ଓ ୨୦୧୮ରେ ରନରଅପ୍ ହୋଇଥିବା ନେଦରଲାଣ୍ଡ ୨୦୦୨ ଓ ୨୦୧୦ରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା। ଏହାଛଡ଼ା ଦଳ ୧୯୮୨ରେ ଚତୁର୍ଥ ସ୍ଥାନରେ ରହିଥିଲା। ୨୦୧୦ ପରେ ଦଳ ପୁଣି ୩ୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛି।


ବ୍ରୋଞ୍ଜ ବିଜୟୀ ନେଦରଲାଣ୍ଡ ଦଳ।

ଅଷ୍ଟ୍ରେଲିଆ ଆରମ୍ଭରୁ ଏହାର ପାରମ୍ପରିକ ଷ୍ଟାଇଲରେ ଆକ୍ରମଣାତ୍ମକ ଖେଳିଥିଲା। ପ୍ରଥମ କ୍ୱାର୍ଟରର ଅଧିକାଂଶ ସମୟ ନେଦରଲାଣ୍ଡ ହାଫ୍‌ରେ ବଲ୍ ରଖିଥିଲା। ୧୨ତମ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଜେରେମି ହେୱାର୍ଡ ଏହାକୁ ଗୋଲରେ ପରିଣତ କରି ୧୩ତମ ମିନିଟରେ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ୧୫ତମ ମିନିଟରେ ଦଳ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ଜେରେମି-ବ୍ଲେକ୍ ଗୋଭର୍ସଙ୍କ ମିଳିତ ପ୍ରୟାସ ସତ୍ତ୍ୱେ ବିଫଳ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ନେଦରଲାଣ୍ଡ ଗୋଲ ପରିଶୋଧ ପାଇଁ ସୁଯୋଗ ପାଇଥିଲେ ହେଁ ୨୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ପଟ ପରିବର୍ତ୍ତନ ସହ ମ୍ୟାଚ୍‌ର ମୋଡ଼ ବଦଳିଥିଲା। ଆକ୍ରମଣକୁ ଜୋର୍‌ଦାର କରି ନେଦରଲାଣ୍ଡ ୩୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର ସୁଯୋଗ ପାଇଥିଲା। ଏହା ମିସ୍ ହୋଇଥିଲେ ହେଁ ୩୩ତମ ମିନିଟ୍‌ରେ ଲଗାତର ୨ଟି ପେନାଲ୍ଟି କର୍ଣ୍ଣରରୁ ଶେଷଟିକୁ ଗୋଲରେ ପରିଣତ କରି ଜିପ୍ ଜାନସେନ ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ଏହାପରେ ଆଶ୍ଚର୍ଯ୍ୟଜନକ ଭାବେ ନେଦରଲାଣ୍ଡ ଖେଳାଳିଙ୍କ ଶାରୀରିକ ଭାଷା ବଦଳି ଯାଇଥିଲା। ୩୫ତମ ମିନିଟ୍‌ରେ ଅଧିନାୟକ ଥିଏରି ବ୍ରିଙ୍କମାନ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାର ୫ ମିନିଟ୍ ପରେ ଅର୍ଥାତ୍ ୪୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଡି’ ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ସମୟରେ ଥିଜସ ଭାନ୍ ଡାମ୍ ଓ ବ୍ରିଙ୍କମାନଙ୍କ ମିଳିତ ପ୍ରୟାସରେ ନେଦରଲାଣ୍ଡ ତୃତୀୟ ଗୋଲଟି ସ୍କୋର କରିବାରେ ସକ୍ଷମ ହୋଇଥିଲା। ଫଳରେ ନେଦରଲାଣ୍ଡର ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ମ୍ୟାଚ୍‌ରେ ବ୍ରିଙ୍କମାନଙ୍କର ଏହା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଥିଲା। ୫୪ତମ ମିନିଟରେ ଆଉ ଏକ ସୁଯୋଗ ସୃଷ୍ଟିକରି ନେଦରଲାଣ୍ଡ ଖେଳାଳି ଖୁସି ମନାଇଥିଲେ। ମାତ୍ର ରେଫରାଲରେ ଗୋଲ ନାକଚ ହୋଇ ଯାଇଥିଲା। ୬୦ତମ ମିନିଟରେ ଅଷ୍ଟ୍ରେଲିଆ ପାଇଁ ଗୋଲ ପରିଶୋଧର ସୁଯୋଗ ରହିଥିଲା। ମାତ୍ର ଦଳ ଲଗାତର ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା।



ହକି ବିଶ୍ୱକପ୍ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ଫାଇନାଲରୁ ମନୋରଞ୍ଜନ ହଟିଲା

ଭୁବନେଶ୍ୱର, ୨୯।୧
(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରବିବାର ଜର୍ମାନୀ-ବେଲଜିୟମ ଫାଇନାଲ ଆରମ୍ଭ ହେବାପରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ପରଲୋକ ଖବର ସମସ୍ତଙ୍କୁ ଶୋକାଭିଭୂତ କରିଥିଲା। ଏହାର ପ୍ରଭାବ ମଧ୍ୟ ଷ୍ଟାଡିୟମରେ ଅନୁଭୂତ ହୋଇଥିଲା। ଚିୟର ଗର୍ଲଙ୍କୁ ହଟାଇ ଦିଆ ଯାଇଥିବବେଳେ ଗୋଲ ହେବା ସମୟରେ ଯେପରି ବାଣ ଫୁଟୁଥିଲା ତାହାକୁ ବନ୍ଦ କରି ଦିଆ ଯାଇଥିଲା। ବ୍ରେକ୍ ସମୟରେ ମ୍ୟୁଜିକ ମଧ୍ୟ ବନ୍ଦ ରହିଥିଲା। ପ୍ରତିଯୋଗିତା ଉଦ୍‌ଯାପନୀ ସମୟରେ ଆତସବାଜି କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଥିଲା।

# ୧୯୯୮ ପରେ ଖାଲି ହାତରେ ଅଷ୍ଟ୍ରେଲିଆ

ଭୁବନେଶ୍ୱର, ୨୯।୧
(କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପରେ ବିଶ୍ୱର ନମ୍ବର ୱାନ ଦଳ ଅଷ୍ଟ୍ରେଲିଆ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛି। ରବିବାର ଅନୁଷ୍ଠିତ ତୃତୀୟ ସ୍ଥାନ ମ୍ୟାଚରେ ଏହି ଦଳ ନେଦରଲାଣ୍ଡସଠାରୁ ୧-୩ ଗୋଲରେ ହାରି ଯାଇଛି। ୧୯୯୮ ପରେ ଅଷ୍ଟ୍ରେଲିଆ ବିଶ୍ୱକପରେ ପ୍ରଥମଥରପାଇଁ ଖାଲି ହାତରେ ଫେରିଛି। ଶେଷଥର ପାଇଁ ଦଳ ୧୯୯୮ରେ ହିଁ ଚତୁର୍ଥ ସ୍ଥାନରେ ରହିଥିଲା। ପରବର୍ତ୍ତୀ ୨ଟି ବିଶ୍ୱକପ ୨୦୦୨ ଓ ୨୦୦୬ରେ ଦଳ ରନରଅପ୍ ହୋଇଥିଲା। ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବା ଅଷ୍ଟ୍ରେଲିଆ ୨୦୧୮ରେ ଅନୁଷ୍ଠିତ ଗତ ସଂସ୍କରଣରେ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଥିଲା।

# ନେଦରଲାଣ୍ଡ୍‌ସ ଦର୍ଶକ ଉଲ୍ଲସିତ

ଅଷ୍ଟ୍ରେଲିଆ-ନେଦରଲାଣ୍ଡ୍ ବ୍ରୋଞ୍ଜ ପଦକ ମ୍ୟାଚ ଦେଖିବା ପାଇଁ କଳିଙ୍ଗ ଷ୍ଟାଡିୟମର ୱେଷ୍ଟ ଷ୍ଟାଣ୍ଡରେ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍‌ସ ସମର୍ଥକ ଉପସ୍ଥିତ ଥିଲେ। କମଳା ରଙ୍ଗର ବସ୍ତ୍ର ପିନ୍ଧି ଗୋଟିଏ ଗ୍ରୁପ୍‌ରେ ବସିଥିବା ନେଦରଲାଣ୍ଡ୍‌ସ ଦର୍ଶକମାନେ ମ୍ୟାଚପରେ ଖୁସିରେ ପରସ୍ପର ସହ ହାତ ମିଳାଇଥିଲେ। କାରଣ ମ୍ୟାଚରେ ନେଦରଲାଣ୍ଡ୍‌ସର ବିଜୟ ସେମାନଙ୍କୁ ଉଲ୍ଲସିତ କରିଥିଲା। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିପାରି ନ ଥିବାରୁ ଏହାର ସମର୍ଥକ ମାନେ ନିରାଶ ମନରେ ଷ୍ଟାଣ୍ଡ ଛାଡ଼ିଥିଲେ। ନେଦରଲାଣ୍ଡ୍‌ସରୁ ଆସିଥିବା ଦର୍ଶକମାନେ କିନ୍ତୁ ଜର୍ମାନୀ ଓ ବେଲଜିୟମ ମଧ୍ୟରେ ଅନୁଷ୍ଠିତ ଫାଇନାଲକୁ ଉପଭୋଗ କରିଥିଲେ।






# ଜେରେମି ହେୱାର୍ଡ ଟପ୍ ସ୍କୋରର

ଭୁବନେଶ୍ୱର, ୨୯।୧
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଆୟୋଜିତ ହକି ବିଶ୍ୱକପର ୧୫ତମ ସଂସ୍କରଣରେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ ଟପ୍ ସ୍କୋରର ହୋଇଛନ୍ତି। ସେ ମୋଟ ୯ଟି ଗୋଲ ସ୍କୋର କରିଛନ୍ତି। ସମସ୍ତ ଗୋଲ ସେ ପେନାଲ୍ଟି କର୍ନରରୁ ହିଁ ସ୍କୋର କରିଥିଲେ। ଫ୍ରାନ୍ସର ଭିକ୍ଟର ଚାର୍ଲେଟ, ବେଲଜିୟମର ଟମ୍ ବୁନ୍ ଓ ନେଦରଲାଣ୍ଡ୍‌ସର ଜିପ୍ ଜାନସେନ ୮ଟି ଲେଖାଏ ଗୋଲ ଦେଇ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନେଦରଲାଣ୍ଡ୍‌ସର ଥିଏରୀ ବ୍ରିଙ୍କମାନ ଓ ଜର୍ମାନୀର ୱେଲେନ ନିକ୍ଲାସ ୭ଟି ଲେଖାଏ ଗୋଲ ଦେଇ ଯୁଗ୍ମଭାବେ ତୃତୀୟ ସ୍ଥାନରେ ରହିଛନ୍ତି।




ଫ୍ୟାନ୍ସ ଚଏସ୍ ପୁରସ୍କାର।




ଫାଇନାଲ ମ୍ୟାଚ୍‌ର ଉତ୍ସାହୀ ଦର୍ଶକ।




ରୌପ୍ୟ ପଦକ ସହ ବେଲ୍‌ଜିୟମ ଦଳ।

## ପୁରସ୍କୃତ ଖେଳାଳି




ଶ୍ରେଷ୍ଠ ଖେଳାଳି




ଶ୍ରେଷ୍ଠ ଫରୱାର୍ଡ




ଶ୍ରେଷ୍ଠ ଗୋଲ୍‌କିପର




ସର୍ବାଧିକ ଟିମ୍ ଗୋଲ୍




ଶ୍ରେଷ୍ଠ ମିଡ୍‌ଫିଲ୍ଡର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୩୦/୨୦୨୩ Bhubaneswar, Monday, January 30/ 2023

# ସିରିଜକୁ ପ୍ରତ୍ୟାବର୍ତ୍ତନ କଲା ଭାରତ

ଲକ୍ଷ୍ନୌ,୨୯।୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚକୁ ୬ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି ଭାରତ। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଭାରତୀୟ ସ୍ପିନରଙ୍କ ମୁକାବିଲା କରିନପାରି ୨୦ ଓଭରରେ ୮ ଉଇକେଟ ହରାଇ ୯୯ ରନ୍ କରିଥିବା ବେଳେ ଭାରତ ୧୯.୫ ଓଭରରେ

## ଦ୍ୱିତୀୟ ଟି୨୦ରେ ସ୍ପିନରଙ୍କ ପ୍ରାଧାନ୍ୟ

୪ ଉଇକେଟ ହରାଇ ମ୍ୟାଚକୁ ଜିତି ନେଇଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ସ୍ପିନର କଞ୍ଜୁସ୍ ବୋଲିଂ କରିବା ସହିତ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ଭାରତୀୟ ସ୍ପିନର ୧୩ ଓଭର ବୋଲିଂ କରି ମାତ୍ର ୬୪ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଅର୍ଶଦୀପ ସିଂ ୨ଉଇକେଟ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ୍ ସୁନ୍ଦର, ଦୀପକ ହୁଡା, ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ ସାଣ୍ଟନର ସର୍ବାଧିକ ୧୯* ରନ୍ କରିଥିଲେ। ମାଇକେଲ ବ୍ରେସ୍‌ୱେଲ ଓ ମାର୍କ ଚାପମାନ ୧୪ ରନ୍ ଲେଖାଏ କରିଥିଲେ।

ପିଚ୍‌ରେ ବଲ୍ ତଳୁଆ ରହୁଥିବା ବେଳେ ସ୍ପିନରଙ୍କ ଘାତକ ବୋଲିଂ କାରଣରୁ ରନ୍ ଚେଜ୍ ଭାରତ ପାଇଁ ସହଜ ନଥିଲା। ୧୦୦ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ୨୬* ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶନ୍ ୧୯, ହାର୍ଦ୍ଦିକ୍ ପାଣ୍ଡ୍ୟା ୧୫* ଓ ରାହୁଲ ତ୍ରିପାଠୀ ୧୩ ରନ୍ କରିଥିଲେ। ସିରିଜ ୧-୧ରେ ରହିଥିବା ବେଳେ ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ବୁଧବାର ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବ।


ଉଇକେଟ ନେବା ପରେ ଅର୍ଶଦୀପ ସିଂଙ୍କୁ ବଧେଇ ଜଣାଉଛନ୍ତି ଇଶାନ୍ କିଶନ୍।

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୨୦ ଓଭରରେ ୯୯/୮ (ମିଚେଲ ସାଣ୍ଟନର-୧୯*, ମାଇକେଲ ବ୍ରେସ୍‌ୱେଲ-୧୪, ମାର୍କ ଚାପମାନ-୧୪, ଅର୍ଶଦୀପ ସିଂ-୨/୭, ଯୁଜବେନ୍ଦ୍ର ଚହଲ-୧/୪, କୁଲଦୀପ ଯାଦବ-୧/୧୭)। ଭାରତ୧୯.୫ ଓଭରରେ ୧୦୧/୪ (ସୂର୍ଯ୍ୟକୁମାର ଯାଦବ-୨୬*,ଇଶାନ କିଶନ-୧୯, ହାର୍ଦ୍ଦିକ ପାଣ୍ଡ୍ୟା-୧୫*, ମାଇକେଲ ବ୍ରେସୱେଲ-୧/୧୩, ଇସ୍ ସୋଧୀ-୧/୨୪)।

# ମହିଳା ଦଳକୁ ୫ କୋଟି ପୁରସ୍କାର

**ପୋଶ୍ଚେଫଷ୍ଟ୍ରମ୍, ୨୯।୧(ପି.ଟି.):** ଶେଫାଳି ବର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିବା ବେଳେ ବିସିସିଆଇ ପକ୍ଷରୁ ୫ କୋଟି ଟଙ୍କାର ଅର୍ଥରାଶି ଘୋଷଣା କରାଯାଇଛି। ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ ଯୋଗେ ଭାରତୀୟ ଦଳକୁ ବଧେଇ ଜଣାଇବା ସହିତ ଏହି ପୁରସ୍କାର ଘୋଷଣା କରିଛନ୍ତି। ଭାରତୀୟ ଦଳ ପାଇଁ ଏହା ଐତିହାସିକ ବର୍ଷ ବୋଲି ସେ କହିଛନ୍ତି। ଭାରତୀୟ ଦଳର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ସମାନ ଭାବରେ ଏହି ଅର୍ଥ ବଣ୍ଟାଯିବ। ଏଥିସହିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଟି୨୦ ମ୍ୟାଚ୍ ଦେଖିବା ପାଇଁ ଭାରତୀୟ ମହିଳା ଦଳକୁ ଆମନ୍ତ୍ରଣ କରିଛନ୍ତି ଶାହା। ଭାରତୀୟ ମହିଳାଙ୍କ ଏହି ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ଭାରତୀୟ ପୁରୁଷ ଦଳ ଅଧିନାୟକ ରୋହିତ୍ ଶର୍ମା ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

# ଜୋକୋଭିଚଙ୍କୁ ୨୨ତମ ଗ୍ରାଣ୍ଡସ୍ଲାମ

ମେଲବୋର୍ନ,୨୯।୧(ପି.ଟି.)

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି ସର୍ବିୟାର ନୋଭାକ ଜୋକୋଭିଚ୍। ରବିବାର ଅନୁଷ୍ଠିତ ଫାଇନାଲରେ ଗ୍ରୀସ୍‌ର ଷ୍ଟିଫାନସ୍ ସିଟ୍‌ସିପାସ୍‌ଙ୍କୁ ୬-୩, ୭-୬(୪) ଓ ୭-୬(୫)ରେ ପରାସ୍ତ କରିବା ସହିତ କ୍ୟାରିୟରର ୨୨ତମ ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି। କ୍ୟାରିୟର ଗ୍ରାଣ୍ଡସ୍ଲାମରେ ସେ ରାଫେଲ ନାଡାଲଙ୍କ ସମକକ୍ଷ ହୋଇଛନ୍ତି। ଏହାମଧ୍ୟରେ ୧୦ଥର ଅଷ୍ଟ୍ରେଲିଆନ୍

## ଅଷ୍ଟ୍ରେଲିଆନ ଓପନ

ଓପନ୍ ସାମିଲ ଥିବାବେଳେ ୭ଥର ୱିମ୍ବେଲଡନ୍, ୩ଥର ୟୁଏସ୍ ଓପନ୍ ଏବଂ ୨ଥର ଫ୍ରେଞ୍ଚ ଓପନ୍ ବିଜୟୀ ହୋଇଛନ୍ତି। ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ମ୍ୟାଚ୍ ଜିତିବା ସହିତ କ୍ୟାରିୟରର ଦଶମ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟୀ ହୋଇଛନ୍ତି। ଏହି ବିଜୟ ସହ ପୁନର୍ବାର ଏଟିପି ମାନ୍ୟତାରେ ଏକ ନମ୍ବରକୁ ଫେରିଛନ୍ତି ଜୋକୋଭିଚ୍। ୩୫ ବର୍ଷୀୟ ଜୋକୋଭିଚ୍‌ଙ୍କୁ କୋଭିଡ୍ ଟିକା କାରଣରୁ ଗତବର୍ଷ ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ କରାଯାଇଥିଲା ଏବଂ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାର ସୁଯୋଗ ମିଳି ନ ଥିଲା। ସିଟ୍‌ସିପାସ୍ ନିଜ କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ବେଳେ ଉଭୟଥର ରନରଅପ୍ ଭାବରେ ଶେଷ କରିଛନ୍ତି। ପୂର୍ବରୁ ୨୦୨୧ ଫ୍ରେଞ୍ଚ ଓପନ୍ ଫାଇନାଲରେ ମଧ୍ୟ ସେ ଜୋକୋଭିଚ୍‌ଙ୍କ ନିକଟରୁ ହାରିଥିଲେ।

ରବିବାରର ଫାଇନାଲ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ ସେଟ୍‌କୁ ଜୋକୋଭିଚ୍ ୬-୩ରେ ଜିତି ନେଇଥିଲେ। ପରବର୍ତ୍ତୀ ଦୁଇ ସେଟ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିବା ସହିତ ଟାଇବ୍ରେକରରେ ମ୍ୟାଚ୍‌ର ଫଳାଫଳ ବାହାରିଥିଲା। ଦ୍ୱିତୀୟ ସେଟ୍‌ଟି ୬-୬ରେ ରହିଥିବା ବେଳେ ଟାଇବ୍ରେକରରେ ୭-୪ରେ ବିଜୟୀ ହୋଇଥିଲେ ଜୋକୋଭିଚ୍। ସମାନ ଭାବେ ନିର୍ଣ୍ଣାୟକ ସେଟ୍‌ଟି ମଧ୍ୟ ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକରକୁ ୭-୫ରେ ଜିତିବା ସହ ଜୋକୋଭିଚ୍ ୧୦ମ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟୀ ହୋଇଥିଲେ।


ଚାମ୍ପିୟନ ଟ୍ରଫି ସହ ନୋଭାକ ଜୋକୋଭିଚ୍।

## କ୍ରେଜିକୋଭା-ସିନିଆକୋଭାଙ୍କୁ ଡବଲ୍ସ ଟାଇଟଲ

ଅଷ୍ଟ୍ରେଲିଆନ୍ଓପନ୍‌ମହିଳା ଡବଲ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତିବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ଚେକ୍ ରିପବ୍ଲିକ୍ ଯୋଡ଼ି ବାର୍ବୋରା କ୍ରେଜିକୋଭା ଓ କାଟେରିନା ସିନିଆକୋଭା। ଉଭୟ ଖେଳାଳି ଗ୍ରାଣ୍ଡସ୍ଲାମରେ କ୍ରମାଗତ ୨୪ ତମ ମ୍ୟାଚ୍‌ରେ ବିଜୟୀ ହେବା ସହ ୬-୪ ଓ ୬-୩ର ସିଧାସଳଖ ସେଟ୍‌ରେ ଜାପାନର ଶୁକୋ ଆୟୋମା ଏବଂ ଏନା ଶିବାହାରାଙ୍କୁ ପରାସ୍ତ କରିଛନ୍ତି। କ୍ରେଜିକୋଭା-ସିନିଆକୋଭା ଯୋଡ଼ିର ଏହା ସପ୍ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଉଭୟ ବିଗତ ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍, ୱିମ୍ବେଲଡନ୍ ଓ ୟୁଏସ୍ ଓପନ୍ ବିଜୟୀ ହୋଇଥିଲେ। ଜାପାନିଜ୍ ଯୋଡ଼ିର ଏହା ଦଶମ ମେଜର ଫାଇନାଲ ରହିଥିବା ବେଳେ ପ୍ରଥମଥର ପାଇଁ ଉଭୟ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳୁଛନ୍ତି। କ୍ରେଜିକୋଭା-ସିନିଆକୋଭା ପ୍ରତିପକ୍ଷ ଯୋଡ଼ିର ସର୍ଭିସ୍ ପଏଣ୍ଟ ବ୍ରେକ୍ କରିବା ସହିତ ଅନାୟାସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ।


କିସ୍ ରଗ୍‌ବୀ ଦଳ।

# କିସ୍ ପୁରୁଷ ରଗ୍‌ବୀ ଦଳ ବିଜୟୀ

**ଭୁବନେଶ୍ୱର, ୨୯।୧(ସ୍ପୋର୍ଟ୍ସ ବ୍ୟୁରୋ):** କିଟ୍ ୟୁନିଭର୍ସିଟିର ରଗ୍‌ବୀ ଷ୍ଟାଡିୟମରେ ନ୍ୟାଶନାଲ ୧୫ଏସ୍ ମେନ୍ ଡିଭିଜନ-୧ ରଗ୍‌ବୀ ଚାମ୍ପିୟନଶିପ୍ ୨୦୨୩ ଆରମ୍ଭ ହୋଇଛି। ଏହା ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ କିସ୍ ପୁରୁଷ ଦଳ ୨୦-୧୭ରେ ବମ୍ବେ ଜିମ୍‌ଖାନା ଦଳକୁ ହରାଇ ଦେଇଛି। ପୁରୁଷ ବିଭାଗରେ ଭାଗନେଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଇଣ୍ଡିଆନ ଆର୍ମି, ଏଫ୍‌ଏଚ୍ ହାର୍ଲେକୁଇନ୍ସ (ଜେସି), ସିସିଏଫ୍‌ସି, ଏମ୍‌ଏସ୍‌ପି, ଦିଲ୍ଲୀ ହରିକେନ୍ସ, ଦିଲ୍ଲୀ ରିବେଲ୍ସ, ସର୍ଜେଣ୍ଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଓ ବାଙ୍ଗାଲୋର ଆର୍‌ଏଫ୍‌ସି। ସେହିପରି ମହିଳା ପ୍ରତିଯୋଗିତାରେ ଓଡ଼ିଶା ବ୍ୟତୀତ ସିସିଏଫ୍‌ସି, ଏଫ୍‌ଏଚ୍ ହାର୍ଲେକୁଇନ୍ସ (ଜେସି), ଦିଲ୍ଲୀ ହରିକେନ୍ସ, ରଗ୍‌ବୀ ୱାରିଅର୍ସ, ରୋମ୍ ଓ ବିହାର ଦଳ ଭାଗ ନେଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ